# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୨/୨୦୨୩ (୧୪ ପୃଷ୍ଠା) | Bhubaneswar, Thursday, June 22/2023 | Page 14 | ₹ 7.00

୪୯ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 207 | ମୂଲ୍ୟ ₹୭/-




**ଛେତ୍ରୀଙ୍କ ହ୍ୟାଟ୍ରିକ**

ସୁନୀଲ ଛେତ୍ରୀଙ୍କ ହ୍ୟାଟ୍ରିକ ବଳରେ ଭାରତ ୪-୦ ଗୋଲରେ ପାକିସ୍ତାନକୁ ହରାଇ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଅଭିଯାନ ଆରମ୍ଭ କରିଛି। ୧୪

୧୨ **ଡିଟେକ୍ଟିଭ ଚରିତ୍ରରେ ବିଦ୍ୟା**

ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନ ତାଙ୍କ ଆଗାମୀ ଫିଲ୍ମରେ ଡିଟେକ୍ଟିଭ ଚରିତ୍ରରେ ନଜର ଆସିବାକୁ ଯାଉଛନ୍ତି, ଯାହା ଜୁଲାଇ ୭ରେ ରିଲିଜ୍ ହେବ।



## ଜେଲ ହାଜତରେ କଏଦୀଙ୍କୁ ପିଟି ହତ୍ୟା

### ସ୍ତ୍ରୀ ଆଣିଲେ ଅଭିଯୋଗ

ଢେଙ୍କାନାଳ ଅଫିସ, ୨୧।୬
(ରତନ ନାୟାର)

ଏକ ଅବକାରୀ ମାମଲାରେ ଗିରଫ ହୋଇ ଢେଙ୍କାନାଳ ଜିଲା କାରାଗାରରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ବେଶାଳିଆ ଗ୍ରାମର ଅଥାନି ଦେହୁରୀ (୪୨)। ଅଥାନିଙ୍କୁ ପିଟି ପିଟି ମାରିଦିଆଯାଇଥିବା ତାଙ୍କ ସ୍ତ୍ରୀ ଝରଣା ଅଭିଯୋଗ କରିଥିବାବେଳେ ଅସୁସ୍ଥତା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜେଲ କର୍ତ୍ତୃପକ୍ଷ କହିଛନ୍ତି। ଏହି ଘଟଣାକୁ ନେଇ ମୃତକଙ୍କ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ଚୋରା ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ଜିଲା ଅବକାରୀ ବିଭାଗ ଗତ ୧୯ ତାରିଖରେ ବେଶାଳିଆ ଗ୍ରାମରେ ଚଢ଼ାଉ କରି ଅଥାନିଙ୍କୁ ଗିରଫ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ତିବ୍ବତୀୟ ରାମାୟଣ



**ଗ୍ରୀଷ୍ମ ଛୁଟି ପରେ ଖୋଲିଲା ସ୍କୁଲ:** ଭୁବନେଶ୍ୱର ୟୁନିଟ୍ ୨ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପାଠପଢ଼ା ଆରମ୍ଭ ପୂର୍ବରୁ ପ୍ରାର୍ଥନା କରୁଛନ୍ତି। ( ଫଟୋ: ବିକାଶ ନାୟକ)

## ଆନ୍ଦୋଳନ ବେଳେ ପ୍ରାଣୀ ଉପଦ୍ରବ

**ଶିକାରୀଙ୍କ ଆକ୍ରମଣରେ ଅସୁରକ୍ଷିତ ବନ କର୍ମଚାରୀ। ତେଣୁ ସୁରକ୍ଷା ଦାବିରେ ଗତ ୧୯ତାରିଖରୁ ୮,୧୮୮ଜଣ ବନ କର୍ମଚାରୀ ପାଟ୍ରୋଲିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆସନ୍ତା ୮ତାରିଖ ସୁଦ୍ଧା ସରକାର ସେମାନଙ୍କ କଥା ନ ଶୁଣିଲେ ୧୦ତାରିଖରୁ ସମୂହ କାର୍ଯ୍ୟ ଛାଡ଼ ଆନ୍ଦୋଳନରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳିସ୍ଥିତିରେ ବନ୍ୟଜନ୍ତୁ ଜନବସତି ମୁହାଁ ହୋଇ ଉପଦ୍ରବ ଚଳାଇଛନ୍ତି। ଗତ ୩ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାତୀଙ୍କ ଆକ୍ରମଣରେ ବହୁ ଧନସମ୍ପତ୍ତି ନଷ୍ଟ ହେବା ସହ ୫ଜଣଙ୍କ ମୃତ୍ୟୁ ଘଟିଲାଣି। ଏପରି କି ରାଜଧାନୀ ଉପକଣ୍ଠରେ ହାତୀ ପ୍ରବେଶ କରି ଭୟର ବାତାବରଣ ସୃଷ୍ଟି କରିଛନ୍ତି। ସରକାର ତୁରନ୍ତ ବନ କର୍ମଚାରୀଙ୍କ ଦାବି ପ୍ରତି କର୍ଣ୍ଣପାତ ନ କଲେ ଆଗାମୀ ଦିନରେ ସ୍ଥିତି ଅଧିକ ବିଷମ ହେବ ବୋଲି କୁହାଯାଉଛି।**

ଭୁବନେଶ୍ୱର/ ସମ୍ବଲପୁର/ଅନୁଗୋଳ,୨୧।୬
(ଅଭିଜିତ ଦାସ/ ଶୁଭାଶିଷ ପାଢ଼ୀ/ ଅମିତ ସାମଲ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ଯୁଯୁମୁରା ସରପଞ୍ଚଙ୍କ ସ୍ୱାମୀ ଗୋପାଳ

- **ହାତୀ ଆକ୍ରମଣରେ ୩ଦିନରେ ୫ଜୀବନ ଗଲାଣି**
- **ସୁରକ୍ଷା ଦାବିରେ ପାଟ୍ରୋଲିଂ ଛାଡ଼ି ଆନ୍ଦୋଳନରେ ବନ କର୍ମଚାରୀ**

ପ୍ରଧାନ ଓ ରେଢ଼ାଖୋଲ ଉପଖଣ୍ଡ ଚାରମାଲ ଥାନା ଭାଲିଆକଟା ପଞ୍ଚାୟତ ବୁଢିଖମାର ଗ୍ରାମର ରଙ୍କ ଭୂୟାଁ (୬୦)ଙ୍କ ହାତୀ ଆକ୍ରମଣରେ ବୁଧବାର ମୃତ୍ୟୁ ଘଟିଛି। ଯୁଯୁମୁରା ଥାନା ଅନ୍ତର୍ଗତ କଂସର ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ୫୫ ପାର୍ଶ୍ୱରେ ଗୋପାଳଙ୍କ ଏକ ଢାବା ରହିଛି। ବୁଧବାର ଭୋର ପ୍ରାୟ ୪ଟାରେ ଏକ ହାତୀ ଢାବା ଭିତରକୁ ପଶିବା ସହ ଗୋପାଳଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ବନ ଅଧିକାରୀ ନ ପହଞ୍ଚିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ସ୍ଥାନୀୟ ରେଞ୍ଜର ପହଞ୍ଚିଥିଲେ। ହେଲେ ତାଙ୍କୁ ଶତାଧିକ ☞ପୃଷ୍ଠା-୪

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ରାଜନଗର,୨୧।୬
(ଭାସ୍କର ରାଉତରାୟ)

- **ପ୍ରତିବାଦରେ ରାସ୍ତାରୋକୋ,ଉତ୍ତେଜନା**
- **ନାଳରୁ ଦଳ ସଫା କରିବା ପରେ ମୃତଦେହ ଉଦ୍ଧାର**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କର ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଭିତରକନିକା ନଦୀ ଛାଡି ଏବେ ରାଜନଗର, ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ସଂଯୋଗ କରୁଥିବା ନଦୀରେ ବଉଳା କୁମ୍ଭୀରମାନେ ପ୍ରବେଶ କରି ନଦୀକୂଳିଆ ଲୋକମାନଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛନ୍ତି। ଅଳ୍ପଦିନ ତଳେ ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗାଁ ନିକଟରେ ପ୍ରବାହିତ ନଦୀ କୂଳରୁ ଜଣେ ମାଆ ପାଖରୁ ୧୦ ବର୍ଷର ପୁଅକୁ କୁମ୍ଭୀର ଝାମ୍ପି ନେଇଥିଲା। ମାଆ ସମ୍ମୁଖରେ କୁମ୍ଭୀର ପାଟିରେ ଏକମାତ୍ର ପୁଅ ଚାଲି ଯାଉଥିବା ଦୃଶ୍ୟ ମାଆର ହୃଦୟକୁ ବିଦାରିତ କରିଦେଇଥିଲା। ଏହି ଘଟଣା କେବଳ ଜିଲା ନୁହେଁ ସମଗ୍ର ରାଜ୍ୟରେ



ମୃତ ସୀତାରାଣୀ ଦାସ

ଚର୍ଚ୍ଚା ହୋଇଥିବା ବେଳେ ବୁଧବାର ଅପରାହ୍ନରେ ରାଜନଗର ବ୍ଲକରେ ଜଣେ ମହିଳା କେନାଲ ସଂଲଗ୍ନ ପୋଖରୀ ତୁଠରେ ବାସନ ମାଜୁଥିବା ସମୟରେ କୁମ୍ଭୀର ଟାଣି ନେଇଥିଲା। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ☞ପୃଷ୍ଠା-୪

## ଅସଂଯୋଜିତ ରହିବ ନାହିଁ ଗାଁ ରାସ୍ତା

ଭୁବନେଶ୍ୱର,୨୧।୬ (ଅନିଲ ଦାସ)

ଗ୍ରାମାଞ୍ଚଳରେ କୌଣସି ସଡ଼କ ଆଉ ଅସଂଯୋଜିତ ହୋଇ ରହିବ ନାହିଁ। ଆନ୍ତଃରାଜ୍ୟ, ଆନ୍ତଃଜିଲା ଓ ଆନ୍ତଃବ୍ଲକ ସହ ସମସ୍ତ ରାସ୍ତା ସଂଯୋଗ ହେବ। ଦୁର୍ଗମ ତଥା ମାଓପ୍ରବଣ ଅଞ୍ଚଳ ରାସ୍ତା ମଧ୍ୟ ନିର୍ମାଣ ହେବ। ଗ୍ରାମାଞ୍ଚଳରେ ଗମନାଗମନ ଏବଂ ଯୋଗାଯୋଗ ପାଇଁ ଲୋକମାନଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସମସ୍ତ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସରକାର ଆସନ୍ତା ୨ ବର୍ଷରେ ୪୯୪୭ କୋଟି ଟଙ୍କା ବ୍ୟୟରେ ୩୪୦୪.୪୨ କିଲୋମିଟର ନୂତନ ରାସ୍ତା ନିର୍ମାଣ କରିବେ। ଏଥିସହିତ ଚାଲୁ ରହିଥିବା କିମ୍ବା ଅଧାପନ୍ତରିଆ ରାସ୍ତାଗୁଡ଼ିକର ନିର୍ମାଣ ଶେଷ କରାଯିବ। ଏହି ମେଗା ଯୋଜନାକୁ ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଆସନ୍ତା ବର୍ଷ ରାଜ୍ୟରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଗ୍ରାମାଞ୍ଚଳର ଭିତ୍ତିଭୂମି ଉପରେ ରାଜ୍ୟ ସରକାର ଅଧିକ ଫୋକସ ଦେଇଛନ୍ତି।

ଗ୍ରାମାଞ୍ଚଳରେ ବର୍ଦ୍ଧିତ ଗମନାଗମନ

**କ୍ୟାବିନେଟ ନିଷ୍ପତ୍ତି**

- **ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨ ବର୍ଷରେ ଖର୍ଚ୍ଚ ହେବ ୫ ହଜାର କୋଟି**
- **ନିର୍ମାଣ ହେବ ୩୪୦୪ କି.ମି. ରାସ୍ତା**
- **୧୫ ପ୍ରସ୍ତାବକୁ କ୍ୟାବିନେଟ ମୋହର**

ଓ ଯୋଗାଯୋଗର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତାଗୁଡ଼ିକର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତୀକରଣ ଯୋଜନା କାର୍ଯ୍ୟକାରୀ କରିବେ। ଏହି ଯୋଜନାରେ ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ମୁଖ୍ୟ ବଜାର, ପର୍ଯ୍ୟଟନ ସ୍ଥଳ, ବ୍ୟବସାୟ କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକୁ ଉନ୍ନତ ମାନର ରାସ୍ତା ସଂଯୋଗ କରାଯିବ। ଏଥିପାଇଁ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୯୧୮ କୋଟି ଟଙ୍କା ବ୍ୟୟରେ ୫୫୪.୬୭ କି.ମି. ନୂତନ ରାସ୍ତା ନିର୍ମାଣ ଓ ଚାଲୁରହିଥିବା ରାସ୍ତାକୁ ସମ୍ପୂର୍ଣ୍ଣ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ସେହିପରି ଆନ୍ତଃରାଜ୍ୟ, ଆନ୍ତଃଜିଲା ଏବଂ ଆନ୍ତଃବ୍ଲକ ମଧ୍ୟରେ ଥିବା ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରାଯାଇ ଦ୍ୱୀପ ତଥା ଅପହଞ୍ଚ ଅଞ୍ଚଳରେ ଯୋଗାଯୋଗର ବ୍ୟବସ୍ଥା ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କାର୍ଯ୍ୟକାରୀ କରିବେ। ଏହି ଯୋଜନାରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକର ଗମନାଗମନ ଉନ୍ନତୀକରଣ ହେବା ସହ ବିଭିନ୍ନ ବ୍ଲକ, ଜିଲା ତଥା ପଡ଼ୋଶୀ ରାଜ୍ୟଗୁଡ଼ିକ ମଧ୍ୟରେ ଦୂରତାକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୬୭୩.୪୯ କିଲୋମିଟର ନୂତନ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୧୧୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଅନେକ ସମୟରେ ପଞ୍ଚାୟତିରାଜ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକରୁ ହସ୍ତାନ୍ତର ହୋଇଥିବା ରାସ୍ତାଗୁଡ଼ିକ ମରାମତି ଓ ନିର୍ମାଣରେ ସମସ୍ୟା ସୃଷ୍ଟି ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତୀକରଣ ଯୋଜନା କାର୍ଯ୍ୟକାରୀ ☞ପୃଷ୍ଠା-୪

## ବିଜେଡି ଯୁବନେତାଙ୍କୁ କାର୍ ଚଢ଼ାଇ ହତ୍ୟା

ଦିଗପହଣ୍ଡି,୨୧।୬
(ଅଶେଷ ନାଥ ମିଶ୍ର)

**ମୋଟରସାଇକେଲ ଜବତ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖମ୍ବାରିଗାଁ ପଞ୍ଚାୟତର ବିଜେଡି ଯୁବନେତା ତଥା ପୂର୍ବତନ ବ୍ଲକ ଯୁବ ସଭାପତି ଲଳିତ ମୋହନ ମହାପାତ୍ର (୪୮)ଙ୍କୁ କାର୍ (ନଂ ଓଆର୍୦୨ଡିଏକ୍ସ-୦୬୧୨)ଚଢ଼ାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ଭାଇ ରଜତ ମହାପାତ୍ର ବୁଧବାର କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୧୧/୨୩ରେ ହତ୍ୟା ମାମଲା ରୁଜୁ କରିଛି। ଏଥିସହିତ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍‌ଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ



ଲଳିତ ମୋହନ ମହାପାତ୍ର

ପହଞ୍ଚି ସରଜମିନ ତଦନ୍ତ କରି ଫେରିଛନ୍ତି। ଲଳିତଙ୍କ ବୁଲେଟ୍ ମୋଟର ସାଇକେଲକୁ ପୋଲିସ ଜବତ କରିଛି।

ପ୍ରକାଶ ଯେ, ଖମ୍ବାରିଗାଁର ଲଳିତ ମୋହନ ଏବଂ ସେହି ଗ୍ରାମର ରାମକୃଷ୍ଣ ମିଶ୍ର ଉଭୟ ବିଜେଡିର ନେତା ହୋଇଥିଲେ ମଧ୍ୟ ଗତ ପଞ୍ଚାୟତ ନିର୍ବାଚନଠାରୁ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଖମ୍ବାରିଗାଁ ଗ୍ରାମ ନିକଟ ଶଙ୍କରଖାଳି ଛକଠାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ମାରପିଟ ହୋଇଥିଲା। ଉପସ୍ଥିତ କିଛି ବ୍ୟକ୍ତି ହସ୍ତକ୍ଷେପ କରି ଗଣ୍ଡଗୋଳ ଛଡାଇଥିଲେ। ସେଠାରୁ ଲଳିତ ମୋହନ ନିଜ ବୁଲେଟ୍‌ରେ ଘରକୁ ଫେରୁଥିଲେ। ରାମକୃଷ୍ଣ ନିଜ କାର୍‌ରେ ଲଳିତଙ୍କୁ ପିଛା କରିଥିଲେ। ଖମ୍ବାରିଗାଁ ହାଇସ୍କୁଲ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟବର୍ତ୍ତୀ ସ୍ଥାନରେ ରାମକୃଷ୍ଣଙ୍କ କାର୍ ☞ପୃଷ୍ଠା-୪

## ଇଚ୍ଛାକୃତ ଋଣ ଖିଲାପକାରୀଙ୍କୁ ଦଣ୍ଡ ଫାଙ୍କିବା ସୁଯୋଗ

### ଆର୍‌ବିଆଇର ନୂଆ ରାଇଟ୍-ଅଫ୍ ଢାଞ୍ଚା

ନୂଆଦିଲ୍ଲୀ,୨୧।୬

ଇଚ୍ଛାକୃତ ଖିଲାପକାରୀମାନଙ୍କୁ ସେମାନଙ୍କ ଋଣଦାତାଙ୍କ ସହ ଏକ ବୁଝାମଣା ବନ୍ଦୋବସ୍ତ କରିବା ପାଇଁ ସୁଯୋଗ ଦେବା ନିମନ୍ତେ ଜୁନ୍ ୮ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ନୂଆ ଢାଞ୍ଚା ଆରମ୍ଭ କରିଛି। ଏହାଦ୍ୱାରା





ଖିଲାପକାରୀଙ୍କ ଋଣ ରାଇଟ୍-ଅଫ୍‌ରେ ରଖାଯିବା ପଥ ପ୍ରଶସ୍ତ ହୋଇଛି, ଯାହାକୁ ନେଇ ଦୀର୍ଘ ଦିନଧରି ଚାଲିଥିବା ଏକ ରାଜନୈତିକ ବିତର୍କ ପୁଣି ଆରମ୍ଭ ହୋଇଛି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବଡ଼ ଖିଲାପକାରୀମାନଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ଆର୍‌ବିଆଇ ଜରିଆରେ ମୋଦି ସରକାର ଏହି ପଦ୍ଧତି ଆରମ୍ଭ କରିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

ନୂଆ ଢାଞ୍ଚାର ତାତ୍ପର୍ଯ୍ୟ ହେଉଛି, ଋଣ ପଇଠ କରିବାକୁ ସକ୍ଷମ ଥିବା ସତ୍ତ୍ୱେ ପଇଠ କରୁ ନ ଥିବା ଗ୍ରହୀତାମାନେ (ୱିଲ୍‌ଫୁଲ ଡିଫଲ୍ଟର୍ସ) ବ୍ୟାଙ୍କଗୁଡ଼ିକ ସହ ବୁଝାମଣା ଜରିଆରେ ବନ୍ଦୋବସ୍ତ (ସେଟଲମେଣ୍ଟ) କରିପାରିବେ ଏବଂ ୧୨ ମାସ (କୁଲିଂ ପିରିୟଡ୍) ପରେ ନୂଆ ଋଣ ନେଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳିର ଆଦ୍ୟ ବର୍ଷଗୁଡ଼ିରେ ଆର୍‌ବିଆଇ ଆର୍ଥିକ ହେରଫେରକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରମୁଖ ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ତାଲିକା ସାର୍ବଜନୀନ କରିବାକୁ ଚାହିଁଥିଲା। କିନ୍ତୁ କେନ୍ଦ୍ର ସରକାର କୌଣସି ନାମ ପ୍ରଘଟ କରିବା ଉଦ୍ୟମକୁ ରୋକିଦେଇଥିଲା। ☞ପୃଷ୍ଠା-୪

**ଟେକ୍ନିକାଲ ରାଇଟ୍-ଅଫ୍‌ର ତାତ୍ପର୍ଯ୍ୟ ହେଉଛି, ଏକ ବ୍ୟାଙ୍କ ବକେୟା ରାଶି ଆଦାୟ ଅଧିକାର ତ୍ୟାଗ ନ କରି ନିଜ ଖାତାରୁ ଏନ୍‌ପିଏକୁ ହଟାଇବା। ଅର୍ଥାତ୍ ଋଣକୁ ସମ୍ପତ୍ତି ଆକାରରେ ନ ଦେଖାଇ ବ୍ୟାଙ୍କ ଟଙ୍କା ଆଦାୟ ଉଦ୍ୟମ ଜାରି ରଖିପାରିବ। ତେବେ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସଂଘଗୁଡ଼ିକ ନୂଆ ଢାଞ୍ଚାକୁ ବିରୋଧ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା, ଏହାଦ୍ୱାରା ଇଚ୍ଛାକୃତ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଏପରି କି ଏଭଳି ଠକମାନେ ଦଣ୍ଡ ଫାଙ୍କିବା ପାଇଁ ସୁବିଧା ପାଇବେ। ତେଣୁ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସଂଘଗୁଡ଼ିକ ଦାବି କରିଛନ୍ତି। ଅତୀତରେ ସୁପ୍ରିମକୋର୍ଟ ମଧ୍ୟ ନୂଆ ଢାଞ୍ଚାରେ ଥିବା ଋଣଦାତାଙ୍କ ରାଇଟ୍-ଅଫ୍‌କୁ ସମାଲୋଚନା କରିଥିଲେ। ୨୦୧୬ରେ ସର୍ବୋଚ୍ଚ ଅଦାଲତ ଇଚ୍ଛାକୃତ ଖିଲାପକାରୀଙ୍କ କ୍ଷେତ୍ରରେ ସରକାରୀ ବ୍ୟାଙ୍କଗୁଡ଼ିକର ଏପରି ରାଇଟ୍-ଅଫ୍‌କୁ 'ଏକ ବଡ଼ ଠକେଇ' ଭାବେ ଅଭିହିତ କରିଥିଲେ।**

**ମୋଦି, ଅମିତ, ନୀତୀଶଙ୍କୁ ହତ୍ୟା ଧମକ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ହତ୍ୟା ଧମକ ମିଳିଛି। ଉକ୍ତ ୩ ରାଜନେତାଙ୍କୁ ହତ୍ୟା ଧମକ ନେଇ ବୁଧବାର ଦିଲ୍ଲୀ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ୨ଟି ଫୋନ୍ କଲ୍ ଆସିଥିଲା। ନମ୍ବର ଟ୍ରେସ୍ କରି ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କ ଚିହ୍ନଟ କରିଛି। ସୁଧୀର ଶର୍ମା ନାମକ କାର୍ପେଣ୍ଟର ବୁଧବାର ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଏହି ଫୋନ୍ କଲ୍ କରିଥିବା ଡିସିପି ହରେନ୍ଦ୍ର କେ. ସିଂ କହିଛନ୍ତି। ସୁଧୀର ଏବେ ଫେରାର ଥିବା ଜଣାପଡ଼ିଛି।

# ସୁନ୍ଦରବନର ହତଭାଗା ସୁନ୍ଦରୀ

**ବିଶ୍ୱର ଅନ୍ୟତମ ପ୍ରାକୃତିକ ବିସ୍ମୟ ସୁନ୍ଦରବନ। ଭାରତ ଓ ବାଂଲାଦେଶ ମଧ୍ୟରେ ପରିବ୍ୟାପ୍ତ ଏହି ତ୍ରିକୋଣ ଭୂମି ହେନ୍ତାଳ ବନରେ ପରିପୂର୍ଣ୍ଣ। ଚିରହରିତ୍ ବର୍ଷାରଣ୍ୟ ଭିତରକୁ ଅଗ୍ରସର ହେଲେ ପର୍ଯ୍ୟଟକ ବିମୋହିତ ହୁଅନ୍ତି ଏହାର ସୌନ୍ଦର୍ଯ୍ୟରେ। ଏହା ମଧ୍ୟରେ ଛପି ରହିଛି ଯୁବତୀ ଚାଲାଣର ଏକ କଠୋର, ଅପ୍ରୀତିକର ବାସ୍ତବତା।**



କୋଲକାତା,୨୧।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଅସୀମାଙ୍କୁ ମାତ୍ର ୧୩ ବର୍ଷ ହେଉଥବାବେଳେ ଚାଲାଣକାରୀମାନେ ତାଙ୍କ ପଛରେ ପଡ଼ିଥିଲେ। ତାଙ୍କ ସହ ସୁଲେମାନ୍‌ଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହେବାବେଳକୁ ସବୁ ଠିକ୍‌ଠାକ୍ ଚାଲିଥିଲା। ଅସୀମା ସୁନ୍ଦରବନରେ ରହୁଥିବାବେଳେ ସୁଲେମାନ୍ କାର୍ଯ୍ୟ ଅନ୍ୱେଷଣରେ ସେହି ଅଞ୍ଚଳକୁ ଯାଇଥିଲେ। ବିଶ୍ୱର ସର୍ବବୃହତ୍ ହେନ୍ତାଳ ବନ ଥିବା ପଶ୍ଚିମବଙ୍ଗର ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ଅଞ୍ଚଳରେ ଅସୀମାଙ୍କୁ ଦେଖି ସେ ପ୍ରଶଂସାରେ ପୋତି ଦେଇଥିଲେ। ସମ୍ପର୍କରେ ନିବିଡ଼ତା ବଢ଼ିବା ପରେ ତାଙ୍କ ମା'ବାପାଙ୍କୁ ଭେଟି ବିବାହ ପ୍ରସ୍ତାବ ଦେଇଥିଲେ।

ଅସୀମା ଏକ ଗରିବ ଗାଁରେ ବଢ଼ିଥିଲେ, ଯେଉଁଠି ଘରଗୁଡ଼ିକ ଝାଟିମାଟିରେ ନିର୍ମିତ ହୋଇଥିଲା। ଗାଁକୁ ପାଣି ଆସୁ ନ ଥିଲା, ଶିକ୍ଷା ପାଇଁ ସ୍ୱଳ୍ପ ସୁଯୋଗ ଥିଲା। ରୋଗଣା ବାପା ଓ ପରିବାରର ଡଜନାଧିକ ସଦସ୍ୟଙ୍କ ସହ ଏକ ଛୋଟ ଘରେ ସେ ରହୁଥିଲେ। ସୁଲେମାନ୍ ଏହାର ସୁଯୋଗ ନେଇ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। ମୁଁ ତାଙ୍କୁ ବିଶ୍ୱାସ କରିଥିଲି। ସେ କ'ଣ ଖରାପ କାମ କରିବେ ତାହା ଜାଣି ନ ଥିଲି। ଏହା ମୋର ଭୁଲ୍ ଥିଲା ବୋଲି ଅସୀମା କହିଛନ୍ତି।

ଦିନେ ସୁଲେମାନ୍ ଅସୀମାଙ୍କୁ ସ୍ଥାନୀୟ ରେଳ ଷ୍ଟେଶନରେ ଭେଟିବାକୁ ଡାକିଥିଲେ। ଅସୀମା ସେଠାକୁ ଯିବା ପରେ ସୁଲେମାନ୍ କହିଥିଲେ, ଚାଲ ପଳାଇବା। ସେ ମନା କରିବାରୁ ସୁଲେମାନ୍ ଏକ ରୁମାଲରେ ତାଙ୍କ ମୁହଁ ବନ୍ଦ କରିଦେଇଥିଲେ। ଅସୀମା ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଯେତେବେଳେ ଉଠିଥିଲେ, ନିଜକୁ ଏକ ବନ୍ଦ କୋଠରିରେ ବନ୍ଧା ଅବସ୍ଥାରେ ପାଇଥିଲେ। ସୁଲେମାନ୍ ତାଙ୍କୁ ମାଡ଼ ମାରି ବଳାତ୍କାର କରିଥିଲେ। ପରେ ଆଉ କେତେଜଣ ପୁରୁଷ ଅସୀମାଙ୍କ ମୁଣ୍ଡରେ ମୁଖା ପିନ୍ଧାଇ ତାଙ୍କୁ ବିହାର ନେଇଯାଇଥିଲେ। ସେମାନେ ତାଙ୍କୁ ନିଶା ଦେଇ ଗଣବଳାତ୍କାର କରିଥିଲେ। ଶେଷରେ ଗଣିକା ସାଜିବାକୁ ବାଧ କରିଥିଲେ। ଅନେକ ସପ୍ତାହ ପଣବନ୍ଦୀ ରହିବା ପରେ ଦିନେ ସନ୍ଧ୍ୟାରେ କୋଠା ନୀରବିଯାଇଥିଲା। ସେ ବନ୍ଧା ଅବସ୍ଥାରେ ଥାଇ ସୁଦ୍ଧା କବାଟ ଫିଟାଇ ପ୍ରାଣ ବିକଳରେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏକ ଛୋଟ ସହରର ଅଜଣା ରାସ୍ତାରେ ସେ ଦୌଡ଼ୁଥିଲେ। ସାହାଯ୍ୟ ପାଇଁ ତାଙ୍କ ଆକୁଳ ଚିତ୍କାରକୁ ଅଚିହ୍ନା ଲୋକେ ଶୁଣି ନ ଥିଲେ। ଶେଷରେ କେହି ଜଣେ ବ୍ୟକ୍ତି ତାଙ୍କୁ ନିଜ ଫୋନ୍ ଦେଇଥିଲେ ପୋଲିସକୁ କଲ୍ କରିବା ପାଇଁ।

ସେକ୍ସ ଟ୍ରାଫିକିଂରୁ ଉଦ୍ଧାର ହୋଇଥିବା ଆଉ ଜଣେ ଝିଅ ମାହିରା କୋଲକାତାର ରେଡ୍‌ଲାଇଟ୍ ଏରିଆ କାଳୀଘାଟର ଏକ ବେଶ୍ୟାଳୟରେ ପ୍ରାୟ ୨ ବର୍ଷ ଧରି କାମ କରିବା ଭିତରେ ଗର୍ଭବତୀ ହୋଇଯାଇଥିଲେ। ୨୦୧୫ରେ ପୋଲିସ ତାଙ୍କୁ ଠାବ କରିଥିଲା। ସ୍ୱଜନ୍ମିତ ଶିଶୁପୁତ୍ରକୁ ଏକ ଚାଇଲ୍ଡ କେୟାର ହୋମ୍‌ରେ ଛାଡ଼ିଦେଇ ଘରକୁ ଫେରିଥିଲେ। ରାକେଟ ଜାଲରେ ଫସି ଘର ଛାଡ଼ିବା ବେଳକୁ ମାହିରାଙ୍କୁ ମାତ୍ର ୧୩ ବର୍ଷ ହେଉଥିଲା। ସୁନ୍ଦରବନର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଝିଅମାନଙ୍କ ଅସୀମା ଓ ମାହିରାଙ୍କ ଭଳି କାହାଣୀ ରହିଛି।

ଅଞ୍ଚଳର ପ୍ରାୟ ୫୦% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରନ୍ତି। ସୁନ୍ଦରବନ ଜଳବାୟୁ ପରିବର୍ତ୍ତନ ସଙ୍କଟ ଦେଇ ଗତି କରୁଛି। ଏହା ନିୟମିତ ଭାବେ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ। ଗତ ୪ ବର୍ଷ ମଧ୍ୟରେ ୩ଟି ବାତ୍ୟାରେ ଅନେକ ଶହ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଘରଗୁଡ଼ିକ ଭାଙ୍ଗିଯାଇଥିବାବେଳେ ଜୀବିକା ଉଜୁଡ଼ିଯାଇଛି। ସମୁଦ୍ର ପତ୍ତନ ବଢ଼ୁଥିବାରୁ ଦ୍ୱୀପଗୁଡ଼ିକୁ ପାଣି ମାଡ଼ିଯିବା ସହ ଗାଁଗୁଡ଼ିକ ଜଳମଗ୍ନ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ଲୋକଙ୍କୁ ଆହୁରି ଗରିବ କରିଦେଇଛି। ସେମାନଙ୍କ ଦୟନୀୟ ସ୍ଥିତିର ଫାଇଦା ଉଠାଇବାକୁ ଧାଇଁ ଆସନ୍ତି ମାନବ ଚାଲାଣକାରୀ। ଚାକିରି ସୁଯୋଗ, ବିବାହ ପ୍ରସ୍ତାବ ଓ ଉନ୍ନତ ଜୀବନଶୈଳୀର ପ୍ରତିଶ୍ରୁତି ଜାଲରେ ଥରେ ଛନ୍ଦି ହୋଇଗଲେ ପୀଡ଼ିତାମାନେ ଯୌନକର୍ମୀ ଓ ପୀଡ଼ିତ ଗୋଟି ଶ୍ରମିକ ସାଜନ୍ତି। ଝିଅଙ୍କୁ ବିକ୍ରି କରାଯାଏ। ଏପରି କି ଅଙ୍ଗପ୍ରତ୍ୟଙ୍ଗ ଓ ରକ୍ତ ଚାଲାଣ ପାଇଁ ମଧ୍ୟ ସେମାନଙ୍କୁ ବ୍ୟବହାର କରାଯାଇଥାଏ। ପୂର୍ବରୁ ଫୋନ୍ କଲ୍‌ରେ ସବୁ ଚାଲିଥିଲା। ଏବେ ସୋସିଆଲ ମିଡିଆକୁ ଚାଲାଣକାରୀ ମାଧ୍ୟମ କରୁଛନ୍ତି।

୨୦୨୦ ଓ ୨୦୨୧ରେ ଲଗାତର ଦୁଇଟି ମହାବାତ୍ୟା ସବୁକିଛି ଉଜାଡ଼ିଦେବା ପରେ ଏପରି ମାନବ ଚାଲାଣକାରୀ ଅଧିକ ସକ୍ରିୟ ହୋଇ ଉଠିଥିବା ସ୍ଥାନୀୟ ଏନ୍‌ଜିଓ ଗୋରାନ୍‌ବୋଷ ଗ୍ରାମ ବିକାଶ କେନ୍ଦ୍ର (ଜିଜିବିକେ)ର ପରିଚାଳିକା ଶୁଭଶ୍ରୀ ରପତାନ୍ କହିଛନ୍ତି। ସୁନ୍ଦରବନର ସବୁଠୁ ବଡ଼ ସହର କାନିଙ୍ଗ ଥାନା ଅଧିକାରୀ ସୌଗତ ଘୋଷ କହିଛନ୍ତି, ମାନବ ଚାଲାଣ ହେଉଛି ଏହି ଅଞ୍ଚଳର ଅନ୍ୟତମ ବୃହତ୍ ସମସ୍ୟା। ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ପ୍ରଭାବିତ ହେଉଥିବାବେଳେ ଚାଲାଣକାରୀମାନେ ଏହାର ଫାଇଦା ଉଠାଉଛନ୍ତି। ଅନେକ ସମୟରେ ଝିଅମାନେ ବାସଚ୍ୟୁତ ହୋଇ ସେମାନଙ୍କ ଜାଲରେ ଫସୁଛନ୍ତି। ଝିଅଙ୍କୁ ଚାକିରି ନାଁରେ ନିଆଯିବା ପରେ ପରିବାରକୁ ୨-୩ ମାସ କିଛି କିଛି ଟଙ୍କା ପଠାଯାଏ। କିନ୍ତୁ ହଠାତ୍ ମୋବାଇଲ ବନ୍ଦ ହୋଇଯାଏ। ଟଙ୍କା ବି ଆସେ ନାହିଁ। ପରିବାର ଲୋକେ ସେତେବେଳେ ଜାଣିପାରନ୍ତି ଯେ, ଝିଅକୁ ଚାଲାଣ କରି ନିଆଯାଇଛି।

**(ପରିଚୟ ଗୋପନ ରଖିବା ପାଇଁ ନାମ ବଦଳାଯାଇଛି।)**

## ଜଳବାୟୁ ପରିବର୍ତ୍ତନ ଯୌନଦାସୀ ସଜାଇଛି

➲ରଏଟର୍ସର ଏକ ଅଧ୍ୟୟନ ଅନୁସାରେ ଭାରତରେ ବ୍ୟବସାୟିକ ବେଶ୍ୟାବୃତ୍ତି ନିୟୋଜିତ ୨୦ ନିୟୁତ ମହିଳା ଓ ଝିଅଙ୍କ ମଧ୍ୟରୁ ୧୬ ନିୟୁତ ଯୌନ ଚାଲାଣର ଶିକାର। ଇଣ୍ଡିଆନ୍ ଲିଗାଲ ସର୍ଭିସେସ୍ ତଥ୍ୟାନୁସାରେ ଘଣ୍ଟାପ୍ରତି ଗଣିକାବୃତ୍ତିରେ ପ୍ରବେଶ କରୁଥିବା ୪ ଜଣରୁ ୩ ଜଣ ନିଜ ଇଚ୍ଛା ବିରୋଧରେ ଏହି ବେଆଇନ ଧନ୍ଦାକୁ ଠେଲି ହୋଇଥାନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ କୁହେ, ପଶ୍ଚିମବଙ୍ଗରୁ ପ୍ରତିବର୍ଷ ଅନେକ ହଜାର ଝିଅ ନିଖୋଜ ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶଙ୍କ ଘର ସୁନ୍ଦରବନରେ।

➲କୋଲକାତାଠାରୁ ୧୧୦ କି.ମି. ଦୂରରେ ଅବସ୍ଥିତ ସୁନ୍ଦରବନର ଜନସଂଖ୍ୟା ପ୍ରାୟ ୪.୫ ନିୟୁତ। ରାଜ୍ୟର ଦକ୍ଷିଣାନ୍ତରେ ଥିବା ଏହି ତ୍ରିକୋଣ ଭୂମିରେ ୧୦୨ ଦ୍ୱୀପ ରହିଛି। ସେଥିରୁ ୫୪ଟିରେ ଜନବସତି ଥିବାବେଳେ ଅବଶିଷ୍ଟ ଦ୍ୱୀପଗୁଡ଼ିକ ବେଙ୍ଗାଲ ଟାଇଗର ଓ ଅନ୍ୟ ଜୀବଜନ୍ତୁଙ୍କ ବାସସ୍ଥଳୀ।

➲ସୁନ୍ଦରବନର ଅଧିକାଂଶ ବାସିନ୍ଦା କୃଷି ଓ ମାଛଧରାରୁ ଜୀବିକା ଉପାର୍ଜନ କରିଥାଆନ୍ତି। କିନ୍ତୁ ବାତ୍ୟା, ବନ୍ୟା ଓ ମୃତ୍ତିକା କ୍ଷୟ ସେମାନଙ୍କ ଆୟ ଉତ୍ସକୁ ଉଜାଡ଼ିଦେଇଛି। ୨୦୨୦ ମେ'ରେ 'ଅମ୍ଫନ' ବାତ୍ୟା ଉପକୂଳରେ ମାଡ଼ ହେବା ସହ ଉଚ୍ଚ ଜୁଆର ଢେଉ ବହୁ ଲୋକଙ୍କ ଘର ଧୋଇନେଇଥିଲା। ଦକ୍ଷିଣ ୨୪ ପ୍ରଗଣା ଓ ଉତ୍ତର ୨୪ ପ୍ରଗଣାର ପରିବାରଗୁଡ଼ିକ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବାବେଳେ ୨୦୨୧ ମେ'ରେ 'ୟାସ୍' ସବୁକିଛିକୁ ଧ୍ୱସ୍ତବିଧ୍ୱସ୍ତ କରି ସେମାନଙ୍କୁ ଅତି ଦାରିଦ୍ର୍ୟ ମଧ୍ୟକୁ ଠେଲିଦେଇଥିଲା।

➲ଦାରିଦ୍ର୍ୟ ବେଳେବେଳେ ଅନିମନ୍ତ୍ରିତ ଅତିଥିମାନଙ୍କୁ ଆକର୍ଷିତ କରିପାରେ। ଅନେକ ସମୟରେ ସୁଯୋଗ ଉଣ୍ଢୁଥିବା ଚାଲାଣକାରୀମାନେ ସମାଜର ଦୁର୍ବଳ ଲୋକଙ୍କୁ ବିଶେଷକରି ମହିଳା ଓ ଝିଅଙ୍କୁ ଟାର୍ଗେଟ କରିଥାନ୍ତି। ଜଳବାୟୁ ପରିବର୍ତ୍ତନ ସେମାନଙ୍କୁ ବାଧ କରିଥାଏ ସୁନ୍ଦରବନ ବାହାରେ ଏକ ସୁନ୍ଦର ଜୀବନ ଅନ୍ୱେଷଣ ପାଇଁ। ଅନେକଙ୍କୁ ଅବିଶ୍ୱସନୀୟ ନିଯୁକ୍ତି ଅଫରର ପ୍ରଲୋଭନ ମିଳିଥାଏ। ସେମାନେ ନିଜ ନିରାପତ୍ତାକୁ ବିପନ୍ନ କରି ରିସ୍କ ନେବାକୁ ବାଧ ହୁଅନ୍ତି। ବଡ଼ ସହରକୁ ଚାଲିଯିବା ପରେ ମହିଳା ଓ ଝିଅମାନେ ଠକାମିର ଶିକାର ହୋଇଥିବା ଜାଣିପାରନ୍ତି। କ୍ରେତାଙ୍କଠାରେ ବିକ୍ରି ହୋଇ ଯୌନଦାସୀ ସାଜିବା ଛଡ଼ା ଅନ୍ୟ ପନ୍ଥା ନ ଥାଏ ସେମାନଙ୍କର।




**ସଂକ୍ଷେପରେ**

### ହଣ୍ଡୁରାସ ମହିଳା ଜେଲରେ ଦଙ୍ଗା: ୪୮ ମୃତ

ଟେଗୁସିଗାଲ୍‌ପା,୨୧।୬: ହଣ୍ଡୁରାସ ଟାମାରାସ୍ଥିତ ମହିଳା ଜେଲରେ ମଙ୍ଗଳବାର ଦଙ୍ଗା ହେବାରୁ ୪୮ ଜଣଙ୍କ ମୃତ୍ୟୁ ଘଟିଛି। ନିଆଁରେ ପୋଡ଼ିହୋଇ ୨୬ କଏଦୀ ପ୍ରାଣ ହରାଇଥିବାବେଳେ ଅନେକଙ୍କୁ ଗୁଳି କରାଯାଇଛି। ପାଖାପାଖି ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜେଲ ଗାର୍ଡଙ୍କ ଜାଣତରେ ଗ୍ୟାଙ୍ଗ୍ ମେମ୍ବରଙ୍କ ଦ୍ୱାରା ଜେଲ ଭିତରେ ଦଙ୍ଗା ହୋଇଥିବା ହଣ୍ଡୁରାସ ରାଷ୍ଟ୍ରପତି ଜିଓମାରା କାଷ୍ଟ୍ରୋ କହିଛନ୍ତି। ଘଟଣାସ୍ଥଳରୁ ପିସ୍ତଲ ସାଙ୍ଗକୁ ବହୁ ଧାରୁଆ ଅସ୍ତ୍ର ଓ ବ୍ଲେଡ୍ ଫୋରେନ୍ସିକ୍ ଟିମ୍‌ର ହସ୍ତଗତ ହୋଇଛି। ଜେଲରେ ଥିବା ବୋରିଓ ୧୮ ଗ୍ୟାଙ୍ଗ୍‌ର ସଦସ୍ୟମାନେ ସେଲ୍ ଭାଙ୍ଗି ଅନ୍ୟ କଏଦୀଙ୍କ ଉପରକୁ ଗୁଳି ଫୁଟାଇବା ସହ ସେମାନଙ୍କ ଦେହରେ ନିଆଁ ଲଗାଇଥିଲେ। ଘଟଣାର ଯାଞ୍ଚ ଚାଲିଥିବାବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଷ୍ଟ୍ରପତି କହିଛନ୍ତି।

### କ୍ରିକେଟ ମ୍ୟାଚ୍: ଆଉଟ୍ ହେବାରୁ ୧୪ ବର୍ଷୀୟ ବୋଲରଙ୍କୁ ହତ୍ୟା

କାନପୁର, ୨୧।୬: ଉତ୍ତରପ୍ରଦେଶର କାନପୁର ଜିଲାରେ ସୋମବାର ସକାଳେ ଚାଲିଥିବା କ୍ରିକେଟ ମ୍ୟାଚ୍ ଶୋକାକୁଳ ପରିବେଶରେ ପରିଣତ ହୋଇଥିଲା। ମ୍ୟାଚ୍‌ରେ ଜଣେ ୧୪ ବର୍ଷୀୟ ବୋଲରଙ୍କ ଦ୍ୱାରା ଆଉଟ ହେବା ପରେ ୧୭ ବର୍ଷୀୟ ବ୍ୟାଟ୍ସମ୍ୟାନ୍ ତାଙ୍କ ଗଳା ଦବାଇ ହତ୍ୟା କରିଥିଲେ। ଜିଲାର ଘାଟମପୁର ଅଞ୍ଚଳ ଅନ୍ତର୍ଗତ ରାହତି ଡେରା ଗ୍ରାମ ଖେଳପଡ଼ିଆରେ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ଓ ତାଙ୍କୁ ହତ୍ୟାକାଣ୍ଡରେ ସହାୟତା କରିଥିବା ଭାଇ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଜଣକ ୧୪ ବର୍ଷୀୟଙ୍କ ବୋଲିଂରେ କ୍ଲିନ୍ ବୋଲ୍ଡ ହୋଇଥିଲେ ମଧ୍ୟ ପିଚ୍ ଛାଡ଼ି ନ ଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତ ତାଙ୍କ ଭାଇକୁ ଡାକିଆଣିବା ପରେ ଉଭୟ ମିଶି ବୋଲରଙ୍କୁ ନିର୍ଘାତ ପିଟିଥିଲେ। ଏହା ପରେ ସେମାନେ ବୋଲରଙ୍କୁ ତଳେ ପକାଇ ତାଙ୍କ ଗଳା ଦବାଇ ହତ୍ୟା କରିଥିଲେ ବୋଲି ପୋଲିସ କହିଛି।



ଜାତିସଂଘ ଭବନ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଯୋଗ କରୁଛନ୍ତି।

## ଜାତିସଂଘରେ ମୋଦିଙ୍କ ଯୋଗ କାର୍ଯ୍ୟକ୍ରମର ବିଶ୍ୱ ରେକର୍ଡ

ନ୍ୟୁୟର୍କ, ୨୧।୬

**ଅନ୍ତର୍ଜାତୀୟ ଯୋଗ ଦିବସ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଆମେରିକା ଗସ୍ତର ଦ୍ୱିତୀୟ ଦିନରେ ବୁଧବାର ନ୍ୟୁୟର୍କସ୍ଥିତ ଜାତିସଂଘ ଭବନରେ ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଯୋଗ ସମସ୍ତ କପିରାଇଟ୍, ପ୍ୟାଟେଣ୍ଟ ଏବଂ ରୟାଲିଟିରୁ ମୁକ୍ତ। ଏହା ଜୀବନଧାରଣର ଏକ ମାର୍ଗ। ଏହାର କୌଣସି କଠୋର ନିୟମ ନାହିଁ। ଆପଣ ଚାହିଁଲେ ଏକାକୀ ଯୋଗ କରିପାରିବେ କିମ୍ବା କେତେଜଣଙ୍କ ସହ ମିଶି ଏକାଠି ଯୋଗାଭ୍ୟାସ କରିପାରିବେ। ଆପଣ କୌଣସି ଗୁରୁଙ୍କଠାରୁ କିମ୍ବା ନିଜକୁ ନିଜେ ଯୋଗ ଶିକ୍ଷା କରିପାରିବେ। ଏହା ଏକୀକୃତ ଏବଂ ବାସ୍ତବରେ ସାର୍ବଜନୀନ। ଯୋଗ ସବୁ ଜାତି, ବିଶ୍ୱାସ ଓ ସଂସ୍କୃତି ପାଇଁ ଉଦ୍ଦିଷ୍ଟ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଏକସଙ୍ଗେ ୧୩୫ ଦେଶର ଜନସାଧାରଣ ଯୋଗ କାର୍ଯ୍ୟକ୍ରମରେ ଭାଗନେଇଥିବାରୁ ଏହା ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମୋଦିଙ୍କ ସହ ଜାତିସଂଘ ଭବନରେ ବହୁ ବିଶିଷ୍ଟ ବ୍ୟକ୍ତି, ଉଦ୍ୟୋଗୀ, କୂଟନୀତିଜ୍ଞ, ଶିକ୍ଷାବିତ୍, ଟେକ୍ନୋକ୍ରାଟ ଏବଂ ରାଜନେତା ଏକାଠି ଯୋଗ କରିଥିଲେ। ସେମାନଙ୍କ ମଧ୍ୟରେ ନ୍ୟୁୟର୍କ ମେୟର, ତିନିଥର ଗ୍ରାମୀ ପୁରସ୍କାର ଜିତିଥିବା ରିକି କେଜ୍, ଗାୟିକା ଫାଲ୍‌ଗୁନି ଶାହା, ଅଭିନେତା ରିଚାର୍ଡ ଗେରେ ଏବଂ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଅନ୍ୟତମ।

## ସ୍ଥାନୀୟ ସରକାରଙ୍କ ଆଇନ ମାନିବା ବ୍ୟତୀତ ଟୁଇଟରର ଅନ୍ୟ ପନ୍ଥା ନାହିଁ: ଏଲନ୍ ମସ୍କ

ନ୍ୟୁୟର୍କ, ୨୧।୬

ଯେକୌଣସି ଦେଶରେ ସ୍ଥାନୀୟ ସରକାରଙ୍କ ଆଇନକୁ ମାନିବା ବ୍ୟତୀତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ଅନ୍ୟ ବିକଳ୍ପ ନାହିଁ ବୋଲି ଟୁଇଟର ମୁଖ୍ୟ ଏଲନ୍ ମସ୍କ ବୁଧବାର କହିଛନ୍ତି। ୩ କୃଷି ଆଇନ ବିରୋଧରେ ଚାଷୀଙ୍କ ଆନ୍ଦୋଳନ ସମୟରେ ସରକାର ବିରୋଧୀ ବିଷୟବସ୍ତୁ ନ ହଟାଇଲେ ଟୁଇଟରର ବିଭିନ୍ନ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିବାକୁ ଭାରତ ସରକାର ଧମକ ଦେଇଥିଲେ ବୋଲି ଏହାର ସହପ୍ରତିଷ୍ଠାତା ଜାକ୍ ଡୋର୍ସିଙ୍କ ଅଭିଯୋଗ ଉପରେ ଖବରଦାତାମାନେ ପ୍ରଶ୍ନ କରିବାରୁ ମସ୍କ ଏହା କହିଛନ୍ତି। ସ୍ଥାନୀୟ ସରକାରଙ୍କ ଆଇନକୁ ନ ମାନିଲେ ଆମକୁ ବ୍ୟବସାୟ ବନ୍ଦ କରିବାକୁ ପଡ଼ିବ ବୋଲି ମସ୍କ ନ୍ୟୁୟର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟୁଇଟର ମୁଖ୍ୟ ଏଲନ୍ ମସ୍କ।

## ଟାଇଟାନ୍: ଗଭୀର ଜଳରାଶିରୁ ଶୁଭୁଛି ଶବ୍ଦ

ୱାଶିଂଟନ୍,୨୧।୬

ପର୍ଯ୍ୟଟକଙ୍କୁ ଗଭୀର ଜଳରାଶି ମଧ୍ୟରେ ଟାଇଟାନିକ ଜାହାଜର ଭଗ୍ନାବଶେଷ ଦେଖାଇବାକୁ ନେଇଥିବା ବୁଡ଼ାଜାହାଜ ଟାଇଟାନ୍ ନିଖୋଜ ହେବାକୁ ୨ରୁ ଅଧିକ ଦିନ ବିତିଯାଇଛି। ଟାଇଟାନ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ସେଥିରେ ଥିବା ଅକ୍ସିଜେନ ପରିମାଣ ଧୀରେ ଧୀରେ କମିବାରେ ଲାଗିଛି। ବୁଡ଼ାଜାହାଜକୁ ଠାବ କରିବା ଲାଗି ଆରମ୍ଭ ହୋଇଥିବା ସର୍ଚ୍ଚ ଅପରେଶନ୍‌ରେ ରେସ୍କ୍ୟୁ ଟିମ୍‌କୁ ବର୍ତ୍ତମାନ ସୁଦ୍ଧା କୌଣସି ସଫଳତା ମିଳିପାରି ନାହିଁ। କିନ୍ତୁ ଖୋଜାଖୋଜି କରାଯାଉଥିବା ସ୍ଥାନରେ କିଛି ଶବ୍ଦ ଶୁଣାଯାଉଥିବା ଉଦ୍ଧାରକାରୀ ଦଳ କହିଛି। କାନାଡାର ପି-୩ ବିମାନ ଏହି ଅଣ୍ଡର ୱାଟର ଶବ୍ଦକୁ ଶୁଣିଥିବା କୁହାଯାଉଛି। ଶବ୍ଦ କେଉଁଠାରୁ ଆସୁଛି ତାହା ଜାଣିବା ଲାଗି ରିମୋଟ୍‌ଲି ଅପରେଟେଡ୍ ଭେହିକଲ (ଆର୍‌ଓଭି) ବ୍ୟବହାର କରାଯାଇଥିବା ଆମେରିକା କୋଷ୍ଟ ଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ରେସ୍କ୍ୟୁ ଅପରେଶନ୍‌ରେ ଉତ୍ତର ଆଟଲାଣ୍ଟିକରେ ଆମେରିକା ଓ କାନାଡାର କୋଷ୍ଟାଲ ଗାର୍ଡ ଶିପ୍ ଏବଂ ପ୍ଲେନ୍ ସାମିଲ ହୋଇଛି। ଓସେନ୍ ଗେଟ୍‌ର ଟାଇଟନ୍ ବୁଡ଼ାଜାହାଜରୁ ଅମ୍ଳଜାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ନ ଥିବାରୁ ପର୍ଯ୍ୟଟକମାନେ ଜୀବିତ ଥିବାର ସମ୍ଭାବନା ଥିବା ଆମେରିକା କୋଷ୍ଟ ଗାର୍ଡ କହିଛି।

ରେସ୍କ୍ୟୁ ଅପରେଶନରେ ୩ଟି ସି-୧୩୦ ସାଙ୍ଗକୁ ୩ଟି ସି-୧୭ ବିମାନ ବ୍ୟବହାର କରାଯାଉଥିବାବେଳେ ଫ୍ରାନ୍ସର ଓସେନାଗ୍ରାଫିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଡିପ୍-ସି ଅଣ୍ଡର ୱାଟର ରୋବୋ ଅପରେଶନ୍‌ରେ ସାମିଲ ହେବ ବୋଲି ପେଣ୍ଟାଗନ୍ କହିଛି। ରବିବାର ଟାଇଟନ୍ ବୁଡ଼ାଜାହାଜରେ ଯାତ୍ରା କରିଥିବା ବ୍ରିଟୋନ ହାମିସ୍ ହାର୍ଡିଙ୍ଗ, ପାକିସ୍ତାନ ବ୍ୟବସାୟୀ ଶେହଜାଦା ଦାଉଦ୍, ପୁଅ ସୁଲେମାନ, ଓସେନ୍‌ଗେଟ୍ ଏକ୍ସପେଡିଶନ୍‌ସ ସିଇଓ ଷ୍ଟକଟୋନ ରଶ ଏବଂ ଫ୍ରାନ୍ସ ସବ୍‌ମେରାଇନ୍ ଅପରେଟର ପଲ୍-ହେନରି ନାର୍ଜିଓଲେଟଙ୍କର କୌଣସି ପତ୍ତା ମିଳୁନାହିଁ। ଟାଇଟାନିକ୍ ଜାହାଜ ଦେଖିବାକୁ ଯାଇଥିବାବେଳେ ପ୍ରକାଶିତ ଖବର ମୁତାବକ, ବୁଡ଼ାଜାହାଜ ଟାଇଟାନରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଓସେନ୍ ଗେଟ୍‌ର ପୂର୍ବତନ ମେରାଇନ୍ ଅପରେଶନ୍‌ର ନିର୍ଦ୍ଦେଶକ ଡେଭିଡ୍ ଲୋର୍ଚିଡ୍ ପ୍ରଶ୍ନ କରିବାରୁ ତାଙ୍କୁ ୨୦୧୮ରେ ପଦରୁ ହଟାଇ ଦିଆଯାଇଥିଲା।




**ଟାଇଟାନିକ୍ ଜାହାଜ ଦେଖାଇବାକୁ ୫ ପର୍ଯ୍ୟଟକଙ୍କୁ ସମୁଦ୍ର ଗର୍ଭକୁ ନେଇଥିଲା**




# ଆଉ ୨ ଦିନ ପରେ ଆସିପାରେ ମୌସୁମୀ

ଭୁବନେଶ୍ୱର,୨୧।୬(ଅନିଲ ଦାସ)

## ଜୁନ୍‌ରେ ନିଅଣ୍ଟିଆ ବର୍ଷା

### ୨୨ରୁ ୨୬ ଯାଏ ପ୍ରବଳ ବର୍ଷା ସମ୍ଭାବନା

ଆସନ୍ତା ଦିନେ କି ୨ ଦିନ ଭିତରେ ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିବା ସମ୍ଭାବନା ରହିଛି। ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟର ଅନେକ ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି। ଏଥିସହ ମେଘୁଆ ପାଗ ରହୁଛି। ଗତ ୨/୩ ଦିନ ଭିତରେ କେତେକ ଜିଲାରେ ବର୍ଷା ପରିମାଣ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟାରେ ସୁନ୍ଦରଗଡ଼ରେ ୨୧.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଭବାନୀପାଟଣା ୨୫.୮, ଝାରସୁଗୁଡ଼ା ୧୦, କୋରାପୁଟ ୮.୧, ମାଲକାନଗିରି ୩.୩, ନୂଆପଡ଼ା ୫.୨, ଯାଜପୁର ୪, ଭଦ୍ରକ ୭ ଏବଂ ଦାରିଙ୍ଗବାଡ଼ିରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ମୌସୁମୀ ଅଧିକ ସକ୍ରିୟ ହୋଇ ଆଗକୁ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାରଠାରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧିପାଇବା ସମ୍ଭାବନା ରହିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ଗତ କିଛିଦିନ ଧରି ଲାଗି ରହୁଥିବା ହିଟ୍‌ୱେଭ ୱାର୍ଣ୍ଣିଂକୁ ପାଣିପାଗ ବିଭାଗ ପକ୍ଷରୁ ଉଠାଇ ନିଆଯାଇଛି। ଆସନ୍ତା ୨୨ରୁ ୨୬ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ଜୁନ୍‌ରେ ନିଅଣ୍ଟିଆ ବର୍ଷା ହୋଇଛି। ଜୁନ୍ ୮ ତାରିଖରେ ମୌସୁମୀ କେରଳ ଛୁଇଁଥିବା ବେଳେ ରାଜ୍ୟରେ ହିଟ୍‌ୱେଭ ୨୦ ତାରିଖ ଯାଏ ଜାରି ରହିଥିଲା। ଏଥିଯୋଗୁ ବର୍ଷା ହ୍ରାସ ପାଇଥିବା କୁହାଯାଉଛି। ଜୁନ୍‌ରେ ସ୍ୱାଭାବିକ ଭାବେ ୨୦୦ ମିଲିମିଟର ବର୍ଷା ହେବା କଥା। ହେଲେ ୧୯ ତାରିଖ ସୁଦ୍ଧା ୮୦% କମ୍ ବର୍ଷା ହୋଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଯଦି ବର୍ଷା ପରିମାଣ ବୃଦ୍ଧି ପାଇବ ତେବେ ନିଅଣ୍ଟିଆକୁ ଭରଣା କରାଯାଇ ପାରିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ମେଘୁଆ ପାଗ ଯୋଗୁ ରାଜ୍ୟରେ ପାରଦ ତଳମୁହାଁ ହୋଇଛି। ଅଳ୍ପ କେତେକ ସ୍ଥାନକୁ ବାଦ୍ ଦେଲେ ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ସମ୍ବଲପୁରରେ ସର୍ବାଧିକ ୪୨.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧.୨, ହୀରାକୁଦ ୪୧.୭, ବଲାଙ୍ଗୀର ୪୦ ଏବଂ ବରଗଡ଼ରେ ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଦୁଇ ଅଭିଯୁକ୍ତଙ୍କ କ୍ରିପ୍ଟୋ ଆକାଉଣ୍ଟରେ ୧.୩ କୋଟି

## ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ ମାମଲା

ଭୁବନେଶ୍ୱର, ୨୧।୬(ସତ୍ୟଜିତ୍ ରାଉତ)

- ୨ଟି ଆକାଉଣ୍ଟକୁ ବ୍ଲକ୍‌କଲା ଏସ୍‌ଟିଏଫ୍
- ଭାରତୀୟ ଓ ବିଦେଶୀ ଏକ୍ସଚେଞ୍ଜେସ୍ ଦ୍ୱାରା ଟ୍ରେଡିଂ କରୁଥିଲେ

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ତଦନ୍ତ ଜାରି ରଖିଛି। ଗିରଫ ୫ ଅଭିଯୁକ୍ତ ଜେଲରେ ଦିନ କାଟୁଥିବାବେଳେ ଏସ୍‌ଟିଏଫ୍ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଦୁଇ ଅଭିଯୁକ୍ତ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ପ୍ରୀତମ୍ କର ଓ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ସରୋଜ କୁମାର ନାୟକଙ୍କର କ୍ରିପ୍ଟୋ ଟ୍ରେଡିଂରେ ଲିଙ୍କ୍ ଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଛି। ଉଭୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ରିପ୍ଟୋରେ ନିବେଶ କରିଛନ୍ତି। ତେଣୁ ସେମାନଙ୍କ ଦୁଇଟି କ୍ରିପ୍ଟୋ ଆକାଉଣ୍ଟକୁ ଏସ୍‌ଟିଏଫ୍ ବ୍ଲକ୍ କରିଥିବା ବୁଧବାର ସୂଚନା ଦିଆଯାଇଛି।

ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରୀତମ୍ ଏକ ଅଗ୍ରଣୀ କ୍ରିପ୍ଟୋ ଏକ୍ସଚେଞ୍ଜେସ୍‌ରେ ଇମେଲ୍ ଆଇଡି ଦ୍ୱାରା ରେଜିଷ୍ଟର ହୋଇଛନ୍ତି। ତାଙ୍କ କ୍ରିପ୍ଟୋ ଆକାଉଣ୍ଟରେ ୨ଟି ବ୍ୟାଙ୍କ ଆକାଉଣ୍ଟ ଓ ଗୋଟିଏ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ଆଇଡି ଲିଙ୍କ୍ ରହିଛି। ଗତ ଦୁଇବର୍ଷ ମଧ୍ୟରେ ସେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କ୍ରିପ୍ଟୋ କାରବାର କରିଛନ୍ତି। ଏପରିକି ତାଙ୍କ ଆକାଉଣ୍ଟ ରେଡ୍‌ଫ୍ଲାଗ୍ ଏରିଆରେ ମଧ୍ୟ ଅନ୍ତର୍ଭୁକ୍ତ। ସେହି ଆକାଉଣ୍ଟରେ କଏନ୍‌ବେସ୍, ଏଫ୍‌ଟିଏକ୍ସ ଓ ବିଟ୍‌ମାର୍ଟ ଆଦି ଏକ୍ସଚେଞ୍ଜେସର ଅଜ୍ଞାତ ଉତ୍ସରୁ ଭାରତ ବାହାରୁ କ୍ରିପ୍ଟୋ ଡିପୋଜିଟ୍ ହେବା ସହ କ୍ରିପ୍ଟୋ ଟ୍ରାନ୍ସଫର୍ ମଧ୍ୟ ହୋଇଛି। ଆହୁରି ମଧ୍ୟ ପ୍ରୀତମ୍ କ୍ରିପ୍ଟୋ ପ୍ଲାଟ୍‌ଫର୍ମରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ରେଫର୍ କରିଛନ୍ତି। ଉକ୍ତ ସନ୍ଦିଗ୍ଧଙ୍କର ୧ ହଜାର ବ୍ୟକ୍ତିଙ୍କ ରେଫରାଲ ତଥ୍ୟ ମଧ୍ୟ ରହିଛି। ତେବେ ସମ୍ପୃକ୍ତ ସନ୍ଦିଗ୍ଧ ଜଣକ ଆଇଏସ୍‌ଆଇ ଏଜେଣ୍ଟ ହୋଇଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି।

ସେହିପରି ଅଭିଯୁକ୍ତ ସରୋଜ ମଧ୍ୟ ଏକ ଅଗ୍ରଣୀ କ୍ରିପ୍ଟୋ ଏକ୍ସଚେଞ୍ଜେସ୍‌ରେ ଇମେଲ୍ ଆଇଡି ଦ୍ୱାରା ରେଜିଷ୍ଟର କରିଥିବାବେଳେ ସେଥିରେ ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟ ଓ ଦୁଇଟି ୟୁପିଆଇ ଆଇଡି ଲିଙ୍କ୍ ରହିଛି। ସେ ପ୍ରାୟ ୩୦ ଲକ୍ଷ ଟଙ୍କାର କାରବାର କରିଛନ୍ତି। ଏପରିକି କ୍ରିପ୍ଟୋ ଏକ୍ସଚେଞ୍ଜେସ୍ ବ୍ୟବହାର କରି ବିଦେଶରୁ ଭାରତୀୟ ଟଙ୍କା ମଧ୍ୟ ଉଠାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ତଦନ୍ତବେଳେ ଏସବୁ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ଦୁଇ ଅଭିଯୁକ୍ତଙ୍କ ୨ଟି ଆକାଉଣ୍ଟ ବ୍ଲକ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଏହି ମାମଲାରେ ଏସ୍‌ଟିଏଫ୍ ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତମାନେ ବିଭିନ୍ନ ସୋସିଆଲ ମିଡିଆ ଗ୍ରୁପ୍ ଦ୍ୱାରା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ପ୍ରି-ଆକ୍ଟିଭେଟେଡ୍ ସିମ୍‌ର ଓଟିପି ଶେୟାର କରି ବିପୁଳ ଟଙ୍କା ପାଉଥିଲେ। ଏହି ମାମଲାରେ ଏସ୍‌ଟିଏଫ୍ ଗତ ମେ’ ୧୩ରେ ନୟାଗଡ଼ର ଆଇଟିଆଇ ଶିକ୍ଷକ ପଠାଣିସାମନ୍ତ ଲେଙ୍କା, ସରୋଜ, ଯାଜପୁରର ସୌମ୍ୟ ପଟ୍ଟନାୟକଙ୍କୁ ଗିରଫ କରିଥିଲା। ସେହିପରି ଜୁନ୍ ୭ରେ ନୟାଗଡ଼ରୁ ପ୍ରଦ୍ୟୁମ୍ନ କୁମାର ସାହୁ ଓ ୧୦ରେ ୫ମ ଅଭିଯୁକ୍ତ ପ୍ରୀତମ୍ ଗିରଫ ହୋଇଥିଲେ।

# ଖୋଲିଲା ମଝି ଘରିଆଣୀ ମନ୍ଦିର ହୁଣ୍ଡି

### ୫୮.୨୫ ଲକ୍ଷ ଟଙ୍କା, ୩୯ ଗ୍ରାମ ସୁନା,୧ କେଜି ରୁପା ସଂଗ୍ରହ

ରାୟଗଡ଼ା ଅଫିସ,୨୧।୬ (ଭାଗ୍ୟଶ୍ରୀ ମିଶ୍ର)

ଦୀର୍ଘ ୩ ମାସ ପରେ ବୁଧବାର ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝି ଘରିଆଣୀ ମନ୍ଦିରର ୯ଟି ହୁଣ୍ଡି ଖୋଲାଯାଇଛି। ଚଳିତ ଥର ନଗଦ ୫୮ ଲକ୍ଷ ୨୪ ହଜାର ୯୫୦ ଦାନ ଟଙ୍କା ସଂଗ୍ରହ ହୋଇଥିବାବେଳେ ୩୯ ଗ୍ରାମ ସୁନା, ୧ କେଜି ୬୫୦ ଗ୍ରାମ୍ ରୁପା ସଂଗ୍ରହ ହୋଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ମିଳିଥିବା ଦାନଟଙ୍କାକୁ ମଝି ଘରିଆଣୀ ମନ୍ଦିରର ଉନ୍ନତିକରଣ ପାଇଁ ବ୍ୟବହାର କରାଯିବ ବୋଲି ମନ୍ଦିର ଟ୍ରଷ୍ଟି ବୋର୍ଡ ଅଧ୍ୟକ୍ଷ ରାଇସିଂ ବିଡ଼ିକା କହିଛନ୍ତି।


ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝି ଘରିଆଣୀ ମନ୍ଦିରରେ ଦାନଟଙ୍କା ଗଣତି ଚାଲିଛି।

ଦାନ ଟଙ୍କା ଗଣତି କାର୍ଯ୍ୟରେ ରାୟଗଡା ସହରର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଜେମ୍ସ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ପ୍ରାୟ ୧୫୦ରୁ ଅଧିକ ଲୋକ ସାମିଲ ଥିଲେ। ରାୟଗଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଟଙ୍କା ଗଣତି ସମୟରେ ରେଭିନ୍ୟୁ ସୁପରଭାଇଜର ଦେବୀ ପ୍ରସାଦ ମଲିକ ଉପସ୍ଥିତ ଥିଲେ। ସୁରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗଣତି କାର୍ଯ୍ୟରେ ମନ୍ଦିର ଟ୍ରଷ୍ଟି ବୋର୍ଡ ସଦସ୍ୟମାନେ ସହଯୋଗ କରିଥିଲେ। ତେବେ ୩ ମାସ ତଳେ ଗତ ମାର୍ଚ୍ଚ ୨୭ ତାରିଖରେ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ସେଥିରୁ ୪୫ ଲକ୍ଷ ୧ ହଜାର ୨୪୯ ଟଙ୍କା ସଂଗ୍ରହ ହୋଇଥିଲା। ଏଥିସହ ୨୯ ଗ୍ରାମ ସୁନା, ରୁପା ୧ କେଜି ୧୬୯ ଗ୍ରାମ ସଂଗ୍ରହ ହୋଇଥିବାବେଳେ ୭ଟି ଡଲାର ବା ବିଦେଶୀ ନୋଟ ସଂଗ୍ରହ ହୋଇଥିଲା।





ବୁଧବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନିରଥ।

# ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ରଥ

**■ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ**

**■ ଆଜି ଆଡ଼ପ ମଣ୍ଡପ ବିଜେ, ୨୩ରୁ ଆଡ଼ପ ଦର୍ଶନ**

ପୁରୀ, ୨୧।୬ (ଅଜିତ୍ ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ୩ ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରୁଛନ୍ତି ଭକ୍ତ। ମଙ୍ଗଳବାର ରଥଯାତ୍ରା ଦିନ ତାଳଧ୍ୱଜ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ବେଳେ ରାତି ହୋଇଯିବାରୁ ଦର୍ପଦଳନ ଓ ନନ୍ଦିଘୋଷ ରଥ ବାଟରେ ଅଟକି ରହିଥିଲା। ତେବେ ବୁଧବାର ସକାଳେ ଏହି ଦୁଇ ରଥକୁ ଶ୍ରଦ୍ଧାଳୁମାନେ ଆନନ୍ଦ ଓ ଉତ୍ସାହର ସହ ଟାଣି ଟାଣି ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଇଛନ୍ତି। ରଥରେ ଶ୍ରୀବିଗ୍ରହଙ୍କ ନୀତି ଅନୁଷ୍ଠିତ ହେବା ସହ ଶୁଖିଲା ଭୋଗ ଲାଗି ହେଉଛି। ଅନ୍ୟପଟେ ଭକ୍ତିମୟ ହୋଇଉଠିଛି ଶରଧାବାଲି। ଗୁରୁବାର ଶ୍ରୀବିଗ୍ରହଙ୍କ ଆଡ଼ପ ମଣ୍ଡପ ବିଜେ ନୀତି ଅନୁଷ୍ଠିତ ହେବ। ସନ୍ଧ୍ୟାଧୂପ ସରିବା ପରେ ଘୋଡ଼ାଫିଟା, ଚାରମାଳ ବନ୍ଧା, ପୁଷ୍ପାଞ୍ଜଳି ଅର୍ପଣ ପରେ ମହାପ୍ରଭୁ ଗୋଟି ପହଣ୍ଡିରେ ଆଡ଼ପମଣ୍ଡପକୁ ବିଜେ କରିବେ। ୨୩ ତାରିଖ ଶୁକ୍ରବାରଠାରୁ ଆଡ଼ପ ଦର୍ଶନ ଆରମ୍ଭ ହେବା ସହ ଆଡ଼ପ ଅବଢ଼ା ବାହାରିବ।

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଥିରେ ନେଇ ମଙ୍ଗଳବାର କର୍ମବେଦି ଶ୍ରୀମନ୍ଦିରରୁ ଜନ୍ମବେଦି ଶ୍ରୀଗୁଣ୍ଡିଚା ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ୧ ଘଣ୍ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଏହାସତ୍ତ୍ୱେ ସନ୍ଧ୍ୟା ସୁଦ୍ଧା ତିନି ରଥ ମଧ୍ୟରୁ ଗୋଟିଏ ବି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ପାରି ନ ଥିଲା। ତେବେ ପ୍ରଶାସନ ପକ୍ଷରୁ ଲାଇଟ୍ ଲଗାଯାଇ ରଥ ଟଣା ହୋଇଥିଲା। ଫଳରେ ସନ୍ଧ୍ୟା ୭ଟା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ମାତ୍ର ସୁଭଦ୍ରାଙ୍କ ଦର୍ପଦଳନ ରଥ ବଡ଼ଶଙ୍ଖ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକି ରହିଥିଲା। ପ୍ରଶାସନ ପକ୍ଷରୁ ରଥଗୁଡ଼ିକ ଚାରିପଟେ ବ୍ୟାରିକେଡ କରାଯାଇ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିଲା। ପରେ ରଥ ଉପରେ ଠାକୁରଙ୍କ ନୀତି ଅନୁଷ୍ଠିତ ହୋଇଥିଲା। ରାତିତମାମ ଶ୍ରଦ୍ଧାଳୁମାନେ ରଥ ଉପରେ ଠାକୁରଙ୍କ ଦର୍ଶନ କରିଥିଲେ।

ତେବେ ବୁଧବାର ପୁଣି ରଥ ଟଣା ହୋଇଥିଲା। ସକାଳ ୬ଟା ୫୫ରୁ ୭ଟା ୪୦ ମଧ୍ୟରେ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା। ୭ଟା ୧୦ରୁ ୭ଟା ୫୦ ମଧ୍ୟରେ ତଡ଼ପ ଲାଗି ସମ୍ପନ୍ନ ହୋଇଥିଲା। ୭ଟା ୪୫ରୁ ୮ଟା ୧୫ ମଧ୍ୟରେ ଅବକାଶ ପୂଜା ସହ ବେଶ ଶେଷ ହୋଇଥିଲା। ପରେ ରଥ ଟଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବିଜେ କାହାଳି ବାଜିବା ପରେ ବାଟରେ ଅଟକି ଥିବା ଦର୍ପଦଳନ ଏବଂ ନନ୍ଦିଘୋଷ ରଥ ପୁଣି ଥରେ ଟଣାଯାଇଥିଲା। ଭକ୍ତମାନେ ହରିବୋଲ, ହୁଳହୁଳି ସହ ଜୟ ଜଗନ୍ନାଥ ଧ୍ୱନି ଦେଇ ଦୁଇ ରଥକୁ ଶ୍ରୀଗୁଣ୍ଡିଚା ଅଭିମୁଖେ ଟାଣି ନେଇଥିଲେ। ଦୁଇ ରଥ ଘର୍ଘର ନାଦ କରି ବଡ଼ଦାଣ୍ଡରେ ଭକ୍ତଙ୍କ ଗହଣରେ ଗଡ଼ିଥିଲା। ସକାଳ ୧୦ଟା ୨୫ରେ ଶ୍ରୀଗୁଣ୍ଡିଚା ସମ୍ମୁଖରେ ଦର୍ପଦଳନ ଏବଂ ୧୦ଟା ୩୫ରେ ନନ୍ଦିଘୋଷ ରଥ ଲାଗିଥିଲା। ଭକ୍ତମାନେ ତିନି ରଥରେ ଦାରୁବିଗ୍ରହଙ୍କ ଦର୍ଶନ କରିଥିଲେ। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତଙ୍କ ଭିଡ଼ ଲାଗିରହିଥିଲା।

## ସାଢ଼େ ୪ ଘଣ୍ଟା ନୀତି ବିଳମ୍ବ: ଉପାସ ରହିଲେ ଠାକୁର

ବୁଧବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଛି ତିନି ରଥ। ମଙ୍ଗଳବାର କେବଳ ତାଳଧ୍ୱଜ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିବାବେଳେ ବୁଧବାର ସକାଳେ ଦର୍ପଦଳନ ଓ ନନ୍ଦିଘୋଷ ରଥକୁ ଟାଣିନିଆଯାଇ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଯାଇଥିଲା। ତେବେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ନୀତିକାନ୍ତିରେ ପ୍ରାୟ ସାଢ଼େ ୪ଘଣ୍ଟା ବିଳମ୍ବ ଦେଖିବାକୁ ମିଳିଛି। ଫଳରେ ଠାକୁରମାନେ ଉପାସରେ ରହିଥିଲେ। ଏ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ କରାଯିବା ସହ କାର୍ଯ୍ୟ ଅନୁଧ୍ୟାନ ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଏଭଳି ନୀତି ବିଳମ୍ବକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସେବାୟତ ଓ ପ୍ରଶାସନ ମଧ୍ୟରେ ସୁସମନ୍ୱୟ ଅଭାବରୁ ନୀତି ବିଳମ୍ବ ହୋଇଥିବା ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି। ତେବେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଆଜି ଚନ୍ଦ୍ରର ଅତି ନିକଟରେ ଦେଖାଯିବ ଶୁକ୍ର ଓ ମଙ୍ଗଳ ଗ୍ରହ

ଭୁବନେଶ୍ୱର, ୨୧।୬ (ବନ୍ଦନା ସେଠୀ)

ଗୁରୁବାର ସନ୍ଧ୍ୟାରେ ଶୁକ୍ର ଓ ମଙ୍ଗଳ ଗ୍ରହର ଖୁବ୍ ନିକଟରେ ଚନ୍ଦ୍ର ଦେଖାଯିବ। ପଶ୍ଚିମ ଆକାଶରେ ଶୁକ୍ର ଉଜ୍ଜ୍ୱଳ ଓ ମଙ୍ଗଳ ଗ୍ରହ ଫିକା ଲାଲ ରଙ୍ଗର ଦେଖାଯିବ। ତେବେ ଚନ୍ଦ୍ର ସହିତ ଏମାନଙ୍କ କୌଣିକ ଦୂରତା ପ୍ରାୟ ୨ରୁ ୪ ଡିଗ୍ରୀ ରହିବ। ପରଦିନ ଅର୍ଥାତ୍ ୨୩ ତାରିଖରେ ଚନ୍ଦ୍ର ସହ ସେମାନଙ୍କ କୌଣିକ ଦୂରତା ପ୍ରାୟ ୧୫-୧୭ ଡିଗ୍ରୀକୁ ବୃଦ୍ଧି ହେବ। ଆକାଶ ମେଘମୁକ୍ତ ରହିଲେ ଜୁନ୍ ଶେଷ ସପ୍ତାହ ବା ଜୁଲାଇ ୩୦ ଯାଏ ସବୁଦିନ ସନ୍ଧ୍ୟା ୭ଟାରୁ ୮ଟା ପ୍ରାୟ ଏକଘଣ୍ଟା ଧରି ଉଜ୍ଜ୍ୱଳ ଶୁକ୍ର ଗ୍ରହକୁ ପଶ୍ଚିମ ଆକାଶରେ ଖାଲି ଆଖିରେ ଦେଖିହେବ। ସେହି ସମୟରେ ଶୁକ୍ରର ଠିକ୍ ଉପରେ (ପ୍ରାୟ ୨ରୁ ୪ଡିଗ୍ରୀ) ଫିକା ଲାଲ ରଙ୍ଗର ମଙ୍ଗଳ ଗ୍ରହ ମଧ୍ୟ ଖାଲି ଆଖିରେ ଦେଖାଯିବ। ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଜୁଲାଇ ୨୮ରେ ଶୁକ୍ର ଗ୍ରହକୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ଏହା ଦ୍ୱିତୀୟ ଚନ୍ଦ୍ର ପରି ବଙ୍କୁଲି ଦେଖାଯିବ। ଚନ୍ଦ୍ର କଳାର ହ୍ରାସ ବୃଦ୍ଧି ପରି ଶୁକ୍ର ଗ୍ରହର ମଧ୍ୟ କଳାର ହ୍ରାସ ବୃଦ୍ଧି ହୋଇଥାଏ, ଯାହାକି ଖାଲି ଆଖିରେ ଦେଖାଯାଏ ନାହିଁ। କିଛିଦିନ ବ୍ୟବଧାରେ ଶୁକ୍ର ଗ୍ରହକୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିହେବ ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।


UTKAL UNIVERSITY
M.TECH. (IT)
ADMISSION 2023-24

Applications are invited for admission for the 2 Year Full time Program on M.Tech in Information Technology in the department for the academic session 2023-24 under PPP mode.

ELIGIBILITY FOR ADMISSION:

(I) Master's Degree in Computer Science/Information Technology/Computer Applications /Statistics/ Mathematics/ Physics/Electronic Sciences or any other qualification considered equivalent.

(II) Bachelor's Degree in Engineering/Technology or any other qualification considered equivalent (such as AMIEE or DOEACC 'B' Level). Candidates waiting for final result can also apply.

Last date of issue and submission of application form 05.07.2023

Date of Entrance : 15.07.2023

For more details visit the website: www.citeutkal.com

CONTACT:
Course Director, Centre for IT Education, M.Tech.(IT)
P.G. Department of Statistics, Utkal University,
Vani Vihar, Bhubaneswar-751004
Tel: 0674-2567711, MOB: 9438014469 / 6371615706
e-mail: centreforiteducation@gmail.com / citeutkal@gmail.com

Chairman, P.G. Council







# ଇଚ୍ଛାଧୀନ କୋଟା ଟାସ୍କଫୋର୍ସ ରିପୋର୍ଟ ସଂଶୋଧନକୁ କ୍ୟାବିନେଟ ମୋହର

ଭୁବନେଶ୍ୱର, ୨୧।୬ (ଅନିଲ ଦାସ)

ଇଚ୍ଛାଧୀନ କୋଟା ବଳରେ ସରକାରୀ ଜମି ହାତେଇଥିବା ବ୍ୟକ୍ତିଙ୍କୁ ଆଇନଗତ ମାଲିକାନା ହକ୍ ଦେବା ନେଇ ୭ମାସ ବ୍ୟବଧାନରେ ଦ୍ୱିତୀୟ ଥର ପାଇଁ ଟାସ୍କଫୋର୍ସଙ୍କ ନିଷ୍ପତ୍ତିର ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ବୁଧବାର ଅନୁମୋଦନ କରିଛି। ଏଥିରେ ଟାସ୍କଫୋର୍ସ ରିପୋର୍ଟ ପରିଶିଷ୍ଟ 'ଡିଏ'ରେ ଉଲ୍ଲିଖିତ ଦଖଲ ପରବର୍ତ୍ତୀ ହସ୍ତାନ୍ତର ମାମଲାଗୁଡ଼ିକରେ ଲିଜ୍ ଦଲିଲ ସମ୍ପାଦନ ଓ ଅନ୍ୟାନ୍ୟ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟାବଳୀ ସମ୍ପର୍କିତ ନିଷ୍ପତ୍ତି ଉପରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛନ୍ତି। ଟାସ୍କଫୋର୍ସ ତାଙ୍କ ରିପୋର୍ଟରେ ଅନୁଚ୍ଛେଦ ୪୮(୭)ରେ ସୁପାରିସ କରିଛନ୍ତି ଯେ, ଇଚ୍ଛାଧୀନ କୋଟା ଆବଣ୍ଟନଗ୍ରାହୀ ଓ ଏକାଧିକ ଆବଣ୍ଟନ ଗ୍ରାହୀମାନଙ୍କ ଦ୍ୱାରା ଦଖଲ ପରବର୍ତ୍ତୀ ହସ୍ତାନ୍ତର ମାମଲାଗୁଡ଼ିକ ରଦ୍ଦ କରାଯିବା ଉଚିତ୍। ଏହି ରିପୋର୍ଟରେ ଏହା ମଧ୍ୟ ସୂଚିତ ହୋଇଛି ଯେ, ନ୍ୟାୟସଙ୍ଗତ ଉପାୟରେ ବିହିତ ପ୍ରକ୍ରିୟା ଓ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣରେ ପ୍ରାପ୍ତ ହୋଇଥିବା ଏକକ ପ୍ଲଟ/ ଗୃହ/ ଫ୍ଲାଟର ଆବଣ୍ଟନ କ୍ଷେତ୍ରରେ ଏହା ରଦ୍ଦ କରାଯିବ ନାହିଁ। କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି ଯେ, ନ୍ୟାୟସଙ୍ଗତ ଉପାୟରେ ଏବଂ ବିହିତ ପ୍ରକ୍ରିୟା ଓ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣରେ ଆବଣ୍ଟିତ ଏକକ ପ୍ଲଟ/ଫ୍ଲାଟ/ଗୃହ (ଯାହା ଦଖଲ ସ୍ୱତ୍ୱ ଭିତ୍ତିରେ ପରବର୍ତ୍ତୀ ସମୟରେ ମୂଳ ଆବଣ୍ଟନ ଗ୍ରାହୀମାନଙ୍କ ଦ୍ୱାରା ବିଧିସମ୍ମତ ଉତ୍ତରାଧିକାରୀମାନଙ୍କୁ ହସ୍ତାନ୍ତର କରାଯାଇଛି), ସେଭଳି ମାମଲାଗୁଡ଼ିକୁ ଟାସ୍କଫୋର୍ସ ରିପୋର୍ଟ ପରିଧିରୁ ବାଦ୍ ଦିଆଯିବ। ସୂଚନାଯୋଗ୍ୟ, ରାଜ୍ୟରେ ଇଚ୍ଛାଧୀନ କୋଟାକୁ ନେଇ ହଟଚମଟ ପରେ ୨୦୧୧ରେ ସମସ୍ତ ଇଚ୍ଛାଧୀନ କୋଟାକୁ ରାଜ୍ୟ ସରକାର ରଦ୍ଦ କରି ଦେଇଥିଲେ। ଉକ୍ତ ରିପୋର୍ଟକୁ ୨୦୧୪ ଡିସେମ୍ବର ୧୮ରେ କ୍ୟାବିନେଟ ଅନୁମୋଦନ କରିଥିଲେ। ଟାସ୍କଫୋର୍ସ ରିପୋର୍ଟରେ ଅନୁଚ୍ଛେଦ ୪୮(୭)ରେ ସୁପାରିସ କରାଯାଇଛି ଯେ, ଇଚ୍ଛାଧୀନ କୋଟାରେ ପ୍ରଥମେ ପ୍ଲଟ ଓ ଘର ପାଇ ତାକୁ ଅନ୍ୟ ନାଁକୁ ଟ୍ରାନ୍ସଫର କରି ପୁଣିଥରେ ଦ୍ୱିତୀୟ ଥର ଇଚ୍ଛାଧୀନ କୋଟାରେ ପ୍ଲଟ୍ ଅବା ଘର ପାଇଥିବା ହିତାଧିକାରୀଙ୍କ ପୂର୍ବ ହସ୍ତାନ୍ତରଣକୁ ରଦ୍ଦ କରାଯିବ। ସେହିପରି ଏସବୁ ପାଇଁ ଅନୁମତି ଦେଇଥିବା ସିଡିଏ, ବିଡିଏ ଓ ଗୃହ ନିର୍ମାଣ ବୋର୍ଡର ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ତେବେ ଦୀର୍ଘ ୧୨ ବର୍ଷ ପରେ ମଧ୍ୟ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

### ଟାଟା ଷ୍ଟିଲ୍ ଗଞ୍ଜାମ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲକୁ ଭୂ-ରାଜସ୍ୱ, ଇନ୍‌ସିଡେଣ୍ଟାଲ ଚାର୍ଜ ଉପରୁ ସୁଧଛାଡ଼ କଲେ ସରକାର

ଏଥିସହିତ ଗଞ୍ଜାମ ଜିଲାର କନିଷି ତହସିଲ ଅନ୍ତର୍ଗତ ଶୀତଳପଲ୍ଲୀ ମୌଜାରେ ଟାଟା ଷ୍ଟିଲ ଲିମିଟେଡ୍ ଦ୍ୱାରା ମଲଟି ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦିଆଯାଇଥିବା ୪୩ ଏକର ୦୫୦ ଡିସିମିଲ ସରକାରୀ ଜମି ବାବଦରେ ସରକାର ଇନ୍‌ସିଡେଣ୍ଟାଲ ଚାର୍ଜ ଓ ଦଖଲ ଦିନଠାରୁ ଆଜି ପର୍ଯ୍ୟନ୍ତ ଲାଗୁ ହେଉଥିବା ଭୂ ରାଜସ୍ୱ ଓ ବାର୍ଷିକ ଦେୟ ସେସ୍ ଏବଂ ସମସ୍ତ ବକେୟା ଦେୟ ଉପରେ ସୁଧଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଜମିକୁ ଲିଜରେ ନେବା ନିମନ୍ତେ ଟାଟା ଷ୍ଟିଲ ବର୍ତ୍ତମାନଠାରୁ ରିହାତି ମୂଲ୍ୟରେ ଏକର ପ୍ରତି ୧୦୦ ଟଙ୍କା ହିସାବରେ ବାର୍ଷିକ ଭୂ ରାଜସ୍ୱ ଓ ଭୂ ରାଜସ୍ୱର ୭୫ ପ୍ରତିଶତ ହିସାବରେ ବାର୍ଷିକ ଦେୟ ପ୍ରଦାନ କରିବ। ରାଜସ୍ୱ ବିପର୍ଯ୍ୟୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

## ମହିଳାଙ୍କୁ ଗଣବଳାତ୍କାର ମାମଲା | ୪ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

କଟକ, ୨୧।୬ (କାର୍ତ୍ତିକ ସାହୁ)

କଟକ ଜିଲା ୪୨ ମୌଜା ଅଞ୍ଚଳରେ ୨୦୧୬ ଜୁଲାଇରେ ଘଟିଥିବା ଗଣବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। କଟକ ଜିଲା ଦୌରାଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ ଉକ୍ତ ମାମଲାର ବିଚାରକରି ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ସଞ୍ଜୟ ଦାସ(୨୫), ଗଦାଧର ଦାସ(୩୫), ଦିଲୀପ ଦାସ(୨୧) ଓ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ସିଙ୍ଗିରି ଗ୍ରାମର ଜଗା ଦାସ(୨୫)।

ମାମଲାର ବିବରଣୀରୁ ପ୍ରକାଶ, ଜଣେ ମହିଳା ତାଙ୍କ ସ୍ୱାମୀ ଓ ଝିଅ ସହ ୪୨ ମୌଜା ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ୨୦୧୬ ଜୁଲାଇ ୨୬ ତାରିଖ ରାତିରେ ଅଭିଯୁକ୍ତମାନେ ତାଙ୍କ ଘରୁ ଡକାୟତି କରିବା ସହ ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କୁ ଗଣବଳାତ୍କାର କରିଥିଲେ। ଏ ନେଇ କଟକ ସଦର ଥାନାରେ ଜୁଲାଇ ୨୭ରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୫୩/୨୦୧୬) ରୁଜୁ କରିଥିଲା। ପରେ ପୋଲିସ ତଦନ୍ତକରି ଅଭିଯୁକ୍ତମାନଙ୍କୁ ଭଦ୍ରକ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କଟକ ଜିଲା ଦୌରାଜଜ୍ ବିଚାରପତି ୧୪ ଜଣ ସାକ୍ଷୀ, ୩୫ଟି ପ୍ରମାଣ ଆଧାରରେ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ଦଫା ଅନୁଯାୟୀ ଅଲଗା ଦଣ୍ଡବିଧାନ କରାଯାଇଛି। ଅଭିଯୁକ୍ତମାନଙ୍କୁ ୩୭୬(ଘ) ଦଫାରେ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ସେହିପରି ୪୫୮ ଦଫାରେ ୭ ବର୍ଷ କାରାଦଣ୍ଡ ସହ ୩୦୦୦ ଟଙ୍କା ଲେଖାଏ ଜରିମାନା କରାଯାଇଛି। ୩୯୪ ଦଫାରେ ୭ ବର୍ଷ କାରାଦଣ୍ଡ ସହ ୩୦୦୦ ଟଙ୍କା ଲେଖାଏ ଜରିମାନା କରାଯାଇଛି। ସେହିପରି ୫୦୬(ଖ) ଦଫାରେ ୨ ବର୍ଷ କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା କରାଯାଇଛି। ତେବେ ଏ ସମସ୍ତ କାରାଦଣ୍ଡାଦେଶ ଏକକାଳୀନ ଲାଗୁ ହେବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।

# ଅବଢ଼ା ଯୋଜନା ବ୍ୟୟ ଅଟକଳ ବଢ଼ିଲା

**କ୍ୟାବିନେଟ ନିଷ୍ପତ୍ତି**

**■ ଶିଳ୍ପକୁ ଦୀର୍ଘମିଆଦୀ କଞ୍ଚାମାଲ ଯୋଗାଣ ପ୍ରସ୍ତାବକୁ ଅନୁମୋଦନ**

**■ ମଝିଘରିଆଣୀ ମନ୍ଦିର ଜମି ପାଇଁ ପ୍ରିମିୟମ୍ ଛାଡ଼**

**■ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା: ୫ ବର୍ଷରେ ଖର୍ଚ୍ଚ ହେବ ୩,୩୫୪.୪୦ କୋଟି**

ଭୁବନେଶ୍ୱର, ୨୧।୬ (ଅନିଲ ଦାସ)

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟରେ ପରିଣତ ଓ ଏହାର ସଂରକ୍ଷଣ ପୁନର୍ଜୀବିତ କରିବା ପାଇଁ ସରକାର ଅବଢ଼ା ଯୋଜନା କରିଛନ୍ତି। ପୂର୍ବରୁ ଏହି ଯୋଜନା ପାଇଁ ୩,୨୦୮ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ଏହି ଯୋଜନା ଅଧୀନରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରକଳ୍ପର କାର୍ଯ୍ୟକାରିତା ସମୟରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ କିଛି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଯୋଜନାର ମୋଟ ଅଟକଳ ୪,୨୨୪.୨୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଅଟକଳକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ଏହି ଯୋଜନାର ଅବଧି ୨୦୧୭-୧୮ରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ଲଙ୍ଗ୍ ଟର୍ମ ଲିଙ୍କେଜ୍ (ଏଲ୍‌ଟିଏଲ୍) ନୀତି-୨୦୨୨ ପରିବର୍ତ୍ତେ ରାଜ୍ୟଭିତ୍ତିକ ଶିଳ୍ପଗୁଡ଼ିକୁ କଞ୍ଚାମାଲ ସୁରକ୍ଷା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ଖଣି ନିଗମ(ଓଏମ୍‌ସି) ମାଧ୍ୟମରେ ଏଲ୍‌ଟିଏଲ୍ ନୀତି-୨୦୨୩ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ଶିଳ୍ପଗୁଡ଼ିକୁ ଦୀର୍ଘମିଆଦୀ କଞ୍ଚାମାଲ ଓଏମ୍‌ସି ଜରିଆରେ ଯୋଗାଇ ଦିଆଯିବ। ଏଥିସହିତ ସମସ୍ତ ଖଣିଜ ପଦାର୍ଥଗୁଡ଼ିକର ମୂଲ୍ୟ ସ୍ଥିର କରିବା ପାଇଁ ପ୍ରଚଳିତ ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀରେ ସମାନତା ନିଶ୍ଚିତ କରାଯାଇଛି। ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ରାୟଗଡ଼ା ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାରେ ଭାରତୀୟ ରେଳ ବିଭାଗଠାରୁ ସମାନ ପରିମାଣ ଓ ସମାନ ମୂଲ୍ୟର ଜମି ସହିତ ବଦଳ କରି ଆଣିଥିବା ଏ୬.୩୦ ଡିସିମିଲ ଜମିକୁ ମା' ମଝିଘରିଆଣୀ ମନ୍ଦିରର ଭିତ୍ତିଭୂମି ବିକାଶ ପାଇଁ ପ୍ରିମିୟମ ଛାଡ଼ ଓ ଇନ୍‌ସିଡେଣ୍ଟାଲ ଚାର୍ଜରେ ମନ୍ଦିର ପରିଚାଳନା ଟ୍ରଷ୍ଟକୁ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଟ୍ରଷ୍ଟକୁ ରିହାତି ଦରରେ ଏକର ପିଛା ୧୦୦ ଟଙ୍କା ହିସାବରେ ବାର୍ଷିକ ଭୂ- ରାଜସ୍ୱ ଓ ଭୂ- ରାଜସ୍ୱର ୭୫% ହିସାବରେ ଦେବାକୁ ପଡ଼ିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର ମିଳିଛି।

ସେହିପରି ରାଜ୍ୟର ସମସ୍ତ ଜିଲାର କିଶୋରୀ ବାଳିକା (୧୫ରୁ ୧୯ ବର୍ଷ), ଗର୍ଭବତୀ ମହିଳା ଓ ପ୍ରସୂତି ଏବଂ ଶିଶୁମାନଙ୍କ ପୁଷ୍ଟି ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବୁଧବାର ରାଜ୍ୟ କ୍ୟାବିନେଟ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନା ୨୦୨୩-୨୪ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେବା ସହ ଆସନ୍ତା ୫ ବର୍ଷ ପାଇଁ ୩୩୫୪.୪୦ କୋଟି ଟଙ୍କା ବ୍ୟୟମଞ୍ଜୁର କରାଯାଇଛି।

ଏହି ଯୋଜନାରେ କିଶୋରୀମାନଙ୍କର ପୁଷ୍ଟିଗତ ଉନ୍ନତି ନିମନ୍ତେ ଅଣ୍ଡା, ଲଡ୍ଡୁ, ପୁଷ୍ଟିକର ଖାଦ୍ୟ ଇତ୍ୟାଦି ଯୋଗାଇ ଦିଆଯିବ। ଆଇସିଡିଏସ୍ ସ୍ତରରେ କିଶୋରୀମାନଙ୍କର ରକ୍ତହୀନତା ସ୍କ୍ରିନିଂ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରାଯିବ। ସେହିପରି ଗର୍ଭବତୀ ମହିଳା ଓ ପ୍ରସୂତିମାନଙ୍କୁ ଘରେ ଅଣ୍ଡା, ମିଲେଟ ଏବଂ ପୁଷ୍ଟିକର ଖାଦ୍ୟ ପଦାର୍ଥ ଇତ୍ୟାଦି ଯୋଗାଇ ଦିଆଯିବ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଜୁନ୍, ୨୦୨୩

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। –ଶ୍ରୀମା



# ତିବ୍ବତୀୟ ରାମାୟଣ



ଦେବଦତ୍ତ ପଟ୍ଟନାୟକ

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ରାମାୟଣର କିଛି ଅଂଶ ଥିବା ୬ଟି ଅସମ୍ପୂର୍ଣ୍ଣ ପାଣ୍ଡୁଲିପି ଚାଇନାର ଝିନ୍‌ଜିଆଙ୍ଗ ଅଞ୍ଚଳରୁ ମିଳିଥିଲା। ଏଗୁଡ଼ିକୁ ଡୁନ୍‌ହୁଆଙ୍ଗର ମୋଗାଓ ଗୁମ୍ଫାରୁ ଠାବ କରାଯାଇଥିଲା। ମୋଗାଓ ଗୁମ୍ଫା ଏକ ପ୍ରତ୍ନତାତ୍ତ୍ୱିକ ସ୍ଥଳ। ଏହା ଝିନ୍‌ଜିଆଙ୍ଗ ସ୍ଥିତ ସିଲ୍କ ରୋଡର ପୂର୍ବସୀମାର ଶେଷରେ ଅବସ୍ଥିତ। ଏହି ସବୁ ପାଣ୍ଡୁଲିପିକୁ ପୁରାତନ ତିବ୍ବତୀୟ ଭାଷାରେ ପାଖାପାଖି ୮ମ ଶତାବ୍ଦୀରେ ଲେଖାଯାଇଛି। ଉକ୍ତ ରାମାୟଣରେ ବୌଦ୍ଧଧର୍ମ ରାମାୟଣ ସମ୍ପର୍କରେ କିଛି ସୂଚିତ କରାଯାଇଛି। କିନ୍ତୁ ଅନେକ ବିଷୟରେ ଏହା ବାଲ୍ମୀକି ରାମାୟଣ ସହିତ ଏହାର ପ୍ରଭେଦ ରହିଛି। ଏଥିରେ ପୁରାତନ ରୟାଲ ରାମାୟଣର କଳା ଓ ଶୈଳୀର ବିଶେଷତ୍ୱ ନିହିତ ଅଛି, ଯାହା ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆର ରାଜାମାନଙ୍କ ମଧ୍ୟରେ ଲୋକପ୍ରିୟ ଥିଲା। କିନ୍ତୁ ଭାରତର ଭକ୍ତି ରାମାୟଣ ସହ ଏହାର ସାମଞ୍ଜସ୍ୟ ନାହିଁ. ଅର୍ଥାତ୍ ଏହା ସମ୍ପୂର୍ଣ୍ଣ ବିପରୀତ। ଏଥିରେ ଦଶରଥ ଅର୍‌ହତ( ବୌଦ୍ଧ ସନ୍ନ୍ୟାସୀ)ଙ୍କୁ ପୂଜା କରୁଥିବା ଏବଂ ତାଙ୍କୁ ଈଶ୍ୱର ଏକ ଫୁଲ ଦେଇଥିବା କଥା ଦର୍ଶାଯାଇଛି। ଏହି ଫୁଲକୁ ବଡ଼ ରାଣୀ ଖାଇ ସାନ ରାଣୀଙ୍କୁ ବି ଖାଇବାକୁ ଦେଇଥିଲେ। ସାନ ରାଣୀ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ ଯାହାଙ୍କ ନାମ ରାମ। ବଡ଼ ରାଣୀ ଲକ୍ଷ୍ମଣଙ୍କୁ ଜନ୍ମ ଦେବା ପୂର୍ବରୁ ରାମଙ୍କର ଜନ୍ମ ହୋଇଥିଲା। କିଏ ରାଜା ହେବେ ତାହା ନିଷ୍ପତ୍ତି ନେବାରେ ରାଜା ଅକ୍ଷମ ହେବା ସହ ପ୍ରାଣ ତ୍ୟାଗ କଲେ। ସାନ ରାଣୀଙ୍କ ପୁଅ ରାମଙ୍କୁ ରାଜା ହେବା ଲାଗି ଚୟନ କରାଗଲା , କିନ୍ତୁ ସେ ଲକ୍ଷ୍ମଣଙ୍କ ପାଇଁ ରାଜପଦ ତ୍ୟାଗ କଲେ। ଲକ୍ଷ୍ମଣ ଏହା ବଦଳରେ ରାଜ ସିଂହାସନ ଉପରେ ରାମଙ୍କ ପାଦୁକା ସ୍ଥାପନ କରିଥିଲେ। କେବଳ ଏତିକି ନୁହେଁ , ସେ ରାମଙ୍କ ମନ୍ତ୍ରୀ ଭାବେ ରହିବାକୁ ପସନ୍ଦ କରିଛନ୍ତି। ଆମେ ତିବ୍ବତୀୟ ରାମାୟଣରେ ଭରତ ଓ ଶତ୍ରୁଘ୍ନଙ୍କ ବିଷୟରେ କିଛି ଶୁଣିବାକୁ ପାଇନାହୁଁ। ବନବାସର ନିର୍ବାସନ ଜୀବନ ସମ୍ପର୍କରେ ମଧ୍ୟ କୌଣସି କଥା ଏଥିରେ ଉଲ୍ଲେଖ ନାହିଁ।

ଏହି ରାମାୟଣରେ ଏକ ଅଜବ କଥା ବର୍ଣ୍ଣନା କରାଯାଇଛି। ସୀତାଙ୍କୁ ରାବଣଙ୍କ କନ୍ୟା ବୋଲି କୁହାଯାଇଛି (ଜୈନ ରାମାୟଣରେ ବି ଏହି ସମାନ କଥା ବର୍ଣ୍ଣନା ରହିଛି)। ଦିବ୍ୟବାଣୀ ଅନୁଯାୟୀ ରାବଣ ତାଙ୍କ ଶିଶୁ କନ୍ୟାଙ୍କୁ ଏକ ତମ୍ବା ବାକ୍ସରେ ରଖି ସମୁଦ୍ରକୁ ପକାଇ ଦେଇଛନ୍ତି। ପରେ ବାକ୍ସଟି ଭାସି ଭାସି ଯାଇ ଜଣେ କୃଷକ ଖୋଳିଥିବା ପାଣି ନାଳରେ ପହଞ୍ଚିଛି। କୃଷକ ଜଣକ ତାକୁ ପାଇଛନ୍ତି ଓ ସୀତାଙ୍କୁ କୋଳେଇ ନେଇଛନ୍ତି। ସମୟକ୍ରମେ ରାମଙ୍କ ସହ ତାଙ୍କର ବିବାହ ହୋଇଛି। ପରେ ରାମ ଓ ସୀତାଙ୍କ ବିଚ୍ଛେଦ ଘଟିଛି। ଏହା ରାବଣଙ୍କ ଭଉଣୀ ଫୁର୍‌ପଲାଙ୍କ ଯୋଗୁ ଘଟିଥିବା କୁହାଯାଇଛି, ଯାହାଙ୍କୁ ରାମ ନାପସନ୍ଦ କରିଥିବାରୁ ସେ ଅସନ୍ତୋଷ ଥିଲେ ବୋଲି ସୂଚିତ କରାଯାଇଛି। ଏହାସହ ଏଭଳି ବିଚ୍ଛେଦ ପଛରେ ଆଉ ଏକ କାରଣ ମଧ୍ୟ ଉଲ୍ଲେଖ କରାଯାଇଛି। ରାବଣ ପଠାଇଥିବା ରାକ୍ଷସ ହରିଣକୁ ଶିକାର କରିବାକୁ ରାମ ବାହାରକୁ ଯାଇଥିବାବେଳେ ଲକ୍ଷ୍ମଣ ତାଙ୍କ ସହ ଯାଇ ନ ଥିବାରୁ ସୀତା ଭୁଲ୍ ବଶତଃ ଲକ୍ଷ୍ମଣଙ୍କ ଏଭଳି ନୀଚ ବିଚାରକୁ ନେଇ ତାଙ୍କୁ ଦୋଷାରୋପ କରିଛନ୍ତି। ଫଳରେ ରାମଙ୍କୁ ରକ୍ଷା କରିବା ଲାଗି ଲକ୍ଷ୍ମଣ ଯାଇଛନ୍ତି। ଏହି ସମୟରେ ସୀତାଙ୍କୁ ଅପହରଣ କରିବା ପାଇଁ ରାବଣ ବିଭିନ୍ନ ରୂପରେ ଆସିଛନ୍ତି। ପ୍ରଥମେ ସେ ଏକ ସୁନ୍ଦରୀ ହାତୀ ରୂପରେ ଆସି ତାଙ୍କ ଉପରେ ବସିବାକୁ ଲୋଭ ଦେଖାଇଛନ୍ତି। ପରେ ପୁଣି ଏକ ଘୋଡ଼ା ହୋଇ ଆସିଛନ୍ତି ଓ ତାଙ୍କ ଉପରେ ବସିବାକୁ କହିଛନ୍ତି। ହେଲେ ସୀତା ଉଭୟଙ୍କ ଉପରେ ବସିବାକୁ ମନା କରିଛନ୍ତି। ଫଳରେ ସୀତା ଯେଉଁଠି ଠିଆ ହୋଇଥିଲେ ସେହି ମାଟି ସହ ତାଙ୍କୁ ଉଠାଇ ନେଇଯାଇଛନ୍ତି। ସୀତାଙ୍କ ବିନା ସମ୍ମତିରେ ତାଙ୍କୁ ଛୁଇଁଲେ ସେ ଅଗ୍ନି ପିଣ୍ଡୁଳା ହୋଇଯିବାର ଭୟ ଥିବାରୁ ସେ ଏହି ଉପାୟରେ ତାଙ୍କୁ ଅପହରଣ କରିଛନ୍ତି। ଏହି ପ୍ରକାର ଅପହରଣ ବିଷୟ ବି ତାମିଲ ରାମାୟଣରେ ଅଛି।



ଅପହରଣ ପରେ ସୀତାଙ୍କୁ ରାମ ଖୋଜୁଥିବାବେଳେ ହଠାତ ତାଙ୍କ ସାମ୍ନାରେ ପଡ଼ିଛି ଏକ କଳା ନଦୀ। ଏହି ନଦୀରେ ସୁଗ୍ରୀବଙ୍କ ଅଖି, କାନ ଓ ନାକରୁ ଝରୁଥିବା ଲହୁ ବହିଯାଉଛି। ସୁଗ୍ରୀବଙ୍କ ବଡ଼ ଭାଇ ବାଳି ତାଙ୍କୁ ଆଘାତ ଦେବା ପରେ ଏଭଳି ରକ୍ତ ବହିଛି ବୋଲି କୁହାଯାଇଛି। ସୁଗ୍ରୀବ ତାଙ୍କ ଲଞ୍ଜରେ ଏକ ଆଇନା ବାନ୍ଧିଛନ୍ତି ଓ ବାଳିକୁ ସଶସ୍ତ୍ର ଯୁଦ୍ଧ ପାଇଁ ଆହ୍ୱାନ କରିଛନ୍ତି । ରାମଙ୍କ ଦ୍ୱାରା ତାଙ୍କ ବଡ଼ ଭାଇଙ୍କ ବଧ କରାଇଛନ୍ତି ଓ ଏହା ବଦଳରେ ସୁଗ୍ରୀବ ସୀତାଙ୍କୁ ଖୋଜି ଆଣିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ସୀତାଙ୍କୁ ଖୋଜିବା ସମୟରେ ହନୁମାନଙ୍କର ସ୍ୱୟଂପ୍ରହାଙ୍କ ସହ ଗୋଟିଏ ଗୁମ୍ଫାରେ ସାମ୍ନାସାମ୍ନି ହୋଇଛନ୍ତି ଏବଂ ଡେଣାବିହୀନ ସମ୍ପାତି ସମୁଦ୍ର କୂଳରେ ଭେଟ ହୋଇଛନ୍ତି (ଏହି ବିଷୟ ବାଲ୍ମୀକି ରାମାୟଣରେ ବି ଅଛି)।

ଚିଠି ଲେଖା ବିଷୟ ତିବ୍ବତୀୟ ରାମାୟଣର ଏକ ନିଆରା କଥା। ଲଙ୍କା ଆକ୍ରମଣରେ ସୁଗ୍ରୀବ ବିଳମ୍ବ କରିବାରୁ ରାମ ତାଙ୍କୁ ଚିଠି ଲେଖିଥିଲେ। ଅପହରଣ ପରେ ସୀତା ଏକୁଟିଆ ଥିବା ସମୟରେ ରାମ ସୀତାଙ୍କ ପାଖକୁ ଶୀଘ୍ର ଫେରୁଛନ୍ତି ବୋଲି ଚିଠିରେ ଲେଖିଛନ୍ତି। ସୀତା ମଧ୍ୟ ଏକ ଚିଠି ଲେଖି ତାହାର ଉତ୍ତର ଦେଇଛନ୍ତି। ସୁଗ୍ରୀବଙ୍କ ମୃତ୍ୟୁ ପରେ ତାଙ୍କ ସାମ୍ରାଜ୍ୟର ଭାର ହନୁମାନ ସମ୍ଭାଳିଛନ୍ତି ଓ ରାମଙ୍କ ସହିତ ସେ କିଛି ସମ୍ପର୍କ ରଖି ନ ଥିବାରୁ ରାମ ତାଙ୍କୁ ଚିଠି ଲେଖି ଧିକାର କରିଛନ୍ତି।

ଯୁଦ୍ଧ ସମୟରେ ରାବଣ ଅଦୃଶ୍ୟ ହୋଇଯାଇଛି। କିନ୍ତୁ କ୍ଷେତ୍ରିୟ ଧର୍ମକୁ ବିଚାରକୁ ନେଇ ଅନ୍ତତଃ ପକ୍ଷେ ତାଙ୍କ ଶରୀରର ଏକ ଅଂଶ ଦେଖାଇବା ଲାଗି ରାମ ଆହ୍ୱାନ ଦେଇଛନ୍ତି। ପରେ ରାବଣ ତାଙ୍କ ଦକ୍ଷିଣ ପାଦ ଦେଖାଇଛନ୍ତି। ଡହାଣ ପାଦକୁ ଦେଖିବା ପରେ ରାବଣର ଦଶ ମୁଣ୍ଡ କେଉଁ ସ୍ଥାନରେ ରହିଛି ତାହା ଆକଳନ କରି ତାଙ୍କୁ ମାରିବା ଲାଗି ଦକ୍ଷିଣ ମୁଣ୍ଡକୁ ତୀର ଚଳାଇବାକୁ ସକ୍ଷମ ହୋଇଛନ୍ତି ରାମ । ରାବଣର ଦଶ ମୁଣ୍ଡ ମଧ୍ୟରେ ପ୍ରଥମଟି ହେଉଛି ଏକ ଘୋଡା କିମ୍ବା ଗଧର, ଯେଉଁଠି ଜୀବନ ରହିଛି। ଏହା ପହାରି କ୍ଷୁଦ୍ର ଛିଦ୍ରରେ ବି ଦର୍ଶାଯାଇଛି। ତିବ୍ବତ ରାମାୟଣରେ ରାମ ସୀତାଙ୍କ ସତୀତ୍ୱ ଉପରେ ସନ୍ଦେହ ପ୍ରକଟ କରିଛନ୍ତି ଓ ତାଙ୍କୁ ରାଜ ପ୍ରାସାଦରୁ ବାହାର କରିଦେଇଛନ୍ତି। ସୀତାଙ୍କ ନିର୍ଦ୍ଦୋଷ ସପକ୍ଷରେ ହନୁମାନ ସଫଳତାର ସହ ଯୁକ୍ତି ବାଢ଼ିଛନ୍ତି। ଶେଷରେ ପୁଣି ରାମ ଓ ସୀତା ଏକାଠି ହୋଇ ଆନନ୍ଦରେ ରହିଛନ୍ତି।

–devduttofficial@gmail.com

# ନିମନ୍ତ୍ରଣ ଯାତନା



ଯଦୁମଣି ପାଣିଗ୍ରାହୀ

ବାହାଘର, ବ୍ରତୋପନୟନ ଓ ଜନ୍ମଦିନ ପାଳନ ଆଦି ଅବସରରେ ନିଜର ପ୍ରିୟ ପରିଜନ, ପାଖ ପଡ଼ିଶା ଓ ଗାଁ ଲୋକ, ବନ୍ଧୁବାନ୍ଧବ ତଥା ଚିହ୍ନା ପରିଚିତ ଲୋକଙ୍କୁ ଭୋଜି ଖାଇବାକୁ ନିମନ୍ତ୍ରଣ କରାଯାଇଥାଏ। ଏଭଳି ପରମ୍ପରା ପୂର୍ବରୁ ପ୍ରଚଳିତ ଥିଲା ଓ ଆଜି ବି ରହିଛି। ତେବେ ଆଜିକାଲି ଉତ୍ସବ ଅନୁଷ୍ଠାନ ପାଳନ ଓ ଭୋଜିଭାତ ଆୟୋଜନର ତରିକା ବଦଳିଯାଇଛି। ଏସବୁ ଆଜି ତେବେ ସେ ଯାହାହେଉ ବର୍ତ୍ତମାନ ସମୟରେ ବିବାହ, ବ୍ରତ କି ଜନ୍ମଦିନର ନିମନ୍ତ୍ରଣ ରକ୍ଷା କରି ସେଠାକୁ ଯିବାକୁ ବଡ଼ ଲଜ୍ଜା ଓ ସଙ୍କୋଚ ଲାଗିଲାଣି। କାରଣ ଅଣ୍ଟିରେ ଧନ ନ ଥିଲେ ଆଜିକାଲି ଆଉ ନିମନ୍ତ୍ରଣ ରକ୍ଷାକରିବା ସମ୍ଭବ ନୁହେଁ। ଖାଲି ହାତରେ ସେସବୁ ଜାଗାକୁ ଯାଇ ଆପଣଙ୍କୁ ଅପମାନିତ ହେବାକୁ ପଡ଼ିବ। ମନେକରନ୍ତୁ ଆପଣ ଆପଣଙ୍କ ସାଙ୍ଗସାଥୀ, ସହକର୍ମୀ ତଥା ଚିହ୍ନା ପରିଚିତ ଲୋକର ଝିଅ ବାହାଘର ଭୋଜିର ନିମନ୍ତ୍ରଣ ପାଇ ସେଠାକୁ ଗଲେ। ସେଠି ପହଞ୍ଚିବା ପରେ ଆପଣ ପ୍ରଥମେ ଏକ ସୁସଜ୍ଜିତ ମଞ୍ଚରେ ଓ କନ୍ୟାବେଶରେ ଉପବେଶନ କରିଥିବା ଝିଅ କିମ୍ବା ନବ ବିବାହିତ ପତି-ପତ୍ନୀଙ୍କୁ ସାକ୍ଷାତ କରିବେ। ଆପଣ ସାଙ୍ଗରେ ନେଇଥିବା ଉପହାର ସାମଗ୍ରୀ କିମ୍ବା ଟଙ୍କା ଥିବା ଲଫାପାଟିକୁ ସେମାନଙ୍କ ହାତରେ ସଅଁପି ଦେବା ପରେ ଯାଇ ଭୋଜନସ୍ଥଳୀକୁ ଯିବେ। ବ୍ରତଘର ଓ ଜନ୍ମଦିନ ପାଳନ ନିମନ୍ତ୍ରଣ ରକ୍ଷା କରିବାକୁ ହେଲେ ମଧ୍ୟ ସେହି ସମାନ କଥା। ବେଦି ଉପରେ ବସିଥିବା ବ୍ରହ୍ମଚାରୀଙ୍କ ଥାଳିରେ ବ୍ରତଭିକ୍ଷା ଦେଇସାରିବା ପରେ ଆପଣ ଯାଇ ଖାଇବେ। ଜନ୍ମଦିନ ପାଳନ ଉତ୍ସବରେ ଆପଣ ଉପସ୍ଥିତ ହେଲେ ପିଲା ହାତରେ ଉପହାର ବାବଦକୁ କୌଣସି ଖେଳନା ସାମଗ୍ରୀ କିମ୍ବା ଟଙ୍କାଥିବା ଲଫାପାଟି ଦେଇ ଆପଣଙ୍କୁ ଭୋଜନସ୍ଥଳୀକୁ ଆଗେଇ ଯିବାକୁ ହେବ। ଏସବୁ ଦେବାନେବାରେ ସେମିତି କୌଣସି ପ୍ରଚଳିତ ବିଧିବ୍ୟବସ୍ଥା କିମ୍ବା ବାଧ୍ୟବାଧକତା ନ ଥିଲେ ମଧ୍ୟ ଏହା ଏକପ୍ରକାର ଧାରାରେ ପରିଣତ ହୋଇଗଲାଣି। ଆପଣଙ୍କ ପାଖରେ ଧନ ଅଛି କି ନାହିଁ ତାହା ଅଲଗା କଥା କିନ୍ତୁ ସମସ୍ତଙ୍କ ସହ ପାଦ ମିଳାଇ ଆପଣଙ୍କୁ ଚାଲିବାକୁ ପଡ଼ିବ। ଆପଣ ଯେବେ ଭୋଜିଭାତ ଆସରରେ ଯୋଗଦେଲେ କିନ୍ତୁ କିଛି ବି ଉପହାର ନ ଦେଇ ସିଧାସଳଖ ଭୋଜନସ୍ଥଳୀକୁ ପାଦ ବଢ଼ାଇଲେ ସେଠାରେ ଉପସ୍ଥିତ କିଛି ଲୋକ ଆପଣଙ୍କୁ ଚାହିଁବେ ଓ ଆପଣଙ୍କ ଉଦ୍ଦେଶ୍ୟରେ କିଛି ଟୀକାଟିପ୍ପଣୀ ଦେବାକୁ ବି ପଛେଇବେ ନାହିଁ।

ଆଜିକାଲି କି ଗରିବ କି ଧନୀ ସମସ୍ତେ ଆଡମ୍ବରପୂର୍ଣ୍ଣ ଭୋଜିଭାତ ଆୟୋଜନକୁ ପସନ୍ଦ କରୁଛନ୍ତି ଓ ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଉଛନ୍ତି। ଏଥିପାଇଁ ଧନୀ ଲୋକ ନିଜ ପାଖରେ ରଖିଥିବା ସମ୍ବଳର ବିନିଯୋଗ କରୁଥିବା ବେଳେ ନିର୍ଦ୍ଧନୀ ଲୋକଟେ ଇଚ୍ଛାକୃତ ଭାବେ ଧାରକରଜ କରି ନିଜର ପ୍ରତିଷ୍ଠା ଓ ପତିଆରା ବଢ଼େଇବାକୁ ଚେଷ୍ଟା କରୁଛି। ଗାଁଗହଳିଠାରୁ ସହର ବଜାରଯାଏ ସମସ୍ତେ ଏହି ଧାରାକୁ ଆପଣାଇ ନେଲେଣି। ମନେକରନ୍ତୁ ଆପଣ ଆପଣଙ୍କ ଅଞ୍ଚଳରେ ଜଣେ ଜଣାଶୁଣା, ପଦପଦବୀଧାରୀ ଓ ପରିଚିତ ବ୍ୟକ୍ତି। ଆପଣଙ୍କର ବି ଅନେକ ସାଙ୍ଗସାଥୀ ଓ ଚିହ୍ନା ପରିଚିତ ଲୋକ ଅଛନ୍ତି। ସେହି ଆଧାରରେ ଆପଣଙ୍କୁ ଗୋଟିଏ ବର୍ଷରେ ମନେକରନ୍ତୁ ୨୦ଟି ଭୋଜିକୁ ଯିବାଲାଗି ନିମନ୍ତ୍ରଣ ମିଳିଲା। ତେବେ ଆପଣ ଯଦି ସେସବୁ ନିମନ୍ତ୍ରଣ ରକ୍ଷାକରନ୍ତି ତେବେ ସ୍ଥଳ ବିଶେଷରେ ସର୍ବନିମ୍ନ ୨୦୦ ଟଙ୍କା ହିସାବରେ ମୋଟ ୪ହଜାର ଓ ସର୍ବୋଚ୍ଚ ୫୦୦ ଟଙ୍କା ହିସାବରେ ମୋଟ ୧୦ ହଜାର ଟଙ୍କା ଆପଣଙ୍କୁ ବାର୍ଷିକ ବ୍ୟୟ କରିବାକୁ ପଡ଼ିବ। ଆପଣ ଯଦି ଜଣେ ଅଭାବୀ କିମ୍ବା ସ୍ୱଳ୍ପ ରୋଜଗାରକ୍ଷମ ଲୋକ ହୋଇଥାଆନ୍ତି ତେବେ ଉକ୍ତ ଅର୍ଥ ଯୋଗାଡ଼ କରିବା ନିଶ୍ଚିତରୂପେ ଆପଣଙ୍କ ସାମର୍ଥ୍ୟର ବାହାରେ। ତେଣୁ ସମସ୍ତଙ୍କ ନିମନ୍ତ୍ରଣ ରକ୍ଷାକରିବା ଆପଣଙ୍କ ପକ୍ଷେ ହୁଏତ ସମ୍ଭବପର ନୁହେଁ। କେବଳ ସେତିକି ନୁହେଁ ଏଭଳି ନିମନ୍ତ୍ରଣ ଆପଣଙ୍କୁ ଖୁସି ବଦଳରେ କଷ୍ଟ ଦେବା ସୁନିଶ୍ଚିତ। ଆଜିକାଲି ଅନେକ କ୍ଷେତ୍ରରେ ବି ଦେଖାଯାଉଛି ଭୋଜିଭାତର ଆୟୋଜନ କରାଇଥିବା ଗୃହକର୍ତ୍ତା ପ୍ରାୟ ଯେତିକି ଅର୍ଥ ବ୍ୟୟ କରୁଛନ୍ତି ବେଳେବେଳେ ନିମନ୍ତ୍ରିତ ଅତିଥିମାନେ ତାହା ଭରଣା କରି ଦେଉଛନ୍ତି। ଉପହାର ବିଷୟଟିକୁ ବାଦ ଦେଲେ ଭୋଜିଭାତ କାର୍ଯ୍ୟକ୍ରମରେ ଅନେକ ଦିଗ ପ୍ରତି ଶେଷରେ ଏତିକି କୁହାଯାଇପାରେ ଯେ, ବିବାହ, ବ୍ରତ ଓ ଜନ୍ମଦିନ କାର୍ଯ୍ୟକ୍ରମରେ ଉପହାର ପ୍ରଦାନ ବ୍ୟବସ୍ଥା ଯେମିତି ବନ୍ଦ ହୋଇପାରିବ ସେ ଦିଗରେ ସମସ୍ତେ ପ୍ରୟାସ କରନ୍ତୁ। ଫଳରେ ଆମ ନିମନ୍ତ୍ରଣ ଜଣକୁ ଯାତନା ନୁହେଁ ବରଂ ଖୁସି ଦେଇପାରିବ।

ଶଂଖିଡା, ତିହିଡି, ଭଦ୍ରକ
ମୋ– ୯୯୩୭୫୬୫୫୨୭

## ଏଇ ଭାରତରେ

ବର୍ଜ୍ୟ ଜଳକୁ ବିଶୁଦ୍ଧ କରିବାରେ ଡ. ପ୍ରସନ୍ନ ଜଗଦେଓଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଜୈବିକ ପଦ୍ଧତି ଅର୍ଥାତ୍ ଡକ୍‌ୱିଡ (ଔଷଧୀୟ ଗୁଣ ଏକପ୍ରକାର ଦଳ) ଦ୍ୱାରା ଏହା କରୁଛନ୍ତି। ପ୍ରସନ୍ନ ମେରାଇନ ବାୟୋଟେକ୍‌ନୋଲୋଜିରେ ୟୁନିଭର୍ସିଟି ଅଫ ଇଷ୍ଟ ଆଙ୍ଗଲିୟା (ବ୍ରିଟେନ)ରେ ୨୦୦୯-୧୦ରେ ଡିଗ୍ରୀ ହାସଲ କରିବା ପରେ ୨୦୧୦ରେ ପୁଣେର ଫର୍ଗୁଶନ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ସେଠାରେ ପୂଜା ତେନ୍ଦୁଲକର ତାଙ୍କୁ ଏହି ଦଳ ବିଷୟରେ ଅବଗତ କରିଥିଲେ। ସେମାନେ ମିଳିତ ଭାବେ ଏହା ଉପରେ ଗବେଷଣା କରି ୱେଷ୍ଟ ୱାଟର ଟ୍ରିଟମେଣ୍ଟ କରିବାକୁ ସ୍ଥିର କରିଥିଲେ। ପରେ ସେମାନେ ଲିମନିୟନ (ଏକପ୍ରଜାତିର ଡକ୍‌ୱିଡ) ଗ୍ରୀନ୍ ସଲ୍ୟୁଶନ ଷ୍ଟାର୍ଟଅପ୍ ଗଠନ କରିଥିଲେ। ଏବେ ଏହି ଦଳ ମାଧ୍ୟମରେ ଛୋଟ ନଦୀ, ନାଳ ଓ ପୋଖରୀଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ସେମାନେ ୩୦ଟି ପ୍ରୋଜେକ୍ଟ ଶେଷ କରିସାରିଲେଣି। ସେମାନେ ବାୟୋଲୋଜିକାଲ ପଦ୍ଧତିରେ ଦିନକୁ ୧ କିଲୋ ଲିଟରରୁ ଆରମ୍ଭ କରି ୩,୦୦୦ କିଲୋଲିଟର ପର୍ଯ୍ୟନ୍ତ ଜଳକୁ ଜୀବାଣୁ ମୁକ୍ତ କରିପାରୁଛନ୍ତି। ଡକ୍‌ୱିଡର ୩୭ଟି ପ୍ରଜାତି ମଧ୍ୟରୁ ୪ କିମ୍ବା ୫ଟି ଭାରତରେ ଅଛି। କେବଳ ଏତିକି ନୁହେଁ, ଜଳାଶୟ କଡ଼ରେ ଦେଶୀ ଗଛ ସବୁ ରୋପଣ କରି ମୃତ୍ତିକା କ୍ଷୟ ରୋକିବା ଲାଗି ପଦକ୍ଷେପ ନେଉଛନ୍ତି ପ୍ରସନ୍ନ। ଜଳାଶୟ ପୁନରୁଦ୍ଧାର କାର୍ଯ୍ୟରେ ପ୍ରୋଜେକ୍ଟଗୁଡ଼ିକରେ ଛାତ୍ର ଏବଂ ସ୍ଥାନୀୟ ଗ୍ରମବାସୀମାନେ ଭାଗ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୯୮

- ତୁର୍କୀ ସେନାବାହିନୀ ସହ ଏକ ସଂଘର୍ଷରେ ୧୮ ଜଣ କୁର୍ଦ୍ଦ ବିଦ୍ରୋହୀ ନିହତ।
- ଇରାନ୍ ରାଷ୍ଟ୍ରପତି ମହମ୍ମଦ ଖାତାମୀ ଏକ ନୂଆ ପଦବୀ ସୃଷ୍ଟିକରି ତାଙ୍କର ସହଯୋଗୀ ଅବ୍‌ଦୁଲା ନୋରାଙ୍କୁ ଉପରାଷ୍ଟ୍ରପତି ପଦରେ ନିଯୁକ୍ତ କରିଛନ୍ତି।
- ତାମିଲନାଡୁର କୁଦାନକୁଲମଠାରେ ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଦୁଇଟି ଲାଇଟ୍ ୱାଟର ପାୱାର ରିଆକ୍ଟର ନିର୍ମାଣ କରିବା ନେଇ ଭାରତ ଓ ରୁଷ୍ ମଧ୍ୟରେ ଏକ ବଡ଼ଧରଣର ଆଣବିକ ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | | | | |
| | | 7 | | 8 | | | | 3 |
| 9 | | | | | | | 2 | |
| | | 2 | | | | | | 1 |
| 5 | | 8 | | | | | 7 | |
| | 7 | | | | 1 | 3 | | 6 |
| | | | | 7 | | 4 | 1 | |
| | | | | | 4 | | 5 | |
| | | | | | | 9 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 2 | 8 | 1 | 3 | 5 | 9 | 4 |
| 4 | 5 | 8 | 2 | 9 | 7 | 6 | 1 | 3 |
| 1 | 3 | 9 | 5 | 4 | 6 | 2 | 8 | 7 |
| 8 | 1 | 7 | 4 | 6 | 2 | 3 | 5 | 9 |
| 9 | 4 | 6 | 3 | 7 | 5 | 8 | 2 | 1 |
| 5 | 2 | 3 | 1 | 8 | 9 | 7 | 4 | 6 |
| 6 | 7 | 1 | 9 | 5 | 8 | 4 | 3 | 2 |
| 2 | 8 | 4 | 7 | 3 | 1 | 9 | 6 | 5 |
| 3 | 9 | 5 | 6 | 2 | 4 | 1 | 7 | 8 |

ଗତକାଲିର ଉତ୍ତର

# ମୂଲ୍ୟବୋଧଭିତ୍ତିକ ରାଜନୀତି



ହରେକୃଷ୍ଣ ପଣ୍ଡା

ଭାରତୀୟ ରାଜନୀତିରେ କ'ଣ ମୂଲ୍ୟବୋଧଭିତ୍ତିକ ରାଜନୀତିସମ୍ଭବ ହେବ ନାହିଁ ? ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଯେତେବେଳେ ସମ୍ଭବ ହୋଇନାହିଁ ତାହା ଏବେ କାହିଁକି ଆଗାମୀ ଭବିଷ୍ୟତରେ କଦାପି ସମ୍ଭବ ହେବ ନାହିଁ ବୋଲି ମନେହୁଏ । ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନକୁ ଯେତେବେଳେ ରାଜନୈତିକ ଦଳର ରାଜନେତାମାନେ ନ ପଢ଼ି,ନ ଜାଣି ଗଣତନ୍ତ୍ରକୁ ଚଳାଇ ଆସିଲେ, ଏପର୍ଯ୍ୟନ୍ତ କେହି ତ୍ରୁଟିପୂର୍ଣ୍ଣ ଚାଳନା ପାଇଁ ବାଧା ଦେଲେ ନାହିଁ, ସେତେବେଳେ ଗଣତନ୍ତ୍ରରୂପୀ ଗାଡ଼ିଟି ଆଗକୁ ନ ଚାଲିବ ବା କାହିଁକି ? ତ୍ରୁଟିପୂର୍ଣ୍ଣ ଚାଳନା ପାଇଁ ଗାଡ଼ିଟି କେତେବେଳେ ଯେ ବାଟରେ ଅଟକି ନ ଯିବ କିଏ କହିପାରିବ ? କଥାଟିକୁ ବୁଝାଇ କହିଲେ ଭଲ ହେବ। ଆମେ ଜାଣୁ ଗଣତନ୍ତ୍ରର ତିନୋଟି ମଜଭୁତ ସ୍ତମ୍ଭ ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଆଉ ନ୍ୟାୟପାଳିକା। ଆମ ଦେଶର ମେଧାବୀ ଯୁବ ଗୋଷ୍ଠୀ ଅଧ୍ୟୟନ କରିବା ସମୟରେ ଲକ୍ଷ୍ୟ ରଖି ଥାଆନ୍ତି ନିଜକୁ କିପରି ପ୍ରସ୍ତୁତ କରିବେ ନ୍ୟାୟପାଳିକାରେ, ଆଉ କିଛି ମେଧାବୀ ଲକ୍ଷ୍ୟ ରଖନ୍ତି କାର୍ଯ୍ୟପାଳିକାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ଆଉ କିଛି ଯୁବଗୋଷ୍ଠୀ ଆଶା ପୋଷଣ କରନ୍ତି ଯେକୌଣସି ସଂସ୍ଥାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ତେବେ ପିଲାଟି ବେଳୁ କେହି କୁହନ୍ତି ନାହିଁ ଯେ ମୁଁ ଜଣେ ସରପଞ୍ଚ,ଏମ୍‌ଏଲ୍‌ଏ,ଏମ୍‌ପି ହୋଇ ରାଜନୀତିରେ ପ୍ରବେଶ କରିବି ବୋଲି। ମେଧାବୀ ପିଲାମାନେ ଦେଶର ନ୍ୟାୟ ବିଭାଗରେ ଅଥବା ଆଇଏଏସ୍, ଓଏଏସ୍ ହୋଇ ବାହାରିବା ଉଚ୍ଚ ଆଶା ପୋଷଣ କରିଥାଆନ୍ତି। କେହି କେହି ଦେଶରେ ସ୍ୱାଧୀନ ଭାବେ ଜଣେ ଶିଳ୍ପପତି କିମ୍ବା ଉଦ୍ୟୋଗପତି ହୋଇଥାଆନ୍ତି। କିନ୍ତୁ ଜଣେ ରାଜନେତା, ରାଜନୀତିଜ୍ଞ କିମ୍ବା ଲୋକପ୍ରତିନିଧି ହେବା ଲକ୍ଷ୍ୟ କେହି ଆଶା ପୋଷଣ କରି ନ ଥାଆନ୍ତି। କାରଣ ଗଣତନ୍ତ୍ର ଶାସନରେ ଏମାନଙ୍କ ପାଇଁ ଯୋଗ୍ୟତା, ଜ୍ଞାନ, ଅଭିଜ୍ଞତା କୌଣସିଟିର ଆବଶ୍ୟକତା ନ ଥାଏ।

ତେବେ ପରିସ୍ଥିତି, ପରିବେଶ ଓ ସୁଯୋଗକୁ ନେଇ ଜଣେ ରାଜନେତା ବା ଲୋକପ୍ରତିନିଧି ହୋଇ ଥାଆନ୍ତି। କିନ୍ତୁ ଏମାନଙ୍କ ପାଇଁ କଠିନ ଅଗ୍ନି ପରୀକ୍ଷା ରହିଥାଏ, ଯାହା ଉପରୋକ୍ତ ଦୁଇଟି ସ୍ତମ୍ଭ ପାଇଁ ନ ଥାଏ। ତାହା ହେଲା ନିର୍ବାଚନ ବୈତରଣୀ ପାର ହେବା। ଜଣେ ପ୍ରଶାସକ ବା ଶିଳ୍ପପତି ବା ବିଭିନ୍ନ ସଂସ୍ଥାର ଉଚ୍ଚ ପଦ ପଦବୀ ମଣ୍ଡନ କରୁଥିବା ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ଅଧ୍ୟାପନା କଲେ ସେମାନେ ଲକ୍ଷ୍ୟ ହାସଲ କରିପାରନ୍ତି। ନିଜସ୍ୱ ମେଧା ବଳରେ ଜଣେ ଅଧ୍ୟାପକ କିମ୍ବା ବ୍ୟାଙ୍କ କର୍ମଚାରୀ କିମ୍ବା ଡାକ୍ତର, ଇଞ୍ଜିନିୟର ହୋଇପାରନ୍ତି। କିନ୍ତୁ ଲୋକ ପ୍ରତିନିଧି ହେବାକୁ ହେଲେ ଜ୍ଞାନ, ମେଧା ବା ଯୋଗ୍ୟତାକୁ ନ ନେଇ ଲୋକପ୍ରତିନିଧି ହୋଇପାରିବେ। ଅନ୍ୟ ଦେଶଗୁଡ଼ିକରେ ସାମାଜିକ କାର୍ଯ୍ୟ, ସେବା କରୁଥିବା ବ୍ୟକ୍ତି ଲୋକ ପ୍ରତିନିଧିଟିଏ ହୋଇପାରେ। ଏକଛତ୍ରବାଦୀ ଦେଶଗୁଡ଼ିକରେ ନିଜର ବାହୁବଳ ଥିଲେ ପ୍ରତିନିଧିଟିଏ ହୋଇପାରେ। ଦେଖିବାକୁ ଗଲେ ଲୋକ ପ୍ରତିନିଧିଟିଏ ହେବା ପାଇଁ ଏବେ ବାହୁବଳ, ଅର୍ଥବଳ, ଚତୁରତା ଆଦି କେତେକ ଶକ୍ତି ଆବଶ୍ୟକ । ଖାଲି ସେତିକି ନୁହେଁ ଦଳର ନେତୃବୃନ୍ଦଙ୍କ ଗୋଡ଼ାଣିଆ ହୋଇ ନ ଥିଲେ ସୁପାରିସ ପତ୍ର ପାଇବା ଅସମ୍ଭବ। ଗଣତାନ୍ତ୍ରିକ ଶାସନକୁ ଯିଏ ଯାଉଛନ୍ତି ସେମାନେ ଅଗଣତାନ୍ତ୍ରିକ ଉପାୟରେ ଯିବାକୁ ପଡୁଛି। ଦଳୀୟ ନେତୃବୃନ୍ଦଙ୍କ ସନ୍ତୁଷ୍ଟୀକରଣ ନିମନ୍ତେ କାମ କରିବାକୁ ହୁଏ। ଦେଶର ମୁଖ୍ୟ ଶାସକ କୁହେ ଆମେ ଦେଶର ଅଗଣିତ ଜନତାଙ୍କ ସେବା ପାଇଁ ଆସିଛୁ। ସେହି କଥାର କିଛି ପ୍ରାସଙ୍ଗିକତା ଥିବା ଜଣାପଡ଼େ ନାହିଁ । କାରଣ ଗାଦିର ମୋହ ଥରକ ପାଇଁ ନୁହେଁ, ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଥାଆନ୍ତି। କିନ୍ତୁ



ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଚୟନରେ ଯେଉଁ ମନ୍ତ୍ରିମଣ୍ଡଳ ଗଠନ କରାଯାଏ ,ସେମାନେ କ'ଣ ଦେଶ ସେବା ପାଇଁ କାମ କରନ୍ତି ? ସେମାନେ ମୁଖ୍ୟାଧିପତିଙ୍କ ସନ୍ତୁଷ୍ଟୀକରଣ ଓ ନିଜ ଦଳ ପାଇଁ କାମ କରନ୍ତି। ଏମାନଙ୍କର ଆଇନକାନୁନ, ସମ୍ବିଧାନ, ଲୋକଙ୍କ ଆଶା ଆକାଂକ୍ଷା ପ୍ରତି ଆଦୌ ଦୃଷ୍ଟି ନଥାଏ। ଏହା ଏବେକାର ରାଜନୈତିକ ପରମ୍ପରା। ଯେଉଁ ଦଳ ଗଣତାନ୍ତ୍ରିକ ଶାସନର ଭାର ବହନ କରୁଛନ୍ତି ସେହି ଦଳର ଗଣତାନ୍ତ୍ରିକ ଭିତ୍ତିଭୂମି ନ ଥିବା ଦେଖାଯାଏ। ଦଳୀୟ ନେତୃବୃନ୍ଦଙ୍କର ରାଷ୍ଟ୍ରଭକ୍ତି ଲୋକସେବା ଲକ୍ଷ୍ୟ ନ ଥାଏ, ଲକ୍ଷ୍ୟ ଥାଏ ଗାଦିନସୀନ ହେବା। ଆଉ ଗୋଟିଏ ପ୍ରଥା ଅଛି ଯେଉଁ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିବ ସେ ଶାସନ କରିବ। ଭାବି ଦେଖନ୍ତୁ ଯେଉଁ ଦଳ ଶାସନ ଗାଦି ଦଖଲ କଲା ସେ ଆଗାମୀ ଭବିଷ୍ୟତ ଚିନ୍ତା ଛାଡ଼ିପାରିବ କି ? ନିଜ ଦଳ ପ୍ରତି ଲୋକଙ୍କ ଆକର୍ଷଣ କିପରି ବୃଦ୍ଧି ପାଇବ ସେଥିପାଇଁ କାମ ନ କରିବ କି ? ନିଜ ମନ୍ତ୍ରିମଣ୍ଡଳର ଦୁର୍ବଳତାକୁ ପଦାରେ ପକାଇବାକୁ ଉଚିତ ମଣିବ କି ? ଏଭଳି ରାଜନୈତିକ ପରମ୍ପରାକୁ କେହି କ'ଣ ତ୍ୟାଗ କରିପାରିବେ ? ଏଠାରେ କୁହାଯାଇପାରେ ଗଣତାନ୍ତ୍ରିକ ପରମ୍ପରା ଖରାପ ନୁହେଁ, କେବଳ ଦୁର୍ବଳ ଅନଭିଜ୍ଞମାନେ ଏହାକୁ ଅବାଟରେ ନେଉଛନ୍ତି।

ଯେଉଁ ବିରୋଧୀ ଦଳ ଆଜି ପାଟି କରୁଛନ୍ତି, ଚିତ୍କାର କରି ବିରୋଧାଭାସ ପ୍ରକାଶ କରୁଛନ୍ତି, ସେମାନେ କ'ଣ ଏଭଳି ପରମ୍ପରାରୁ ଊର୍ଦ୍ଧ୍ୱରେ ଅଛନ୍ତି କି ? ଏମାନେ ଗାଦିଦସୀନ ହେଲେ କ'ଣ ଦଳ ପାଇଁ କାମ ନ କରି ଦେଶ ପାଇଁ କାମ କରିବେ ? ଏହା ଅସମ୍ଭବ । ମୂଲ୍ୟବୋଧ ରାଜନୀତିକୁ ଧରିଲେ କେହି ତିଷ୍ଠିବେ ନାହିଁ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଦଳର ନେତୃତ୍ୱ ଯିଏ ନେଉଛନ୍ତି ସେମାନଙ୍କ ଉପରେ ସବୁ କିଛି ନିର୍ଭର କରୁଛି। ପବିତ୍ର ଗଣତାନ୍ତ୍ରିକ ପଦ୍ଧତିକୁ କୌଣସି ଦଳ ଅନୁସରଣ କରନ୍ତି ନାହିଁ। ସେଥିପାଇଁ ନିର୍ବାଚନ କମିଶନର ଏମାନଙ୍କ ଉପରେ ତାଗିଦ କରିବା ଦେଖାଯାଏ, ଦଳର ସମ୍ବିଧାନ ସର୍ବ ସମ୍ମୁଖରେ ପ୍ରକାଶ କର। ଦଳ ଭିତରେ ନିର୍ବାଚନଭିତ୍ତିକ ନେତା ଓ କର୍ମକର୍ତ୍ତା ନିର୍ବାଚିତ କର। ଦଳୀୟ ପାଣ୍ଠିର ଅଡିଟ ରିପୋର୍ଟ ଦିଅ। ଏ କଥାକୁ ଯଦିଓ କେହି ମାନନ୍ତି ନାହିଁ ତଥାପି ସେମାନଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ବାଟ ଛାଡ଼ି ଦିଆଯାଏ। ଦଳୀୟ ପ୍ରାର୍ଥୀ ଚୟନ ପାଇଁ କୌଣସି ମାପଦଣ୍ଡ ନିର୍ବାଚନ କମିଶନର ରଖି ନାହାନ୍ତି। ତେଣୁ ରାଜନୈତିକ ଦଳର ନେତୃବୃନ୍ଦ ଅମାପ ଏକଛତ୍ରବାଦ କ୍ଷମତା ଉପଭୋଗ କରି ଚାଲିଛନ୍ତି। ଏପରିକି ଆଜାଦୀ କା ଆଳରେ ସାମ୍ପ୍ରଦାୟିକତା, ଦେଶ ବିରୋଧୀ ମାନସିକତା ନେଇ ଯେତେ ପ୍ରକାର ଅପଶକ୍ତି ଅଛି ତା'ର ବିନିଯୋଗରେ କ୍ଷମତାସୀନ ଦଳକୁ ପରାଜିତ କରିବା ଲକ୍ଷ୍ୟ ରଖି ଥାଆନ୍ତି। ଏ ଲଢ଼େଇରେ ଶାସକ ଦଳର ନେତୃବୃନ୍ଦ ରାଜକୋଷ, କ୍ଷମତାର ଅପବ୍ୟବହାର କରିବାକୁ ପଛାନ୍ତି ନାହିଁ। କାରଣ ଆମ ଦେଶର ଜନଚରିତ୍ର ହେଉଛି ଗୋଳିଆ ପାଣିରୁ ଫାଇଦା ହାସଲ କରିବା। ନିର୍ବାଚନ କମିଶନର ଯେତେବେଳେ ଏମାନଙ୍କ ଉପରେ ଅଙ୍କୁଶ ଲଗାଇ ନ ପାରନ୍ତି ଏହା ହେବା ସ୍ୱାଭାବିକ। ଫଳରେ ଦେଖାଯାଏ ବହୁ ଅପରାଧୀ ଅନଭିଜ୍ଞ ବ୍ୟବସ୍ଥାପିକାରେ ଅନାୟାସରେ ପ୍ରବେଶ କରିଯାଆନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହିମାନେ ଉପରୋକ୍ତ ଦୁଇଟି ସ୍ତମ୍ଭରେ ଥିବା ମେଧାବୀ ଜ୍ଞାନୀମାନଙ୍କ ଉପରେ ନାଲିଆଖି ଦେଖାଇ ଏମାନଙ୍କୁ ସମ୍ବିଧାନ ବହିର୍ଭୂତ ବାଟରେ ଚଲାନ୍ତି। ଶ୍ରୀଅରବିନ୍ଦ କହିଛନ୍ତି ଆମକୁ ଆଖି ନ ଥିବା ଡେଙ୍ଗା ବ୍ୟକ୍ତି ଆଗରେ ରହି ବାଟ ଦେଖାଉଛନ୍ତି, ଆମେ ଅନ୍ଧମାନେ ତାରି ପଛରେ ଚାଲୁଛୁ। ଏଭଳି ପରମ୍ପରା ବନ୍ଦ ନ ହେଲା ପର୍ଯ୍ୟନ୍ତ ଆମେ ଦୁର୍ଦ୍ଦଶା ଭୋଗ କରୁଥିବା। ମନେହୁଏ ବର୍ତ୍ତମାନର ରାଷ୍ଟ୍ରୀୟ ପରିସ୍ଥିତି ଯାହା, ଲୋକ ପ୍ରତିନିଧି ସବୁଆଡେ ନିରସ୍ତ୍ର, ନ୍ୟୁନ ଏବଂ ଅମଲାତନ୍ତ୍ରୀଙ୍କ ସେବାକାରୀ ପାଲଟିଯାଇଛନ୍ତି।

ଯାଜପୁର, ମୋ: ୯୪୩୭୩୧୫୬୨୩

## ପାଠକ ଶ୍ରେଷ୍ଠ ବିଚାରକ

### ତରବରିଆ ଗିରଫଦାରି ବନ୍ଦ ହେଉ

ମହାଶୟ,

ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଗତ ବର୍ଷ ଜୁଲାଇରେ ତରବରିଆ ଗିରଫଦାରିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଧାନ ନ୍ୟାୟାଧୀଶ କହିଥିଲେ ଯେ, ଦେଶରେ ବ୍ୟାପକ ଭାବେ ତରବରିଆ ଗିରଫଦାରି ହେଉଛି। ଅଭିଯୁକ୍ତଙ୍କୁ ଜାମିନ ମିଳିବାରେ ବିଳମ୍ବ ହେଉଛି। ସେ ମଧ୍ୟ ପରିସଂଖ୍ୟାନ ଦେଇଥିଲେ ଯେ, ଦେଶରେ ୬.୧୦ ଲକ୍ଷ କଏଦୀଙ୍କ ମଧ୍ୟରୁ ୮୦ ପ୍ରତିଶତ ବିଚାରାଧୀନ କଏଦୀ। ଏଭଳି ତରବରିଆ ଗିରଫଦାରି ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଏଣୁ ଜଣେ ଅଭିଯୁକ୍ତ ନ୍ୟାୟିକ ପ୍ରକ୍ରିୟାକୁ ବାରମ୍ବାର ଏଡେଇ ଦେଉଥିବା ସମ୍ପର୍କରେ ନିଶ୍ଚିତ ହେବା ପରେ ଏହା ଜାରି ହୋଇପାରିବ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଓ ମାର୍ଗଦର୍ଶନ ପ୍ରତି ପୋଲିସ ପ୍ରଶାସନ, ଅଧିବକ୍ତାମାନେ ଓ ଜନସାଧାରଣ ସଚେତନ ରହିବା ଉଚିତ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଲାଞ୍ଛନାର ଶେଳରାଶି
ଏ ଜୀବନେ ହାଣେ ଯେହୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ ! ନୟନର ଲୋର।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମୋଦି ସରକାର ଗରିବ ବିରୋଧୀ: କଂଗ୍ରେସ

## ଓଏମ୍ଏସ୍ଏସ୍‌ରେ ରାଜ୍ୟକୁ ଖାଦ୍ୟଶସ୍ୟ ବିକ୍ରି ବନ୍ଦକୁ ନେଇ ବର୍ଷିଲେ ଜୟରାମ

ନୂଆଦିଲ୍ଲୀ, ୨୧।୬(ପି.ଟି.)

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଗରିବ ବିରୋଧୀ ବୋଲି ବୁଧବାର କଂଗ୍ରେସ ଅଭିଯୋଗ କରିଛି। ଖୋଲା ବଜାର ବିକ୍ରି ଯୋଜନା (ଓଏମ୍ଏସ୍ଏସ୍)ରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଖାଦ୍ୟଶସ୍ୟ ବିକ୍ରି ବନ୍ଦ କରିଦେଇଛନ୍ତି। କର୍ଣାଟକ ସରକାରଙ୍କ ଅନ୍ନ ଭାଗ୍ୟ ଯୋଜନାକୁ ବନ୍ଦ କରିବା ପାଇଁ କେନ୍ଦ୍ର ଏଭଳି ନିଷ୍ପତ୍ତି ନେଇଥିବା କଂଗ୍ରେସ କହିଛି। କର୍ଣାଟକରେ କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ବିପିଏଲ୍ ପରିବାରକୁ ୧୦ କିଲୋଗ୍ରାମ ଲେଖାଏ ଚାଉଳ ଯୋଗାଇ ଦେବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଦଳର ୫ ନିର୍ବାଚନ ପୂର୍ବବର୍ତ୍ତୀ ଗ୍ୟାରେଣ୍ଟି ମଧ୍ୟରୁ ଅନ୍ନ ଭାଗ୍ୟ ଯୋଜନା ଅନ୍ୟତମ। ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟକୁ ଓଏମ୍ଏସ୍ଏସ୍‌ରେ ଚାଉଳ ବିକ୍ରି ବନ୍ଦ କରିବା ଷଡ଼ଯନ୍ତ୍ରପୂର୍ଣ୍ଣ ରାଜନୀତି ବୋଲି


ଜୟରାମ ରମେଶ

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଗତ ମେ' ୧୩ରେ କର୍ଣାଟକ ଜନସାଧାରଣ ପ୍ରଧାନମନ୍ତ୍ରୀ ଏବଂ ଭାଜପାକୁ ପ୍ରତ୍ୟାଖ୍ୟାନ କଲେ। ଜୁନ୍ ୨ରେ କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ରାଜ୍ୟରେ ଅନ୍ନଭାଗ୍ୟ ଗ୍ୟାରେଣ୍ଟି ଯୋଜନା ଜୁଲାଇରୁ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କଲେ। ଜୁନ୍ ୧୩ରେ କେନ୍ଦ୍ର ସରକାର ସର୍କୁଲାର ଜାରି କରି ଓଏମ୍ଏସ୍ଏସ୍‌ରେ ରାଜ୍ୟଗୁଡ଼ିକୁ ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ)ରୁ ଚାଉଳ ବିକ୍ରି ବନ୍ଦ କରିଦେଲେ। ଅନ୍ନ ଭାଗ୍ୟକୁ ବନ୍ଦ କରିବା ପାଇଁ ଏହା କରାଯାଇଥିବା ଜୟରାମ କହିଛନ୍ତି। କର୍ଣାଟକ ସରକାର ଏଫ୍‌ସିଆଇକୁ ଚାଉଳ କ୍ୱିଣ୍ଟାଲ ପ୍ରତି ୩,୪୦୦ ଟଙ୍କା ଦେବାକୁ ଚାହୁଁଥିଲେ। କିନ୍ତୁ ଉକ୍ତ ୱିଣ୍ଡୋକୁ ବନ୍ଦ କରିଦିଆଗଲା। ଅନ୍ୟପକ୍ଷରେ ଇଥାନୋଲ ଉତ୍ପାଦନ ଏବଂ ପେଟ୍ରୋଲ ବେଣ୍ଡିଂ ପାଇଁ ଏଫ୍‌ସିଆଇ କୁଇଣ୍ଟାଲ ୨,୦୦୦ ଟଙ୍କା ଦରରେ ଚାଉଳ ବିକ୍ରି ଜାରି ରଖିଛି। ସବୁବେଳେ ଖାଦ୍ୟ ନିରାପତ୍ତା ସର୍ବାଧିକ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ ବୋଲି ଜୟରାମ କହିଛନ୍ତି।


ତେଲଙ୍ଗାନାର ରାଙ୍ଗାରେଡ୍ଡୀ ଜିଲା ମହେଶ୍ୱରାମ ମଣ୍ଡଳର ଥୁମ୍ମାଲୁର ଗ୍ରାମରେ ଆୟୋଜିତ ହରିତସୋବ ସହ ଏକ ବିଶାଳ ଜନସମାବେଶକୁ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସମ୍ବୋଧିତ କରୁଛନ୍ତି। ଉକ୍ତ ସଭାରେ ବିଆର୍‌ଏସ୍‌ର ମନ୍ତ୍ରୀ ସବିତା ଇନ୍ଦ୍ର ରେଡ୍ଡୀ ଏବଂ ଇନ୍ଦ୍ରକରନ୍ ରେଡ୍ଡୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ, ସାଂସଦ ରଣଜିତ ରେଡ୍ଡୀ, ଏମ୍ଏଲ୍‌ସି ପାଲା ରାଜେଶ୍ୱରୀ ରେଡ୍ଡୀ, ବିକରାବାଡ଼ ଜିଲାପାଳ ଏସ୍. ହରିଶ, ବିଆର୍‌ଏସ୍‌ର ବିଧାୟକ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଯୋଗ ପରମ୍ପରାକୁ ବିଶ୍ୱ ଗ୍ରହଣ କରିଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୬(ସୁନିତ୍ ମିଶ୍ର):** 'ନବମ ଆନ୍ତର୍ଜାତିକ ଯୋଗ ଦିବସ' ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସାବିତ୍ରୀବାଇ ଫୁଲେ ପୁନେ ବିଶ୍ୱବିଦ୍ୟାଳୟରେ ଜି-୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବିଭିନ୍ନ ଦେଶରୁ ଆସିଥିବା ସଦସ୍ୟମାନଙ୍କ ସହ ଯୋଗ ଦିବସ ପାଳନ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନର ଚାପଗ୍ରସ୍ତ ଜୀବନଶୈଳିରେ ଯୋଗର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭାରତର ପ୍ରାଚୀନ ସଂସ୍କୃତିରୁ ଆସିଥିବା ଏହି ଯୋଗ ପରମ୍ପରାକୁ ବିଶ୍ୱ ଗ୍ରହଣ କରିଛି। ନିଜ ସହ ଅନ୍ୟ ଜଣେ ମଣିଷ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଯୋଗ ହେଉଛି ଏକ ସାମଗ୍ରିକ ଆଭିମୁଖ୍ୟ, ଯାହା ସଚେତନତାକୁ ପ୍ରୋତ୍ସାହିତ କରେ। ସାମର୍ଥ୍ୟକୁ ବଢାଇବା ସହ ଜୀବନର ମୂଳ ଅର୍ଥକୁ ବୁଝାଇଥାଏ। ସୁସ୍ଥ ଓ ସୁଖୀ ଜୀବନ ଯାପନ ପାଇଁ ସମସ୍ତେ ଦୈନନ୍ଦିନ ଜୀବନରେ ଯୋଗକୁ ଗ୍ରହଣ କରିବା ଆବଶ୍ୟକ। ବିଶ୍ୱରେ ଭାଇଚାରାକୁ ଅଧିକ ଦୃଢୀଭୂତ କରିବା ପାଇଁ ଯୋଗକୁ ଏକ ଜୈବନଶୈଳୀ କରିବାକୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

## ଶାହାଙ୍କୁ ଭେଟିଲେ ଜିତନ୍‌ରାମ ମାନ୍‌ଝି


ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟୁଛନ୍ତି ଜିତନ୍‌ରାମ ମାନ୍‌ଝି।

### ଭାଜପା ସହ ମିଶି ଲୋକ ସଭା ନିର୍ବାଚନ ଲଢ଼ିବେ

**ନୂଆଦିଲ୍ଲୀ, ୨୧।୬ :** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ବିରୋଧୀ ଦଳଗୁଡ଼ିକର ମିଳିତ ବୈଠକ ଆୟୋଜନ କରୁଥିବାବେଳେ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଏଚ୍ଏଏମ୍) ଅଧ୍ୟକ୍ଷ ଜିତନ୍‌ରାମ ମାନ୍‌ଝି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ତାଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ମାନ୍‌ଝି ଦିନକ ପୂର୍ବରୁ ମହାମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲେ। ଶାହାଙ୍କ ସହ ମାନ୍‌ଝି ୩୫ ମିନିଟ୍ ଧରି ଆଲୋଚନା କରିଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ମାନ୍‌ଝିଙ୍କ ଦଳ ଭାଜପା ସହ ଏକାଠି ନିର୍ବାଚନ ଲଢ଼ିପାରେ ବୋଲି ଚର୍ଚ୍ଚା ହେଉଛି। ଗତ ୧୩ ତାରିଖରେ ନୀତୀଶ କୁମାରଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥିବା ମାନ୍‌ଝିଙ୍କ ପୁଅ ସନ୍ତୋଷ କୁମାର ସୁମନ ଆଲୋଚନା ବେଳେ ଉପସ୍ଥିତ ଥିଲେ। ନୀତୀଶ ସେମାନଙ୍କ ଦଳର ପରିଚୟ ହଜାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ସନ୍ତୋଷ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଉଥିବା କହିଥିଲେ।

## ଆଜିଠୁ ନଡ୍ଡାଙ୍କ ୨ ଦିନିଆ ଓଡ଼ିଶା ଗସ୍ତ


ଜେ.ପି. ନଡ୍ଡା

**ଭୁବନେଶ୍ୱର,୨୧।୬ (ସୁନିତ୍ ମିଶ୍ର):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିବା ନେଇ ଦଳର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଗୋଲକ କହିଛନ୍ତି, ଗୁରୁବାରଠାରୁ ନଡ୍ଡା ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗୁରୁବାର ଅପରାହ୍ନ ୪ଟାରେ ଝାରସୁଗୁଡ଼ା ବିମାନବନ୍ଦରରେ ସେ ପହଞ୍ଚିବେ। ସେଠାରେ ବରଗଡ଼ ଲୋକ ସଭା କ୍ଷେତ୍ରର କର୍ମକର୍ତ୍ତାଙ୍କ ସହ ବୈଠକ କରିବେ। ଏହାପରେ ବୁର୍ଲା ଯାଇ ସେଠାରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି। ନଡ୍ଡା ୨୩ ତାରିଖରେ କଳାହାଣ୍ଡି ଜିଲାକୁ ଗସ୍ତ କରିବେ। ବିମାନ ଯୋଗେ ସେଠାକୁ ଯିବେ। ଭବାନୀପାଟଣାରେ ପୂର୍ବାହ୍ନ ୧୧ଟାରେ ପହଞ୍ଚି ପ୍ରଥମେ ମା' ମାଣିକେଶ୍ୱରୀଙ୍କୁ ଦର୍ଶନ କରିବେ। ଏହାପରେ ଲାଲବାହାଦୁର ଷ୍ଟାଡିୟମରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିବେ। ଏହାପରେ ସର୍କିଟ ହାଉସରେ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀଙ୍କୁ ସେ ଭେଟିବେ। ଶେଷରେ ଭବାନୀପାଟଣା ଟାଉନ ହଲ୍‌ରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନାକରି ଫେରିଯିବେ। ତେବେ କେନ୍ଦ୍ରରେ ସରକାର ହେବାର ୯ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭାଜପା ପକ୍ଷରୁ ଦେଶବ୍ୟାପୀ ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। କଳାହାଣ୍ଡିରେ ଆୟୋଜିତ ଜନସମ୍ପର୍କ ଯାତ୍ରାରେ ଯୋଗଦେବା ଲାଗି ନଡ୍ଡା ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ୯ ବର୍ଷର ଜନକଲ୍ୟାଣକାରୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିଛି ସେନେଇ କହିବେ ବୋଲି ଗୋଲକ ସୂଚନା ଦେଇଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ : ୨୭ରେ କଂଗ୍ରେସର ଘେରାଉ

**ଭୁବନେଶ୍ୱର, ୨୧।୬(ସୁନିତ୍ ମିଶ୍ର):** ରାଜ୍ୟରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୭ରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଦର ମହକୁମାରେ ଥିବା ବିଦ୍ୟୁତ୍ ଅଧିକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରାଯିବ। ତେବେ ପିସିସି ସଭାପତି କହିଛନ୍ତି, କେତେକ ଦାବି ନେଇ ଦଳ ରାସ୍ତାକୁ ଓହ୍ଲାଇବ। ସେଗୁଡ଼ିକ ହେଉଛି, ବିଦ୍ୟୁତ୍ କାଟ ବନ୍ଦ, ଗ୍ରାହକଙ୍କୁ ନିରବିଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ, ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ୨୦୧୦ରୁ ୨୦୨୨ରେ ଖର୍ଚ୍ଚ ହୋଇଥିବା ୧୫ ହଜାର କୋଟି ଟଙ୍କାର ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରନ୍ତୁ। ବିଦ୍ୟୁତ୍ ଦେୟ ୟୁନିଟ୍ ପିଛା ୨ ଟଙ୍କାକୁ ହ୍ରାସ କରାଯାଉ, ବିଦ୍ୟୁତ୍ ଦେୟ ପୈଠ ଏକ ନିର୍ଦ୍ଦିଷ୍ଟ ତାରିଖରେ କରାଯାଉ ଏବଂ ପୂର୍ବ ବକେୟା ବିଲ୍ ଉପରେ ସୁଧ ସହ ଆଦାୟ ତୁରନ୍ତ ବନ୍ଦ କରାଯାଉ। ସେ ଆହୁରି କହିଛନ୍ତି, ଯଦି ଟାଟା ପାୱାର କୌଣସି ଜୋର ଜୁଲମ୍ ଗ୍ରାହକଙ୍କ ଉପରେ କରୁଛନ୍ତି ତୁରନ୍ତ ଆମକୁ ଜଣାନ୍ତୁ। ରାଜ୍ୟବାସୀ କଂଗ୍ରେସର ଏହି ଆନ୍ଦୋଳନରେ ସାମିଲ ହେବାକୁ ଶରତ ନିବେଦନ କରିଛନ୍ତି।

**MILK UNION**
**GOSHALA, SAMBALPUR**
**VEHICLE REQUIRED ON HIRE**

Maxi Truck/Max Pick up or similar type of Vehicle required on hire for Barpali-Tentulitikira Milk Route running covering 72 KM. both Morning & Evening Shift.
**Interested Parties may purchase and submit tenders by 05.07.2023.**
**Tender Paper Cost: Rs.200/- + GST.**
**EMD: Rs.2,000/-**

**PARADIP PORT AUTHORITY**
E & M DEPARTMENT
PLANNING & DESIGN CELL
No.: EM/PD-11/2022/862 Date. 09/06/2023
CORRIGENDUM - V

5th CORRIGENDUM to e-Tender Call Notice (TCN) No. EM/PD-06/2023 issued vide No. EM/PD-11/2022/258, Dt.14/02/2023 for the work "Implementation and Operation & Maintenance (O&M) of Port Access Control System."
The date and time of submission of tender are hereby extended as per the following schedule: (i) Document download end date: 26/06/2023; 18:00 Hrs., (ii) Bid submission end date: 26/06/2023, 18:00 Hrs., (iii) Last date of submission of cost of Tender document/ Tender fee through NEFT/RTGS (as per Clause No. 17 of ITB): 26/06/2023, 18:00Hrs., (iv) Bid opening date : 27/06/2023, 16:00 Hrs.
All other terms & conditions of the tender remain unchanged.
Sd/- Executive Engineer, Planning & Design Cell, Electrical & Mechanical Department
PPA/PR-25/2023-24 Date: 21/06/2023

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
PLOT NO : C-71, SECTOR-7, C.D.A, CUTTACK, ODISHA
**O.A. NO. 656 of 2022**
HDFC BANK LIMITED ..............APPLICANT
-VERSUS-
MOHAMMAD SALIM & OTHERS ........DEFENDANT(S)
To,
1. **MOHAMMAD SALIM,** aged about 42 years, S/o- Mohammad Majid, At : Bhatii Road, Nuanpada, Near Old Sadar Thana, Main Road, Dist : Bargarh, Odisha-768028.
2. **MOHAMMAD KALIM,** aged about 42 years, S/o- Mohammad Majid, At : Bhatii Road, Nuanpada, Near Old Sadar Thana, Main Road, Dist : Bargarh, Odisha-768028.
3. **MUKESH KUMAR AGARWAL,** aged about 38 years, S/o- Sukh Dayal Agarwal, At : CH-51, Marwadipada, Bargarh Main Road, Dist : Bargarh, Odisha-768028.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A No. 656/2022** in the court of the Debts Recovery Tribunal, Cuttack for recovery of **Rs.33,37,626.64** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **30.06.2023** at **10.30 A.M.** as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this Tribunal on this **19th** day of **May, 2023**.

Sd/- Registrar

## ଅସନ୍ତୁଷ୍ଟ ନେତାଙ୍କ ଶକ୍ତି ପ୍ରଦର୍ଶନ



ସାଂଗଠନିକ ବୈଠକରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

### ପାଟକୁରା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି

ଡେରାବିଶ ୨୧।୬ (ବେବର୍ତ୍ତା ଅଜୟ ଦାସ)

ଆସନ୍ତା ସାଧାରଣ ନିର୍ବାଚନର ସମୟ ସ୍ୱଳ୍ପ ଥିବା ବେଳେ କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ପାଟକୁରା ନିର୍ବାଚନ ମଣ୍ଡଳୀରେ ଶାସକ ବିଜୁ ଜନତା ଦଳର ଅସନ୍ତୁଷ୍ଟ ନେତାଙ୍କ ଶକ୍ତି ପ୍ରଦର୍ଶନ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ କଲେଜଛକ ନିକଟରେ ବୁଧବାର ପାଟକୁରା ନିର୍ବାଚନ ମଣ୍ଡଳୀର ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀଙ୍କ ସାଂଗଠନିକ ବୈଠକ ଆଳରେ ସେମାନଙ୍କ ଶକ୍ତି ପ୍ରଦର୍ଶନ ବିଜେଡି ରାଜନୀତିକୁ ସରଗରମ କରିଛି। ଏହି କାର୍ଯ୍ୟକ୍ରମରେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ସରୋଜ ନିଜ ବକ୍ତବ୍ୟରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଗରଦପୁର, ଡେରାବିଶ ଓ ମାର୍ଶଘାଇ ବ୍ଲକର ୭ଟି ପଞ୍ଚାୟତର ଦଳୀୟ କର୍ମୀମାନଙ୍କ ନିଷ୍ଠାପର ଉଦ୍ୟମରେ ଏହି ଦଳ ନିର୍ବାଚନ ମଣ୍ଡଳୀରେ ଶକ୍ତିଶାଳୀ ହୋଇପାରିଥିଲା। ୨୦୧୯ ଉପ ନିର୍ବାଚନରେ ଦଳୀୟ କର୍ମୀଙ୍କ ପ୍ରଚେଷ୍ଟାରେ ନିର୍ବାଚିତ ହୋଇଥିବା ବିଧାୟିକା ଦଳ ଅପେକ୍ଷା ପାରିବାରିକ ରାଜନୀତିରେ ଅଧିକ ଗୁରୁତ୍ୱ ଦେଇଥିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ଜିଲା ବିଜୁ ଜନତା ଦଳର ସଭାପତି ଉତ୍କଳ କେଶରୀ ପରିଡ଼ା ମୁଖ୍ୟଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟବାସୀଙ୍କ ପାଇଁ କରିଥିବା ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। ତେବେ ଏହି ବିକାଶ କାର୍ଯ୍ୟକ୍ରମରୁ ପାଟକୁରା ନିର୍ବାଚନ ମଣ୍ଡଳୀ ଗତ ୪ ବର୍ଷ ହେବ ବାଦ ପଡ଼ିଥିବା ଓ ଏହି ନିର୍ବାଚନ ମଣ୍ଡଳୀରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ସାବିତ୍ରୀ ଅଗ୍ରୱାଲ୍ ବିଧାନସଭା କ୍ଷେତ୍ରରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିବା ଓ ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ପ୍ରତିନିଧି ବୋଲାଉଥିବା ତାଙ୍କ ପୁଅ ଦଳୀୟ କର୍ମୀଙ୍କୁ ବାଦ ଦେଇ ଯୋଜନାକୁ ବାଟମାରଣା କରୁଥିବା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ ମହାରାଜ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ଦଳୀୟ ନେତା ଦିଲୀପ ମହାନ୍ତି ଏହି ବୈଠକରେ ଯୋଗଦେଇ ୨୦୧୯ ଉପନିର୍ବାଚନରେ ନିର୍ବାଚନ ମଣ୍ଡଳୀର ସମସ୍ତ ଦଳୀୟ କର୍ମୀ ନିଜର ତ୍ୟାଗ ଓ ଅକ୍ଳାନ୍ତ ପରିଶ୍ରମ କରି ଦଳୀୟ ପ୍ରାର୍ଥୀ ଅଗ୍ରୱାଲଙ୍କୁ ଜିତାଇଥିଲେ। ନିର୍ବାଚନ ପରବର୍ତ୍ତୀ ସମୟରେ ବିଧାୟିକା ଦଳୀୟ କର୍ମୀଙ୍କୁ କୋଣଠେସା କରିବା ସହ ଦଳବିରୋଧି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ନିଜର କରି ଦଳୀୟ ସଂଗଠନକୁ ଦୁର୍ବଳ କରିଛନ୍ତି। ଏଥିସହ ସରକାରୀ ଯୋଜନାଠାରୁ ବିଧାୟିକା ନିଜକୁ ଦୂରେଇ ରଖିଛନ୍ତି ବୋଲି ନିଜ ଅଭିଯୋଗରେ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗରଦପୁର ବ୍ଲକର ଦଳୀୟ ନେତା ବିଜନ ରାୟ, ଅମିୟ ପରିଜା, ବାପି ମହାନ୍ତି, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ରାଜକିଶୋର ମଲ୍ଲ, ସାହାଜାନ୍ ଖାଁ, ସୁଜିତ କୁମାର ବଳଙ୍କ ସମେତ ବହୁ ଦଳୀୟ କର୍ମୀ ବିଧାୟିକା ଓ ତାଙ୍କ ପୁଅ ସଂଜୟ ଅଗ୍ରୱାଲଙ୍କ ବିରୋଧରେ ନିଜର ମନ୍ତବ୍ୟ ରଖିବା ସହ ଆଗାମୀ ଦିନରେ ଏକ ବଡ଼ଧରଣର ସମାବେଶ କରିବା ପାଇଁ ନିଜର ପ୍ରସ୍ତାବ ରଖିଥିଲେ। ଏଥିସହିତ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲ୍ଲା ସଭାପତି ପରିଡ଼ାଙ୍କ ମାଧ୍ୟମରେ ଦଳର କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମନ୍ତ୍ରୀ ପ୍ରମିଳା ମଲିକ ଓ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୧ଟି ପଞ୍ଚାୟତରୁ ବହୁ ଦଳୀୟ କର୍ମୀ, ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ୱାର୍ଡ଼ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୂର୍ବତନ ସମିତି ସଭ୍ୟ ଗୌତମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**ସର୍ବସାଧାରଣ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଅଛି କି, ମେସର୍ସ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ତା'ର କୃଡ ଷ୍ଟିଲ ଉତ୍ପାଦନ କ୍ଷମତା ବାର୍ଷିକ ୨.୨ ନିୟୁତ ଟନ୍ ଏବଂ କୋଲ୍ଡ ରୋଲିଙ୍ଗ ମିଲ ଉତ୍ପାଦନ କ୍ଷମତା ବାର୍ଷିକ ୨.୬ ନିୟୁତ ଟନ୍ ନିମନ୍ତେ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟ, ନୂଆଦିଲ୍ଲୀଠାରୁ ସଂଶୋଧିତ ପରିବେଶ ମଞ୍ଜୁରୀପତ୍ର ସଂଖ୍ୟା IA-J-11011/281/2007-IA -II(I), ତାରିଖ ୧୬.୦୬.୨୦୨୩ରେ ହାସଲ କରିଅଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ଏହି କାରଖାନା କଳିଙ୍ଗନଗର ଶିଳ୍ପାଞ୍ଚଳ, ଡୁବୁରୀ, ଜିଲ୍ଲା-ଯାଜପୁର- ୭୫୫୦୨୬ ଠାରେ ଅବସ୍ଥିତ। ମନ୍ତ୍ରଣାଳୟ ପ୍ରମାଣପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରେ ଉପଲବ୍ଧ ହେବା ସହିତ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ http:/envfor.nic.inରେ ମଧ୍ୟ ସହଜରେ ଉପଲବ୍ଧ ହୋଇପାରିବ।

ସ୍ୱା./-
କାରଖାନା ମୁଖ୍ୟ
ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍

**ସର୍ବସାଧାରଣ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଅଛି କି ମେସର୍ସ ଜେଏସ୍ଏଲ୍ ଫେରସ୍ ଲିମିଟେଡ୍ ତା'ର କାରଖାନା ପାଇଁ ବାର୍ଷିକ ୨.୩୫ ନିୟୁତ ଟନ୍ ଲୌହ ତିଆରି କରିବାର କ୍ଷମତା ଓ ୨.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ନିମନ୍ତେ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟ, ନୂଆଦିଲ୍ଲୀଠାରୁ ପରିବେଶ ମଞ୍ଜୁରୀପତ୍ର ସଂଖ୍ୟା- J-11011/281/2007-IA -II(I), ତାରିଖ ୧୬.୦୬.୨୦୨୩ରେ ହାସଲ କରିଅଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ଠାରୁ ପୃଥକ୍ ହେବା ପରେ ଏହି କାରଖାନା କଳିଙ୍ଗନଗର ଶିଳ୍ପାଞ୍ଚଳ, ଡୁବୁରୀ, ଜିଲ୍ଲା-ଯାଜପୁର-୭୫୫୦୨୬ଠାରେ ଅବସ୍ଥିତ। ମନ୍ତ୍ରଣାଳୟ ପ୍ରମାଣପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରେ ଉପଲବ୍ଧ ହେବା ସହିତ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ http:/envfor.nic.inରେ ମଧ୍ୟ ସହଜରେ ଉପଲବ୍ଧ ହୋଇପାରିବ।

ସ୍ୱା./-
କାରଖାନା ମୁଖ୍ୟ
ଜେଏସ୍ଏଲ୍ ଫେରସ୍ ଲିମିଟେଡ୍

**MILK UNION**
**GOSHALA, SAMBALPUR**
TENDER NOTICE FOR CALL CENTRE
CALLING / RECORDING SOFTWARE
(TELE VETERINARY SERVICES)

1. 1 Year Subscription
2. Unlimited Incoming Call
3. Call Recording/Monitoring
4. 5 Years Recording Backup
5. JBL Wired Head Set with Mic. & Control
6. Web Cam-HD
7. Set up Service - 1 Year

**Interested Parties may purchase and submit tenders by 27.06.2023.**

**ଦ.ପୂ. ରେଳପଥ - ଟେଣ୍ଡର**

ନଂ.ସିକେପି-ଜିଏସ୍ୟୁ-ଏସ୍ଏନ୍ଟି-୨୩-୨୪, ତାରିଖ: ୧୯।୦୬।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓ/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଦର୍ଶିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ତା୧୨।୦୭।୨୦୨୩ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଅମାନତ ରାଶି ନିମ୍ନ ଅନୁଯାୟୀ ଅଟେ: (୧) ସିକେପି-ଜିଏସ୍ୟୁ-ଏସ୍ଏନ୍ଟି-ଆଇବିଏସ୍ଏସ୍-୨୩-୨୪-୯; ବରସୁଆଁ-ଗଗନାପୋଷ ମଧ୍ୟରେ ଉଭୟ ଅପ୍ ଏବଂ ଡାଉନ୍ ଦିଗରେ ଆଇବିଏସ୍ଏସ୍‌ର ବ୍ୟବସ୍ଥା; ₹ ୧,୮୭,୮୬,୬୧୮.୪୧; ₹ ୨,୪୩,୯୦୦/-। (୨) ସିକେପି-ଜିଏସ୍ୟୁ-ଏସ୍ଏନ୍ଟି-ଏସ୍ଏନ୍-୨୩-୨୪-୧୦; ଗହ୍ଣାରିଆ ୟାର୍ଡଠାରେ ୧୫୦ ମିଟର ଶଣ୍ଟିଂ ନେକ୍‌ର ବ୍ୟବସ୍ଥା; ₹ ୨୧,୭୨,୦୫୭.୮୯; ₹ ୪୩,୫୦୦/-। (୩) ସିକେପି-ଜିଏସ୍ୟୁ-ଏସ୍ଏନ୍ଟି-ଇଆଇପିଆଇ-୨୩-୨୪-୧୧; ଚକ୍ରଧରପୁର ଏବଂ ଲୋଟାପାହାଡ଼ ଷ୍ଟେଶନସ୍ଥିତ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂକୁ ହଟାଇବା ସଂକ୍ରାନ୍ତରେ ଇଆଇ/ପିଆଇରେ ସଂଶୋଧନ/ପରିବର୍ତ୍ତନ; ₹ ୨୫,୧୧,୯୬୭.୪୮; ₹ ୫୦,୨୦୦/-। ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୧୨ (ବାର) ମାସ ଏବଂ କ୍ର.ସଂ. ୨ ଓ ୩ ପାଇଁ ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (PR-311)

FORM NO. 13
BEFORE THE DEBTS RECOVERY TRIBUNAL, CUTTACK: ODISHA
C-71, SECTOR-7, C.D.A, CUTTACK : ODISHA
**O.A. NO. 489/2022**
HDFC Bank Ltd.,
Represented by its Legal Manager &
POA Holder Pallavi Das .................. APPLICANT
-Vrs-
Swati Kumari Gupta & another ............... DEFENDANTS
To,
1. Swati Kumari Gupta, aged about 37 years, D/O-Rajkumar Gupta, DD-9, Ground Floor, Civil Township, Near Naidu Science College, Rourkela, Dist-Sundergarh-769004. [PAN NO. ANYPG5896M]
2. Bikash Kumar Nayak, aged about 42 years, DD-9, Ground Floor, Civil Township, Near Naidu Science College, Rourkela-769004. [PAN NO. AYXPN9433B]
............. DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an **O.A No. 489/2022** in the Court of the Debts Recovery Tribunal at Cuttack for recovery of **Rs.31,53,746.63 (Rupees Thirty One Lakh Fifty Three Thousand Seven Hundred Forty Six and Sixty Three Paise Only)** together with current and future interest, costs and the other reliefs. The above mentioned Defendants are therefore, directed to appear before this tribunal in person or through an advocate or duly authorised agent, in support of their defence to show cause within 30 days from the publication or on **23.06.2023** at **10.30 A.M.** as to why reliefs prayed for should not granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **04th** day of **May, 2023**.

Date : 04.05.2023 Sd/- REGISTRAR (I/c)

**RANCHI REGIONAL DEVELOPMENT AUTHORITY, RANCHI**
(Urban Development & Housing Department, Govt. of Jharkhand)
"Pragati Sadan", Kutchery Chowk, Ranchi – 834001, Email :secrrda1967@gmail.com

Ref : RRDA/EE/2023/05/963 **Corrigendum** Dated : 21/06/2023

एतद द्वारा सूचित किया जाता है कि इस कार्यालय द्वारा आमंत्रित निविदा Tender Ref. No. :- RRDA/EE/2023/06/889 Dated 07.06.2023 (Ref. P.R. No. :- PR299466) में Period of Completion को निम्नवत् पढ़ा जाय:–

| Sl. No. | Name of Work | Period of Completion |
|---|---|---|
| 1 | Construction of Bituminous Road from Oberia (Smt. Slenlata Ekka house to Bhusur Approch road And Bhusur Road to Middle School Garkhatanga. | 180 Days |
| 2 | Construction of PCC Road and cross-drain from Ankur Nursury Gutua To Maa Draupdi Palace (Eklavya Banquet Hall ) via Louis Villa (Behind Middle School Gutwa) Simliya. | 270 Days |
| 3 | Construction of PCC Road and RCC cross-drain from Paver Block Road to Back Road of Din Dayal Upadhyay Koshal Vikash Kendra, Haider Nagar ,Koilari. | 270 Days |

तथा Date/Time of Opening Bid :- 03/07/2023 at 11:30 AM पढ़ा जाय।
निविदा की शेष नियम एवं शर्तें यथावत रहेंगी।

Sd/-
Executive Engineer
RRDA, Ranchi

PR 300570Ranchi Regional Development Authority(23-24)#D

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1010 OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.3184 Date: 21.06.2023
Identification No. On line Bidding OSIC/Constn./2023-2024/004
(A)1.Name of the work : Up gradation & Construction of Cashew Cluster Brahmagiri, Odisha.
2.Total No of work : 01 No.
3. Estimated cost : Rs.2,03,53,506/-(approx)
4.Class of Contractor : B & A Class as per eligibility Criteria online.
5.Period of completion : Six calendar months.
(B) Other details

| Procurement online | Bid Identifi-cation No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 004 of 2023-2024 | 28.06. 2023 | 17.07. 2023 | 18.07.2023 at 11.00 A.M |

Further details can be seen from the website www.tendersodisha.gov.in .Any amendment corrigendum, cancellation or re-tender may please be referred to the website.

Sd/-
GENERAL MANAGER(O)
OSIC Ltd., Cuttack.

OIPR-14073/11/0036/2324

## ୭୭ ଗୋରୁ ଉଦ୍ଧାର, ବେପାରୀ ଗିରଫ

ପାଣିକୋଇଲି, (ବିକାଶ କୁମାର ମଲ୍ଲିକ): ଗୋଚାଲାଣ ପାଇଁ ରଖାଯାଇଥିବା ୭୭ ଗୋରୁଙ୍କୁ ପାଣିକୋଇଲି ପୋଲିସ ପକ୍ଷରୁ ଉଦ୍ଧାର କରାଯିବା ସହ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କେଉଁଟ ନଗୁଆ ଗ୍ରାମର ଭୋଳା ଯେନା। ଥାନା ଅଧୀନ ଗୋଳେଇପୁର ପଞ୍ଚାୟତର ସାହାପୁର ହାଟରେ ବେଆଇନ ଭାବେ ଗୋ ଚାଲାଣ ହେବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୭୭ ଗୋରୁଙ୍କୁ ଉଦ୍ଧାର କରିବା ସହ ଭୋଳାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୧୫୪/୨୩ରେ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ବିଦ୍ୟୁତ୍‌ ତାର ଚୋରି ଅଭିଯୋଗରେ ୨ ଗିରଫ

ପାଣିକୋଇଲି,୨୧।୬(ବିକାଶ କୁମାର ମଲ୍ଲିକ): ବିଦ୍ୟୁତ୍‌ ତାର ଚୋରି ଅଭିଯୋଗରେ ପାଣିକୋଇଲି ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କରଦା ଗୋପୀନାଥପୁର ଗ୍ରାମର ନିତ୍ୟାନନ୍ଦ ମାଝି(୩୧) ଓ କରଦା ବଡ଼ବରୁଣାଇପଦା ଗ୍ରାମର ପ୍ରଶାନ୍ତ ଦାସ(୩୮)। ଉକ୍ତ ଥାନା ଅନ୍ତର୍ଗତ କରଦା ସପିସାହି ଗ୍ରାମ ନିକଟରୁ ରବିବାର ରାତିରେ ୧୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆସି ୧୧ କେଭି ବିଦ୍ୟୁତ ତାର ଚୋରି କରୁଥିଲେ। ଏହି ସମୟରେ ଗ୍ରାମବାସୀ ୨ଜଣଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ୮ଜଣ ଫେରାର ହୋଇଯାଇଥିଲେ। ପରେ ଗ୍ରାମବାସୀ କାବୁ କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୩/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଏରବାଙ୍କ ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ଗିରଫ

ଯାଜପୁର ଟାଉନ,୨୧।୬(ପ୍ରଯୁକ୍ତା ମହାନ୍ତି): ଯାଜପୁର ବ୍ଲକ ଏରବାଙ୍କ ପଞ୍ଚାୟତ ଏରବାଙ୍କ ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗ୍ରାମର ସୁବାସ ମଲ୍ଲିକ। ଶେଷ ରଜ ଦିନ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଗ୍ରାମର ଜିଲା ପରିଷଦ ସଭ୍ୟ ବିନୋଦ ମାଝିଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ୪ଜଣ ଗୁରୁତର ଆହତ ହେବା ସହ ଅନ୍ୟ କେତେଜଣ ଆହତ ହୋଇଥିଲେ। ଏ ନେଇ ସଦର ଥାନାରେ ୪ଟି ମାମଲା ରୁଜୁ କରାଯାଇଥିଲା। ପୋଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ମଙ୍ଗଳବାର ସଦର ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲା ପରିଷଦ ସଭ୍ୟଙ୍କ ଘରେ ପଶି ମାରଧର କରିବା ଘଟଣାରେ ସୁବାସଙ୍କୁ ଗିରଫ କରିଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

### ଚଣ୍ଡିଖୋଲ କୋର୍ଟରେ ଯୋଗ ଦିବସ

ଚଣ୍ଡିଖୋଲ,୨୧।୬(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ତରଫରୁ ବୁଧବାର ଯୋଗ ଦିବସ ଅବସରରେ କୋର୍ଟ ପରିସରରେ ଯୋଗାଭ୍ୟାସ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୋର୍ଟର ତାଲୁକ ସେବା ଅଧକ୍ଷ ପରବିନ ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସବ୍‌ଜଜ୍‌ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଜେଏମ୍‌ ଏଫସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନ୍‌ ସଭାନେତ୍ରୀ ରେଣୁବାଳା ମହାନ୍ତି, ପୂର୍ବତନ ସଭାପତି ଦେବରାଜ ବେହେରା, ଯୁଗ୍ମ ସମ୍ପାଦକ କିଶୋର କୁମାର ନାୟକ, କ୍ରୀଡ଼ା ସମ୍ପାଦକ ଜ୍ୟୋତିଶଙ୍କର ମହାପାତ୍ର, ପାଠାଗାର ସମ୍ପାଦକ ଦିନବନ୍ଧୁ ନାୟକ, ସାଂସ୍କୃତିକ ସମ୍ପାଦକ ବିରେନ୍‌ ବିଶ୍ୱାଳ, ବିନୋଦ କୁମାର ରଥ ଓ ରୋଜାଲିନ୍‌ ସାହୁ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

### ଗୁଳୁଗୁଳିରୁ ଆଶ୍ୱସ୍ତି

ଧର୍ମଶାଳା,୨୧।୬(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକର ବିଭିନ୍ନସ୍ଥାନରେ ବୁଧବାର ପ୍ରାକ୍‌ ମୌସୁମୀ ବର୍ଷା ହୋଇଛି। ଫଳରେ ଗତ କିଛି ଦିନ ହେଲା ଲାଗିରହିଥିବା ଉତ୍ତାପ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅପରାହ୍ନ ୪ଟା୩୦ରୁ ଅଧଘଣ୍ଟାଏ ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ଆଗାମୀ ୨ ଦିନ ମଧ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଚଳିତ ବର୍ଷ ମୌସୁମୀ ବିଳମ୍ବରେ ଆସିବା ଯୋଗୁ ଲୋକେ ଗ୍ରୀଷ୍ମ ପ୍ରବାହରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବେ ଆଷାଢ଼ ମାସ ଚାଲିଥିବାବେଳେ ଆକାଶରୁ ମେଘ ଗାଏବ ହୋଇଯିବା ଯୋଗୁ ଚାଷୀଙ୍କ ପକ୍ଷେ ବିଲରେ ବିହନ ବୁଣିବା ଅସମ୍ଭବ ହୋଇପଡ଼ିଥିଲା। ତେବେ ଭଲ ଅସରାଏ ବର୍ଷା ହେବା ଯୋଗୁ ଚାଷ ଜମି ଭଲଭାବେ ବତୁରି ଥିବାରୁ ଚାଷୀଙ୍କ ପାଇଁ ଚାଷ କାମ ଅଗେଇ ନେବା ପାଇଁ ଉପକୂଳ ପରିସ୍ଥିତି ସୃଷ୍ଟି କରିଛି। ବର୍ଷା ବିଶେଷ ଭାବେ ଚାଷୀଙ୍କ ମନରେ ଆନନ୍ଦ ଆଣିଦେଇଛି। ପାଣିପାଗ ବିଭାଗର ଆକଳନ ଅନୁସାରେ ଯଦି ଠିକ ବର୍ଷା ହୁଏ ତେବେ ଚଳିତ ବର୍ଷ ଭଲ ଧାନ ଫସଲ ଅମଳ ହେବ ବୋଲି ଚାଷୀ ନେତ୍ରାନନ୍ଦ ଦାସ, କେଶବ ପାଳ, ବିଦ୍ୟାଧର ପରିଡା, ନିତ୍ୟାନନ୍ଦ ଦାସ ଓ ସୁନାକର ରାଉତ ପ୍ରମୁଖ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ଦଳକ ସନ୍ଧାନରେ କୀଟପତଙ୍ଗଙ୍କ ମୃତ୍ୟୁ

ଯାଜପୁର,୨୧।୬(ହର୍ଷବର୍ଦ୍ଧନ ବେହେରା) :

**ବିପଦରେ ଜୈବବିବିଧତା, ସୁରକ୍ଷା ଦାବି ତେଜିଲା**



ବ୍ୟାସସରୋବର ନିକଟରେ ମରି ପଡ଼ିଥିବା କୀଟପତଙ୍ଗ।

ଜୈବବିବିଧତା, ପରିବେଶ, କୃଷି, ମାନବ ସ୍ୱାସ୍ଥ୍ୟ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାରେ କୀଟପତଙ୍ଗମାନଙ୍କ ଭୂମିକା ଅପରିହାର୍ଯ୍ୟ। ବିଜ୍ଞାନର ଅନେକ ଅଗ୍ରଗତି ପାଇଁ ମଧ କୀଟପତଙ୍ଗ ବ୍ୟବହାର ହୋଇଆସୁଛନ୍ତି। ସେମାନେ ପୋଷକ ତତ୍ତ୍ୱକୁ ରିସାଇକ୍ଲିଂ କରୁଛନ୍ତି। ମଞ୍ଜି ବିସ୍ତାର, ମୃତ୍ତିକାର ଗଠନ ଏବଂ ଉର୍ବରତା ବଜାୟ ରଖିବାରେ କୀଟପତଙ୍ଗ ସହାୟକ ହୋଇଥାନ୍ତି। ଦଳକ ବା ଆର୍ଦ୍ରଭୂମିରେ ଏମାନେ ବସବାସ କରି ଅନ୍ୟ ଜୀବମାନଙ୍କ ପ୍ରମୁଖ ଖାଦ୍ୟ ଭାବେ ନିଜକୁ ସମର୍ପିତ କରିଥାନ୍ତି। କିନ୍ତୁ ଜମି କିସମ ପରିବର୍ତ୍ତନ ଏବଂ ବିଭିନ୍ନ ନିର୍ମାଣ ଜନିତ ଜବରଦଖଲ ଦ୍ୱାରା ରାଜ୍ୟର ବହୁ ଦଳକ ପୋତିହେବାକୁ ବସିଛି। ଏହି କ୍ରମରେ ଶତାଧିକ କୀଟପତଙ୍ଗ ସେମାନଙ୍କ ବାସସ୍ଥଳୀ ଦଳକ ଅଞ୍ଚଳର ସନ୍ଧାନରେ ରାସ୍ତାକୁ ଆସି ବିଭିନ୍ନ ଗାଡି ଚକାତଳେ ଚାପିହୋଇ ଜୀବନ ଯାଉଛି। ଯାଜପୁର ଜିଲା ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଏକାଧିକ ଦଳକ ପୋତିହୋଇ ପଡିଥିବାରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହା ସାଧାରଣ କଥା ହୋଇଥିଲେ ହେଁ ଜୈବବିବିଧତା ପାଇଁ ଏକ ମସ୍ତବଡ଼ ବିପଦ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସରକାରୀ ରେକର୍ଡ ଅନୁସାରେ, ଯାଜପୁର ଜିଲାର ସୁକିନ୍ଦା ପଟା ଦଳକ୍‌ ପ୍ରାୟ ୬୦୦୦ ଏକର ଜମିରେ ରହିଛି। ଏହା ସୋଲଗଡିଆ, ଲବଙ୍ଗ, ସୋରିଷା, ମାର୍ଥାପୁର, ଗଡମଧୁପୁର ପଟା, ଛତିଶାପଟା, ବାଲିପୋଷି, ଗୋଟୁଆ, କିମ୍ପିରାଗାଡିଆ, ମାରୁତିକର, ଜଗଡିହ, ଚାକୁଆ ରାଜସ୍ୱ ମୌଜାରେ ରହିଛି। ବ୍ରାହ୍ମଣୀ ନଦୀର ପଶ୍ଚିମ ଦିଗରୁ ପୂର୍ବ ଦିଗ ଯୋକଡିଆ-ମୁଣ୍ଡୋମାଳ ପର୍ଯ୍ୟନ୍ତ ଲମ୍ବିଛି। ଏଥିରେ ବ୍ୟାସସରୋବରର କେତେକ ଅଞ୍ଚଳ ମଧ ଦଳକ ଭାବେ ରହିଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ଦଳକ ଦୀର୍ଘବର୍ଷ ଧରି ବ୍ୟାସ ସରୋବର ରାଘୁଜୀ ଗୋସାଇଁଙ୍କ ମନ୍ଦିର ନିକଟରେ ରହିଥିଲା। ଏଠାକୁ ବିଭିନ୍ନ ପଶୁପକ୍ଷୀ ତାଙ୍କ ଖାଦ୍ୟ ଅନ୍ୱେଷଣରେ ଆସୁଥିଲେ। ଏପରି କି ଏଠାରେ ବହୁ ବିଦେଶୀ ଅତିଥି ପକ୍ଷୀଙ୍କ ମଧ ଆଗମନ ରହିଥିଲା। ମଧ-ପ୍ରାଚ୍ୟ ତଥା ୟୁରୋପୀୟ ଦେଶଗୁଡିକରେ ଅତ୍ୟଧିକ ଥଣ୍ଡା ପଡୁଥିବାରୁ ଏହି ସମୟରେ ଅତିଥି ପକ୍ଷୀଙ୍କ ଏଠାରେ ଭିଡ଼ ରହିଥାଏ । ସେମାନଙ୍କ କିଚିରି ମିଚିରି ଶବ୍ଦ କର୍ମମୟ ଜୀବନର ଦୁଃଖକୁ ହାଲୁକା କରୁଥିଲା । କିନ୍ତୁ ଶିଳ୍ପ ପ୍ରତିଷ୍ଠା, ରାସ୍ତାଘାଟ, ବନ୍ଧବାଡ ନିର୍ମାଣ ଓ ଜନବସତି ଆଦିର ଦ୍ରୁତ ବୃଦ୍ଧି ଯୋଗୁ ଦଳକ ସମେତ ବଣଜଙ୍ଗଲ, ପାହାଡ, ଘଞ୍ଚ ଜୈବମଣ୍ଡଳ, ନଦୀ, ଝରଣା ଆଦି ନଷ୍ଟ ହେବା ଏହାର ମୁଖ୍ୟ କାରଣ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରୁଛନ୍ତି। ଏହାସହ ଏଥିରେ ପେଷି ହେଉଛନ୍ତି ହଜାର ହଜାର ପ୍ରଜାତିର କୀଟପତଙ୍ଗ। ସେମାନଙ୍କ ବାସସ୍ଥଳୀ ଉଜୁଡି ଯାଉଛି। ନିଜର ସୁରକ୍ଷା ପାଇଁ କୀଟପତଙ୍ଗମାନେ ଏଣେତେଣେ ଘୁରି ବୁଲୁଛନ୍ତି, ଯାହାଦ୍ୱାରା ରାସ୍ତା ମଝିରେ ଗାଡିମୋଟରରେ ସେମାନଙ୍କ ଜୀବନ ଯାଉଛି। ତେଣୁ ଦଳକଗୁଡିକୁ ପୋତା ନ ଯାଇ ପୁଣି ପୁନରୁଦ୍ଧାର କରି ସେଠାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଗଲେ କୀଟପତଙ୍ଗମାନଙ୍କ ଜୀବନ ସୁରକ୍ଷିତ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ସଂରକ୍ଷଣ ଏବଂ ପରିଚାଳନା ଆଇନ-୨୦୧୭ ଅନୁସାରେ ଦଳକଗୁଡିକର ଚିହ୍ନଟ ଏବଂ ସୀମାଙ୍କନ କରିବାକୁ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ନିର୍ଦ୍ଦେଶକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବାର ବହୁ ଆବଶ୍ୟକତା ରହିଛି ବୋଲି ଦାବି ଉଠିଛି। ନଚେତ ଜୈବବିବିଧତାର ସୁରକ୍ଷାରେ ଗୁଣ୍ଡୁଚିମୂଷା ଭଳି କାମ କରୁଥିବା କୀଟପତଙ୍ଗ କେବଳ କାହାଣୀ ହୋଇ ରହିବେ ବୋଲି ମତପ୍ରକାଶ ପାଇଛି।

ଆଇନଜୀବୀ ଶଙ୍କର ପ୍ରସାଦ ପାଣି କହିଛନ୍ତି,ଦଳକଗୁଡିକର ଆବଶ୍ୟକତା ଜୈବବିବିଧତା ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ। ଜଳଜୀବ ଓ ଉଦ୍ଭିଦ ବଞ୍ଚିବା ସହ ସେମାନଙ୍କ ବଂଶ ବିସ୍ତାର ପାଇଁ ଦଳକ୍‌ଗୁଡିକର ସୁରକ୍ଷା ନିହାତି ଅପରିହାର୍ଯ୍ୟ। ଏହାବାଦ୍‌ ଭୂତଳ ଜଳର ପୁନଃଭରଣ କରିବା ଏବଂ ପରିବେଶର ସନ୍ତୁଳନ ରକ୍ଷା କରିବା ଦିଗରେ ଦଳକଗୁଡିକର ଭୂମିକା ଅନନ୍ୟ। ଏଭଳି ପରିସ୍ଥିତିରେ ରାଜ୍ୟରେ ଥିବା ଦଳକଗୁଡିକର ଚିହ୍ନଟ ଏବଂ ସୀମାଙ୍କନ, ସେଗୁଡିକର ସୁରକ୍ଷା ପାଇଁ ଆଗାମୀ ଦିନରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବୁ ବୋଲି ଶଙ୍କର ପ୍ରସାଦ ଚେତାବନୀ ଦେଇଛନ୍ତି।

## ବଜ୍ରପାତରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଧର୍ମଶାଳା,୨୧।୬(ବଟକୃଷ୍ଣ ପରିଡ଼ା):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଅଞ୍ଜିରା ପଞ୍ଚାୟତ ଢଙ୍କୁଣିଆ ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ଗ୍ରାମର କାର୍ତ୍ତିକ ଦାସଙ୍କ ଘର ଉପରେ ପଡ଼ିଥିବା ଅଜବେଷ୍ଟସ ପବନରେ ଓଡ଼ିଯାଉଥିବା ଦେଖି ସେ ଓ ତାଙ୍କ ସ୍ତ୍ରୀ ସେବତୀ(୩୦) କିଛି ଲୁହାରଡ୍‌ ଆଜବେଷ୍ଟ ଉପରେ ପକାଉଥିଲେ। ମାତ୍ର ଏହି ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ଦମ୍ପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ମେଡିକାଲରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ସେବତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କାର୍ତ୍ତିକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଜେନାପୁର ପୋଲିସ ନଂ.୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଉତ୍ପାଦନ କରିବ ଜିନ୍ଦଲ ଖଣି



ଖଣି କାର୍ଯ୍ୟକ୍ଷମର ଶୁଭାରମ୍ଭ ଅବସରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

କାଳିଆପାଣି,୨୧।୬(ଅସିତ ମହାନ୍ତ):

ସବୁ ଥାଇ ୫ ବର୍ଷଧରି ବନ୍ଦ ରହିବା ପରେ ଜିନ୍ଦଲ କମ୍ପାନୀର କାଳିଆପାଣି କ୍ରୋମାଇଟ ଖଣି ବୁଧବାରଠାରୁ ଉତ୍ପାଦନ ପାଇଁ ଶୁଭ ଦେଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ନ ଥିବାରୁ ସମ୍ପୃକ୍ତ ଖଣିକୁ ୨୦୧୮ରୁ ବନ୍ଦ କରିଦିଆଯାଇଥିଲା। ସେ ସମୟରେ ଶତାଧିକ ଶ୍ରମିକ ଓ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଥିଲାବେଳେ ଅନେକେ ପଦାଧିକାରୀ ଚାକିରି ଛାଡି ଦେଇଥିଲେ। ଦୀର୍ଘ ୫ବର୍ଷ ଧରି ଶ୍ରମିକ ଓ କର୍ମଚାରୀ ଭୋକ ଉପାସରେ ଦିନ କାଟୁଥିବାବେଳେ ଶେଷରେ କମ୍ପାନୀକୁ ଖଣି ଖନନ ପାଇଁ ଅନୁମତି ମିଳିଛି। କମ୍ପାନୀ ପକ୍ଷରୁ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଜିନ୍ଦଲ କମ୍ପାନୀର ସିଇଓ ଶିବରାମ କ୍ରିଷ୍ଣା, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୩୩ ଜଣ ଛଟେଇ ଶ୍ରମିକଙ୍କୁ ମୁଖ୍ୟଅତିଥି ପୁନଃ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। କମ୍ପାନୀ ପକ୍ଷରୁ ସର୍ବଶ୍ରୀ ରମ୍ୟ ରଞ୍ଜନ ରାୟ, ଶକ୍ତି ପ୍ରସାଦ ବିଶ୍ୱାଳ, ବଦ୍ରୀ ନାରାୟଣ ଦାସ, ଏସ୍‌କେ ବୈଦ୍ୟ ପ୍ରମୁଖ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଶିକ୍ଷାଦାନ କେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ



ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ଆଗରେ ଅଭିଭାବକ ଧାରଣା ଦେଇଛନ୍ତି।

ବରୀ,୨୧।୬(ଡି.ଏନ.ଏ.):

**ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ଆଗରେ ଅଭିଭାବକଙ୍କ ଧାରଣା**

ବରୀ ଶିକ୍ଷା ମଣ୍ଡଳ ଅଧୀନରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ୨୫।୦୬।୨୦୨୧ରେ ବିଧାୟିକା ସୁନନ୍ଦା ଦାସ ବରୀ ବ୍ଲକ୍‌ ଅଧୀନ ଅଟିରା ପଞ୍ଚାୟତର ସନ୍ତନମଠ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଠିକାଦାର ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ନ କରିବାରୁ ଛାତ୍ରୀଛାତ୍ର ନାମଲେଖି ସ୍ଥାନୀୟ କୃପାସିନ୍ଧୁ ବିଦ୍ୟାପୀଠରେ ଅସ୍ଥାୟୀ ଭାବେ ଶିକ୍ଷା ଗ୍ରହଣ କରୁଛନ୍ତି। ଏଠାରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ୧୬୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ହେଲେ ଗତ ୬ ତାରିଖରେ ଯାଜପୁର ଜିଲା ଶିକ୍ଷାଧିକାରୀ ପତ୍ର ସଂଖ୍ୟା ୬୯୨୭ରେ କୃପାସିନ୍ଧୁ ବିଦ୍ୟାପୀଠ ପରିବର୍ତ୍ତେ ସ୍ଥାନୀୟ ନବଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଦର୍ଶ ବିଦ୍ୟାଳୟ ପିଲା ଶିକ୍ଷା ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବୁଧବାର ଅଭିଭାବକ ସଂଘ ସଭାପତି ବିଶ୍ୱନାଥ ତ୍ରିପାଠୀ, ସମ୍ପାଦକ ନିର୍ମଳ କର, ଉପସଭାପତି କେଦାର ମଲିକଙ୍କ ନେତୃତ୍ୱରେ ଶତାଧିକ ଅଭିଭାବକ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବ୍ଲକ୍‌ର ଶେଷ ସୀମାରେ ନବଭାରତୀ ଉଚ୍ଚ ବିଦ୍ୟାଳୟ ହୋଇଥିବାରୁ ଛାତ୍ରୀଛାତ୍ର ସେଠାକୁ ପଢ଼ିବାକୁ ଗଲେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଏଥିସହିତ ବିଦ୍ୟାଳୟଟି ବରୀ-ବରୁହାଁ ମୁଖ୍ୟ ରାସ୍ତାକଡ଼ରେ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଛି। ଏହି ଖବର ପାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଅଶ୍ୱିନ କୁମାର ବାରିକ, କନିଷ୍ଠ ଯନ୍ତ୍ରୀ ଜୁମର ମଲିକ ପହଞ୍ଚି ୩୦ ତାରିଖ ମଧ୍ୟରେ ବିଦ୍ୟାଳୟ ଗୃହ କାର୍ଯ୍ୟ ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଗୃହ ଶେଷ ନ ହେଲା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରିବେ ଏବଂ ଅଭିଭାବକ ପ୍ରତିଦିନ ୭ଟାରୁ ୧୨ ଟା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଘ ସଭାପତି ବିଶ୍ୱନାଥ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କୃତିବାସ ବାରିକଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟାଳୟ ଗୃହ ଶେଷ ପାଇଁ ଉପରିସ୍ଥ କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଛି। ତେଣୁ ଅଭିଭାବକଙ୍କୁ ୩୦ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ କରାଯାଇଛି।

## ମହିଳାଙ୍କ ମୃତଦେହ ଚିହ୍ନଟ, ଅଭିଯୁକ୍ତ ସ୍ୱାମୀ ଗିରଫ

କଳିଙ୍ଗନଗର,୨୧।୬(ଶୁଭାଶିଷ ରାଉତ):

କଳିଙ୍ଗନଗର ଥାନା ଶାଳିଜଙ୍ଗା ପଞ୍ଚାୟତ ରାମଠେଙ୍ଗା ନିକଟସ୍ଥ କାଜୁ ଜଙ୍ଗଲରୁ ମିଳିଥିବା ମହିଳାଙ୍କ ମୃତଦେହକୁ ପୋଲିସ ଚିହ୍ନଟ କରିଛି। ମୃତକ କଳିଙ୍ଗନଗର ଥାନା ରାମଠେଙ୍ଗା ଗ୍ରାମର ବାବୁରାମ ଜାମୁଡ଼ାଙ୍କ ସ୍ତ୍ରୀ ରାଇମୁନି(୨୫)। ଏଥିସହିତ ପୋଲିସ ହତ୍ୟା ଅଭିଯୋଗରେ ବାବୁରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୫ ତାରିଖରେ କାଜୁ ଜଙ୍ଗଲରେ ମୃତଦେହ ପଡ଼ିଥିବା ନିକଟବର୍ତ୍ତୀ ଗ୍ରାମବାସୀ ଦେଖି ପୋଲିସକୁ ଜଣାଇଥିଲେ। ସାଇଣ୍ଟିଫିକ ଟିମ୍‌ ଓ ସନ୍ଧାନୀ କୁକୁର ଅନୁସନ୍ଧାନ କରିଥିଲେ ମଧ କୌଣସି ସୂଚନା ମିଳି ନ ଥିଲା। ୧୭ ତାରିଖରେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କାଠପାଳ ଗ୍ରାମର ଗାଙ୍ଗୀ ହେମ୍ବ୍ରମ ଓ ଚନ୍ଦ୍ର ପୂର୍ତ୍ତି ମୃତ ମହିଳାଙ୍କୁ ଚିହ୍ନଟ କରିଥିଲେ। ମୃତ ରାଇମୁନି ବାବୁରାମଙ୍କୁ ୨ୟ ବିବାହ କରିଥିଲେ। ଦମ୍ପତିଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେବାରୁ କୁନି ଝିଅକୁ ଛାଡ଼ି ରାଇମୁନି ବାପ ଘରକୁ ପଳାଇଥିଲେ। ୨ ମାସ ତଳେ ବାବୁରାମ ଶ୍ୱଶୁର ଘରକୁ ଯାଇ ସ୍ତ୍ରୀଙ୍କୁ ମନାଇବା ସହିତ କଟକ ନେଇଯାଇଥିଲେ। ଗତ ୧୩ ତାରିଖରେ ଏକ ଫୋନ କଥା ବାର୍ତ୍ତାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେଣୁ ପରକୀୟା ପ୍ରୀତି ସନ୍ଦେହରେ ବାବୁରାମ ରାଇମୁନିଙ୍କୁ ହତ୍ୟା କରିବା ସହିତ ପେଟ୍ରୋଲ ଢାଳି ମୃତଦେହକୁ ଜଙ୍ଗଲରେ ପୋଡ଼ି ଦେବାକୁ ଚେଷ୍ଟା କରିଥିବା ପୋଲିସ ଜାଣିବାକୁ ପାଇଥିଲା।

## ପୋଲିସ ଅଧିକାରୀଙ୍କୁ କାଉନ୍‌ସେଲିଂ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ

କଟକ,୨୧।୬ (କାର୍ତ୍ତିକ ସାହୁ)

ପୋଲିସ ଅଧିକାରୀ ଲୋକଙ୍କ ସହ ବ୍ୟବହାର କଲାବେଳେ ସେମାନଙ୍କ ମାନବିକ ଅଧିକାର ସୁରକ୍ଷା ପ୍ରତି ସଚେତନ ରହିବେ। ଏନେଇ ପର୍ଯ୍ୟାୟକ୍ରମେ ଅଧିକାରୀଙ୍କୁ କାଉନ୍‌ସେଲିଂ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଟାଉନ୍‌ ଥାନା ଆଗରେ ୩ ଯୋଡ଼ା ଝିଅପୁଅଙ୍କୁ ଆଣ୍ଠେଇବା ମାମଲାରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣି କରି ଆବେଦନକାରୀ ଏଭଳି ଘଟଣାକୁ ଅଦାଲତଙ୍କ ନିକଟକୁ ଆଣିଥିବାରୁ ପ୍ରଶଂସା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଘଟଣାକୁ ୧୦ ବର୍ଷ ବିତିଗଲାଣି। ଘଟଣା ସହ ଜଡିତ ସମ୍ପୃକ୍ତ ଯୁବତୀଯୁବକ ପ୍ରତିଷ୍ଠିତ ଜୀବନ ବିତାଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି କ୍ଷତିପୂରଣ ପ୍ରଦାନ ନେଇ ସେ ଆଉ ଆବେଦନ ଉପରେ ଜୋର ଦେଉନାହାନ୍ତି ବୋଲି ଅଦାଲତଙ୍କୁ ସ୍ପଷ୍ଟ କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୩ ଜାନୁୟାରୀ ୧୫ରେ ଯାଜପୁର

**ଯାଜପୁର ଟାଉନ୍‌ ଥାନା ଆଗରେ ଝିଅପୁଅଙ୍କୁ ଆଣ୍ଠେଇବା ମାମଲା**

■ ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

ଟାଉନ ପୋଲିସ ନିକଟସ୍ଥ ଏକ ପାର୍କରୁ ୩ ଝିଅ ଓ ୩ ପୁଅଙ୍କୁ ଆଣି ଥାନା ସମ୍ମୁଖରେ ଆଣ୍ଠେଇଥିଲା। ତେଣୁ ସେମାନଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବା ନେଇ ଆଇନଜୀବୀ ପ୍ରବୀର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ସେମାନଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ୨୦୨୩ ଜାନୁୟାରୀ ୯ରେ ଶୁଣାଣି କରି ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କ'ଣ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପ୍ରିଲ ୪ ତାରିଖ ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲାଯେ, ଓଡ଼ିଶା ମାନବିକ ଅଧିକାର ଆୟୋଗ ଘଟଣାରେ ନିଜଆଡୁ ମାମଲା ରୁଜୁକରି ତଦନ୍ତ କରିଥିଲେ।

## ଟାଟା ଷ୍ଟିଲ୍‌ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ





ଟାଟାଷ୍ଟିଲ୍‌ର ଅଧିକାରୀ ଓ କର୍ମଚାରୀମାନେ ଯୋଗ କରୁଛନ୍ତି।

କଳିଙ୍ଗନଗର,୨୧।୬(ଶୁଭାଶିଷ ରାଉତ)

କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ମହତ୍ୱ ବିସ୍ତାର କରିବା ପାଇଁ ଟାଟା ଷ୍ଟିଲ୍‌ କଳିଙ୍ଗନଗର ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍‌ କଳିଙ୍ଗନଗରର ପ୍ଲାଣ୍ଟ୍‌ ୨ ଏବଂ ବାମନିପାଲରେ ଥିବା ହାଉସିଂ କମ୍ପ୍ଲେକ୍ସଠାରେ ଯୋଗ ଅଧିବେଶନ ଆୟୋଜିତ କରାଯାଇଥିଲା। କମ୍ପାନୀର ପ୍ରଶାସନ ବିଭାଗ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟସେବା ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି ଦୁଇଟି ଅଧିବେଶନ ବ୍ୟତୀତ ଟିଏସ୍‌କେରେ ବିଭିନ୍ନ ବିଭାଗ ଯଥା ଇଞ୍ଜିନିୟରିଂ ଆଣ୍ଡ ପ୍ରୋଜେକ୍ଟ, ସୁରକ୍ଷା ବିଭାଗ କାରଖାନା ପରିସରରେ ଯୋଗ ଅଧିବେଶନର ଆୟୋଜନ କରିଥିଲେ। ଏହି ଅଧିବେଶନଗୁଡିକରେ କର୍ମଚାରୀ ସେମାନଙ୍କ ପରିବାର ସଦସ୍ୟ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ୨୫୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ୍‌ କଳିଙ୍ଗନଗରର ଅପରେସନ୍‌ ବିଭାଗର ଉପସଭାପତି ରାଜୀବ କୁମାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇ ସୁସ୍ଥତାର ବାର୍ତ୍ତା ପ୍ରଦାନ କରିଥିଲେ। ସେହିଭଳି ଟାଟା ଷ୍ଟିଲ୍‌ ଫାଉଣ୍ଡେସନର ରିସ୍ତା ପ୍ରୋଜେକ୍ଟ ନଡିଆଭଙ୍ଗା ଗ୍ରାମରେ ଯୋଗ ଅଧିବେଶନ ଆୟୋଜନ କରିଥିଲା। ଯେଉଁଥିରେ ୧୨୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।

# ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ଯାଜପୁରରୋଡ୍‌,୨୧।୬ (ପବିତ୍ର ରଞ୍ଜନ ମହାନ୍ତି):





ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତା ମହାସଂଘର ଧାରଣା।

୧୧ ଦଫା ଦାବିକୁ ନେଇ ଯାଜପୁର ଜିଲା ବିଦ୍ୟୁତ୍‌ ଉପଭୋକ୍ତା ମହାସଂଘ ପକ୍ଷରୁ ବୁଧବାର ଯାଜପୁରରୋଡ୍‌ ବିଦ୍ୟୁତ୍‌ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଏକ ପ୍ରତିବାଦ ସଭା ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବିଭାଗକୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ସୁଦ୍ଧା ବିଭାଗ କର୍ଣ୍ଣପାତ କରି ନ ଥିଲା। ଫଳରେ ଉପଭୋକ୍ତା ମହାସଂଘ ଧାରଣାକୁ ଓହ୍ଲାଇଥିଲା। ଅଘୋଷିତ ବିଦ୍ୟୁତ୍‌ କାଟ୍‌ ଯୋଗୁ ବ୍ୟବସାୟୀଠାରୁ ଆରମ୍ଭ କରି ସାଧାରଣ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବିଦ୍ୟୁତ୍‌ ସଂଯୋଗ ନ ଥିବା ଲୋକଙ୍କୁ ମିଥ୍ୟା ବିଲ ଦେଇ ଟଙ୍କା ଆଦାୟ କରିବାକୁ ଧମକ ଦେଉଛନ୍ତି। ସରକାର ବିଦ୍ୟୁତ୍‌କୁ ଟାଟା ପାୱାର ହାତରେ ଟେକିଦେଇ ରାଜ୍ୟବାସୀଙ୍କୁ ପ୍ରତାରିତ କରିଛନ୍ତି। ବିଦ୍ୟୁତ୍‌ର ସଂସ୍କାର ଆଣିବା ପାଇଁ କୋଡିଏ ହଜାର କୋଟି ଟଙ୍କା ବ୍ୟୟ ଘୋଟାଲାର ତଦନ୍ତ କରିବା ସହିତ ଟାଟା ପାୱାରର ଚୁକ୍ତି ବାତିଲ କରି ନେସ୍କୋକୁ ରାଜ୍ୟ ସରକାର ନିଜେ ଚଳାନ୍ତୁ ବୋଲି ଉପଭୋକ୍ତା ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ଆବାହକ ରାଜେନ୍ଦ୍ର କୁମାର ସାମଲ, ବିବେକାନନ୍ଦ ମହାନ୍ତି, ଅସିତାନନ୍ଦ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ଅଭିମନ୍ୟୁ ମିଶ୍ର, ବିଜୟ କୁମାର ପଣ୍ଡା, ଗୋପୀନାଥ ମହାନ୍ତି, ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ କୁମାର ପାତ୍ର, ବାବୁଲାଲ ଗୁରୁ, ନିରଞ୍ଜନ ପରିଡ଼ା, ନୃସିଂହ ଚରଣ ପହି, ରବିନାରାୟଣ ନାୟକ, ଜଗନ୍ନାଥ ପତି, ରାଘବ ଚନ୍ଦ୍ର ସାହୁ, ନାରାୟଣ ଜେନା, ମହିନ୍ଦ୍ର କୁମାର ମହାପାତ୍ର, ବିଭୂତିଭୂଷଣ ବଳିୟାରସିଂହ, ନେତ୍ରମଣି ମାରାଣ୍ଡି, ଜିତେନ୍ଦ୍ର ବେହେରା ଓ ସଞ୍ଜୀବ କୁମାର ନାୟକ ପ୍ରମୁଖ ଯୋଗଦେଇ ନିଜ ଅଭି ଭାଷଣରେ ବିଦ୍ୟୁତ୍‌ ଉପଭୋକ୍ତାଙ୍କ ଉପରେ ହେଉଥିବା ଜୁଲମକୁ ସମାଲୋଚନା କରିଥିଲେ। ଯାଜପୁରରୋଡ ଆଦର୍ଶ ଥାନା ସହକାରୀ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ

**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ହସ୍ତକ୍ଷେପ ପରେ ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ବିଶୋଇ ଆନ୍ଦୋଳନକାରୀଙ୍କ ସହ ଦାବିଗୁଡିକ ଉପରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ କର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ, ଟାଟା ପାୱାରର ଅନ୍ୟ ଅଧିକାରୀ ଓ ଖବରଦାତାମାନେ ଉପସ୍ଥିତ ଥିଲେ। ଶେଷରେ ଅଧୀକ୍ଷଣ ଯନ୍ତ୍ରୀ ଧାରଣାସ୍ଥଳରେ ପହଞ୍ଚି ଦୁଇମାସ ମଧ୍ୟରେ ଅସମାପ୍ତ କର୍ଯ୍ୟ ଶେଷ କରିବା ସହିତ ୩୩ କେଭି ବିଦ୍ୟୁତକରଣ କାର୍ଯ୍ୟ ସାତ ଦିନ ମଧ୍ୟରେ ଶେଷ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗତ ଶନିବାର ଉପଭୋକ୍ତା ମହାସଂଘ ଟିପିଏନଡିଓଏଲର ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲା। ଏଥିରେ ବୁଧବାର ଧାରଣା ଦେବାକୁ ଉଲ୍ଲେଖ ଥିଲା।

## ସଂକ୍ଷେପରେ

### କେରଳରୁ ଫେରୁଥିବା ଯୁବକଙ୍କ କଟକରେ ମୃତ୍ୟୁ
### ୧୫ହଜାର, ମୋବାଇଲ ଲୁଟ୍

କେନ୍ଦ୍ରାପଡ଼ା,୨୧।୬(ଜଗନ୍ନାଥ ଧଳ): ରାଜକନିକା ବ୍ଲକର ଚରପଡା ପଞ୍ଚାୟତ କଣ୍ଡିଆଗ୍ରାମର ରବିନ୍ଦ୍ର ନାଥ ମଲିକଙ୍କ ପୁଅ ଧର୍ମେନ୍ଦ୍ର ମଲିକ କେରଳରେ ଏକ ପଞ୍ଚତାରକା ହୋଟେଲରେ ଥିବା ବାର୍‌ରେ କାମ କରୁଥିଲେ। ହେଲେ ସେ କେରଳରୁ ଗ୍ରାମକୁ ଫେରୁଥିବା ବେଳେ ଚେନ୍ନାଇରେ ପହଞ୍ଚି ଥିଲେ। ସେଠାରୁ ସେ ତାଙ୍କ ବଡଭାଇ ସହିତ କଥା ହୋଇଥିଲେ। ସେ ବରହମପୁରରେ ଓହ୍ଲାଇବା ପରେ ବି ବଡ଼ ଭାଇଙ୍କ ସହିତ କଥା ହୋଇ ଗାଡ଼ିରେ ପ୍ରବଳ ଭିଡ଼ ଥିବା କଥା କହିଥିଲେ । ହେଲେ କଟକ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ହଠାତ୍ ତଳେ ପଡିଯାଇଥିଲେ । ଏହି ଖବରପାଇ ତାଙ୍କ ଭିଣୋଇ ତଳେ ପଡିଥିବା ଧର୍ମେନ୍ଦ୍ରଙ୍କୁ ଉଠାଇ କଟକ ବଡମେଡିକାଲକୁ ନେଇଥିଲେ । ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଅସୁସ୍ଥ ହେବା ପରେ କେରଳରୁ ଆଣିଥିବା ମୋବାଇଲ ଫୋନ୍ ସହିତ ୧୫ହଜାର ଟଙ୍କା ଚୋରିଯାଇଥିଲା। କେହି ଦୁର୍ବୃତ୍ତ ତାଙ୍କୁ କିଛି ଖାଇବାକୁ ଦେଇଏପରି ଅବସ୍ଥା ସୃଷ୍ଟି କରିଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ଖବର ଜଣାପଡିବା ପରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଓ ଭାଜପାର ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ପଣ୍ଡା ତାଙ୍କ ଘରକୁ ଆସି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଗଣକବି ଗୋପାଳ ଦାଶଙ୍କ ସ୍ମୃତିଚାରଣ ସଭା

କେନ୍ଦ୍ରାପଡ଼ା, ୨୧।୬ (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ବ୍ଲକ ବାରୋସ୍ଥିତ ଭାବଗ୍ରାହୀ କଳା ନିକେତନ ପରିସରରେ ଗଣକବି ଗୋପାଳ ଦାଶଙ୍କ ସ୍ମୃତିଚାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। କଳା ନିକେତନ ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ଶିକ୍ଷାବିତ୍ ଭଗବାନ ପତ୍ରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗଣକବିଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୬ ଜଣ ବରିଷ୍ଠ କଳାକାରଙ୍କୁ ସମ୍ମାନୀତ କରାଯାଇଥିଲା। ସଭାକୁ କଳାକାର ରଶ୍ମିତା ସୁତାର, ଅର୍ଚ୍ଚନା ପରିଡା, ରାଜଲକ୍ଷ୍ମୀ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

### ୭୭ ଗୋରୁ ଉଦ୍ଧାର, ବେପାରୀ ଗିରଫ

ପାଣିକୋଇଲି,୨୧।୬ (ବିକାଶ କୁମାର ମଲ୍ଲିକ): ଗୋଚାଲାଣ ପାଇଁ ରଖାଯାଇଥିବା ୭୭ ଗୋରୁଙ୍କୁ ପାଣିକୋଇଲି ପୋଲିସ ପକ୍ଷରୁ ଉଦ୍ଧାର କରାଯିବା ସହ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କେଉଁଟ ନଗୁଆ ଗ୍ରାମର ଭୋଳା ଯେନା। ଥାନା ଅଧୀନ ଗୋଲେଇପୁର ପଞ୍ଚାୟତର ସାହାପୁର ହାଟରେ ବେଆଇନ ଭାବେ ଗୋ ଚାଲାଣ ହେବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୭୭ ଗୋରୁଙ୍କୁ ଉଦ୍ଧାର କରିବା ସହ ଭୋଳାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୧୫୪/୨୩ରେ ମାମଲା ରୁଜୁ ହୋଇଛି।

# ପାଣି ପାଇପ ମିସ୍ତ୍ରିଙ୍କ ଚିହ୍ନଟ ଜରୁରୀ

- ଜିଲାରୁ ଲକ୍ଷେରୁ ଉର୍ଦ୍ଧ୍ୱ ମିସ୍ତ୍ରି ଦେଶ ବିଦେଶରେ ଅଛନ୍ତି
- ତଥ୍ୟ ଅଭାବରୁ ହୋଇପାରୁନି ଯୋଗାଯୋଗ
- ଡାଟାବେସ୍ ସହ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର କରାଯାଉ

କେନ୍ଦ୍ରାପଡ଼ା,୨୧।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଲକ୍ଷେରୁ ଉର୍ଦ୍ଧ୍ୱ କୁଶଳୀ ପାଣି ପାଇପ ମିସ୍ତ୍ରି ଦେଶ ବିଦେଶରେ ରହି କାମ କରୁଛନ୍ତି। ଦି ଇଣ୍ଡିଆନ ପ୍ଲମ୍ବିଂ ସ୍କିଲ୍ କାଉନସିଲର ସର୍ଭେ ଅନୁଯାୟୀ ଦେଶରେ କାର୍ଯ୍ୟରତ ପାଣି ପାଇପ ମିସ୍ତ୍ରିଙ୍କ ମଧ୍ୟରୁ ଓଡ଼ିଆ ଭାଷାଭାଷୀ ୭୦ ଭାଗ। ଏଥିମଧ୍ୟରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ସର୍ବାଧିକ ଅଛନ୍ତି। ଏହି କୁଶଳୀ କାରିଗରଙ୍କ ତଥ୍ୟ ଜିଲା ପ୍ରଶାସନ ନିକଟରେ ନାହିଁ। ଦେଶ ବିଦେଶରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଉଦ୍ଧାର ଅଥବା ସହଯୋଗ ପାଇଁ ଜିଲା ପ୍ରଶାସନ ନାଚାର ଅବସ୍ଥା ଦେଖାଉଛି। ଏମାନଙ୍କ ଡାଟାବେସ୍ ପ୍ରସ୍ତୁତି ସହ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଟୋଲ ଫ୍ରି ନମ୍ବର ଦିଆଗଲେ ଜିଲାବାସୀ ଉପକୃତ ହୋଇପାରିବେ। ଏଥିପାଇଁ ଏମାନଙ୍କ ଚିହ୍ନଟ ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ଆଇନଜୀବୀ ବିଧୁ ଭୂଷଣ ମହାପାତ୍ର କହିଛନ୍ତି ଯେ ୧୯୪୭ ମସିହାରେ କୋଲକାତା ହାଇକୋର୍ଟରେ ଦିନେଶ ଚନ୍ଦ୍ର ଗୁହା ନାମକ ଜଣେ ବ୍ୟକ୍ତି ଏକ ମକଦ୍ଦମା ଦାଏର କରିଥିଲେ। ଏଥିରେ କୋଲକାତା ମ୍ୟୁନିସିପାଲିଟିରେ ଲାଇସେନ୍ସପ୍ରାପ୍ତ ପାଣି ପାଇପ ମିସ୍ତ୍ରି ନିଯୁକ୍ତ ହୋଇ ନ ଥିବା ଦର୍ଶାଇ ଓଡ଼ିଶାର ପାଣି ପାଇପ ମିସ୍ତ୍ରିଙ୍କୁ ବିରୋଧ କରିଥିଲେ। ତତ୍କାଳୀନ ସମୟରେ ପଟ୍ଟାମୁଣ୍ଡାଇର ଏହି କର୍ମକୁଶଳୀ ମିସ୍ତ୍ରିଙ୍କ ଅନୁଭବ ଆଗରେ ପାଠପଢ଼ା ଡିଗ୍ରୀଧାରୀ ହାର ମାନିଥିଲେ। ବାସ୍ତବରେ ୧୯୩୦ ମସିହାରେ କେତେଜଣ ଯୁବକ ବ୍ରିଟିଶ କମ୍ପାନୀରେ ରହି କାର୍ଯ୍ୟ କରୁଥିଲେ। ଦେଶ ବିଭାଜନ ପରେ ଏହି କମ୍ପାନୀରେ ଥିବା ମୁସଲମାନ ସମ୍ପ୍ରଦାୟ ଲୋକ ପୂର୍ବ ପାକିସ୍ତାନକୁ ପଳାଇ ଯିବା ପରେ କୋଲକାତାରେ ଓଡ଼ିଆ ମିସ୍ତ୍ରିଙ୍କ ଆଧିପତ୍ୟ ବଢ଼ିଥିଲା। ଏପରିକି ୧୯୭୦ ମସିହାରୁ ଅଦ୍ୟାବଧି




ଜିଲାର ପାଣି ପାଇପ କୁଶଳୀ କାରିଗର ଆରବ, କୁଏଟ୍ ଆଦି ଦେଶରେ ସର୍ବାଧିକ ଗ୍ରହଣୀୟ ହୋଇଛନ୍ତି। ୨୦୧୦ ମସିହାରୁ ପଟ୍ଟାମୁଣ୍ଡାଇଠାରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ ପ୍ଲମ୍ବିଂ ଟେକ୍ନୋଲୋଜି (ଏସ୍‌ଆଇପିଟି) ଆରମ୍ଭ ପରେ କୁଶଳୀ ପାଣିପାଇପ ମିସ୍ତ୍ରିଙ୍କ ସଂଖ୍ୟା ଅଧିକ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଜିଲାର ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ, ୨୦୧୧ ଜନଗଣନା ଅନୁସାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସହିତ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୫,୩୬,୦୨୬ ଜଣଙ୍କ ମଧ୍ୟରୁ ୫୧ ପ୍ରତିଶତ ଜିଲା ବାହାରେ କାର୍ଯ୍ୟରତ ଅଛନ୍ତି।

ଏମାନଙ୍କ ମଧ୍ୟରୁ ୬୭ ଭାଗ ପାଣି ପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏହି କୁଶଳୀ ଶ୍ରମିକଙ୍କ ଡାଟାବେସ୍ ନ ଥିବାରୁ ସରକାରୀ ପ୍ରୋତ୍ସାହନ ମିଳିପାରୁନାହିଁ। ପଟ୍ଟାମୁଣ୍ଡାଇର ନରେନ୍ଦ୍ର ରାଉତ କହିଛନ୍ତି, ଏଠାକାର କୁଶଳୀ କାରିଗରମାନେ ଦେଶ ବିଦେଶରେ ମଧ୍ୟସ୍ଥ, ଠିକାଦାର, ବିଲ୍ଡରଙ୍କ ଜରିଆରେ ପାଣି ପାଇପ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ବହୁ ସମୟରେ ଏହି ଶ୍ରମିକଙ୍କ ନିର୍ଯାତନା ଖବର ଆସିଥାଏ। ସେହିପରି ଭିଜା, ପାସ୍‌ପୋର୍ଟ ଆଦି ସମସ୍ୟା ରହିଛି। ଏହି ସମୟରେ ପ୍ରଶାସନ ପକ୍ଷରୁ ସାହାଯ୍ୟର ଆବଶ୍ୟକତା ଥିବାବେଳେ ପରିଚୟ ଓ କାର୍ଯ୍ୟସ୍ଥଳର ତଥ୍ୟ ଅଭାବରୁ ଯୋଗାଯୋଗ ସମ୍ଭବ ହେଉନାହିଁ। ଏଥିସହ ଶ୍ରମ ବିଭାଗ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯାଇ ଏକ ଟୋଲ ଫ୍ରି ନମ୍ବର ଦିଆଗଲେ ଜିଲା ବାହାରେ ରହୁଥିବା ଶ୍ରମିକଙ୍କ ସମସ୍ୟା କିଛି ଲାଘବ ହୋଇପାରିବ। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ୨୦୧୯ ମସିହାରେ ଡାଟାବେସ୍ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇଛି। ପାଣିପାଇପ ମିସ୍ତ୍ରି ଅଥବା ଶ୍ରମିକ ଜିଲା ବାହାରକୁ ଯାଉଥିବା ସମୟରେ ଶ୍ରମ ବିଭାଗ କାର୍ଯ୍ୟାଳୟରେ ନିଜର ନାମ ପଞ୍ଜୀକୃତ କରାଇବା ବ୍ୟବସ୍ଥା ହୋଇଛି। ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ ଚାହାପଡ଼ାସ୍ଥିତ ଏସ୍‌ଆଇପିଟିରୁ ପୁରାତନ ଓ ନୂତନ ଶିକ୍ଷାର୍ଥୀଙ୍କ ପରିଚୟ ମଗା ଯାଇଛି ବୋଲି ସେ କହିଛନ୍ତି।

# ଟଙ୍କା ଦ୍ୱିଗୁଣା କରିବାକୁ କହି ୩ କୋଟି ନେଇ ଯୁବକ ଚମ୍ପଟ



ଠକେଇର ଶିକାର ହୋଇଥିବା ବ୍ୟକ୍ତିମାନେ।

ଆଳି,୨୧।୬(ବନମାଳୀ ସେନାପତି )

**ଟଙ୍କା ଫେରି ପାଇବା ଆଶଙ୍କାରେ ଜମାକାରୀ**

କାହାକୁ ଜମି ଦେବେ ତ କାହାର ଜମା ଅର୍ଥକୁ ଦ୍ୱିଗୁଣ କରି ଦେବାର ଲୋଭ ଦେଖାଇ ଆଳି ଅଞ୍ଚଳର ଜଣେ ଯୁବକ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କଠାରୁ ପାଖାପାଖି ୩ କୋଟି ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଟଙ୍କା ଫେରି ପାଇବା ଆଶା ଆଶଙ୍କାରେ ଜମାକାରୀ ରହିଛନ୍ତି। ଯୁବକଙ୍କ ଘରକୁ ଜମାକାରୀମାନେ ବାରମ୍ବାର ଯାଇ ନିରାଶ ହେବା ପରେ ନ୍ୟାୟ ପାଇବା ନିମନ୍ତେ ଆଇନର ଆଶ୍ରୟ ନେଇଛନ୍ତି। ସୂଚନା ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ବାଲିସାହି ଗ୍ରାମର ଜଣେ ଯୁବକ ତାଙ୍କ ସାଙ୍ଗସାଥୀ, ଦୋକାନୀ, ରାଜନେତାଙ୍କୁ ଫସାଇ ସେମାନଙ୍କ ଅର୍ଥକୁ ଡବଲ କରିବାର ପ୍ରଲୋଭନ ଦେଖାଇ ପର୍ଯ୍ୟାୟକ୍ରମେ ଟଙ୍କା ନେଇ ଚାଲିଥିଲେ। ପାଖାପାଖି ୩ କୋଟି ଟଙ୍କା ନେବା ପରେ ଏବେ ସେ କେଉଁଆଡେ ଫେରାର ହୋଇଯାଇଛନ୍ତି। ତାଙ୍କୁ କେଉଁଠି ନ ପାଇ ଏବେ ଆଶା ଆଶଙ୍କା ଭିତରେ ଜମାକାରୀମାନେ ରହିଛନ୍ତି। ପାର୍ବତୀ ଏଣ୍ଟର ପ୍ରାଇଜର୍ସର ମାଲିକ ଶଶି ବିଶ୍ୱାଳ ଅଭିଯୋଗ କରିଛନ୍ତି, ଯୁବକ ଜଣକ ତାଙ୍କ ମା' ଦେହ ଖରାପ କଥା କହି ଟଙ୍କା ନେଇଥିଲେ। ସେ ଟଙ୍କା ମାଗିବାରୁ ତାଙ୍କ ଟଙ୍କାକୁ ଡବଲ କରି ଦେବାକୁ ପ୍ରଲୋଭନ ଦେଖାଇବାରୁ ସେ ପ୍ରଲୋଭିତ ହୋଇ ପ୍ରାୟ ୨୭ ଲକ୍ଷ ଟଙ୍କା ଦେଇଥିଲେ। ଯୁବକ ଜଣଙ୍କ ତାଙ୍କୁ ଏକ ୪୦ ଲକ୍ଷ ଟଙ୍କାର ଚେକ ଦେଇଛନ୍ତି। ଯାହାକୁ ନେଇ ବ୍ୟାଙ୍କରେ ଡିପୋଜିଟ କରିବା ପରେ ଆକାଉଣ୍ଟରେ ଏତେ ଟଙ୍କା ନ ଥିବା ବେଳେ ଚେକ ବାଉନ୍ସ ହୋଇଯାଇଥିଲା। ଫଳରେ ସେ ଯୁବକ ଜଣକ ତାଙ୍କୁ ଠକି ଥିବା ସେ ଜାଣିବାକୁ ପାଇଛନ୍ତି। ସେହିପରି ପ୍ରଫୁଲ୍ଲ ସିଂଙ୍କ ନିକଟରୁ ଜମି କରାଇ ଦେବା ନାମରେ ତାଙ୍କ ନିକଟରୁ ୧୪ ଲକ୍ଷ ଟଙ୍କା ନେଇଛନ୍ତି। ଯେଉଁ ଜମି ପଟ୍ଟା ତାଙ୍କୁ ଦେଇଛନ୍ତି ସେହି ଜମିପଟ୍ଟା ଉକ୍ତ ଯୁବକଙ୍କ ନିଜ ଘରର ବୋଲି ଜଣାପଡ଼ିଛି। ସେହିପରି ଲୋକାପଡ଼ା ଗ୍ରାମର ପ୍ରଭାତ ବାରିକ ସେଲୁନ କରି ଚଳୁଥିବା ବେଳେ ଯୁବକ ଜଣକ ତାଙ୍କ ଦୋକାନକୁ ଚୁଟି କାଟିବାକୁ ଆସି ତାଙ୍କୁ ଟଙ୍କା ଡବଲ ହେବାର ଲୋଭ ଦେଖାଇଥିଲେ। ସେ ଲୋଭରେ ପଡ଼ି ପ୍ରାୟ ୭ ଲକ୍ଷ ଟଙ୍କା କରଜ କରି ତାଙ୍କୁ ଦେଇଥିଲେ। ଆଜିକୁ ୩ମାସ ପୂର୍ବେ ଯୁବକ ଜଣକ ଟଙ୍କା ନେବା ପରେ ଆଉ ତାଙ୍କ ଦୋକାନ ଆସିନାହାନ୍ତି। ପାଖରେ ଟଙ୍କାଟିଏ ନ ଥିବାରୁ ସେ ୩ ମାସ ହେବ ସେଲୁନ ଖୋଲି ପାରୁନାହାନ୍ତି। ଯେଉଁମାନଙ୍କ ନିକଟରୁ ସେ ଟଙ୍କା କରଜ କରି ତାଙ୍କୁ ଦେଇଛନ୍ତି ସେମାନେ ଟଙ୍କା ମାଗିବାରୁ ସେ ଏବେ ଲୁଚିବା ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। ତାଙ୍କ ଟଙ୍କା ଫେରି ନ ପାଇଲେ ସେ ଆତ୍ମହତ୍ୟା କରିବେ ବୋଲି କାନ୍ଦି କାନ୍ଦି କହିଛନ୍ତି। ଏମାନଙ୍କ ଭଳି ଆହୁରି ଅନେକ ବ୍ୟକ୍ତି ଏହି ଠକେଇର ଶିକାର ହୋଇଛନ୍ତି।

# ମହାକାଳୀ ମନ୍ଦିର ରୂପାନ୍ତରଣ କାର୍ଯ୍ୟର ଶିଳାନ୍ୟାସ



ରାଜନଗର,୨୧।୬(ଭାସ୍କର ରାଉତରାୟ)

ରାଜନଗର ବିଧାୟକ ଧ୍ରୁବ ସାହୁ ବୁଧବାର ଓସ୍ତିଆ ଓ ବେଲପାଳ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଓସ୍ତିଆ ସେବା ସମବାୟ ସମିତି ପରିସରରେ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ବହୁମୁଖୀ ଗୋଦାମ ଗୃହ, ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବେଲପାଳଠାରେ ରାଜସ୍ୱ ନୀରିକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତାରେ ବେଲପାଳ ମହାକାଳୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମ ପରେ ବେଲପାଳଠାରେ ଆମ୍ରାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ଓ ପଟ୍ଟାମୁଣ୍ଡାଇର ବିକାଶ ପାଇଁ ଗତ ୪ ବର୍ଷରେ ସେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ଚନ୍ଦ୍ର ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଓସ୍ତିଆ ପଂଚାୟତର ସରପଂଚ ବୈଦେହୀ ଦାସ, ଓସ୍ତିଆ ସେବା ସମବାୟ ସମିତିର ସଭାପତି ନବଘନ ପଣ୍ଡା, ବିଜୟ କୁମାର ନାୟକ, ବୈବର୍ତ୍ତ ନାରାୟଣ ବିଶ୍ୱାଳ, ପ୍ରସନ୍ନ କୁମାର ଦାସ, ପତିତ ପାବନ ପଣ୍ଡା, ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ନରେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପ୍ରାବନ୍ଧିକ ଶରତ ମହାପାତ୍ରଙ୍କ 'ହେ ପାଦପ' ଉନ୍ମୋଚିତ

ରାଜନଗର, ୨୧।୬ (ଭାସ୍କର ରାଉତରାୟ)

ବରିଷ୍ଠ ପ୍ରାବନ୍ଧିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ପ୍ରବନ୍ଧ ସଂକଳନ 'ହେ ପାଦପ' ରବିବାର ଉନ୍ମୋଚିତ ହୋଇଛି। ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଏହି ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କଥାକାର, ବିଶିଷ୍ଟ ପ୍ରଚ୍ଛଦଶିଳ୍ପୀ ତଥା ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରାବନ୍ଧିକ ଶରତ ଚନ୍ଦ୍ର ମହାପାତ୍ର ତାଙ୍କ ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। ସେ ବିଜେବି କଲେଜରେ ପାଠ ପଢୁଥିବା ସମୟରେ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଭାଗ୍ୟଲିପିର ସମ୍ପାଦକଙ୍କ ପ୍ରେରଣାରେ ତାଙ୍କ ଲେଖନୀ ଚାଳନା ଆଜି ଯାଏ ଜାରି ରହିଛି ବୋଲି କହିଥିଲେ। ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ରାଜନଗର ସାହିତ୍ୟଘରର ସଭାପତି ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜଡ଼ିତ। ପୂର୍ବରୁ ତାଙ୍କର ଶିବାନୀ, ଅନ୍ତ୍ୟେଷ୍ଟି ଯଜ୍ଞ, ଆମେ ଓ ଆମର ଶ୍ରାଦ୍ଧ, ମା'ଭଗବତୀ ପ୍ରବନ୍ଧାବଳୀ, ବହୁବର୍ଣ୍ଣା ବସୁନ୍ଧରା, ଯଜ୍ଞ ବୈ ଜଗତ୍ ଆଦି ବହୁ ସଫଳ ସଂକଳନ ସାହିତ୍ୟ ଜଗତ ପାଇଁ ତାଙ୍କର ଦାନ। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ଅଭିରାମ ସାହୁ, ମୁଖ୍ୟବକ୍ତା ଭାବେ କଥାକାର ପ୍ରଦୀପ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରାଧାପକ ସତ୍ୟବାଦୀ ଜେନା, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ବିକ୍ରମାଦିତ୍ୟ ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ମହାପାତ୍ରଙ୍କ ସାହିତ୍ୟ ଜଗତ ଓ ରାଜନଗର ପ୍ରତି ଥିବା ତାଙ୍କର ଅବଦାନ ଓ ଅନୁସନ୍ଧାନଧର୍ମୀ ପ୍ରବନ୍ଧ ସମ୍ପର୍କରେ ମତ ରଖିଥିଲେ। ପ୍ରକାଶକ ବନଫୁଲ ପ୍ରକାଶନୀର କବି ପବିତ୍ର ବ୍ରହ୍ମପୁତ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତକାର ରାମଚନ୍ଦ୍ର ବାରିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ଆଳିର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ

ଆଳି, ୨୧।୬ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳିର ବିଭିନ୍ନ ସ୍ଥାନରେ ମଙ୍ଗଳବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଳିର ଆରାଧ୍ୟ ଠାକୁର ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିର ପରିସରରେ ଥିବା ମହାପ୍ରଭୁଙ୍କ ରଥଯାତ୍ରା ପାଳିତ ହୋଇଛି। ଠାକୁରଙ୍କର ବିଭିନ୍ନ ନୀତିକାନ୍ତି ପରେ ଅପରାହ୍ନରେ ପଣ୍ଡା ସେବକମାନେ ପହଣ୍ଡି କରି ଠାକୁରଙ୍କୁ ରଥାରୂଢ଼ କରିଥିଲେ। ପରେ ଆଳି ରାଜା ବ୍ରଜକେଶରୀ ଦେବ ଛେରାପହଁରା କରିବା ପରେ ମାଉସୀ ମା' ମନ୍ଦିର ଅଭିମୁଖେ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଆଇଆଇସି ଦିଲୀପ ସାହୁଙ୍କ ନେତୃତ୍ୱରେ ଏକ ଟିମ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ। ଏହି ରଥଯାତ୍ରା ଦେଖିବା ନିମନ୍ତେ ବ୍ଲକର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁରୁଣ୍ଡ ହୋଇଥିଲେ। ସେହିପରି ଗୋବିନ୍ଦପୁର, ଭୂଇଁପୁର, କୁମାରଟଙ୍କା, ସହିରା,କଳଦିଆ,ମାଳପାଟଣା ଆଦି ବିଭିନ୍ନ ଗ୍ରାମରେ ମଧ ରଥଟଣା କାର୍ଯ୍ୟ ହୋଇଥିଲା।

# ବିଦ୍ୟୁତ୍ ବିଭାଗର ଅନିୟମିତତାର ପ୍ରତିବାଦ

ଆଳି,୨୧।୬ (ବନମାଳୀ ସେନାପତି)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର**



କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ଟାଟା ପାୱାର ଓଡ଼ିଶାର ବିଦ୍ୟୁତ୍ ବିଭାଗ ଦାୟିତ୍ୱ ନେବା ପରେ ଅଘୋଷିତ ବିଦ୍ୟୁତ କାଟ,ଓ ଅହେତୁକ ଦର ବୃଦ୍ଧି ଏକ ସାଧାରଣ କଥାରେ ପରିଣତ ହୋଇଛି। ପ୍ରବଳ ଗରମ ଓ ଗୁଳୁଗୁଳିରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଘନଘନ ବିଦ୍ୟୁତ କାଟ ସାଧାରଣରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। ଲୋକମାନଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି କଂଗ୍ରେସ ପକ୍ଷରୁ ବୁଧବାର ପୂର୍ବାହ୍ନରେ ଆଳି ବିଦ୍ୟୁତ ସବ୍‌ଡିଭିଜନ ସମ୍ମୁଖରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରେରଣ କରିଥିଲେ।

ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବି ପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଳି ଓ ରାଜକନିକା ଅଞ୍ଚଳରେ ଟାଟା ପାୱାରର ମନମାନି ଯୋଗୁ ଘନଘନ ବିଦ୍ୟୁତ୍ କାଟ ଓ ଅହେତୁକ ଦରବୃଦ୍ଧି କରାଯାଇଛି। ଏହାକୁ କଂଗ୍ରେସ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଆଳିକୁ ଏକ ବିଦ୍ୟୁତ ଡ଼ିଭିଜନରେ ପରିଣତ କରିବା, ପତ୍ରପୁର ଓ ରାଜକନିକାରେ ବିଦ୍ୟୁତ ସବଡିଭିଜନ ପ୍ରତିଷ୍ଠା କରିବା, ଗୋବିନ୍ଦପୁର ଓ କଣ୍ଡିଆଠାରେ ବିଦ୍ୟୁତ ସେକ୍ସନ ପ୍ରତିଷ୍ଠା କରିବା, ଘନଘନ ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା, ବିଦ୍ୟୁତ ଦର ହ୍ରାସକରିବା, ଲୋକମାନଙ୍କୁ ଠକି ଥିବା ଟାଟା ପାୱାର ସଂସ୍ଥାକୁ ତଦନ୍ତ ପରିସରଭୁକ୍ତ କରିବା, ରାଜକନିକାର ବିଦ୍ୟୁତ ଭିତ୍ତିଭୂମିର ବିକାଶ କରିବା,ବିଦ୍ୟୁତ ବିଲ ତ୍ରୁଟିଗୁଡ଼ିକୁ ତୁରନ୍ତ ସମାଧାନ କରିବା ଆଦି ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଳିବ୍ଲକ କଂଗ୍ରେସ କମିଟି ସଭାପତି ରବିନାରାୟଣ ବେହେରା, ପ୍ରଭାକର ସାହୁ, ମଙ୍ଗୁଳି ଚରଣ ବେହେରା, ମାନଗୋବିନ୍ଦ ଦାସ, ବିଷ୍ଣୁ ଚରଣ ମଳିକ,ସୁଧିର ପଲେଇ,ନଟବର ମଳିକ, ଦିଲୀପ ଦଳ, ଚିତ୍ତରଞ୍ଜନ ଦାସ, ମାନଗୋବିନ୍ଦ ସେଠି,ଉମେଶ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଶାସନ ଶୁଣିଲାନି ଗାଁ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା,୨୧।୬ (ଜଗନ୍ନାଥ ଧଳ)



ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି।

**ତରପଦା ଗାଁର ୧ ନଂ. ୱାର୍ଡ**

ସାଧାରଣ ଜନତାଙ୍କ ପାଇଁ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ସୁଦୃଢ଼ କରିବା। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କ ଯାତାୟାତର ସୁବିଧା ପାଇଁ ଗାଁକୁ ଗାଁ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। ପୂର୍ବରୁ ହୋଇଥିବା ଗାଁ ରାସ୍ତାଗୁଡିକ ଖରାପ ହୋଇଯାଇଥିବା କ୍ଷେତ୍ରରେ ମରାମତି ପାଇଁ ଅର୍ଥ ମଧ୍ୟ ସରକାର ମଞ୍ଜୁର କରି ତହବିଲରୁ ଖର୍ଚ୍ଚ ହେଉଛି। କିନ୍ତି ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ନ ଶୁଣିବାରୁ ଗାଁ ଲୋକ ଶ୍ରମ, ସମୟ ଓ ଅର୍ଥ ଦେଇ ରାସ୍ତା ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଗାଁର ଯୁବକଠାରୁ ବୟସ୍କ ଲୋକମାନେ କାମ କରିଥିବା ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ସମିତି ଅଧୀନ କୋଇଲିପୁରୁ ପଞ୍ଚାୟତ ତରପଦା ଗାଁର ୧ ନମ୍ବର ୱାର୍ଡରେ ବସବାସ କରଥିବା ୨ଶହ ପରିବାରର ଲୋକମାନେ।

୧୧ବର୍ଷ ତଳେ ସରକାରଙ୍କ ପକ୍ଷରୁ ଗାଁ ଦାଣ୍ଡରେ ପକ୍କା ରାସ୍ତା ନିର୍ମାଣ କରାଯାଇଥିଲା। ଏହି ଗାଁ ଦାଣ୍ଡ ରାସ୍ତା ଏବେ ଖାଲଖମାରରେ ଭରପୁର ହେବାସହ ବର୍ଷାଦିନେ ପାଣି ଜମିବା ଏବଂ ୨ଟି ସ୍ଥାନରେ ବିରାଟକାୟ ଖାଲ ହୋଇଥିଲା। ଲୋକମାନେ ସାବଧାନତାର ସହ ଯାତାୟାତ କରୁଥିଲେ ମଧ କେବେ କେମିତି ଏହି ଖାଲରେ ପଡ଼ି ଲୋକମାନେ ଆହତ ବି ହୋଇଥାନ୍ତି। ସ୍କୁଲ, କଲେଜ ପିଲାମାନେ ଯିବା ଆସିବା ବେଳେ ମଧ ଏଠାରେ ଦୁର୍ଘଟଣା ଘଟିଥାଏ। ଏହି ରାସ୍ତା ନିର୍ମାଣ ପାଇଁ ଅନେକ ଥର ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଗୁହାରୀ କରାଯାଇଥିଲା। ହେଲେ ସରପଞ୍ଚ, ବ୍ଲକ ପ୍ରଶାସନ କେହି କର୍ଣ୍ଣପାତ କରି ନ ଥିବା ୱାର୍ଡ ବାସିନ୍ଦା ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଶେଷରେ ଆଉ କାହାକୁ ହାରି ଗୁହାରୀ କରିବୁ ନାହିଁ ନିଷ୍ପତ୍ତି ନେଇ ନିଜ ଗାଁ ରାସ୍ତା ନିଜେ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ ତରପଦା ଗାଁର ୧ ନମ୍ବର ୱାର୍ଡର ଅଧିବାସୀ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ନରୋତ୍ତମ ବାରିକ, ରବୀନ୍ଦ୍ର ଖଣ୍ଡୁଆଳ, ରଞ୍ଜନ ବେହେରା, ସୁକାନ୍ତ ସାହୁ, ଦୁଃଶାସନ ସୁତାର, ରମାକାନ୍ତ ସାହୁ, ସଞ୍ଜୟ ବେହେରା, ମହେଶ୍ୱର ବେହେରା, ପଞ୍ଚାନନ ନାୟକ, ନାରଣ ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ରୁପକାନ୍ତ ସୁତାର, ନିମାଇଁ ଚରଣ ନାୟକ ଓ ଜଗନ୍ନାଥ ଦାସଙ୍କ ସମେତ ୩୮ ପରିବାରର ଲୋକେ। ସେମାନେ ସମସ୍ତେ ଟଙ୍କା ଆଦାୟ କରି ବାଲି, ଗୋଡ଼ି ଓ ସିମେଣ୍ଟ କ୍ରୟ କରି ୱାର୍ଡ ଯୁବକଠାରୁ ବୟସ୍କ ଲୋକମାନେ ମିଶି ସମସ୍ତେ ଖୁଡ଼ି, କୋଦାଳ ହାତରେ ଧରି ଖାଲ ଖମାରରେ ଭର୍ତ୍ତି ଥିବା ରାସ୍ତାରେ ମାଟି ପକାଇବା ସହ ବାଲି, ଗୋଡ଼ି ଓ ସିମେଣ୍ଟ ଫେଣ୍ଟି ରାସ୍ତାକୁ ପକ୍କା କରିଥିଲେ। ଲୋକମାନେ ଅଭିଯୋଗ କରିଛନ୍ତି, ପ୍ରଶାସନ ଉପରେ ଆମର ଭରସା ତୁଟିଗଲା। ଏ ସମ୍ପର୍କରେ କୋଇଲିପୁରୁ ସରପଞ୍ଚ ଅରୁଣ ରାଉତଙ୍କୁ ପଚାରିବାରୁ ଚଳିତବର୍ଷ ମାର୍ଚ୍ଚରେ ସେହି ଗାଁର ହନୁମାନ ମନ୍ଦିରଠାରୁ କ୍ଲବ ଘର ପର୍ଯ୍ୟନ୍ତ ୨ ଶହ ଫୁଟ ରାସ୍ତା ୨ ଲକ୍ଷ ୨୫ ହଜାର ଟଙ୍କାରେ ନିର୍ମାଣ କରାଯାଇଛି। ୧ ନମ୍ବର ୱାର୍ଡ ରାସ୍ତା ମରାମତି ପାଇଁ ଆକ୍ସନ ପ୍ଲାନ ତିଆରି କରି ବ୍ଲକକୁ ପଠାଯାଇଛି। ଅନୁମୋଦନ ହୋଇ ଆସିଲେ ରାସ୍ତା କାମ କରାଯାଇଥାନ୍ତା। ତେବେ ଏଭଳି ଖବର ତମାମ ଜିଲାର ରୋଚକ ଖବର ହୋଇଛି।

## ସଂକ୍ଷେପରେ

### ରଥଚକା ମାଡ଼ିଯିବାରୁ ନାବାଳକ ଗୁରୁତର

ଦିଗପହଣ୍ଡି,୨୧।୬(ଅଶେଷ ନାଥ ମିଶ୍ର): ଦିଗପହଣ୍ଡିରେ ପୂର୍ବ ପରମ୍ପରା ଅନୁଯାୟୀ ଶ୍ରୀଗୁଣ୍ଡିଚା ଯାତ୍ରା ପରଦିନ ଶ୍ରୀ ଜୀଉଙ୍କ ରଥ ଟଣା ଯାଇଥାଏ। ବୁଧବାର ଅପରାହ୍ନରେ ରଥ ଗଡୁଥିବା ବେଳେ ରଥ ଚକା ମାଡ଼ିଯାଇ ଜଣେ ନାବାଳକ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ଜଣକ ହେଲେ ଦିଗପହଣ୍ଡି ବଡ଼ ବ୍ରାହ୍ମଣ ସାହିର ରମା ଚୌଧୁରୀଙ୍କ ପୁଅ ଓମ ଚୌଧୁରୀ (୧୦)। ରଥଯାତ୍ରା ପାଇଁ ଦିଗପହଣ୍ଡି ସହର ତଥା ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ପ୍ରବଳ ଗହଳିରେ ରଥଟଣା ବେଳେ ଅସାବଧାନତା କାରଣରୁ ନାବାଳକ ଜଣକ ତଳେ ପଡିଯାଇଥିଲେ। ତାଙ୍କ ବାମ ଗୋଡ଼ ଉପରେ ଚକା ମାଡ଼ିଯାଇଥିଲା। ଘଟଣା ସ୍ଥଳରୁ ସାମାଜିକ କର୍ମୀ କୁରେଶୁ ମହାରଣା ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ୨ ସେବାୟତଙ୍କୁ ଗିରଫ ଦାବି

ମୋହନା,୨୧।୬(ମନ୍ମଥ ମିଶ୍ର):ମଙ୍ଗଳବାର ପୁରୀ ରଥ ଯାତ୍ରାରେ ଖବର ସଂଗ୍ରହ କରୁଥିବା ବେଳେ ନ୍ୟୁଜ୍ ୭ର ପୁରୀ ବ୍ୟୁରୋ ଚିଫ ଚିତ୍ତରଞ୍ଜନ ମହାନ୍ତି ଓ ପୁରୀ ପ୍ରତିନିଧି ଚନ୍ଦ୍ରଶେଖର ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ୨ ଜଣ ସେବାୟତ। ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛି ଗଜପତି ଜିଲା ମୋହନା ପ୍ରେସ କ୍ଲବ। ଏ ସମ୍ପର୍କରେ ଏକ ଦାବି ପତ୍ର ପୋଲିସ ମହା ନିର୍ଦ୍ଦେଶକଙ୍କ ଉଦେଶ୍ୟରେ ମୋହନା ଥାନା ଅଧିକାରୀ ବସନ୍ତ ସେଠୀଙ୍କୁ ପ୍ରଦାନ କରାଯାଇଛି। ଆକ୍ରମଣକାରି ୨ ସେବାୟତଙ୍କୁ ତୁରନ୍ତ ଗିରଫ ନହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ମୋହନା ପ୍ରେସ କ୍ଲବ।

### ସମନ୍ୱିତ ଜଳସେଚନ ପ୍ରକଳ୍ପ ଯୋଜନା ଶୁଭାରମ୍ଭ

ସୋରଡ଼ା ,୨୧।୬(ଲମ୍ବୋଦର ପାଣିଗ୍ରାହୀ ): ଜଳବାୟୁ ନମନୀୟ କୃଷି ପାଇଁ ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଯୋଜନା ଅନ୍ତର୍ଗତ ବିହନ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଶୁଭାରମ୍ଭ ହୋଇଛି । ରାଜ୍ୟ କୃଷି ବିଭାଗ ଓ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଆନୁକୂଲ୍ୟରେ ବିଭିନ୍ନ କିସମର ବିହନ ବଣ୍ଟନ କରାଯାଇଛି। ବଡବଦାଙ୍ଗୀ ପଞ୍ଚାୟତ ସାରନଉତି ଗ୍ରାମରେ ୨୦ ହେକ୍ଟର ମୁଗ ଚାଷ ପାଇଁ ବିରାଟ କିସମ ମୁଗ ୪ କୁଇଣ୍ଟାଲ, ରେଣ୍ଟି, ଢେପାଗୁଡାରେ ୧୦ ହେକ୍ଟରରେ ନିତ୍ୟହରିତା ଚିନାବାଦାମ ଚାଷ ପାଇଁ ୧୫ କୁଇଣ୍ଟାଲ ଚିନାବାଦାମ ବିହନ,ଗଉଡଗୋଠରେ ୧୨ ହେକ୍ଟର ଜହ୍ନା ଚାଷପାଇଁ ୧ କୁଇଣ୍ଟାଲ, ଲଠିପଡା, କୁଳାଙ୍ଗି ଓ ଅନ୍ୟ ସ୍ଥାନରେରେ ୧୩୦ ହେକ୍ଟରରେ ଚାଷ ପାଇଁ ୩୨ କୁଇଣ୍ଟାଲ ଧନିଚା ବିହନ ଓ ସରାବାଡି, ଗୋଛା, ନୂଆଁଗଡକୁ ୭୦୦ କେଜି ଚିନାବାଦାମ ଓ ଗେଞ୍ଜା,ଗାଜଲବାଡି,ବୋରଦା,ବଡଗଡ,ପଞ୍ଚାୟତରେ ୫୦ ହେକ୍ଟର ବିରି ଫସଲ ପାଇଁ ସ୍ଥିର ହୋଇଥିବା ବ୍ଲକ କୃଷି ଅଧିକାରୀ ରାଜକିଶୋର ସାଇଁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ବ୍ଲକ ଉପାଧକ୍ଷ ଅମୂଲ୍ୟ ସାହୁ, ଜିଲା ପରିଷଦ ରାଜେଶ ସାହୁ, ପ୍ରଫୁଲ୍ଲ ମହାଙ୍କୁଡ ଯୋଗଦେଇଥିଲେ। ବ୍ଲକ କୃଷି ଅଧିକାରୀ, ରଶ୍ମିତା ମହାପାତ୍ର ଏଏଓ ରାଜକିଶୋର ସ୍ୱାଇଁ , ସବିତା ସୋରେନ, ରେଣୁବାଳା ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ବହୁ ଚାଷୀ ଉପସ୍ଥିତ ରହି ବିହନ ନେଇଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କ.ନୂଆଗାଁ,୨୧।୬(କାଳୀ ପ୍ରସାଦ ତ୍ରିପାଠୀ) କନ୍ଧମାଳ ଜିଲା କ.ନୂଆଗାଁ ଗହିଙ୍ଗିଆ ଖେଳ ପଡିଆଠାରେ ଏନ.ସି.ସି. କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଗୁଞ୍ଜିଗାଁ ଟିମ୍ ଓ ପୁରୁଣା ନୂଆଗାଁ ଟିମ୍ ମଧରେ ହୋଇଥିଲା। ଟସ୍ ଜିତି ଗୁଞ୍ଜିଗାଁ ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଥିଲା। ପୁରୁଣା ନୂଆଗାଁ ଟିମ୍ ଏହାର ପିଛା କରି ୫୯ ରନରେ ଅଲଆଉଟ ହୋଇଥିଲା। ଫଳରେ ୧୯ ରନରେ ଗୁଞ୍ଜିଗାଁ ଟିମ୍ ବିଜୟୀ ହୋଇଛି। ଗୁଞ୍ଜିଗାଁ ଟିମର ଅଲେଖ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟକୁ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା ଉଦଘାଟନ କରିଥିବା ବେଳେ ଜିଲା ପରିଷଦ ସଭ୍ୟା ଅନିତା ମଲିକ ଓ ବ୍ଲକ ଉପାଧକ୍ଷ ଧବଳେଶ୍ୱର ପାତ୍ର ଉପସ୍ଥିତ ଥିଲେ। ମିନୁ ସାହାଣୀ ଓ ସୁରଜ ନାୟକ ଅମ୍ପାୟାର ରହିଥିଲେ। ବୁବୁ ନାୟକ, ଚନ୍ଦନ ପଣ୍ଡା, ରାକେଶ ଜେନା, ରବିନ୍ଦ୍ର ଡାକୁଆ, ହାପି ନାୟକ ଙ୍କ ସମେତ ଏନ.ସି.ସି. କ୍ରିକେଟ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ବୋହୂକୁ ମାରି ପୋଡ଼ିଦେଲେ

■ ଅଧିକ ଯୌତୁକ ନ ଦେବାରୁ ହତ୍ୟା

■ ହତ୍ୟାକାରୀଙ୍କୁ ଗିରଫ ନ କରିବାରୁ ପ୍ରତିବାଦ

ନୟାଗଡ,୨୧।୬(ଲୋକନାଥ ମିଶ୍ର)

ଇଟାମାଟି ଥାନା ଇଟାମାଟି ଜଗନ୍ନାଥସାହିରେ ଫିନା ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କୁ ଶାଶୁଘର ଲୋକ ଯୌତୁକ ନିର୍ଯାତନା ଦେଇ ହତ୍ୟା କରି ପୋଡି ଦେଇଛନ୍ତି । ଏନେଇ ଅଭିଯୋଗ ପରେ ଇଟାମାଟି ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଛି । ତେବେ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ ବୁଧବାର ଚାପା ଉତ୍ତେଜନା ଦେଖା ଦେଇଥିଲା । ମୃତ ଫିନାଙ୍କ ବାପ ଘର ଲୋକେ ଉତ୍ତେଜିତ ହୋଇ ଥାନାକୁ ଆସି ପ୍ରତିବାଦ କରିବା ସହ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଚାପ ପକାଇଥିଲେ। ଏଭଳିସ୍ଥଳେ ପୋଲିସ ଫିନାଙ୍କ ସ୍ୱାମୀଙ୍କୁ ଗିରଫ କରିଛି । ଗୁରୁବାର କୋର୍ଟ ଚାଲାଣ କରିବାର ଖବର ମିଳିଛି ।

ଅଭିଯୋଗ ଅନୁସାରେ ଇଟାମାଟି ରାଜହୁଡା ସାହିର ପଞ୍ଚୁ ପ୍ରଧାନଙ୍କ ଝିଅ ଫିନା ପ୍ରଧାନ ୨୦୧୫ରେ ଜଗନ୍ନାଥସାହିର ଧୋବା ପ୍ରଧାନଙ୍କ ବଡପୁଅ ରକି ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ୫୦ ହଜାର ଟଙ୍କା, ସୁନା ଓ ସୁପା ଅଳଙ୍କାର, ଘର ଉପକରଣ ଯୌତୁକ ଆକାରରେ ଦେଇଥିଲେ । ବିବାହ ପରେ କିଛି ମାସ ଏହି ଦମ୍ପତି ଭଲରେ ଚଳିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୨ ଲକ୍ଷ ଅଧିକ ଯୌତୁକ ପାଇଁ ଶାଶୁ ଯଶୋଦା ପ୍ରଧାନ, ଶ୍ୱଶୁର ଧୋବା, ଦଦା ଶ୍ୱଶୁର ଗୋପାଳ, ସ୍ୱାଇଁ ରକି ଚାପ ପ୍ରୟୋଗ କଲେ । ଝିଅ ବାପା ଘରର ଅସବାଥିଁ ପ୍ରକାଶ ପରେ ଶାରରରିକ ଓ ମାନସିକ ନିର୍ଯାତନା ବଢ଼ିଥିଲା । ମାରପିଟ୍ ହେବାରୁ ଝିଅ ବାପ ଘରକୁ ଜାଲି ଆସେ । ଶାଶୁ ଘର ଲୋକେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଥାନାରେ ସମାଧାନ କରାଇ ପୁଣି ଝିଅକୁ ନେଇଯାନ୍ତି । ଏଭଳିସ୍ଥଳେ ଗତ ୧୯ ତାରିଖ ସନ୍ଧ୍ୟାରେ ଶାଶୁ ଘର ଲୋକ ମାରପିଟ କରି ଫିନାଙ୍କୁ ହତ୍ୟା କରି ପୋଡି ଦେଇଛନ୍ତି । ଏନେଇ ଏସ୍‌ଡିପିଓ ସ୍ନେହାଶିଷ ସାହୁ ଓ ଆଇଆଇସି ଦୀପକ ଖଣ୍ଡାୟତ ରାୟ କୁହନ୍ତି, ଅଭିଯୋଗ ପରେ


ଫିନା ପ୍ରଧାନଙ୍କ (ଫାଇଲ ଫଟୋ) ।

ପୋଲିସ ୪୯୮(ଏ), ୩୦୨, ୨୦୧, ୩୪ ଆଇପିସି, ୪ଡିପି ଆକ୍ଟ, ଦଫାରେ ୧୪୬/୨୩ରେ ମାମଲା ରୁଜୁ କରିଛି । ଏହି ଘଟଣାରେ ଫିନାର ସ୍ୱାମୀ ରକିଙ୍କୁ ଗିରଫ କରାଯାଇଛି । ଅନ୍ୟମାନଙ୍କୁ ମଧ ଶୀଘ୍ର ଗିରଫ କରାଯିବବୋଲି କହିଛନ୍ତି।

ମୃତ ଫିନାର ମା ଲକ୍ଷ୍ମୀ ପ୍ରଧାନ କୁହନ୍ତି ଝିଅକୁ ମାରପିଟ୍ କରି ହତ୍ୟା କରିଛନ୍ତି । ପ୍ରମାଣ ଲୁଚାଇବା ପାଇଁ ପୁଣି ଆମକୁ ନ ଜଣାଇ ପୋଡି ଦେଇଛନ୍ତି । ପଚାରିବାରୁ ଜ୍ୱର ହୋଇ ମରିଗଲେ ବୋଲି ସଫେଇ ଦେଉଛନ୍ତି । ଫୋନ ନ ଉଠାଇବାରୁ ବହୁ ସମୟ ଅପେକ୍ଷା କରି ବିଳମ୍ବିତ ରାତିରେ ପୋଡି ଦେଲେ କହୁଛନ୍ତି । ତେବେ ମୋର ୭ ବର୍ଷର ନାତୁଣି ଠାରୁ କିଛି ଶୁଣିବା ପରେ ହତ୍ୟାର ପ୍ରମାଣ ମିଳିଛି । ହେଲେ ନାତୁଣୀଙ୍କୁ ସେମାନେ ଲୁଚାଇ ରଖିଛନ୍ତି ବୋଲି କହିଛନ୍ତି । ଥାନାରେ ମାମଲା ପରେ ପୋଲିସ ଜଣଙ୍କୁ କେବଳ ଗିରଫ କରି ଅନ୍ୟମାନଙ୍କୁ ଗିରଫ କରୁ ନାହିଁ ବୋଲି କହି କାନ୍ଦି ପକାଇଛନ୍ତି । ମୋ ଝିଅର ହତ୍ୟକାରୀଙ୍କୁ କଠୋରୁ କଠୋର ଦଣ୍ଡ ଦେବାକୁ କହିଛନ୍ତି ।

# ଯୋଗ ଶୃଙ୍ଖଳିତ କରାଏ


ପିଲାମାନେ ଯୋଗ ଅଭ୍ୟାସ କରୁଛନ୍ତି ।

ନୟାଗଡ,୨୧।୬(ଲୋକନାଥ ମିଶ୍ର)

ବିଶ୍ୱ ଯୋଗ ଦିବସ ନୟାଗଡ ଜିଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଯାଇଛି । ଯୋଗ କରିବା ଦ୍ୱାରା ଜୀବନ ସୁଖମୟ ହେବା ସହ ମନୁଷ୍ୟକୁ ଶୃଙ୍ଖଳିତ କରାଏ ବୋଲି ମତ ପ୍ରକାଶ ପାଇଛି । ଏହି ଅବସରରେ ତାଡାସନ, ବୃକ୍ଷାସନ, ଅର୍ଦ୍ଧଚକ୍ରାସନ, ପଦହସ୍ତାସନ, ତ୍ରିକୋନାସନ, ସୂର୍ଯ୍ୟ ନମସ୍କାର ପ୍ରଭୃତି ଆସନ କରିଥିଲେ । ନୟାଗଡ ଷ୍ଟାଡିୟମ ଠାରେ ଯୋଗ ମହୋତ୍ସବ ସମିତି ପକ୍ଷରୁ ମେଗା ଯୋଗ ଶିବିର ବୁଧବାର କରାଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ କେନ୍ଦ୍ର ରେଳ ଓ ବୟନ ଶିଳ୍ପ ମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଷ ଓ ସମ୍ମାନିତ ଅତିଥି ରୂପେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଭାଜପାର ଦୁଇ ମହିଳା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଇରାନୀ ରାୟ ଯୋଗ ଦେଇଥିଲେ । ଯୋଗ ମହୋତ୍ସବ ସମିତିର ଯୋଗ ପ୍ରଶିକ୍ଷକ ଜନାର୍ଦ୍ଦନ ମହାନ୍ତି, ସହାୟକ ଶିକ୍ଷକ ଧର୍ମେନ୍ଦ୍ର ସାହୁ ଓ ପ୍ରତାପ ସାହୁ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ନୟାଗଡ଼ ସାଗର ପୋଖରୀ ନିକଟସ୍ଥ ମୁକ୍ତାକାଶ ଯୋଗକେନ୍ଦ୍ରରେ ରେଡକ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଯୋଗ ଗୁରୁ ପ୍ରତାପ କୁମାର ରଣସିଂ ଯୋଗ ଶିକ୍ଷା ଦେଇଥିଲେ । ବିଭୂତି ଭୂଷଣ ପଟନାୟକ, ସନ୍ତୋଷ ଷଡଙ୍ଗୀ, ମାନସ ମହାପାତ୍ର ଏଥିରେ ସହଯୋଗ କରିଥିଲେ । ଅନ୍ୟପକ୍ଷେ ନୟାଗଡ ସହର ଉପକଣ୍ଠ ଘଡୁଆଳ କେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ନୟାଗଡ ଜିଲା ପଥହରୀ ମାଳକତୀ ତ୍ରିପାଠୀ, ଉପସଭାପତି କୃଷ୍ଣମୋହନ ତ୍ରିପାଠୀ, ମହାମନ୍ତ୍ରୀ କମଳିନୀ ବେହେରା ଯୋଗ ଦେଇ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଘଡୁଆଳ ପଞ୍ଚାୟତ ସରପଞ୍ଚ ସଞ୍ଜୁକ୍ତାରାଣୀ ମହାପାତ୍ର ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଯୋଗ ସଙ୍ଗଠକ ଉପେନ୍ଦ୍ର ନନ୍ଦ ଓ ସୌମ୍ୟ ରଞ୍ଜନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନୟାଗଡ ବ୍ରଜେନ୍ଦ୍ର ହାଇସ୍କୁଲରେ ୫୦ଜଣ ଏନସିସି କ୍ୟାଡେଟଙ୍କୁ ନେଇ ଯୋଗ କରାଯାଇଛି । ଏନସିସି ଅଫିସର ଅଜୟ କୁମାର ମିଶ୍ର ଓ ପ୍ରଧାନଶିକ୍ଷକ ଉମାକାନ୍ତ ସେଠୀ ଏହାକୁ ପରିଚାଳନା କରିଥିଲେ । ସେହିଭଳି ଗୋଡିପଡା ଶ୍ରୀ ଲଡୁକେଶ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ ବିଭାଗ ଦ୍ୱାରା ଯୋଗ ଦିବସ ଅନୁଷ୍ଠିତ ହୋଇ ଯାଇଛି । କଲେଜର ଅଧକ୍ଷା ଉଷାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଗୋଡିପଡା ଶାଖାର ସଂଯୋଜିକା କୁମାର ଭଗିନୀ ଓ ସହ ସଂଯୋଜକ ବିକେ ସୋମନାଥ ଯୋଗ ଦେଇ ଯୋଗ ପ୍ରଶିକ୍ଷଣ ଦେଇଥିଲେ ।

# ଅପହରଣର ୨ ଦିନ ପରେ ଚାଷୀ ଉଦ୍ଧାର

■ ପ୍ରଜାପତି ଯୋଗୁ ଉଦ୍ଧାର ହେଲେ

■ ହାତଗୋଡ ବନ୍ଧା ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ

ନୟାଗଡ,୨୧।୬(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଡିଆଁପଡ଼ା ଗାଁର ଚାଷୀ ଶ୍ୟାମସୁନ୍ଦର ବେହେରା(୫୯) ଅପହରଣର ୨ ଦିନ ପରେ ହାତଗୋଡ଼ ବନ୍ଧା ଅବସ୍ଥାରେ ବୁଧବାର ରାତି ପ୍ରାୟ ୧୧ଟାରେ ଉଦ୍ଧାର ହୋଇଛନ୍ତି। ଗାଁଠାରୁ ୬ କମି ଦୂର ଶୁଳିଆମୁଣ୍ଡିଆର ମୂଳିଝରଠାରୁ ତାଙ୍କୁ ଉଦ୍ଧାର କରାଯାଇଛି। ଏକ ପ୍ରଜାପତି ତାଙ୍କୁ ଉଦ୍ଧାର କରିବାରେ ସହଯୋଗ କରିଛି।

ଗତ ୧୯ ତାରିଖ ସୋମବାର ରାତି ୮ଟାରେ ଡିଆଁପଡ଼ା ଗାଁରେ ଗ୍ରାମ ସଭା ଥିଲା। ଶ୍ୟାମ ସୁନ୍ଦର ଜଣେ ସଭ୍ୟ ଥିଲେ। ତେଣୁ ଗାଁ ସଭା ଆରମ୍ଭ ହେବା ପୂର୍ବରୁ ପନିପରିବା କ୍ଷେତକୁ ବୁଲିବାକୁ ଯାଇ ଆଉ ଫେରି ନ ଥିଲେ। ଶ୍ୟାମ



ସଭାକୁ ନ ଆସିବାରୁ ପରିବାର ଲୋକଙ୍କୁ ପଚରା ଯାଇଥିଲା। ହେଲେ ବିଲରୁ ଫେରି ନ ଥିବା ଜଣା ପଡିବା ପରେ କିଛି ଲୋକ ତାଙ୍କୁ ଡାକିବାକୁ ଯାଇଥିଲେ। ମାତ୍ର ବିଲରେ ଶ୍ୟାମଙ୍କ ଗାମୁଛା ଓ ଏକ ଭଙ୍ଗା ଟର୍ଚ୍ଚ ପଡ଼ିଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଇ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପକ୍ଷରୁ ଖୋଜାଖୋଜି ଜାରି ରହିଥିଲେ ମଧ ସୁରାକ ମିଳି ନ ଥିଲା। ମାତ୍ର ବୁଧବାର ରାତିରେ ବାରପଲା ପଣ୍ଡୁସର ଗାଁର କବି ମହାନ୍ତି ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିଲାବେଳେ ଏକ ପ୍ରଜାପତି ତାଙ୍କ ଦେହରେ ବାରମ୍ବାର ଆସି ବସିଥିଲା। ପ୍ରଜାପତିକୁ ଠାବ କରିବା ପାଇଁ ସେ କିଛି ବାଟ ଯିବା ପରେ ଶୁଳିଆମୁଣ୍ଡିଆର ମୂଳିଝରଠାରେ ପ୍ରଜାପତି ଯାଇ ଅଚେତ ହୋଇ ପଡ଼ିଥିବା ଶ୍ୟାମସୁନ୍ଦରଙ୍କ ଦେହରେ ବସିଥିଲା। ଏକଥା ଦେଖି କବି ଗାଁରେ ଜଣାଇବାପରେ ସ୍ଥାନୀୟ ଲୋକ ଶ୍ୟାମଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଡିଆଁପଡ଼ାରେ ଛାଡିଛନ୍ତି। ଗାଁ ପକ୍ଷରୁ ଶ୍ୟାମଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ପୋଲିସକୁ ଖବର ଦିଆଯାଇଛି। ତାଙ୍କ ଚେତା ଫେରିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କୁହାଯାଇଛି।

# ତିନି ରଥ ଗୁଣ୍ଡିଚା ମଣ୍ଡପ ନିକଟରେ



ନୟାଗଡ,୨୧।୬(ଲୋକନାଥ ମିଶ୍ର)

ନୟାଗଡ ଜିଲା ସଦର ମହକୁମାର ପୁରୁଣାସହରରେ ରଥ ଟଣା କାର୍ଯ୍ୟ ସୁରୁଖୁରୁରେ ଶେଷ ହୋଇଛି । ଭକ୍ତମାନେ ବଳଦେବଜୀଉଙ୍କ ତାଳଧ୍ୱଜ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରେ ମଙ୍ଗଳବାର ପହଞ୍ଚାଇଥିଲେ । ବୁଧବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ହନୁମାନ ଛକରୁ ଓ ଜଗନ୍ନାଥଜୀଉଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ପୁରୁଣାସହରର ଷ୍ଟେଟବ୍ୟାଙ୍କ ଏଟିଏମ ଠାରୁ ଗୁଣ୍ଡିଚା ମଣ୍ଡପ ନିକଟକୁ ନେଇଥିଲେ । ୩ ରଥ ଗୁଣ୍ଡିଚା ମଣ୍ଡପରେ ଲାଗି ଯାଇଛି । ଶ୍ରୀଜୀଉଙ୍କୁ ମାଉସିମା ମନ୍ଦିର ଭିତରକୁ ନିଆଯାଇଛି ।

# ଡାହାଣୀ ପ୍ରଥାକୁ ନା କୁହନ୍ତୁ

ପାରଳାଖେମୁଣ୍ଡି,୨୧।୬(ଗିରିଧାରୀ ପରିଚ୍ଛା):

ଗଜପତି ଜିଲାରେ ଡାହାଣୀ, ଗୁଣିଗାରେଡି ଭଳି କୁପ୍ରଥା ଏବେ ବି ଚାଲିଛି। ଏହାର ବିଲୋପ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ 'ଡାହାଣୀ ପ୍ରଥାକୁ ନା କୁହନ୍ତୁ' ଶୀର୍ଷକ ଜିଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ କର୍ମଶାଳାରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ପ୍ରକଳ୍ପ ପ୍ରଶାସକ ଫାଲଗୁନି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମସ୍ତରରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ସଚେତନତା କରାଯିବା ସହିତ ମହିଳା ସଙ୍ଘ , ଅଙ୍ଗୱାଡି କର୍ମୀ, ଆଶା କର୍ମୀ ଓ ପଞ୍ଚାୟତିରାଜ



କର୍ମଶାଳାରେ ଜିଲାପାଳଙ୍କ ସମେତ ଅଧିକାରୀମାନେ ।

ପ୍ରତିନିଧିମାନଙ୍କ ସହାୟତା ନେଇ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜିଲାପାଳ କହିଛନ୍ତି । କର୍ମଶାଳାକୁ ରାଜ୍ୟ ମନିଟରିଂ ଓ ଇଭାଲ୍ୟୁଏଶନ ଅଫିସର ବାଞ୍ଛାନିଧି ଦୁର୍ଗା ପାୱାରପଏଣ୍ଟ ମାଧ୍ୟମରେ ଡାହାଣୀ କିଏ, ଡାହାଣୀ ହତ୍ୟା କ'ଣ, ଡାହାଣୀ କଳା କ'ଣ, ଡାହାଣୀ ଓ ଡାକ୍ତର କ'ଣ, ଡାହାଣୀ ପ୍ରଥାର ଇତିହାସର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ। ଯଦି କୌଣସି ବ୍ୟକ୍ତି ଡାହାଣୀ ବିଦ୍ୟାର ଅଭ୍ୟାସ କରିଥାଏ ତାଙ୍କୁ ୧ରୁ ୩ ବର୍ଷ ଜେଲଦଣ୍ଡ ଦେବା ସହିତ ୫ ହଜାର ଟଙ୍କା ଜରିମାନାର ଦଣ୍ଡ ବ୍ୟବସ୍ଥା ଅଛି ବୋଲି କହିଥିଲେ।

### ତାଲା ବନ୍ଦ ଘରୁ ଚୋରି

ଗୋପାଳପୁର,୨୧।୬(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ମୁଖ୍ୟ ରାସ୍ତାରେ ଥିବା ପ୍ରଜ୍ଞାଦର୍ଶନୀ ରାଜୁଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ପ୍ରଜ୍ଞାଦର୍ଶନୀ ଗତ୧୧ ତାରିଖରେ କଟକରେ ରହୁଥିବା ଶାଶୁ ଘରକୁ ଚାଲିଯାଇଥିଲେ। ସେଠାରୁ ଆସି ଦେଖିଲା ବେଳକୁ ଘରର କବାଟ ଖୋଲାଥିବା ସହ ତାଲା ଭଙ୍ଗାଯାଇ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯାଇ ଦେଖିଲା ବେଳକୁ ଘରେ ଲାଗିଥିବା ଏସି, ଏଲଇଡ଼ି ଟିଭି, ଆଲମାରୀରେ ଥିବା ଦୁଇଟି ସୁନା ମୁଦି, ରୂପା ପାଉଁଜି ୩ଟି, ୨୫ ଶହ ଟଙ୍କା ସହ ଆବଶ୍ୟକ ନଥିପତ୍ର, ରାସନ ସାମଗ୍ରୀ ଇତ୍ୟାଦି ଚୋରି ହୋଇଯାଇଛି। ସେ ଏ ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ ୨୦୬/୨୩ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ସାଇଣ୍ଟିଫକ ଟିମ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଥିବା ଜଣାପଡିଛି।

# ନବମ ଅନ୍ତର୍ଜାତୀୟ ଯୋଗ ଦିବସ

ପାରଳାଖେମୁଣ୍ଡି/ଫୁଲବାଣୀ/ରମ୍ଭା,୨୧।୬ (ଗିରିଧାରୀ ପରିଚ୍ଛା/ରାକେଶ ରାଉତ/ବନବାସୀ ସେଠୀ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ନବମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସରରେ ଅନୁଷ୍ଠିତ ଯୋଗ ଦିବସରେ ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ତ୍ରିପାଠୀ ଯୋଗଦେଇ ଉଦ୍ଘାଟନ କରିଥିଲେ । ଏନ୍‌ସିସି ଆର୍ମି ବିଭାଗର ୧୨୩ ଜଣ କ୍ୟାଡେଟ ଯୋଗ ପ୍ରଶିକ୍ଷକ ପ୍ରସନ୍ନ କୁମାର ରଥ ଓ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଯୋଗ ପ୍ରଦର୍ଶନ କରିଥିଲେ। ବସୁଧେବ କୁଟୁମ୍ବକମ ପାଇଁ ଯୋଗ ଏବଂ ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ପାରଳାଖେମୁଣ୍ଡିର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଓ ଗୁରାଣ୍ଡି ସ୍ଥିତ ଉଚ୍ଚ ବିଦ୍ୟାଳୟର ଏନସିସି କ୍ୟାଡେଟ ମାନେ ଯୋଗଭ୍ୟାସ କରିଥିଲେ। କାର୍ଯ୍ୟକ୍ରମକୁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡି.ଶ୍ରୀରାମ ମୂର୍ତ୍ତୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିବା ବେଳେ ଶିକ୍ଷକ ନିରଞ୍ଜନ ବେହେରା, ଜଗନ୍ନାଥ ପଟ୍ଟନାୟକ, ଏସ. ମନ୍ମଥ ରାଓ, ପି.ଭେଙ୍କେଟ ରାଓ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସରସତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରାୟ ୩୦୦ରୁ ଉର୍ଦ୍ଧ ଛାତ୍ରଛାତ୍ର ଯୋଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ନେହେରୁ ଯୁବକେନ୍ଦ୍ର ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆଇଟିଆଇ ଅଧକ୍ଷ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ କଳାକାର ଜଳନ୍ଧର ବେହେରା, ଅଧାପକ ସ୍ମୃତି ରଞ୍ଜନ ଦାସ, ଗୌରବ ମହାପାତ୍ର, ଦେବାଶିଷ ବ୍ରହ୍ମା, ସିତୁ ସାମନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଯୋଗ ଶିକ୍ଷକ ଭାବରେ ପ୍ରଶାନ୍ତ ଦାସ ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ବୈଠକରେ ନେହେରୁ ଯୁବ କେନ୍ଦ୍ରର ସହକର୍ମୀ ସତ୍ୟବାନ ଦଳବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମଣି ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ କୁଇ ସମାଜ ସେବା ସମିତି କାର୍ଯ୍ୟାଳୟ ଠାରେ ଆର୍ଟ ଅଫ ଲିଭିଂ ଆନୁକୂଲ୍ୟରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ସହରର ଅନେକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଯୋଗ ସମ୍ବନ୍ଧୀୟ ଜ୍ଞାନ ଆହରଣ ଏବଂ ଯୋଗାଭ୍ୟାସ କରିଥିଲେ। ଯୋଗ ପ୍ରଶିକ୍ଷିକା ସବିତା ତ୍ରିପାଠୀ ପରିଚାଳନା କରିବା ସହ ପ୍ରକାଶ ଚନ୍ଦ୍ର ଦାଶ, ଅବନୀ କହଁର ତଥା ଅନ୍ୟାନ୍ୟ ସଦସ୍ୟ ଓ ସଦସ୍ୟା ସହଯୋଗ କରିଥିଲେ।

ସେହିପରି ଗଞ୍ଜାମ ଜିଲା ରମ୍ଭା ହାଇସ୍କୁଲ ପରିସରରେ ସମର ଶିକ୍ଷାର୍ଥୀ ବାହିନୀ ତଥା କ୍ରୀଡା ଶିକ୍ଷକ ଅଜିତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳନ ହୋଇଯାଇଛି। ପତଞ୍ଜଳି ଯୋଗ ଗୁରୁ ଏମ .ଅକ୍ଷୟ କୁମାର ସୁବୁଦ୍ଧି ସାଥି ଶଙ୍କର ସାହୁଙ୍କ ଯୋଗାସନ ଦ୍ୱାରା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଯୋଗ ଶିକ୍ଷାଦାନ ଓ ଏହାର ତତ୍ତ୍ୱ ସମ୍ବନ୍ଧରେ ସମସ୍ତଙ୍କୁ ବୁଝାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାଷ ଚନ୍ଦ୍ର ପତି ଯୋଗର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇଥିଲେ। ତତ ସଙ୍ଗେ ସଙ୍ଗେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଯୋଗକୁ ଜୀବନରେ ନିୟମିତ କଲେ ଜୀବନରେ ଉନ୍ନତି ଅବଶ୍ୟମ୍ଭାବି ବୋଲି କହିଥିଲେ। ଏଥିରେ ଶିକ୍ଷକ ଅଭିରାମ ସାହୁ, ରଜତ କୁମାର ପାଢ଼ୀ, ଜଗବନ୍ଧୁ ପ୍ରଧାନ, ମଧୁସୂଦନ ସାହୁ ସମେତ କର୍ମରତ କର୍ମଚାରୀ ସହଯୋଗ କରିଥିଲେ।

### ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କଲେ ବିଧାୟିକା

ପୁରୁଷୋତ୍ତମପୁର,୨୧।୬(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଏନ୍‌ଏସିରେ ୨୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଆହାର କେନ୍ଦ୍ର ରୋଷେଇ ଶାଳ ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକୁ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ରବିବାର ଉଦଘାଟନ କରିଛନ୍ତି। ସହର ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ୧୯ ଲକ୍ଷ ବ୍ୟୟରେ ଦୁଇଟି ଟାଟା ଏସଇ ଗାଡି ଓ ଗୋଟିଏ ଟ୍ରାକ୍ଟର ସହିତ ୬୦ ଲକ୍ଷ ଟଙ୍କା ବ୍ୟୟରେ ସହର ବିଭିନ୍ନ ଜାଗାରେ ୪ଟି ଏଲିଇଡି ଟିଭି ଉଦଘାଟନ କରାଯାଇଛି। ଏନଏସି ଅଧକ୍ଷା ପ୍ରିୟଙ୍କା ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ସମେତ କାଉନସିଲର ଅଶୋକ କୁମାର ମାହାଙ୍କୁଡ, ଭାସ୍କର ବେହେରା, ଲିଙ୍ଗରାଜ ବେହେରା, ଭବାନୀ ଶଙ୍କର ନାହାକ, କେ ପ୍ରମୋଦ ଅଚାରୀ ଏବଂ ଆସିକା ଏମ୍‌ପିଙ୍କ ପ୍ରତିନିଧି ପ୍ରେମାନନ୍ଦ ସାହୁ, ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏନ୍‌ଇଇଟି ପରୀକ୍ଷାରେ ଆର୍ଛିଙ୍କ ସଫଳତା



ବଡ଼ଚଣା,୨୧।୬ (ଦିଲୀପ ମହାନ୍ତି): ଏନ୍‌ଇଇଟି ପ୍ରବେଶିକା ପରୀକ୍ଷାରେ ଚଣ୍ଡିଖୋଲ ସନ୍ନିକଟ ରାହାଶାଳ ଗ୍ରାମର ମହେନ୍ଦ୍ର ନାୟକ ଓ ମାତା ପ୍ରମୋଦିନୀଙ୍କ ଝିଅ ଆର୍ଛି କୃତିତ୍ୱ ହାସଲ କରିଛନ୍ତି। ସେ ପ୍ରଥମ ଥର ପରୀକ୍ଷା ଦେଇ ୫୦୨୦ ର୍‍ୟାଙ୍କ ରଖିଛନ୍ତି। ଆର୍ଛି ୭୨୦ ନମ୍ବରରୁ ୬୫୮ ନମ୍ବର ପାଇଛନ୍ତି। ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସେ ୯୬ ପ୍ରତିଶତ ନମ୍ବର ରଖିଥିଲେ। ସେ ଜଣେ ଡାକ୍ତର ହୋଇ ଲୋକଙ୍କର ସେବା କରିବେ ବୋଲି କହିଛନ୍ତି।

### ଜିଲା ପୋଲିସ ମୁଖ୍ୟାଳୟରୁ ନାଗ ଉଦ୍ଧାର



ପାଣିକୋଇଲି,୨୧।୬(ବିକାଶ କୁମାର ମଲ୍ଲିକ): ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ସାପଟି ସେଠାରେ ଆତଙ୍କ ଖେଳାଇଥିଲା। ଏପରି କି ସାପ ଗର୍ଜନରେ ସମସ୍ତେ ଭୟଭିତ ହୋଇ ଯାଇଥିଲେ। ଏନେଇ ପାଣିକୋଇଲି ଥାନାକୁ ଜଣାଯିବା ପରେ କନଷ୍ଟେବଲ ମନମୋହନ ବାରିକ ପହଞ୍ଚି ସାପକୁ ଧରିବାରେ ସକ୍ଷମ ହୋଇଥିଲେ। ସାପକୁ ଉଦ୍ଧାର ପରେ ଏକ ନିର୍ଜନ ସ୍ଥାନରେ ଛଡ଼ା ଯାଇଥିବା ଜଣାପଡ଼ିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଧର୍ମଶାଳା,୨୧।୬(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭିକାରି ମଲିକ(୮୧)ଙ୍କ ପରଲୋକ ହୋଇଯାଇଛି। ସେ ବହୁଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ତଥା କୋରେଇ ବିଡିଓ ସୁଦର୍ଶନ ମଲିକଙ୍କ ସମେତ ୨ ପୁଅ ପୁତ୍ରବଧୂ ଓ ତାଙ୍କ ସ୍ତ୍ରୀ ଉପସ୍ଥିତ ଥିଲେ। ମଲିକ ଜଣେ ଅମାୟିକ, ଛାତ୍ରବତ୍ସଳ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ୨୦୦୦ରୁ ଏହି ବ୍ଲକ ଗୋଗଳ ପ୍ରାଥମିକ ସ୍କୁଲରୁ ଅବସର ନେଇ ଘରେ ରହୁଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ମଙ୍ଗଳପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭାବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

### ଠକେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

ଚଣ୍ଡିଖୋଲ,୨୧।୬(ପ୍ରଦୀପ୍ତ କୁମାର ପୃଷ୍ଟି): ଏକ ଠକେଇ ମାମଲାରେ ବିଚାରାଧୀନ କଏଦୀଭାବେ ୨ ବର୍ଷ ୪ ମାସ ଧରି ରଗଡ଼ି ସବ୍‌ଜେଲରେ ଥିବା ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟର ଜେଏମ୍‌ଏଫ୍‌ସି ପରବିନ ମଣ୍ଡଳ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନା ଅନୁଯାୟୀ, ବିହାର ରାଜ୍ୟ ବକ୍ସର ଥାନା ଅଞ୍ଚଳର ବିଜୟ କୁମାର ସିଂହ ଯାଜପୁର ଜିଲା ହରିଦାସପୁରସ୍ଥିତ ରାମ୍‌କୋ ସିମେଣ୍ଟ କମ୍ପାନୀରେ ଠିକାଦାର ଭାବେ କାମ କରୁଥିଲେ। ସେ କଟକର ଏମ୍‌ଏମ୍ ଟ୍ରେଡ଼ିଂର ମାଲିକ ରିୟାଜ ଅହମ୍ମଦ ଖାଁଙ୍କଠାରୁ ୮୪ ଲକ୍ଷ ୪୩ ହଜାର ଟଙ୍କାର ବିଭିନ୍ନ ପ୍ରକାର ସାମଗ୍ରୀ କିଣିଥିଲେ। ଠିକାଦାର କରୁଥିବା କମ୍ପାନୀ ନିକଟରୁ ଅର୍ଥ ପାଇଲେ ସାମଗ୍ରୀର ଅର୍ଥ ପୈଠ କରିବାକୁ ରିଆଜଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପଇସା ଦେବାର ଅବହେଳା କରିବା ପରେ ରିଆଜ ଧର୍ମଶାଳା ଥାନାରେ ୨୦୨୦ ଜୁନ୍‌ରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୧୭/୨୦ରେ ମାମଲା ରୁଜୁ କରିଥିଲା। ୨୦୨୧ ଫେବୃଆରୀ ୨୬ରେ ପୋଲିସ ବିଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଚଣ୍ଡିଖୋଲ କୋର୍ଟର ଆଇନଜୀବୀ ପ୍ରତାପ କୁମାର ଦାସ, ମଙ୍ଗୁଳି ଚରଣ ସାହୁ ଓ ବିଶ୍ୱରଞ୍ଜନ ଜେନା ମାମଲା ପରିଚାଳନା କରୁଥିଲେ।

# ବିସ୍ଥାପନକୁ ନେଇ ଆନ୍ଦୋଳନ ତେଜୁଛି

ଯାଜପୁର,୨୧।୬ (ହର୍ଷବର୍ଦ୍ଧନ ବେହେରା)

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ୧୮ ବର୍ଷରୁ ଊର୍ଦ୍ଧ୍ୱ ପରିବାରଙ୍କୁ ବାଦ୍
- ୧୧୫ ପରିବାର ପାଇବେନି କ୍ଷତିପୂରଣ
- ଘରଦ୍ୱାର ମାପଚୁପ ଆରମ୍ଭ

ଶିଳ୍ପାୟନ ପ୍ରକ୍ରିୟାରେ ଅଞ୍ଚଳରେ ଦେଖାଯାଇଥିବା ପ୍ରଦୂଷଣ ସମସ୍ୟା ଓ ଏହାର ନିୟନ୍ତ୍ରଣ ଦିଗରେ ସରକାରଙ୍କ ବିଫଳତା ଲୋକଙ୍କୁ ଏଭଳି ହତାଶ କରିଛି ଯେ ଆର୍ଥିକ ଅଭିବୃଦ୍ଧିର ସ୍ୱାଦ ଚାଖିବେ କ'ଣ ନିଜ ଗାଁ ମାଟି ଛାଡି ବିସ୍ଥାପିତ କରିବାକୁ ଦାବି କରୁଛନ୍ତି। କିନ୍ତୁ ଲୋକଙ୍କ ଏଭଳି ଅସହାୟତାର ସୁଯୋଗ ନେଇ ପ୍ରଶାସନ ଜଙ୍ଗଲ ଜମିର ଦ୍ୱାହି ଦେଇ ଶାଗମାଛ ଦରରେ କ୍ଷତିପୂରଣ ଚୂଡ଼ାନ୍ତ କରିଛନ୍ତି। ଏହାସହ ବିସ୍ଥାପନ ଓ ପୁନର୍ବାସ ନୀତି–୨୦୦୫ ଲାଗୁ ପରେ ଯେଉଁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନୂତନ ପରିବାର ଗଢ଼ିଛନ୍ତି, ସେମାନଙ୍କୁ ବିସ୍ଥାପନରୁ ବାଦ୍ ଦେଇ ପ୍ରଶାସନ ନିଜର ଦାୟିତ୍ୱ ସମ୍ପାଦନ କରୁଥିବା ଅଭିଯୋଗ ହେଉଛି। ଏଭଳିସ୍ଥିତିରେ ବର୍ତ୍ତମାନ ଚାଲିଥିବା ବିସ୍ଥାପନ ପ୍ରକ୍ରିୟାକୁ କଳିଙ୍ଗନଗର ଶିଳ୍ପାଞ୍ଚଳର କୁଡୁମୀସାହି, ଅରାସାହି, ଟାଙ୍ଗରସାହି ଓ କଚେରୀଗାଁର ପ୍ରଭାବିତ ୧୧୫ ଆଦିବାସୀ ପରିବାର ଲୋକେ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ପ୍ରଶାସନ ଏହି ସମସ୍ୟାର ତ୍ୱରିତ ସମାଧାନ ନ କଲେ ଆଗକୁ କଳିଙ୍ଗନଗର ଗୁଳିକାଣ୍ଡ ଭଳି ପରିସ୍ଥିତିର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

କଳିଙ୍ଗନଗର ଅଞ୍ଚଳରେ ଥିବା ଏକାଧିକ ବୃହତ୍ କମ୍ପାନୀଗୁଡ଼ିକୁ ଲାଗି ଅନେକ ବସ୍ତି ଅଞ୍ଚଳ ରହିଛି। ଏହି କମ୍ପାନୀଗୁଡ଼ିକର ପ୍ରଦୂଷଣ ସମସ୍ୟା ସୁଧୁରିବ ବୋଲି



ଅଧିକାରୀମାନେ ଘରଦ୍ୱାର ମାପ କରୁଛନ୍ତି।

ଅଞ୍ଚଳବାସୀ ବହୁ ଆଶା ରଖିଥିଲେ। ହେଲେ ସେହି ଆଶା ଏବେ କ୍ଷୀଣ ହେବାରେ ଲାଗିଛି। ତେଣୁ ସେମାନେ ବିସ୍ଥାପିତ ହେବାକୁ ପୂର୍ବରୁ ବହୁ ଦାବି କରି ଆସିଛନ୍ତି। ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ପରିବେଶ ସୁରକ୍ଷା ଆଇନ ଅନୁସାରେ ଅଧିକାଂଶ କାରଖାନାଗୁଡ଼ିକର କୌଣସି ନିଜସ୍ୱ ବ୍ୟବସ୍ଥା ନାହିଁ। ଏଥିଯୋଗୁ ଅଞ୍ଚଳବାସୀଙ୍କ କେବଳ ଜୀବନ ଜୀବିକାକୁ ନୁହେଁ, ଦୈନନ୍ଦିନ ପରିଚର୍ଯ୍ୟାକୁ ବିଶେଷ ଭାବେ ପ୍ରଭାବିତ କରିଛି। କାରଖାନାରୁ ନିର୍ଗତ କଳା ପାଉଁଶର ଆସ୍ତରଣ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରୁଛି। ଏହାବାଦ୍ କାରଖାନାରୁ ବର୍ଜ୍ୟଜଳ ଗ୍ରାମବାସୀଙ୍କ ପାଇଁ କାଳ ହୋଇଛି। ବର୍ଜ୍ୟଜଳ ମାଡି ଯାଇଥିବାରୁ ଆଉ କୌଣସି ଚାଷ ହୋଇପାରୁ ନ ଥିବା ମତପ୍ରକାଶ ପାଇଛି। ଜନବସତି ଆଉ ଜଳଉସ ପାଉଁଶ ପ୍ରଭାବରେ ତୀବ୍ର ପ୍ରଦୂଷିତ ହେବା ସହ ବାୟୁ ପ୍ରଦୂଷଣ ଯୋଗୁ ସମଗ୍ର ଅଞ୍ଚଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଆଖପାଖର ଚାରଣ ଭୂମି ପାଉଁଶ ପ୍ରଭାବରେ ପ୍ରଦୂଷିତ ହୋଇ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି। ତେଣୁ ପ୍ରଭାବିତ ଗ୍ରାମବାସୀ ବିସ୍ଥାପନ ଦାବି କରୁଥିବାବେଳେ ପ୍ରଶାସନ ୧୮ ବର୍ଷରୁ ଊର୍ଦ୍ଧ୍ୱ ନୂତନ ପରିବାରଙ୍କୁ ଅଣଦେଖା କରି ଚାଲିଛି। ଏଭଳିସ୍ଥିତିରେ ବିସ୍ଥାପନ ହେଲେ ମଲେ ନ ହେଲେ ବି ମଲେ ବୋଲି କୁହାଯାଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ବ୍ଲକ କଚେରୀଗାଁ, ଅରାସାହି, କୁଡୁମୀସାହି ଏବଂ ଟାଙ୍ଗରସାହି ଗ୍ରାମବାସୀ ଏବେ ଏହି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ପ୍ରଥମେ କ୍ଷତିପୂରଣ ପ୍ରଦାନ ଏବଂ କ୍ଷତିଗ୍ରସ୍ତ ପରିବାରର ଜଣଙ୍କୁ ନିଯୁକ୍ତି ସହ ୧୮ ବର୍ଷ ହେଉଥିବା ଯୁବକଙ୍କୁ ସ୍ୱତନ୍ତ୍ର ପରିବାର ମାନ୍ୟତା ଆଦି ଦାବି କରି ଜମି ଅଧିଗ୍ରହଣକୁ ବିରୋଧ କରୁଛନ୍ତି। ଏଥିରେ କୁଡୁମୀସାହିର ୩୭, ଅରାସାହି ୨୪, ଟାଙ୍ଗରସାହି ୨୯ ଏବଂ କଚେରୀ ଗାଁର ୨୫ ପରିବାରକୁ ଗ୍ରାମବାସୀ ଚିହ୍ନଟ କରିଛନ୍ତି। କିନ୍ତୁ ଇଡ୍‌କୋ କର୍ତ୍ତୃପକ୍ଷ ପୋଲିସ ଫୋର୍ସ ମୁତୟନ କରି ବଳପୂର୍ବକ ଜମି ଅଧିଗ୍ରହଣ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଉପରୋକ୍ତ ମର୍ମରେ କ୍ଷତିଗ୍ରସ୍ତ ଲୋକେ ଜିଲାପାଳ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ବହୁବାର ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳୁନାହିଁ। ତେଣୁ ଜୀବନ ଦେବୁ ପଛେ ନିଜର ଭିଟାମାଟି ଛାଡ଼ିବୁନି ବୋଲି କ୍ଷତିଗ୍ରସ୍ତ ପରିବାର ଲୋକେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ଉପରୋକ୍ତ ଗ୍ରାମଗୁଡ଼ିକରେ ଆଦିବାସୀ, ଦଳିତ, ପଛୁଆବର୍ଗ ସମ୍ପ୍ରଦାୟର ପ୍ରାୟ ୨୯୨ ପରିବାର ଦୀର୍ଘ ବର୍ଷ ହେଲା ବସବାସ କରୁଛନ୍ତି। କିନ୍ତୁ ଉକ୍ତ ଜାଗା ଉପରେ ଶିଳ୍ପ ସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି। ହେଲେ ସେମାନଙ୍କୁ କୌଣସି ସୂଚନା ଦିଆ ନ ଯାଇ କିମ୍ବା ଜଣଶୁଣାଣି ନ କରି ଜମି ଅଧିଗ୍ରହଣ କରାଯାଉଛି। ନିକଟରେ ପ୍ରଶାସନ ପକ୍ଷରୁ ଘରଦ୍ୱାର ମାପଚୁପ କରାଯାଇଛି। ତେଣୁ ପ୍ରଭାବିତ ଲୋକେ ଆଶଙ୍କାରେ ଜୀବନ ଅତିବାହିତ କରୁଛନ୍ତି। ପ୍ରଭାବିତ ବାସିନ୍ଦା ବିଜୟ କୁମାର ଦାସ, ଈଶ୍ୱର ଦାସ, ପାଣ୍ଡବ ବଦରା, ରାମରାୟ ଲାଗୁରି, ସୁରେଶ କୁରଲି ପ୍ରମୁଖ କହିଛନ୍ତି, ପ୍ରଶାସନ ବେଆଇନ ଭାବେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆମର କୌଣସି ଅଭିଯୋଗକୁ ଶୁଣୁନାହାନ୍ତି। ତେଣୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ପରିବାରଙ୍କୁ ସ୍ୱତନ୍ତ୍ର ଭାବେ କ୍ଷତିପୂରଣ ପ୍ରଦାନ ନ କଲେ ଆନ୍ଦୋଳନ ଆହୁରି ତୀବ୍ର ହେବ। ଅନ୍ୟପକ୍ଷେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କହୁଛନ୍ତି ୨୦୦୫ ବିସ୍ଥାପନ ଆଇନ ଅନୁସାରେ ପ୍ରକ୍ରିୟା ଚାଲିଛି। ସ୍ୱତନ୍ତ୍ର ପରିବାର ଦାବି ଉପରେ ଏଯାଏ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

## କମ୍ପ୍ରେସର, ୨ ଟ୍ରାକ୍ଟର ଜବତ

ଧର୍ମଶାଳା,୨୧।୬(ବଟକୃଷ୍ଣ ପରିଡ଼ା): ରଥଯାତ୍ରା ଛୁଟିର ସୁଯୋଗନେଇ ପଥର ମାଫିଆମାନେ ଧର୍ମଶାଳା ତହସିଲ ଅନ୍ତର୍ଗତ ସାହାଣୀଡ଼ିହ କଳାପଥର ଖାଦାନରେ କମ୍ପ୍ରେସର ମାଧ୍ୟମରେ ବେଆଇନ ଖନନ କରି ପଥର ଲୁଟ କରୁଥିଲେ। ଧର୍ମଶାଳା ତହସିଲଦାର କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିବା ପାଇଁ ସ୍ୱଳରାମପୁର ରାଜସ୍ୱ ନୀରିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନୀରିକ୍ଷକ ଚନ୍ଦନ କୁମାର ସାହୁ ଜେନାପୁର ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରି ଏକ କମ୍ପ୍ରେସର ଓ ୨ଟି ଟ୍ରାକ୍ଟର ଜବତ କରିଛନ୍ତି। ଓଆର୍–୦୫–ଏଡି–୬୨୬୭ ଓ ଓଆର୍–୦୫–ଏଇ–୩୩୨୫ ଟ୍ରାକ୍ଟର ଏବଂ ଓଆର୍–୦୪–ଏ–୮୯୭୧ କମ୍ପ୍ରେସକୁ ଜବତ କରାଯାଇ ଜେନାପୁର ଥାନାରେ ରଖାଯାଇଛି। ଜବତ ଗାଡ଼ି ଗୁଡ଼ିକର ମାଲିକଙ୍କ ବିରୋଧରେ ଏତଲା ଦିଆଯିବ ବୋଲି ରାଜସ୍ୱ ନିରୀକ୍ଷକ ସାହୁ ସୂଚନା ଦେଇଛନ୍ତି।



# ବିପର୍ଯ୍ୟୟ ପରିଚାଳନା ପାଇଁ ଟେବୁଲ ଟପ୍ ପ୍ରଶିକ୍ଷଣ

ରସୁଲପୁର,୨୧।୬(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଟେବୁଲ ଟପ୍ ପ୍ରଶିକ୍ଷଣ ଶିବିର ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୨୦୨୨ ଜୁନ ୧୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରତ୍ୟେକ ବ୍ଲକରେ ଟେବୁଲ ଟପ୍ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଆସୁଛି । ଏହି କ୍ରମରେ ଶିବିରରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ସମୟରେ କ'ଣ ସବୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବ ସେ ଦିଗରେ ମାନସ ମନ୍ଥନ କରାଯାଇଥିଲା। ପ୍ରତୀକାତ୍ମକ ଚିତ୍ର ଓ ଭାବନାତ୍ମକ ସ୍ଥିତିକୁ ନେଇ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିପର୍ଯ୍ୟୟର ପୂର୍ବରୁ, ବିପର୍ଯ୍ୟୟ ସମୟରେ, ବିପର୍ଯ୍ୟୟ ପରେ ପ୍ରଭାବିତ କମ୍ୟୁନିଟ୍‌ରେ କ'ଣ ସବୁ ପଦକ୍ଷେପ ନିଆଯିବ । କମ୍ୟୁନିଟ୍‌ରେ ଲୋକମାନଙ୍କୁ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

କି ପ୍ରକାର ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରାଯିବ। ବିପର୍ଯ୍ୟୟ ସମୟରେ ଜନସାଧାରଣ କିପରି ନିଜକୁ ସୁରକ୍ଷିତ ରଖିପାରିବେ ତା'ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହଛଡା ବିପର୍ଯ୍ୟୟ ସମୟରେ ବିପଦସଙ୍କୁଳ ସ୍ଥାନ ଓ ବିପଦମୁହାଁ ଲୋକଙ୍କୁ କିଭଳି ସୁରକ୍ଷା ପ୍ରଦାନ କରାଯିବ । ଉଦ୍ଧାରକାରୀ ଦଳକୁ କ'ଣ ସବୁ ପଦକ୍ଷେପ ନେବାକୁ ପଡିବ ସେ ଦିଗରେ ଆଲୋଚନା ହୋଇଥିଲା । ରସୁଲପୁର ବ୍ଲକ ଅଞ୍ଚଳଟି ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି କିସମର ବିପର୍ଯ୍ୟୟ ସମୟରେ ଚାଷୀମାନଙ୍କ କ୍ଷେତକୁ କିଭଳି ସୁରକ୍ଷା ଦିଆଯାଇ ପାରିବ, ଖାଲୁଆ ସ୍ଥାନରେ ବସବାସ କରୁଥିବା ଲୋକମାନଙ୍କୁ କେମିତି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ପାରିବ, ଗୃହପାଳିତ ପଶୁମାନଙ୍କର ସୁରକ୍ଷା, ବାତ୍ୟା ସମୟରେ ଘର ନିକଟରେ ଥିବା ବଡଗଛରୁ କେମିତି ସୁରକ୍ଷା ମିଳିପାରିବ, ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ପାନୀୟଜଳ, ଗୃହପାଳିତ ପଶୁମାନଙ୍କୁ ଗୋ–ଖାଦ୍ୟ ଯୋଗାଣ ଆଦି ଦିଗରେ କିଭଳି ସମୟୋଚିତ ପଦକ୍ଷେପ ନିଆଯାଇ ପାରିବ ସେ ଦିଗରେ ଶିବିରରେ ସୂଚନା ଦିଆଯାଇଥିଲା । ଉକ୍ତ ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି(ଓଏସ୍‌ଡିଏମ୍‌ଏ) ପକ୍ଷରୁ ରାଜକିଶୋର ଘଡାଇ, ସହକାରୀ ଜିଲାପାଳ(ଜରୁରୀକାଳୀନ) ଉମେଶ ଚନ୍ଦ୍ର ଲେଙ୍କା, ଜିଲା ପ୍ରୋଗ୍ରାମ ଅଧିକାରୀ ଆଶୁତୋଷ ବାରିକ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁଧିର କୁମାର ସାହୁ, ବ୍ଲକ କୃଷି, ଉଦ୍ୟାନକୃଷି, ପ୍ରାଣୀଚିକିତ୍ସା, ମହିଳା ଶିଶୁ ବିଭାଗ ପ୍ରମୁଖ ଯୋଗଦେଇଥିଲେ ।

# ଋଣ ଆଦାୟ କର୍ମଶାଳା

ବାଲିଚନ୍ଦ୍ରପୁର,୨୧।୬ (ଗିରିଜା ପ୍ରସାଦ ସାହୁ):

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବାଲିଚନ୍ଦ୍ରପୁରସ୍ଥିତ ଚାରିନଙ୍ଗଳ କୃଷି ସମବାୟ ସମିତି ପକ୍ଷରୁ ଋଣ ଆଦାୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାଣ୍ଡୁକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କର୍ମଶାଳାରେ ସମବାୟ ସମିତି ସଭାପତି ପ୍ରତାପ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିବାବେଳେ ବାଲିଚନ୍ଦ୍ରପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳକ ଦେବେନ୍ଦ୍ର କୁମାର ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଋଣ ପରିଶୋଧ ପାଇଁ ଚାଷୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ମାଣ୍ଡୁକା ସରପଞ୍ଚଙ୍କ ପ୍ରତିନିଧି ଅମୂଲ୍ୟ ଦାସ ଯୋଗଦେଇ ସମବାୟ ବଞ୍ଚିଲେ ଚାଷୀ ବଞ୍ଚିବେ ବୋଲି ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ୭୦ରୁ ଊର୍ଦ୍ଧ୍ୱ ଚାଷୀ ଋଣ ପରିଶୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ବୋର୍ଡ଼ ଉପସଭାପତି କଳ୍ପନା ପଣ୍ଡା, ସଭ୍ୟ ଭିମସେନ୍ ରାଉତ, ଅନନ୍ତ ସିଂହ, ନାରାୟଣ ଦଳାଇ, ଚନ୍ଦ୍ରଶେଖର ଦଳେଇ, କୋତବୁଦ୍ଦିନ୍ ଖାଁ, ମାନସ ରଞ୍ଜନ ସାମଲ, ହିମାଂଶୁ ଶେଖର ବଳ, ସେକ୍ ଇମାମ ଉଦ୍ଦିନ୍, ସେକ୍ ଜିଆଉଲ୍ଲା, ହିମାଂଶୁ ଶେଖର ଦାସ, ନିରୋଦ ଚନ୍ଦ୍ର ସେନାପତି, ଜାନକୀ ନାୟକ, ମନ୍ମଥ କୁମାର ନାୟକ, ଚାଷୀ କାର୍ତ୍ତିକ ଚନ୍ଦ୍ର ମହାନ୍ତି, ଶ୍ରୀବତ୍ସ ମହାନ୍ତି, ଜଗମୋହନ ମହାନ୍ତି, ରାହାସ ବିହାରୀ ମହାନ୍ତି, କାର୍ତ୍ତିକ ଦଳାଇ ଓ କ୍ଷୀରୋଦ ଚନ୍ଦ୍ର ପରିଡ଼ା ଅକ୍ଷୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। କୃଷୀ ସମବାୟ ସମିତି ସମ୍ପାଦିକା ଜୟଶ୍ରୀ ଦାସ ଓ ସହସମ୍ପାଦକ ମନୋଜ କୁମାର ମହାରଣା କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।



ଋଣ ଆଦାୟ କର୍ମଶାଳାରେ ଯୋଗଦେଇଥିବା ସମବାୟ ସମିତି ଅଧିକାରୀ ଓ ଚାଷୀମାନେ।

# ଭତ୍ତାରୁ ବଞ୍ଚିତ କନକଲତା

କାଏମା,୨୧।୬ (ଶିବପ୍ରସାଦ ମହାନ୍ତି):



ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତ ଗଣାବସା ସାହି ଗ୍ରାମର ବିଧବା କନକଲତା ବାରିକ(୬୦) ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ୩ ବର୍ଷ ବିତିଲାଣି। ହେଲେ ତାଙ୍କୁ ଭତ୍ତା ମିଳୁ ନ ଥିବାରୁ ସେ ବହୁ ଅସୁବିଧାରେ ରହୁଥିବା କହିଛନ୍ତି। କନକଲତା କହିଛନ୍ତି, ଭତ୍ତା ପାଇଁ ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନର ସରପଞ୍ଚଙ୍କୁ ବାରମ୍ବାର ଅନୁରୋଧ କରିବା ସହ ଡକ୍ୟୁମେଣ୍ଟ ଦେଇଛନ୍ତି। ହେଲେ କେହି ତାଙ୍କ କଥା ଶୁଣୁନାହାନ୍ତି। ସରପଞ୍ଚମାନେ ଭୋଟ ନେବା ସମୟରେ ସବୁ କରିଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ପରେ ସବୁ କଥା ଭୁଲି ଯାଉଛନ୍ତି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ଅଙ୍କୁର ଚରଣ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, କନକଲତାଙ୍କ ସମସ୍ତ କାଗଜ ପତ୍ର ବ୍ଲକ କାର୍ଯ୍ୟାଳୟରେ ଜମା କରାଯାଇଛି। ହେଲେ କାହିଁକି ଭତ୍ତା ମିଳିନି ତାର ଅନୁଧ୍ୟାନ କରିବାକୁ ପଡ଼ିବ। ବର୍ତ୍ତମାନର ସରପଞ୍ଚଙ୍କ ପ୍ରତିନିଧିଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କର କାଗଜପତ୍ର କୌଣସି କାରଣରୁ ବାତିଲ ହୋଇଯାଇଥିବାରୁ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୁଣି ଥରେ କାଗଜପତ୍ର ଜମାକଲେ ଭତ୍ତା ହୋଇପାରିବ। ଅନ୍ୟପକ୍ଷରେ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର କନକଲତାଙ୍କୁ ଭତ୍ତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନୀଳାଚଳ କୋଇଲା କାରଖାନା ଯୋଗୁ ବଢୁଛି ପ୍ରଦୂଷଣ

ଜେନାପୁର,୨୧।୬(ଅଶୋକ ଦାସ):

ଯାଜପୁର ଜିଲା ଧର୍ମଶାଳା ତହସିଲ ସହାଣୀଡିହ ପଞ୍ଚାୟତ ଅଧୀନ ବାରମାଣ ମୁଣ୍ଡାସାହି ଗ୍ରାମ ନିକଟରେ ଦୀର୍ଘବର୍ଷ ହେବ ନୀଳଚଳ କୋଇଲା କାରଖାନା ବେଆଇନ ଭାବେ ଚାଲିଥିବା ଅଭିଯୋଗ ହୋଇଛି । ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରୁଛି । କାରଖାନାରୁ ବାହାରୁ ଥିବା ଗରମ କୋଇଲା ଧୂଆଁ ଓ ଗୁଣ୍ଡ ଉଡ଼ି ଲୋକମାନେ ତ୍ରାହି ତ୍ରାହି ଡାକୁଛନ୍ତି । ଏହି କାରଖାନା ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିବା ସହ ପରିବେଶ ମଞ୍ଜୁରୀ ନ ଥାଇ ଚାଲିଛି। ହେଲେ ପ୍ରଶାସନ ନାନା ଅଭିଯୋଗ ପାଇଲେ ମଧ୍ୟ ଚୁପ୍ ବସିଛି। ଶ୍ରମିକମାନଙ୍କୁ କାରଖାନାରେ କାମ କରିବାକୁ ପଞ୍ଜିକରଣ କରିବାକୁ ନିୟମ ରହିଥିବା ବେଳେ ଏହି କାରଖାନାରେ ବିନା ପଞ୍ଜିକରଣରେ ଶ୍ରମିକମାନେ କାମ କରୁଥିବା ଅଭିଯୋଗ ହେଉଛି। ଏହାର କର୍ମକର୍ତ୍ତା ସରକାରୀ ଆଇନକୁ ବେଖାତିରି କରି ବିଭିନ୍ନ କଞ୍ଚାମାଲ ବଡ଼ ବଡ଼ ଗାଡ଼ିରେ ଜିଲା ଓ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଅନ୍ୟପକ୍ଷେ ଏହି କାରଖାନାରୁ ପ୍ରତିଦିନ ବାହାରୁ ଥିବା କୋଇଲା ଗୁଣ୍ଡ ଓ ଧୂଆଁରେ ଆଖ ପାଖ



ନୀଳାଚଳ କୋଇଲା କାରଖାନା ।

ଅଞ୍ଚଳ ପ୍ରଦୂଷିତ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ସେଥିପାଇଁ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି । ଏପରି କି ସ୍ଥାନୀୟ ଲୋକଙ୍କ ଚାଷ ଜମି ଉପରେ କୋଇଲା ଗୁଣ୍ଡର ଆସ୍ତରଣ ଜମିଥିବାରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇପଡିଛି। ସ୍ଥାନୀୟ ଜନସାଧାରଣ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପକାଉଛି। ଏ ସଂକ୍ରାନ୍ତରେ ମୁଣ୍ଡସାହିର ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ କୋଣସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି କହିଛନ୍ତି। ସରକାର

**ଅଭିଯୋଗ ପରେ ବି ପ୍ରଶାସନ ଚୁପ୍**

ନିୟମ ଅନୁଯାୟୀ କୌଣସି ସ୍ଥାନରେ ଶିଳ୍ପ କାରଖାନା ପ୍ରତିଷ୍ଠା ପୂର୍ବରୁ ପ୍ରଥମେ ଜନଶୁଣାଣୀର ଆୟୋଜନ କରାଯାଇଥାଏ । ସ୍ଥାନୀୟ ସରପଞ୍ଚଙ୍କଠାରୁ ଆପତ୍ତି ବିହୀନ ପ୍ରମାଣ ପତ୍ର ଗ୍ରହଣ କରିବା ପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ପରିବେଶ ସଂକ୍ରାନ୍ତ ଅନୁମତି ପତ୍ର ଆଣିବାକୁ ପଡିଥାଏ। କିନ୍ତୁ ଏହି କାରଖାନା ସବୁ ନୀତିନିୟମକୁ ଉଲ୍ଲଂଘନ କରି ଶ୍ରୀଜଗନ୍ନାଥଙ୍କ ଜମି (ଖାତା ନଂ. ୬୩ ପ୍ଲଟନଂ. ୫୯୮/୧୩୨୦)ରେ ଚାଲୁଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରୁ ଏ ବିଷୟରେ ଜାଣି ନ ଥିଲି । ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। କଳିଙ୍ଗ ନଗର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ ।

## ସଂକ୍ଷେପରେ

### ଗଣ୍ଡକିପୁରରେ ରଥଯାତ୍ରା

**କୁଜଙ୍ଗ, ୨୧।୬ (ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗଣ୍ଡକିପୁରଠାରେ ପ୍ରଭୁ ଜଗନ୍ନାଥଙ୍କର ଘୋଷଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚାଦିନ ପୁରୀରେ ରଥ ଟଣା ଆରମ୍ଭ ହେବା ପରେ ଏଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ଭାବେ ସୁଧାଂଶୁ ଶେଖର ମହାପାତ୍ର ଛେରା ପହଁରା କରିଥିଲେ। ରାତ୍ରିରେ ରଥଟଣା ହୋଇ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ଉକ୍ତ ଧାର୍ମିକ କାର୍ଯ୍ୟରେ ଶାନ୍ତିଲତା ମହାପାତ୍ର, ରବୀନ୍ଦ୍ର ମାଝି, ରବୀନ୍ଦ୍ର ସାମଲ, ରାମଚନ୍ଦ୍ର ପରିଡ଼ା, ସହଦେବ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବିରେ ପ୍ରତୀକାତ୍ମକ ଧାରଣା
#### ରେଢୁଆ ବୃନ୍ଦାବନ ଚନ୍ଦ୍ର କଲେଜ

**ରଘୁନାଥପୁର,୨୧।୬ (ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଦାବି କରାଯାଇଛି। ଏନେଇ କଲେଜ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ଦିଆଯିବା ସହ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ, ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, ପ୍ରତିଷ୍ଠାତା ସଦସ୍ୟ ନଗେନ୍ଦ୍ରନାଥ ସ୍ୱାଇଁ, ପ୍ରାଣକୃଷ୍ଣ ନାୟକ, ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା, ଗାନ୍ଧିବାଦୀ ନେତା ସୁରେନ ରାଉତ, ବନମାଳୀ ମହାରଣା,ରଘୁନାଥ ସ୍ୱାଇଁ, କୈଳାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉଚ୍ଚଶିକ୍ଷା ବିଭାଗ ଅଞ୍ଚଳବାସୀଙ୍କ ପ୍ରତି ବୈମାତୃକ ମନଭାବ ପୋଷଣ କରୁଛି। ୩୫ ବର୍ଷ ତଳୁ ଅଞ୍ଚଳବାସୀଙ୍କ ସହଯୋଗରେ ଏହି କଲେଜ ଗଢ଼ିଉଠିଥିଲା। ୨୫ ବର୍ଷ ତଳୁ ଯୁକ୍ତ ୨ ବିଜ୍ଞାନ ଶ୍ରେଣୀ ଖୋଲାଯାଇଥିବାବେଳେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲାଯିବା ନିମନ୍ତେ ଅଞ୍ଚଳର ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି। ଏ ସମ୍ପର୍କରେ ଗତ ଜୁନ ଓ ସେପ୍ଟେମ୍ବର ୨୦୨୨ରେ ଅଞ୍ଚଳବାସୀଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଲିଖିତ ଅବଗତ କରାଯାଇଥିଲା। ପୁନର୍ବାର ଗତ ଜୁନ ୧୭ ତାରିଖରେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଚଳିତ ବର୍ଷରୁ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲି ବିଜ୍ଞାନ ଶିକ୍ଷା ଦିଆ ନ ଗଲେ ବାଧହୋଇ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସ୍ନେହାନସୁ ଜେନା ପ୍ରକାଶ କରିଛନ୍ତି। ଏହି ପ୍ରତିବାଦ ସଭାରେ ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର,ନିଗମାନନ୍ଦ ଦାସଙ୍କ ସହ ବହୁ ବ୍ୟକ୍ତି ସାମିଲ ହୋଇଥିଲେ। ଏ ସମ୍ପର୍କରେ କଲେଜର ଅଧକ୍ଷ ସରୋଜ କୁମାର ପଣ୍ଡା କୁହନ୍ତି ଯେ ସାଧାରଣଜନତାଙ୍କ ଅଭିଯୋଗ ସମ୍ପର୍କରେ କଲେଜ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି।

# ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ

**ଜଗତ୍‌ସିଂହପୁର, ୨୧।୬ (ପ୍ରମୋଦ କୁମାର ନାୟକ)**



- ୧୧ ବର୍ଷ ପୂର୍ବରୁ ଖର୍ଚ୍ଚ ହୋଇଥିଲା ୧ କୋଟି
- ୧୫ କୋଟି ବ୍ୟୟ ଅଟକଳରୁ ଆସିଛି ୭ କୋଟି

ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୧ ବର୍ଷ ପୂର୍ବରୁ ଚିନ୍ତା କରାଯାଇଥିଲା । ସେତେବେଳେ ଏହି ଖବର ସାଧାରଣରେ ଖୁସି ଭରି ଦେଇଥିଲା। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଗଧାରୀ ନିକଟରେ ସ୍ଥାନ ଚିହ୍ନଟ ସହ ପାଖାପାଖି ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ସେତେବେଳେ ବିନା ବିଚାର ବିମର୍ଷରେ ଯୋଗଧାରୀରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିବାରୁ ଏହା ବାସ୍ତବ ଲକ୍ଷ୍ୟ ପୂରଣ କରି ପାରି ନ ଥିଲା। ଏହି ବସ୍‌ଷ୍ଟାଣ୍ଡଟି ସମୟଚକ୍ରରେ ବେସରକାରୀ ଉଦ୍ଦେଶ୍ୟରେ ଅର୍ଥାତ ଟ୍ରକ୍‌ଗୁଡ଼ିକର ରହଣୀ ପାଇଁ ବ୍ୟବହାର ହୋଇ ଚାଲିଲା। ସେବେଠାରୁ ଏ ପର୍ଯ୍ୟନ୍ତ ବସ୍, ଟ୍ରେକର୍‌ଗୁଡ଼ିକ ପୂର୍ବପରି ସାନବଜାରସ୍ଥିତ ବସ୍ ଷ୍ଟପ୍‌ରେ ଷ୍ଟପେଜ କରି ଆସୁଛି। ଦୀର୍ଘଦିନ ପରେ ସରକାର ଏହି ସ୍ଥାନରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ। ଏ ବାବଦରେ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଗଲା। ଏହି ଅନୁସାରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ଟଙ୍କାର ଅନୁଦାନ ଜଗତ୍‌ସିଂହପୁର ପୌର ପରିଷଦକୁ ଦିଆଯାଇଛି। ପରିଷଦ ଏହି ରାଶି ପାଖାପାଖି ୩ ମାସ ହେବ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଦେଇଛି। କିନ୍ତୁ କାମ ଆରମ୍ଭରେ ବିଳମ୍ବ ହେଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଡାକଘର ନିକଟ ମୁଖ୍ୟ ରାସ୍ତାପାର୍ଶ୍ୱରେ ବସ୍‌ଷ୍ଟପ୍ ରହିଛି। ସେଠାରେ ବସ୍‌ଗୁଡ଼ିକ କିଛି ସମୟ ଅଟକି ପୁଣି ବାହାରି ଯାଉଛି। ଏକ୍‌କାଳୀନ ୧୦ଟି ବସ ରହିଲା ଭଳି ଜାଗା ସେଠାରେ ନାହିଁ। ଏଥିସହ ଏହି କମ୍ ଜାଗାରେ ଟ୍ରେକରଗୁଡ଼ିକ ମଧ୍ୟ ଅଟକୁଛି। ରାସ୍ତାପାର୍ଶ୍ୱରେ ଖୁବ୍ କମ ଜାଗାରେ ଗାଡ଼ିଗୁଡ଼ିକ ପ୍ରବେଶ ଓ ପ୍ରସ୍ଥାନ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ମହିଳାପୁରୁଷ ପରିସ୍ରାଗାର, ଯାତ୍ରୀଙ୍କ ବସିବା ପାଇଁ ବିଶ୍ରାମାଗାର, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଆଦି ସୁବିଧା ନାହିଁ। ବସ୍ ଷ୍ଟପ ଜମିର କିଛି ପରିମାଣ ପୁରୋହିତପୁର ସୋସାଇଟି ଏବଂ ଅବଶିଷ୍ଟ ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ରହିଛି। ପୌର ପରିଷଦ ଏହି ଜମିକୁ ବସ ମାଲିକ ସଂଘକୁ ଲିଜ୍ ସୂତ୍ରରେ ଦେଇଛି। ଜଗତ୍‌ସିଂହପୁରରେ ଏକ ବସ୍ ଷ୍ଟାଣ୍ଡର ଆବଶ୍ୟକତା ଅନୁଭବ କରି ୨୦୦୩ ମସିହାରେ ତତ୍କାଳୀନ ଜିଲାପାଳ ପଦକ୍ଷେପ ନେଇଥିଲେ। ବସ ମାଲିକ ସଂଘ, ଲୋକ ପ୍ରତିନିଧି କିମ୍ବା ବୁଦ୍ଧିଜୀବୀଙ୍କ ମତାମତ ନ ନେଇ ତରବରିଆ ଭାବେ ବଜାରଠାରୁ ୩ କିଲୋମିଟର ଦୂର ଜଗତ୍‌ସିଂହପୁର-ବାଲିକୁଦା ମୁଖ୍ୟ ରାସ୍ତାପାର୍ଶ୍ୱ ଯୋଗଧାରୀଠାରେ ସ୍ଥାନ ଚିହ୍ନଟ କରିଥିବା କୁହାଯାଏ। ତେବେ ଯାହା ହେଉ ଏହି ସ୍ଥାନରେ ୮।୩।୨୦୦୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସ୍ ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏ ନେଇ ପ୍ରାଥମିକ ପର୍ଯ୍ୟାୟରେ ୭୭,୭୬,୭୪୯ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୩୦ ଲକ୍ଷ ଖର୍ଚ୍ଚ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଆସିଥିବା ଅନୁଦାନ ହେଲା ଏମ୍‌ପି ପାଣ୍ଠିରୁ ୨୦,୮୯,୪୦୧, ରାଜ୍ୟସଭା ଏମ୍‌ପି ୧୧,୯୯,୦୦୦, ବିଧାୟକ ୯ ଲକ୍ଷ, ଜଗତ୍‌ସିଂହପୁର ପୌର ପରିଷଦ ୫,୮୮,୧୩୮ ଏବଂ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ୩୦ଲକ୍ଷ ଟଙ୍କା। ଏଥିରେ ୨ଟି ଫାଟକ ନିର୍ମାଣ କରାଯାଇଥିଲା। ବାମ ଫାଟକ ପାର୍ଶ୍ୱରେ ପୋଲିସ ସହାୟତା କେନ୍ଦ୍ର, ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ, ୨ଟି ପରିସ୍ରାଗାର (ମହିଳା ଓ ପୁରୁଷ) ତିଆରି ହୋଇଥିଲା। ସାମ୍ନା ପଟ ଶେଷ ଆଡକୁ ୫ଟି ବିଶ୍ରାମାଗାର, ଏହା ପଛକୁ ସୁଲଭ ଶୌଚାଳୟ ଏବଂ ସ୍ନାନାଗାର କରାଯାଇଥିଲା। ଆଲୋକ ବ୍ୟବସ୍ଥା ହୋଇଥିଲା। ଷ୍ଟାଣ୍ଡର ଦକ୍ଷିଣପାର୍ଶ୍ୱରେ ୧୪ଟି ବିଶ୍ରାମାଗାର କୋଠରୀ, ୨ ପରିସ୍ରାଗାର (ମହିଳା, ପୁରୁଷ) ବ୍ୟବସ୍ଥା ହୋଇଥିଲା। ରାସ୍ତାପାର୍ଶ୍ୱ ଅର୍ଥାତ୍ ୨ ଫାଟକ ମଝିରେ ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନ ରଖାଯାଇଥିଲା। ଫାଟକ ବାହାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାମ ଶେଷ ହେଲା ପରେ ୯।୧୨।୨୦୧୨ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ଏବଂ ସମବାୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। କିନ୍ତୁ ବସ୍ ଷ୍ଟାଣ୍ଡଟି କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା। ଏହାର ଦୀର୍ଘବର୍ଷ ପରେ ସରକାର ଏହି ବସ୍‌ଷ୍ଟାଣ୍ଡକୁ ମଡେଲ ବସ୍ ଷ୍ଟାଣ୍ଡ ପାଇଁ ଘୋଷଣା କରି ଅନୁଦାନ ଦେବା ଆରମ୍ଭ କରିଥିଲେ ସୁଦ୍ଧା କାହିଁକି କାମରେ ବିଳମ୍ବ ହେଉଛି ତାକୁ ନେଇ ନାନା କଥା ଆଲୋଚନା ଚାଲିଛି। ଏହା ଉପରେ ପୂର୍ତ୍ତ ବିଭାଗ ଜଗତ୍‌ସିଂହପୁର ଅଧିକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସଙ୍କୁ ପଚାରିବାରୁ ୭ କୋଟି ଟଙ୍କା ଅନୁଦାନ ଆସିଥିବା ସ୍ୱୀକାର କରିବା ସହ ଏଷ୍ଟିମେଟ୍ ଅନୁମୋଦନ ପାଇଁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଅନୁମୋଦନ ହୋଇ ଆସିଲା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଯେହେତୁ ଏଥିରେ ଅନେକ କିଛି ସଂଶୋଧନ ହେଉଛି ତେଣୁ ବିଳମ୍ବ ହେବା ସ୍ୱାଭାବିକ। ତଥାପି ଯଥାଶୀଘ୍ର ଟେଣ୍ଡର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେୟ କହିଛନ୍ତି।

## ଓଲକଣା ସମେତ ଡେରାବିଶର ବିଭିନ୍ନ ସ୍ଥାନରେ ରଥଯାତ୍ରା

**ଡେରାବିଶ,୨୧।୬ (ବେବର୍ତ୍ତା ଅଜୟ ଦାସ)**



ଓଲକଣା ମେଳଣ ପଡିଆରେ ରଥାରୂଢ଼ ଠାକୁରଙ୍କ ରଥକୁ ଶ୍ରଦ୍ଧାଳୁ ଟାଣୁଛନ୍ତି।

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଁକାର କ୍ଷେତ୍ର ଭାବେ ପରିଚିତ ପ୍ରସିଦ୍ଧ ଓଲକଣା ମେଳଣ ପଡ଼ିଆରେ ମଙ୍ଗଳବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନରେ ୩ ଦିଅଁଙ୍କୁ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ରଥ ଉପରେ ସମସ୍ତ ନୀତିକାନ୍ତି ସରିବା ପରେ ଠାକୁର ରାଜା ଭାବେ ନୃସିଂହ ପୃଷ୍ଟି ଅପରାହ୍ନରେ ରଥ ଉପରେ ଛେରା ପହଁରା କରିଥିଲେ। ପରେ ରଥ ଦଉଡ଼ିକୁ ହଜାର ହଜାର ଶ୍ରଦ୍ଧାଳୁ ଟାଣି ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ନିକଟରେ ରଥକୁ ପହଞ୍ଚାଇଥିଲେ। ତେବେ ଏହି ପୀଠର ପରମ୍ପରା ଅନୁଯାୟୀ ଗୋଟିଏ ଦଉଡ଼ିକୁ ପୁରୁଷମାନେ ଟାଣିଥିବା ବେଳେ ଅନ୍ୟ ଏକ ରଥ ଦଉଡ଼ିକୁ କେବଳ ମହିଳାମାନେ ଟାଣୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

ସେହିପରି ଡେରାବିଶର ପରମଆରାଧ୍ୟ ଶ୍ରୀ ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିରରେ ରଥଯାତ୍ରା ଆରମ୍ଭ ହୋଇଛି। ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ଅପରାହ୍ନରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ପରମ୍ପରା ଅନୁଯାୟୀ ଏହି ରଥଟଣା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ମୁକୁନ୍ଦପୁର ପଞ୍ଚାୟତର ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା ମଠରୁ ଶ୍ରୀପତିତପାବନଜୀଉଙ୍କୁ ରଥାରୁଢ଼ କରାଯାଇ ବଟ ମହାପୁରୁଷସ୍ଥିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମବାସୀଙ୍କ ସହଯୋଗରେ ଶ୍ରୀଜୀଉଙ୍କୁ ଗୁଣ୍ଡିଚା ମନ୍ଦିର (ରାଧାକାନ୍ତଜୀଉଙ୍କ ମନ୍ଦିର)କୁ ଶହଶହ ଶ୍ରଦ୍ଧାଳୁ ରଥ ଟାଣି ନେଇଥିଲେ। ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ୩ଠାକୁରଙ୍କୁ ଏକ ରଥରେ ବିଜେ କରାଯାଇ ଗ୍ରାମ ମଧ୍ୟସ୍ଥଳରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିରକୁ ଶ୍ରଦ୍ଧାଳୁମାନେ ନେଇଥିଲେ। ସେହିପରି ଖମୋଳ ପଞ୍ଚାୟତ ଡାଳିଜୀ ରାମମନ୍ଦିରଠାରୁ ଘୋଷଯାତ୍ରା ଆରମ୍ଭ ହୋଇ ସଲାରୋ ଗ୍ରାମର ନୃସିଂହନାଥଙ୍କ ମନ୍ଦିର ନିକଟରେ ଥିବା ମାଉସୀ ମା' ମନ୍ଦିରରେ ରଥ ପହଞ୍ଚିଥିଲା।

## ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ

**ରଘୁନାଥପୁର,୨୧।୬ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଟିପିସିଓଡିଏଲ ଅଫିସ ଅଧୀନରେ ଥିବା ସମସ୍ତ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ସହ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଛି। ଏହାର ପ୍ରତିବାଦରେ ଓ ଏକ ନୂତନ ଗ୍ରୀଡ଼ ସ୍ଥାପନ ଦାବିରେ ଭାଜପା ପକ୍ଷରୁ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏ ସମ୍ପର୍କିତ ଅଭିଯୋଗ ପତ୍ର ଏସ୍‌ଡିଓଙ୍କ ଜରିଆରେ ମୁଖ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ସୋମବାର ପ୍ରଦାନ କରାଯାଇଛି। ଭାଜପା ନେତା ରାଜକିଶୋର ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ଯାଇ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଭାଜପା କର୍ମକର୍ତ୍ତା ସୁବାସ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ଆଇନଜୀବୀ ଗଗନ ଦାଶ, ମଣ୍ଡଳ ସଭାପତି ଶିବପ୍ରସାଦ ଦାସ ଓ ସୁଶାନ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସାଧାରଣଜନତାଙ୍କ ମୌଳିକ ସମସ୍ୟାର ସମାଧାନ ନ ହେଲେ ଆଗକୁ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏଥିସହ ଏସ୍‌ଡିଓଙ୍କ ଅନୁପସ୍ଥିତିରେ ଯନ୍ତ୍ରୀ ହୃଷୀକେଶ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ନିଟ୍‌ରେ କୃତକାର୍ଯ୍ୟ ଆସିୟା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଲେ



ଆସିୟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରଘୁନାଥପୁର,୨୧।୬ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ ଧନୀପୁର ଗ୍ରାମର ଆସିୟା ଶେଖ୍ ନିଟ୍ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଆସିୟା ମୋଟ ୭୨୦ ନମ୍ବର ପରୀକ୍ଷା ଦେଇ ୬୩୧ ନମ୍ବର ହାସଲ କରିଛନ୍ତି। ସେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ଜଗତ୍‌ସିଂହପୁର ଜିଲା ଟପ୍ପର ହୋଇ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଥିଲେ। ଆସିୟାଙ୍କ ଅଧ୍ୟାପନା କ୍ଷେତ୍ରରେ ୫ବର୍ଷ ପର୍ଯ୍ୟନ୍ତ ତାଙ୍କୁ ପୂର୍ଣ୍ଣ ସହାୟତା ଯୋଗାଇ ଦେଇଥିଲେ ସ୍କଲାର ଟ୍ୟୁଟୋରିଆଲର ଅଧ୍ୟକ୍ଷ ରବୀନ୍ଦ୍ରନାଥ ତ୍ରିପାଠୀ। ପିତା ଶେଖ ଆସଫ ଅଲ୍ଲୀ ଓ ମା' ନଜନିନ ଆଫରଜା ପିଲା ଦିନୁ ଆସିୟାଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ପାରିଥିଲେ। ଆସିୟାଙ୍କୁ ଶିକ୍ଷା ପ୍ରତି ମନୋନିବେଶ କରାଇ ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ପାଇଁ ଅନୁପ୍ରାଣିତ କରିଥିଲେ। ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ସ୍କଲାର ଟ୍ୟୁଟୋରିଆଲ ପକ୍ଷରୁ ଅଧ୍ୟକ୍ଷ ତ୍ରିପାଠୀ, ତରିକୁନ୍ଦ ବଜାର କମିଟି ସଭାପତି ମହମ୍ମଦ ଇଲିୟାସ ଖାଁ, ଶିକ୍ଷକ ସିରାଜ ଉଦ୍ଦିନ ଖାଁ, ସ୍ମୃତିରଞ୍ଜନ ସେଠୀ, ଆଞ୍ଜୁମ ଜାହାଁ ଓ ଡା. ମହମ୍ମଦ ଅକିଲ ନୱାଜ ଆସିୟାଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଦେଉଳସାହି ରଥଯାତ୍ରା: ଶହେବର୍ଷର ପରମ୍ପରା ପାଳିଲେ

**ରାଜକନିକା,୨୧।୬(ରବୀନ୍ଦ୍ର କୁମାର ଦାସ)**



ରାଜକନିକା ବ୍ଲକ ଦେଉଳସାହିରେ ଶହେ ବର୍ଷର ପରମ୍ପରାକୁ ପାଳି ଶ୍ରୀଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଥ ଟଣା ହୋଇ ଓଳାଭର ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ଅପରାହ୍ନ ୩ଟା ବେଳେ ଦେଉଳସାହି ଜଗନ୍ନାଥ ମନ୍ଦିରରେ ଭକ୍ତ ଗୋବିନ୍ଦ ବିଶ୍ୱାଳଙ୍କ ଛେରାପହଁରା ପରେ ୩ ଠାକୁରଙ୍କୁ ପଣ୍ଡା ସେବାୟତମାନେ ପହୁଣ୍ଡି କରି ରଥାରୂଢ କରିଥିଲେ। ହଜାର ହଜାର ଭକ୍ତ ସମାଗମକୁ ଦେଖି ରାଜକନିକା ଥାନା ଅଧିକାରୀ ବିଲ୍ଲମଙ୍ଗଳ ସେଠୀଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଅସହ୍ୟ ଗରମ ଓ ଗୁଳୁଗୁଳିରୁ ଶ୍ରଦ୍ଧାଳୁଙ୍କୁ ଉପଶମ ଦେବା ପାଇଁ ରାଜକନିକା ଦମକଳ ବାହିନୀ ପକ୍ଷରୁ ମୃଦୁ ପାଣି ମାଡ଼ କରାଯାଇଥିଲା। କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଉପସ୍ଥିତ ରହି ରଥ ପରିଚାଳନା ଦାୟିତ୍ୱ ସମ୍ପନ୍ନ କରିଥିଲେ।

## ପିପିଏଲ୍ ଟାଉନଶିପରେ ଯୋଗ ଦିବସ ପାଳିତ



**ପାରାଦୀପ, ୨୧।୬ (ଶରତ ରାଉତ)**

ପାରାଦୀପ ଫସଫେଟ୍‌ସ ଲିମିଟେଡ୍ (ପିପିଏଲ)ଟାଉନଶିପରେ ବୁଧବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଯୋଗଗୁରୁ ଦୈତାରି ବିନ୍ଧାଣିଙ୍କ ଦ୍ୱାରା ଏହି ଯୋଗ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ପ୍ରଣବ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ଏଥିରେ ପିପିଏଲ କମ୍ପାନୀର ୧୫୦ରୁ ଅଧିକ କର୍ମଚାରୀ ଓ ସେମାନଙ୍କ ପରିବାର, ସ୍କୁଲ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା କିପରି ଭାରତୀୟ ସଂସ୍କୃତିର ପରମ୍ପରା ତାକୁ ଏବେ ବିଶ୍ୱବାସୀ ଅନୁଭବ କଲେଣି ବୋଲି ଭଟ୍ଟାଚାର୍ଯ୍ୟ କହିଥିଲେ। ଯୋଗ ପ୍ରଶିକ୍ଷକ ଆର୍ତ୍ତତ୍ରାଣ ସାହୁ ଓ ପଦ୍ମାଳୟା ଗୋଚ୍ଛାୟତ ଯୋଗର ଉପାଦେୟତା ଉପରେ ଶିବିରରେ ଥିବା ଲୋକଙ୍କୁ କହିଥିଲେ।

## ସ୍କୁଲରେ ନିୟମିତ ଯୋଗ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ

**ପାରାଦୀପ, ୨୧।୬ (ଶରତ ରାଉତ)**

### ପିପିଏରେ ଆନ୍ତର୍ଜାତିକ ଯୋଗ ଦିବସ

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ବୁଧବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ସ୍ଥାନୀୟ ବିଜୁ କନଭେନଶନ ପରିସରରେ ଆୟୋଜିତ ଯୋଗ ଶିବିରରେ ଅଧକ୍ଷ ପି. ଏଲ. ହାରାନ୍ଧ, ଉପାଧ୍ୟକ୍ଷ ନିଳାଦ୍ରି ଦାସଗୁପ୍ତାଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାର ଲୋକେ ଏଥିରେ ଭାଗ ନେଇଥିଲେ। ଚଳିତବର୍ଷର ବାର୍ତ୍ତା ରହିଛି ବସୁଧୈବ କୁଟୁମ୍ବକମ୍। ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ। ଯୋଗ ଦ୍ୱାରା ସୁସ୍ଥ ଶରୀର ଓ ସୁସ୍ଥ ମନ ରହିଥାଏ। ଏବେଠାରୁ ବନ୍ଦର ଦ୍ୱାରା ପରିଚାଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରତିଦିନ ଯୋଗ କ୍ଲାସ ରଖିବା ପାଇଁ ଅଧକ୍ଷ ହାରାନ୍ଧ ପରାମର୍ଶ ଦେଇଥିଲେ। ଯୋଗଗୁରୁ ତାପସ ରଞ୍ଜନ ପତି ଯୋଗ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ଆର୍ଟ ଅଫ ଲିଭିଂ, ସିଆଇଏସ୍‌ଏଫ୍ ଓ ସ୍କୁଲ ଛାତ୍ରୀଛାତ୍ର ଏହି ଶିବିରରେ ଯୋଗ କରିଥିଲେ।



ପିପିଏ ପକ୍ଷରୁ ଅନୁଷ୍ଠିତ ଯୋଗ ଶିବିରରେ ଉପସ୍ଥିତ ବ୍ୟକ୍ତିମାନେ ଯୋଗାଭ୍ୟାସ କରୁଛନ୍ତି।

## ରାତି ପାଠପଢ଼ାରେ ବିଦ୍ୟୁତ୍ ବାଧକ

**ନାଉଗାଁ,୨୧।୬(ସୁଧା ବେହୁରା)**




### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ସରିଲା

ନାଉଗାଁ ବ୍ଲକର ତିରୁଣା ପଞ୍ଚାୟତ ଦହିପାଳ(ବେଲକନ୍ଦା)ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇଛି। ୯ କୋଟି ୯୯ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟ ବରାଦ କରାଯାଇ ଉକ୍ତ ବିଦ୍ୟାଳୟର ଶ୍ରେଣୀ ଗୃହ ନିର୍ମାଣ ସରିଛି। ହେଲେ ଏପର୍ଯ୍ୟନ୍ତ ବିଦ୍ୟାଳୟରେ ପିଲା ପାଠ ପଢ଼ି ପାରୁନାହାନ୍ତି। ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ନାମ ଲେଖା ହୋଇ ପିଲାମାନେ ଅସ୍ଥାୟୀ ଭାବେ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଛନ୍ତି। ବର୍ତ୍ତମାନ ଆଦର୍ଶ ବିଦ୍ୟାଳୟରେ ୨ଟି ଶ୍ରେଣୀ ଯଥା ୬ଷ୍ଠ ଓ ୭ମ ଶ୍ରେଣୀ ରହିଥିବା ବେଳେ ଉଭୟ ଶ୍ରେଣୀରେ ୧୬୦ରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି।

ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକତା ଶ୍ରେଣୀ ଗୃହ ନ ଥିବାରୁ ୭ ଟାରୁ ୧୧ଟା ସପ୍ତମ ଶ୍ରେଣୀ ଓ ୧୧ଟାରୁ ୪ଟା ପର୍ଯ୍ୟନ୍ତ ୬ଷ୍ଠ ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଏହି ବିଦ୍ୟାଳୟ କାର୍ଯ୍ୟ ସରିଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ନ ହେବାରୁ ତାହା ଏବେ ପିଲାଙ୍କ ପାଠପଢ଼ା କାର୍ଯ୍ୟରେ ଆସୁ ନ ଥିବା ଜଣାଯାଇଛି। ଶ୍ରେଣୀ ଗୃହର ଅଭାବ ଯୋଗୁ ପିଲାମାନେ ଠିକ୍ ଭାବେ ପାଠ ମଧ୍ୟ ପଢ଼ି ପାରୁନାହାନ୍ତି। ଏହି ବିଦ୍ୟାଳୟରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପିଲା ନାମ ଲେଖାଇ ଥିବା ବେଳେ ଆଉ କେତେଗୋଟି ପଞ୍ଚାୟତ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟଠାରୁ ଦୂରରେ ରହିଛି। ଫଳରେ ଖରା, ବର୍ଷାରେ ଦୂର ଦୂରାନ୍ତର ପିଲାମାନେ ବିଦ୍ୟାଳୟକୁ ଆସିବାକୁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ କରି ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବାକୁ ଅଭିଭାବକମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ ଗୃହ ନିର୍ମାଣ ସରିବା ପରେ ଜିଲା ଶିକ୍ଷାଧିକାରୀଙ୍କୁ ଉକ୍ତ ବିଦ୍ୟାଳୟକୁ ହ୍ୟାଣ୍ଡଓଭର କରାଯାଇଛି। ବିଦ୍ୟୁତ୍ ସଂଯୋଗ ସରିବା ପରେ ବିଦ୍ୟାଳୟରେ ପିଲାମାନେ ପାଠ ପଢ଼ି ପାରିବେ ବୋଲି ସେ କହିଥିଲେ। ବିଦ୍ୟୁତ୍ ସଂଯୋଗ ବିଷୟରେ ଟାଟା ପାୱାରର ଲିଡ ମ୍ୟାନେଜର ଦୀପକ ଭୂଇଁଙ୍କୁ ପଚାରିବାରେ ଦାୟିତ୍ୱରେ ଥିବା ଠିକାଦାର ସମସ୍ତ ବିଦ୍ୟୁତ୍ କାର୍ଯ୍ୟ ସାରିଛନ୍ତି। ପରୀକ୍ଷା କରାଯିବା ପରେ ବିଦ୍ୟୁତ୍ କାର୍ଯ୍ୟକ୍ଷମ ହେବ। ସପ୍ତାହକ ମଧ୍ୟରେ ସମସ୍ତ କାର୍ଯ୍ୟ ସରିଯିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଜୁନ, ୨୦୨୩



# ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାର ଉନ୍ନତି ଆବଶ୍ୟକ

■ ଛାତ୍ରୀଛାତ୍ର, ଅଭିଭାବକ ଜାଣିପାରୁ ନାହାନ୍ତି ନାମଲେଖା ପଦ୍ଧତି

■ ସଚେତନତା ସୃଷ୍ଟି କଲେ ଅଧ୍ୟାପିକା

ଖଣ୍ଡପଡ଼ା,୨୧।୬
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ନୀଳମାଧବ ମହାବିଦ୍ୟାଳୟରେ ଗତ ୧୯୯୧-୯୨ ଶିକ୍ଷା ବର୍ଷଠାରୁ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ତେବେ ବିଗତ ୩ବର୍ଷ ପୂର୍ବରୁ ବହୁ ଛାତ୍ରୀଛାତ୍ର ଏହି ବିଭାଗରେ ଆଡମିଶନ କରୁଥିବା ବେଳେ ପରବର୍ତ୍ତୀ ସମୟରେ ସଂପୃକ୍ତ ଶ୍ରେଣୀରେ କିପରି ନାମଲେଖା ହୋଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ଗତ୨ବର୍ଷ ହେଲା ଅନେକ ଛାତ୍ରୀଛାତ୍ର ଏଥିରେ ନାମ ଲେଖାଇବାରୁ ବଞ୍ଚିତ ହେଉଥିବା ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଏବଂ ବିଭାଗୀୟ ଅଧ୍ୟାପିକା କଲ୍ୟାଣୀ ପଣ୍ଡା ପ୍ରକାଶ କରିଥିଲେ । ତେବେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ କିପରି ଧନ୍ଦା ମୂଳକ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହେବ ସେ ନେଇ ବିଭାଗୀୟ ଅଧ୍ୟାପିକା କଲ୍ୟାଣୀ ପଣ୍ଡା ସାମ୍ କେନ୍ଦ୍ରରେ ଉପସ୍ଥିତ ରହି ସଚେତନ କରିବା ସହ ଠିକ ଭାବେ ଆବେଦନ କରିବା ନିମନ୍ତେ ସାହାଯ୍ୟ କରିଥିବା ଜଣାଯାଇଛି ।

ଏବେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରାଯାଉଥିବାରୁ ଏହି ମହାବିଦ୍ୟାଳୟରେ ଶିଶୁ ଯତ୍ନ କେନ୍ଦ୍ର ଓ ପ୍ରାକ୍ ବିଦ୍ୟାଳୟ ପରିଚାଳନା(ସିପିଏମ୍) ଏବଂ ପର୍ଯ୍ୟଟନ ପରିଚାଳନା(ଟିଟିଟି) ବିଷୟ ଖୋଲା ଯାଇଛି । କଣ୍ଟିଲୋ ନୀଳମାଧବ କ୍ଷେତ୍ର ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାରେ ଏହି ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି ହେଉଛି । ଏହି ଦୁଇ ବିଷୟରେ ରାଜ୍ୟ ସରକାର ନୀଳମାଧବ ମହାବିଦ୍ୟାଳୟରେ ମାତ୍ର ୨୪ଟି ଲେଖାଏଁ ସମୁଦାୟ ୪୮ଟି ସିଟ୍ ପ୍ରଦାନ କରିଥିବାରୁ ଅନେକ ଆଗ୍ରହୀ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରିବାରୁ ବଞ୍ଚିତ ହେଉଥିଲେ । ପୁଣି ଏହି ଧନ୍ଦାମୂଳକ ବିଭାଗ ଦୁଇଟିର ଚାହିଦା ଥିବା ସତ୍ତ୍ୱେ ସିଟ୍ ଅଭାବରୁ ଇଚ୍ଛୁକ ଛାତ୍ରୀଛାତ୍ର ଏହି ପାଠ ପଢିପାରୁ ବଞ୍ଚିତ ହେଉଥିଲେ । ଅପରପକ୍ଷେ ଯେତେବେଳେ ସମାଜରେ ବେକାରୀ ସମସ୍ୟା ବୃଦ୍ଧି ପାଉଛି ସେଭଳି ସ୍ଥିତିରେ ଏହି ଧନ୍ଦାମୂଳକ ଶିକ୍ଷାର ବିକାଶ ଘଟିଲେ ଏହା କର୍ମ ସଂସ୍ଥାନ ଯୋଗାଇବାରେ ସହାୟକ ହେବ । ପୂର୍ବରୁ ପିଲାମାନେ ନାମ ଲେଖାଇବା ପାଇଁ ମହାବିଦ୍ୟାଳୟକୁ ଆସିବା ସମୟରେ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଅବା କର୍ତ୍ତୃପକ୍ଷ ଧନ୍ଦା ମୂଳକ ଶିକ୍ଷା ସମ୍ପର୍କରେ ପିଲାମାନଙ୍କୁ ବୁଝାଇ ଏହି ବିଭାଗରେ ନାମ ଲେଖାଇବା ପାଇଁ ପରାମର୍ଶ ଦେଉଥିଲେ । ପିଲାମାନେ ଅବା ଅଭିଭାବକମାନେ ଏହି ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଅବଗତ ହୋଇ ସେମାନଙ୍କ ପିଲାମାନଙ୍କୁ ଏହି ଧନ୍ଦା ମୂଳକ ଶିକ୍ଷା ଶ୍ରେଣୀରେ ନାମ ଲେଖାଉଥିଲେ । ମାତ୍ର ପରବର୍ତ୍ତୀ ସମୟରେ ବିଭିନ୍ନ ଶ୍ରେଣୀରେ ନାମ ଲେଖାଇବା ପଦ୍ଧତି ସାମ୍ (ଅନଲାଇନ) ଦ୍ୱାରା ହେଉଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ, ଅଧ୍ୟାପିକା, ଅଧ୍ୟାପକ କିମ୍ବା କର୍ମଚାରୀ ପିଲାମାନଙ୍କ ସଂସ୍ପର୍ଶରେ ଆସିପାରୁ ନ ଥିବାରୁ ଛାତ୍ରୀଛାତ୍ରମାନେ ଧନ୍ଦା ମୂଳକ ବିଭାଗରେ ଅଧ୍ୟୟନ କରିବାକୁ ଆଗ୍ରହୀ ଥିବା ସତ୍ତ୍ୱେ ପ୍ରଥମ (ପ୍ରାଥମିକତା)ଚୟନରେ କଳା, ବିଜ୍ଞାନ କିମ୍ବା ବାଣିଜ୍ୟ ବିଭାଗରେ ନାମ ଲେଖାଇବାକୁ ସୂଚିତ କରୁଥିବା ବେଳେ ୨ୟ (ପ୍ରାଥମିକତା)ଚୟନରେ ଧନ୍ଦା ମୂଳକ ବିଭାଗ ପାଇଁ ସୂଚନା ଦେଉଛନ୍ତି । ଫଳରେ ପ୍ରଥମ ଚୟନରେ ପିଲାମାନେ କଳା ବିଭାଗ ହେଉ କି ବିଜ୍ଞାନ କିମ୍ବା ବାଣିଜ୍ୟ ବିଭାଗରେ ସିଲେକ୍ସନ ହୋଇଯାଉଛନ୍ତି । ଫଳରେ ଧନ୍ଦାମୂଳକ ସିଟ ଖାଲି ପଡିଯାଉଛି । ତେଣୁ ଏ ଦିଗରେ ମହାବିଦ୍ୟାଳୟ ପକ୍ଷରୁ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ବାସ୍ତବରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଭଳି ଏକ ବିକାଶଶୀଳ ଅନୁଷ୍ଠାନରେ ଅଧିକ ଧନ୍ଦାମୂଳକ ଶିକ୍ଷା ଖୋଲାଯିବା ପାଇଁ ସର୍ବସାଧାରଣରେ ଦାବି ହେଉଛି ।

ସୂଚନାଯୋଗ୍ୟ, ସମ୍ପୃକ୍ତ ବିଭାଗରେ କିପରି ଶିକ୍ଷାର୍ଥୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ସେ ନେଇ ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ବିଭିନ୍ନ ସମୟରେ ସଭା ସମିତି କରାଯାଇ ସଚେତନତା ସୃଷ୍ଟି କରାଯାଉଥିଲା । ବର୍ତ୍ତମାନର ସମାଜରେ ବହୁ ଶିକ୍ଷିତ ବେକାର ଯୁବତୀ ଯୁବକ ଚାକିରୀ ନ ପାଇ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ମାତ୍ର ଧନ୍ଦା ମୂଳକ ଶିକ୍ଷାରେ ଯଦି ପିଲାମାନେ ଶିକ୍ଷା ଗ୍ରହଣ କରୁଥାନ୍ତେ ତେବେ ନିଶ୍ଚିତ ଭାବେ କୌଣସି ନା କୌଣସି ଅନୁଷ୍ଠାନରେ ନିଯୁକ୍ତି ପାଇ ପାରନ୍ତେ ବୋଲି ଜଣାପଡିଛି । ତେବେ ଏହି ଧନ୍ଦା ମୂଳକ ଶିକ୍ଷା ସମ୍ପର୍କରେ ଅଧ୍ୟାପିକା ପଣ୍ଡା ସଚେତନତା ସୃଷ୍ଟିକରିବା ପରେ ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି ।

## ସଂକ୍ଷେପରେ

### ଦାରିଙ୍ଗବାଡି ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା

ଦାରିଙ୍ଗବାଡି,୨୧।୬(ଅରୁଣ ସାହୁ)- କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର କେତେକ ସ୍ଥାନରେ ବୁଧବାର ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି । ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଅଳ୍ପ ବିଜୁଳି ଘଡଘଡି ସହ ବର୍ଷା ହୋଇଥିଲା। ବର୍ଷା ଯୋଗୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ବ୍ଲକର ସିମନବାଡି ଓ ଏହାର ଅଖପାଖରେ ବର୍ଷା ଲାଗି ରହିଥିବା ବେଳେ ମଧ୍ୟାହ୍ନ ସୁଦ୍ଧା ଦାରିଙ୍ଗବାଡି ସହରରେ ପ୍ରଚଣ୍ଡ ଖରା ସହ ଗରମ ଗୁଲୁଗୁଳି ଲାଗି ରହିଥିଲା।

### ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା

ପାତ୍ରପୁର,୨୧।୬(ଉମା ଚରଣ ନେପାକ)-ପାତ୍ରପୁର ବ୍ଲକ ଗୁଣ୍ଡୁରା ପଞ୍ଚାୟତ କଇଠାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବାହାନଗା ରେଳ ଦୁର୍ଘଟଣାରେ ମୃତକମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କେ. ଦାସେୟା, ଏବିଓ ନର୍ମଦା ଦାସ, ସିଆରସିସି ଶୁଭବ୍ରତ ପାଢ଼ୀ, ଚିନ୍ତାମଣି ନାୟକ ପ୍ରମୁଖଙ୍କ ଉପସ୍ଥିତରେ ନୀରବ ପ୍ରାର୍ଥନା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ବେଣୁଗୋପାଳ ପାଢ଼ୀ ସଂଯୋଜନା କରିଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ ।

### ଫେରାର ଅଭିଯୁକ୍ତ ଗିରଫ

ଆସିକା,୨୧।୬(ସୁରେନ୍ଦ୍ର ନାଥ ସାହୁ)- ଗାଙ୍ଗପୁର ଥାନା ଅନ୍ତର୍ଗତ ଖୁକୁଣ୍ଡିଆ ଗ୍ରାମରୁ ବୁଧବାର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ନୟନୀ ପ୍ରଧାନ । ଅଭିଯୁକ୍ତଙ୍କ ବିରୋଧରେ ୨୦୦୫ରେ ଏକ ଫୌଜଦାରୀ ମାମଲାରେ ସଂପୃକ୍ତି ଅଭିଯୋଗ ରହିଛି । ଏହି ମାମଲାରେ ଅଦାଲତରେ ହାଜର ହେଉ ନ ଥିବା ନେଇ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ପରୱାନା ବଳରେ ନୟନୀଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

### ମୋରମ ଚୋରି, ତହସିଲଦାରଙ୍କ ଅସ୍ୱୀକାର

ଗଞ୍ଜାମ,୨୧।୬(ବିଦ୍ୟାଧର ସାହୁ)-ଗଞ୍ଜାମ ବ୍ଲକ ରମ୍ଭା ଥାନା କାଠଗଡ଼ା ସ୍ଥିତ ପଠାଣ ବସା ନିକଟରୁ ମୋରମ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ତହସିଲଦାର ଅରୁଣ କୁମାର ନାୟକ ଅସ୍ୱୀକାର କରିଛନ୍ତି। ୩୦ ଟ୍ରିପ ମୋରମ ନେବା ଲାଗି ଲାଉପୁଟ ଅଞ୍ଚଳର ଜଣେ ବ୍ୟକ୍ତି ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ବାବଦକୁ ରୟାଲିଟି ଦେଇ ଅଧିକ ୫୦ ଟ୍ରିପ ମୋରମ ନେଇଯାଇଛନ୍ତି। ଅଧିକ କେତେ ଟ୍ରିପ ମୋରମ ନେଇଛନ୍ତି ତାହାର ତଦନ୍ତ ଚାଲିଛି। ରାଜସ୍ୱ ବାବଦକୁ ଯେତିକି ଟଙ୍କା ପଡିବ ଉକ୍ତ ବ୍ୟକ୍ତିଙ୍କ ଠାରୁ ଆଦାୟ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ରୟାଲିଟି ବାନ୍ଧିଥିବା ବ୍ୟକ୍ତିଙ୍କ ବିନା ଅନ୍ୟ କୌଣସି ବ୍ୟକ୍ତି ସେଠାରୁ ମୋରମ ନେଇ ନାହାନ୍ତି ବୋଲି ସେ କହିଛନ୍ତି।

# ଆଗୁଆ ପୋଖରୀ ନିଲାମକୁ ନେଇ ବିବାଦ

## ଡିପିଓଙ୍କୁ ଫେରାଦ ହେଲେ ଖଳିପାଟଣା ବାସିନ୍ଦା

ନୟାଗଡ,୨୧।୬(ଲୋକନାଥ ମିଶ୍ର): ରଣପୁର ବ୍ଲକ ରଣପୁର ଥାନାର ରଙ୍କଦେଉଳୀ ପଞ୍ଚାୟତ ଖଳିପାଟଣା ଗାଁରେ ପୋଖରୀ ସରକାରୀ ଭାବେ ନିଲାମ ପୂର୍ବରୁ ଆଗୁଆ ନିଲାମ ହୋଇ ଯାଇଥିବାରୁ ଚାପା ଉତ୍ତେଜନା ଦେଖା ଦେଇଛି । ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଗୁଆ ନିଲାମକୁ କାଏମ ନ ରଖି ସରକାରୀ ଭାବେ ନିଲାମ କରିବାକୁ ସ୍ଥାନୀୟ ବାସିନ୍ଦା ଜିଲା ପଞ୍ଚାୟତ ଅଧିକାରୀ(ଡିପିଓ)ଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି । ଖଳିପାଟଣା ପୋଖରୀ ନିଲାମ ଜୁନ ମାସର ୨୭, ୨୮ ଓ ୨୯ ତାରିଖ ଭିତରେ ହେବାର ରହିଛି। ତେବେ ପଞ୍ଚାୟତର ସରପଞ୍ଚ ଓ ପିଇଓ ନିଲାମ ପୂର୍ବରୁ ଆଗୁଆ ନିଲାମ କରାଯାଇଥିବା ଜଣାପଡିଛି। ଗାଁର କିଛି ଲୋକଙ୍କୁ ଦିଆଯାଇ ବିଶୃଙ୍ଖଳା ସୃଷ୍ଟି ପାଇଁ ଯୋଜନା ଚାଲିଛି । ଗାଁରେ ବିଶୃଙ୍ଖଳା ଏଡାଇବାକୁ ସରକାରୀ ନୀତି ନିୟମ ଭିତରେ କରିବାକୁ ଦାବି ହୋଇଛି ।

# ମରଣାନ୍ତକ ଆକ୍ରମଣ ଘଟଣାରେ ବାପା, ୨ପୁଅ ଗିରଫ

**ଖଣ୍ଡପଡ଼ା,୨୧।୬(ଅଜୟ କୁମାର ମହାରଣା):** ଖଣ୍ଡପଡା ଥାନା ଅଧୀନ ବଳଭଦ୍ରପ୍ରସାଦ ପଞ୍ଚାୟତ ଗଉଡ ପାଟଣା ଗ୍ରାମରେ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ୨ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ସ୍ଥାନୀୟ ବାସିନ୍ଦା ରମେଶ କୁମାର ସ୍ୱାହୁଙ୍କୁ ପଡୋଶୀ ଦୁଃଶାସନ ବେହେରା ଓ ତାର ୨ ପୁଅ ଉପେନ୍ଦ୍ର ଓ କୃଷ୍ଣଚନ୍ଦ୍ର ମରଣାନ୍ତକ ଆକ୍ରମଣ କରିବାରୁ ରମେଶ ଗୁରୁତର ଆହତ ହୋଇ ଏବେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ବାପ ଓ ୨ ପୁଅଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା ।



ଗତ ୧୮ ତାରିଖ ସନ୍ଧ୍ୟାରେ ରମେଶ ପଡୋଶୀ ଦୁଃଶାସନଙ୍କର ଏକ ବାଛୁରୀକୁ ବାଡେଇବାରୁ ତାର ଗୋଡ ଭାଙ୍ଗି ଯାଇଥିଲା । ଘଟଣା ସମ୍ପର୍କରେ ପଚାରିବା ପାଇଁ ଦୁଃଶାସନ ରମେଶଙ୍କ ଘରକୁ ଯାଇଥିବା ବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ପରବର୍ତ୍ତୀ ସମୟରେ ରମେଶ ଏକ ଠେଙ୍ଗା ସହାୟତାରେ ଦୁଃଶାସନକୁ ମାଡ ମାରୁଥିବା ବେଳେ ଏହି ଘଟଣା ଦୁଃଶାସନର ୨ ପୁଅଙ୍କ ନଜରକୁ ଆସିଥିଲା । ଉପେନ୍ଦ୍ର ଓ କୃଷ୍ଣଚନ୍ଦ୍ର ଟାଙ୍ଗିଆ ଓ ଫାର୍ସା ଧରି ଘଟଣା ସ୍ଥଳରେ ପହଁଚି ଅତର୍କିତ ଭାବେ ରମେଶଙ୍କୁ ଆକ୍ରମଣ କରିବା ଫଳରେ ରମେଶଙ୍କ ବାମପଟ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ରମେଶଙ୍କୁ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ରମେଶଙ୍କ ସ୍ତ୍ରୀ ସରୋଜିନୀ ସାହୁ ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ବିଭିନ୍ନ ଦଫାରେ ୧୩୯/୨୩ରେ ଏକ ମାମଲା ରୁଜୁ କରିଥିବା ବେଳେ ମରଣାମନ୍ତ କ ଆକ୍ରମଣ ଘଟଣାରେ ବ୍ୟବହୃତ ଏକ ଫାର୍ସାକୁ ଜବତ କରିଥିବା ଥାନାଧିକାରୀ ରମେଶ କୁମାର ଦେବତାଙ୍କ ଠାରୁ ପ୍ରକାଶ ।

# ସ୍ତ୍ରୀଙ୍କୁ ମାରପିଟ କରି ସ୍ୱାମୀ ଗିରଫ

ଆସିକା,୨୧।୬(ସୁରେନ୍ଦ୍ର ନାଥ ସାହୁ)

ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡି ଗ୍ରାମରେ ସ୍ତ୍ରୀଙ୍କୁ ରିତିମତ ମାରପିଟ କରି ନିର୍ଯାତନା ଦେଉଥିବା ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି । ସେ ହେଲେ ସେହି ଗ୍ରାମର କାଳିଆ ନାୟକ । ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ସବୁବେଳେ ବାପଘରୁ ପଇସା ଆଣିବାକୁ ବାଧ୍ୟ କରି ସ୍ୱାମୀ ମାରପିଟ କରୁଥିଲେ ବୋଲି ସୁନିତା ନାୟକ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ ।

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



**ଦଶପଲ୍ଲା,୨୧।୬ (ପ୍ରକାଶ କୁମାର ପାଣି):** ବୁଧବାର ଦଶପଲ୍ଲାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦଶପଲ୍ଲା ଶାଖା ତରଫରୁ ପୂର୍ବାହ୍ନରେ ଏକ ଯୋଗ ଶିବିର ଅୟୋଜନ କରାଯାଇଥିଲା । ଏଥିରେ ପ୍ରାୟ ୨ଶହ ସ୍ୱୟଂସେବକ ଅଂଶ ଗ୍ରହଣ କରିଥିଲେ। ମାନସ କୁମାର ସାହୁ, ଭଗବାନ ଦେହୁରୀ ପ୍ରମୁଖ ଯୋଗଶିକ୍ଷା ପ୍ରଦାନ କରିଥିଲେ ।

# କଣ୍ଟିଲୋ କଂସା ବାସନକୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଖଣ୍ଡପଡ଼ା,୨୧।୬
(ଅଜୟ କୁମାର ମହାରଣା)

ନୟାଗଡ ଜିଲାର କଣ୍ଟିଲୋଠାରେ ପ୍ରସ୍ତୁତ କଂସା ବାସନକୁ ଜିଆଇ ଟ୍ୟାଗର ମାନ୍ୟତା ପ୍ରଦାନ ନେଇ କଣ୍ଟିଲୋ କାରିଗର ସଂଘ ପକ୍ଷରୁ ସାମାଜିକ କର୍ମୀ ତଥା ଖଣ୍ଡପଡା ବିକାଶ ପରିଷଦର ଆବାହକ ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ବରିଷ୍ଠ କାରିଗର ପବିତ୍ର କୁମାର ମହାରଣା, ଦୁର୍ଯ୍ୟୋଧନ ମହାରଣା, ବାଇଧର ସାହୁ, ସୂର୍ଯ୍ୟକାନ୍ତ ମହାରଣା, ରାଜେଶ କୁମାର ଦାସ, ମହେଶ୍ୱର ମହାରଣା,ଭିକାରୀ ଚରଣ ସାହୁ, ଯୁଧିଷ୍ଠିର ସାହୁ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ବୟନ ଶିଳ୍ପ ଓ ରେଳ ବିଭାଗ ମନ୍ତ୍ରୀ(ସ୍ୱାଧୀନ) ଦର୍ଶନ ବିକ୍ରମ ଜୋରଦଶଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ରାଜ ସୁନାଖଳାଠାରେ ଅନୁଷ୍ଠିତ ବୁଣାକାର ଓ ହସ୍ତ ଶିଳ୍ପ କାରିଗରୀ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜୋରଦଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ।



କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଏ ଅବସରରେ ପଣ୍ଡା ଓ କାରିଗରମାନେ କଂସା ପିତଳ ଶିଳ୍ପ ଓ କାରିଗର ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଏ ଅବସରରେ କେନ୍ଦ୍ରମନ୍ତ୍ରୀ ୨ ବରିଷ୍ଠ କଂସା ପିତଳ କାରିଗର ପବିତ୍ର କୁମାର ମହାରଣା ଓ ଦୁର୍ଯ୍ୟୋଧନ ମହାରଣାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ କଂସା ବାସନ ଶିଳ୍ପର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଭାଜପାର କେନ୍ଦ୍ରୀୟ ନେତୃତ୍ୱ ସମ୍ବିତ ପାତ୍ର ଓ ପୂର୍ବତନ ମନ୍ତ୍ରୀ ସୁରମା ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଏକଦା ରାଜ୍ୟ ତଥା ରାଜ୍ୟ ବାହାରେ କଂସା ପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । କଣ୍ଟିଲୋର କଂସା, ପିତଳ ବାସନକୁ ଜି ଆଇ ଟ୍ୟାଗର ମାନ୍ୟତା ପାଇଁ ଜିଲ୍ଲା ପ୍ରଶାସନ, କଣ୍ଟିଲୋ ନାଗରିକ ମଞ୍ଚ, ନିଖିଳ ଉତ୍କଳ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖା ପ୍ରମୁଖ ପ୍ରୟାସ ଜାରି ରଖିଥିବା ବେବେ ଏହି କାର୍ଯ୍ୟକ୍ରମର ଶିଥିଳତା ପରିଲକ୍ଷିତ ହୋଇଥିଲା । ପରବର୍ତ୍ତୀ ସମୟରେ ପଣ୍ଡା ନାବାର୍ଡର ଜିଲା ଅଧିକାରୀଙ୍କୁ ଏ ସମ୍ପର୍କୀତ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଗତ ଜୁନ ୫ ତାରିଖରେ କେନ୍ଦ୍ର ହସ୍ତଶିଳ୍ପ ନିର୍ଦ୍ଦେଶକ ଓ କେନ୍ଦ୍ର ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ଉପସ୍ଥିତରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ କଣ୍ଟିଲୋର କଂସା ବାସନକୁ ଜିଆଇ ଟ୍ୟାଗ ମାନ୍ୟତା ପ୍ରଦାନ ଉଦ୍ଦେଶ୍ୟରେ ଅବଗତ କରାଯାଇଥିଲା । ବର୍ତମାନର କଂଟିଲୋ କଂସା ପିତଳ ବାସନ କାରିଗର ମାନଙ୍କ ଜି ଆଇ ଟ୍ୟାଗ ପ୍ରଦାନ ଲକ୍ଷ୍ୟରେ ସ୍ୱର ବ୍ୟାପକ ହେଉଥିବା ଜଣାଯାଇଛି ।

# ଗ୍ୟାସ୍ ଚୁଲାରେ ପୋଡ଼ି ହୋଇ ଯୁବକ ଗୁରୁତର

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଭାପୁର,୨୧।୬
(ଭରତ କୁମାର ବେହେରା)

ଜଣେ ଦିନ ମଜୁରିଆ ରୋଷେଇଆ ଗ୍ୟାସ ଚୂଲାରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ହେଲେ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ପଞ୍ଚାୟତ ପଦ୍ମାବତୀ ରଘୁନାଥ ସାହିର ପବିତ୍ର କୁମାର ସାହୁ ଭୁବନେଶ୍ୱର ଶାସ୍ତ୍ରୀନଗର ଏକ ହୋଟେଲରେ ରୋଷେଇଆ ଭାବେ କାମ କରନ୍ତି। ସେହି ଟଙ୍କାରେ ତାଙ୍କର ସ୍ତ୍ରୀ ରୁପାଲି ଓ ଦୁଇ ଝିଅ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାରର ଗୁଜୁରାଣ ମେଣ୍ଟାଇ ଥାଆନ୍ତି । ଧାରକରଜ କରି ବଡ଼ ଝିଅର ବିବାହ କରିସାରିଛନ୍ତି। ହେଲେ ୬ ମାସ ତଳେ ହୋଟେଲରେ ରୋଷେଇ କରୁଥିବା ସମୟରେ ଗ୍ୟାସ ଚୁଲାରେ ପୋଡ଼ି ହୋଇଯାଇଥିଲେ। ତାଙ୍କର ମୁଣ୍ଡ, ମୁହଁ, ଛାତି ଓ କାନ୍ଧ ପୋଡିଯାଇଥିଲା। ହୋଟେଲ ମାଲିକ କିଛି ଟଙ୍କା ଦେଲାପରେ କଟକ ମେଡିକାଲରେ ଦୁଇଥର ଚିକିତ୍ସିତ ହୋଇଥିଲେ। ଦୁଇଥର ଚିକିତ୍ସିତ ପରେ ଅନେକ ଟଙ୍କା ଖର୍ଚ୍ଚ ହେଲାଣି । ହେଲେ ମୁହଁ, ମୁଣ୍ଡ, ମୁହଁ ପ୍ଲାଷ୍ଟିକ ସର୍ଜରୀ ପାଇଁ ଡାକ୍ତର କହିଥିବା ବେଳେ ପାଖରେ ଅର୍ଥ ନାହିଁ। ଏନେଇ ସ୍ୱାମୀ ସ୍ତ୍ରୀ ଚିନ୍ତାରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ପବିତ୍ର କୁମାର ସାହୁ ଓ ତାଙ୍କର ସ୍ତ୍ରୀ ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି।

# ନୟାଗଡ଼ ଏସ୍‌ପିଙ୍କୁ ସ୍ମାରକପତ୍ର ଦେଲେ ଖବରଦାତା

## ପୁରୀରେ ଖବରଦାତାଙ୍କୁ ଆକ୍ରମଣ ଘଟଣା

ନୟାଗଡ,୨୧।୬(ଲୋକନାଥ ମିଶ୍ର)

ପୁରୀ ରଥଯାତ୍ରାରେ ଦୁଇ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ନୟାଗଡ ଜିଲାସ୍ତରୀୟ ଖବରଦାତାମାନେ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନୟାଗଡ ଏସପିଙ୍କୁ ପ୍ରଦାନ କରିଛନ୍ତି । ଖବରଦାତା କ୍ଷୀରୋଦ ପଟ୍ଟନାୟକ, ଦେବବ୍ରତ ନାୟକ, ଜୟେନ୍ଦ୍ର ବେହେରା, ସ୍ୱରୂପ ପଟ୍ଟନାୟକ, ବୈଦ୍ୟ ଭୂଷଣ ମହାପାତ୍ର, ପ୍ରଦୀପ ରଥ, ବିଷ୍ଣୁ ଚରଣ ପଟ୍ଟନାୟକ, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଏସପିଙ୍କୁ ଭେଟିଥିଲେ। ଅଭିଯୋଗ ଅନୁସାରେ ରଥଯାତ୍ରା ସମୟରେ କବର ସଂଗ୍ରହ ବେଳେ ନିଉଜ ସେଭେନର ଦୁଇ ସମ୍ବାଦିକଙ୍କୁ ଶୀମନ୍ଦିରର ଦୁଇ ସେବାୟତ ଆକ୍ରମଣ କରିଥିଲେ । ଏନେଇ ଏସପି ଅଲେଖ ଚନ୍ଦ୍ର ପହିଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ନୟାଗଡ ଖବରଦାତମାନେ ଦେଇଥିବା ସ୍ମାରକପତ୍ରକୁ ଡିଜିଙ୍କ ନିକଟକୁ ପଠାଇ ଦିଆଯାଇଛି । ଅଭିଯୁକ୍ତଙ୍କୁ ଗିରଫ କୀରିବାର ଦାବି ରହିଛି ବୋଲି କହିଥିଲେ ।

# ଓଡଗାଁ ପୋଷ୍ଟ ଅଫିସ ପାଇଁ ଯୋଗାଯାଉ ଜମି

## ଜିଲାପାଳଙ୍କୁ ଫେରାଦ୍ ହେଲେ ବିକାଶ ପରିଷଦ କର୍ମକର୍ତ୍ତା

ନୟାଗଡ,୨୧।୬(ଲୋକନାଥ ମିଶ୍ର)

ଓଡଗାଁ ଏନଏସିର ପୋଷ୍ଟ ଅଫିସ ପାଇଁ ସରକାରୀ ଜମି ଓ ଅଫିସ କରିବା ପାଇଁ ସରକାରୀ ଅନୁଦାନ ଯୋଗାଇ ଦେବା ପାଇଁ ଦାବି ହୋଇ ଆସୁଛି । ବୁଧବାର ଓଡଗାଁ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇ ସରକାରୀ ଜମି ଓ ପୋଷ୍ଟ ଅଫିସ ନିର୍ମାଣ କରିବାକୁ ଅନୁଦାନ ଯୋଗାଇ ଦେବାକୁ ନିବେଦନ କରିଛନ୍ତି । ପ୍ରକାଶଯେ ସରକାର ଓଡଗାଁ ପୋଷ୍ଟ ଅଫିସକୁ ଅଣଦେଖା କରୁଥିବାରୁ ବେସରକାରୀ ଘରେ ଚାଲିଛି। ବେସରକାରୀ ଘର ମଧ୍ୟ ପୋଷ୍ଟ ଅଫିସ ଚାଲିବା ପାଇଁ ଅନୁପଯୁକ୍ତ ବୋଲି କୁହଯାଇଛି ।

# ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଲା ୩ ରଥ





ଶ୍ରଦ୍ଧାଳୁମାନଙ୍କ ସହ ଭାଜପା ନେତୃବୃନ୍ଦ ରଥ ଟାଣୁଛନ୍ତି ।

ରଣପୁର,୨୧।୬
(ସୁକାନ୍ତ କିଶୋର ଡାକୁଆ)

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ ଜିଲା ରଣପୁର ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉମାନେ ୯ ଦିନ ପାଇଁ ନିଜର ଜନ୍ମମାଟି ମାଉସୀ ମା ମନ୍ଦିରକୁ ରଥାରୂଢ ହୋଇ ଆସିଛନ୍ତି । ମଙ୍ଗଳବାର ଶ୍ରୀଗୁଣ୍ଡିଚା ଦିନ ବଡଠାକୁର ବଳଭଦ୍ରଙ୍କ ରଥକୁ ଭକ୍ତମାନେ ଟାଣି ମାଉସୀମା ମନ୍ଦିର ରଥ ଖଳାରେ ପହଞ୍ଚାଇ ଥିଲେ । ଏହା ପରେ ମହିଳା ଭକ୍ତମାନେ ମା ସୁଭଦ୍ରାଙ୍କ ରଥକୁ ଟାଣି ମାଉସୀମା ମନ୍ଦିର ନିକଟରେ ଥିବା ରଥ ଖଳାରେ ପହଞ୍ଚାଇଥିଲେ । ସନ୍ଧ୍ୟା ହୋଇଯିବାରୁ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଟାଣି ପାରି ନ ଥିଲେ। ସ୍ଥାନୀୟ ପ୍ରଶାସନ ତରଫରୁ ରଥ ଟଣା ବନ୍ଦ କରାଯାଇଥିଲା। ବୁଧବାର

## ମାଉସୀମା ମନ୍ଦିରରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜୀଉ

ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଅପରାହ୍ନ ୪ଟାରେ ଟଣା ଆରମ୍ଭ ହେବା ସମୟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରଣପୁର ପୂର୍ବତନ ବିଧାୟକ ସୁରମା ପାଢ଼ୀ, ସମ୍ବିତ ପାତ୍ର ଓ ପୂର୍ବତନ ରାଜ୍ୟସଭା ସଦସ୍ୟ ରବିନାରାୟଣ ମହାପାତ୍ର, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରଥ ଟାଣିଥିଲେ । ପ୍ରତିବର୍ଷ ନନ୍ଦିଘୋଷ ରଥ ବିଭିନ୍ନ ଦୋକାନ ଓ ବିଦ୍ୟୁତ୍ ଖୁଣ୍ଟରେ ଲାଗୁଥିଲା ବେଳେ ଚଳିତ ବର୍ଷ ସେପରି ପରିସ୍ଥିତି ସୃଷ୍ଟି ହୋଇନାହିଁ । ରଥାରୁଢ ତିନି ଠାକୁରଙ୍କୁ ଭକ୍ତମାନେ ଶ୍ରଦ୍ଧାର ସହିତ ରଥ ଉପରେ ଦର୍ଶନ କରିଥିଲେ। ଏହି ଦର୍ଶନ ରାତ୍ର ୧୦ଟା ପର୍ଯ୍ୟନ୍ତ ଚାଲିଥିଲା । ଏହାପରେ ଘଣ୍ଟ, ଘଣ୍ଟା, କାହାଳି, ହରିବୋଲ ହୁଳହୁଳି ଧ୍ୱନିରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ରାତିରେ ଆରମ୍ଭ କରାଯାଇଥିଲା। ଆସନ୍ତା ନବମୀ ପର୍ଯ୍ୟନ୍ତ ୩ ଠାକୁର ମାଉସୀ ମା ମନ୍ଦିରରେ ରହି ଭକ୍ତମାନଙ୍କୁ ଦର୍ଶନ ଦେବେ ।

# ମାଉସୀମା'ଚକଡ଼ାରେ ପହଞ୍ଚିଲା ବ୍ରହ୍ମ ତାଳଧ୍ୱଜ

## ତୁଳସୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁ

କେନ୍ଦ୍ରାପଡ଼ା, ୨୧।୬(ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ସନ୍ଧ୍ୟା ହୋଇଯିବାରୁ ମଙ୍ଗଳବାର ଟଣା ହୋଇ ନ ଥିଲା । ତେବେ ଦ୍ୱିତୀୟ ଦିନ ଅର୍ଥାତ ବୁଧବାର ସନ୍ଧ୍ୟା ସୁଦ୍ଧା ଇଚ୍ଛାପୁରସ୍ଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛି । ଅପରାହ୍ନ ୧. ୩୦ ମିନିଟରେ ରଥଟଣା ଆରମ୍ଭ ହୋଇଥିଲା । ଭକ୍ତିମୟ ପରିବେଶ ସାଙ୍ଗକୁ ଭଜନ, ସଂକୀର୍ତ୍ତନ, ଖୋଳ, କରତାଳ, ଝାଞ୍ଜ, ମୃଦଙ୍ଗ, ତୁରୀ, ଭେରୀ, ହୁଳହୁଳି, ହରିବୋଲ ଧ୍ୱନି ମଧ୍ୟରେ ରଥଟଣା ହୋଇଥିଲା । ନବଦିନାତ୍ମକ ଏହି ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଶୃଙ୍ଖଳିତ ଭାବେ ରଥଟଣା ପାଇଁ ମନ୍ଦିର ଓ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବଳୟ ସୃଷ୍ଟି କରାଯାଇଥିଲା । ଏସ୍‌ପି ମଡକର ସନ୍ଦିତ ସମ୍ପଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏଏସ୍‌ପି, ୨ ଡିଏସ୍‌ପି, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ୮ ଇନ୍ସପେକ୍ଟର, ୧୪ ଏସ୍‌ଆଇ, ୩୪ ଏଏସ୍‌ଆଇ, ୬୬ ହାବିଲଦାର, ୫୯ ମହିଳା କନ୍‌ଷ୍ଟେବଲ, ୧୪୪ ଜଣ ହୋମଗାର୍ଡଙ୍କ ସହ ୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ଅପରପକ୍ଷେ ରଥ ଉପରେ ବିରାଜିତ ଶ୍ରୀଜୀଉଙ୍କ ନୀତିକାନ୍ତି ପ୍ରତ୍ୟୁଷରୁ ଆରମ୍ଭ ହୋଇଥିଲା । ରଥାରୂଢ଼ ବିଗ୍ରହଙ୍କ ସପ୍ତଫେଣୀ ବେଶ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଦମକଳ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗର ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେବା କାର୍ଯ୍ୟ ହୋଇଥିଲା । ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ତଥା ଟ୍ରଷ୍ଟ ଅଧ୍ୟକ୍ଷ ନିରଞ୍ଜନ ବେହେରା, ଦେବୋତ୍ତର ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ପ୍ରଶାସନିକ କାର୍ଯ୍ୟ ତଦାରଖ କରିଥିଲେ । ଏହି ରଥଟଣା କାର୍ଯ୍ୟକୁ ଟ୍ରଷ୍ଟ ବୋର୍ଡର ସଦସ୍ୟଙ୍କ ସମେତ ପୂର୍ବତନ ପୌରାଧ୍ୟକ୍ଷ ଧିରେନ ସାହୁ, ପୌରାଧ୍ୟକ୍ଷା ସରିତା ସାହୁ, କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ରଥାରୁଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ସୂଚନାଯୋଗ୍ୟ, ଶ୍ରୀଜୀଉଙ୍କ ରାତ୍ରୀକାଳୀନ ପାରମ୍ପରିକ ନୀତିକାନ୍ତି ରଥ ଉପରେ ହେବ । ଗୁରୁବାର ପ୍ରତ୍ୟୁଷରୁ ମାଉସୀ ମା ମନ୍ଦିରକୁ ଗମନ କରିବେ ।


ଶ୍ରଦ୍ଧାଳୁମାନେ ବ୍ରହ୍ମ ତାଳଧ୍ୱଜ ରଥକୁ ବଡ଼ଦାଣ୍ଡରେ ଟାଣି କି ନେଉଛନ୍ତି ।

# ସୁଭଦ୍ରା କ୍ଷେତ୍ରରେ କୁଞ୍ଜବିହାରୀଙ୍କ ବାସି ରଥଯାତ୍ରା


ଶ୍ରଦ୍ଧାଳୁଙ୍କ ଗହଣରେ କୁଞ୍ଜବିହାରୀଙ୍କ ରଥ ।

କୁଜଙ୍ଗ,୨୧।୬ (ମନୋଜ ପ୍ରଧାନ)

ଓଡିଶାର ସୁଭଦ୍ରା କ୍ଷେତ୍ର ରୁପେ ପରିଚିତ ଗଡ଼ କୁଜଙ୍ଗରେ ପୂଜା ପାଉଥିବା ଆରାଧ୍ୟ ଦେବତା କୁଞ୍ଜ ବିହାରୀଙ୍କର ବୁଧବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରଥଯାତ୍ରା ଶ୍ରୀଗୁଣ୍ଡିଚାର ପରଦିନ ଅନୁଷ୍ଠିତ ହେଉଥିବାରୁ ବାସି ରଥଯାତ୍ରା କୁହାଯାଏ । ପରମ୍ପରା ଅନୁଯାୟୀ, ଶ୍ରୀଗୁଣ୍ଡିଚା ଦିନ ପୁରୀ ଭଳି ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥାଏ । ସେହିକ୍ରମରେ ଶ୍ରୀଗୁଣ୍ଡିଚାରେ ପ୍ରଭୁ କୁଞ୍ଜବିହାରୀ, ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଦଧିବାମନ ରୂପରେ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ବୁଧବାର ସନ୍ଧ୍ୟାରେ କୁଞ୍ଜବିହାରୀଙ୍କ ରଥ ଟଣା ହୋଇଥିଲା । ମାଉସୀ ମା' ମନ୍ଦିରକୁ ଯିବା ପୂର୍ବରୁ ବାଟରେ କୁଞ୍ଜବିହାରୀଙ୍କ ମାମୁ ଘର ତଥା ରଘୁନାଥଜଉ ମଠ ନିକଟରେ ଅଟକି ଭୋଗ ଖାଇଥିଲେ । ମହନ୍ତ ଅମୃତ ଦାସ କୁଞ୍ଜବିହାରୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ମଙ୍ଗଳବାର ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଛେରା ପହଁରା କରିଥିଲେ । ରଥଟଣାରେ ମନ୍ଦିର ଟ୍ରଷ୍ଟି ରାଜେନ୍ଦ୍ର ବେହେରା, ଏରସମା–ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ଏମ୍‌ପି ଡାକ୍ତର କୁଳମଣୀ ସାମଲ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଏରସମା ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣୀ ସାହୁ, ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ଶିଖା ଉମେଶ ଚନ୍ଦ୍ର ସ୍ୱାଇଁ, ଢିଙ୍କିଆ ସରପଞ୍ଚ କିଶୋର ପରିଡ଼ା, ଗଡ଼କୁଜଙ୍ଗ ସରପଞ୍ଚ କବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ, ୧୫୬୮ରେ କଳାପାହାଡ଼ ଶ୍ରୀମନ୍ଦିରରୁ ୩ ଠାକୁରଙ୍କ ବିଗ୍ରହକୁ ନେଇ କୋଲକତାର ଗଙ୍ଗାନଦୀ କୂଳରେ ପୋଡ଼ିବାକୁ ଉଦ୍ୟମ କରିଥିଲେ । ତିନି ବିଗ୍ରହଙ୍କଠାରେ ଯେତେବେଳେ କଳାପାହାଡ଼ ଅଗ୍ନି ସଂଯୋଗ କରିବା ମାତ୍ରେ ତାଙ୍କ ଶରୀରରେ ଜ୍ୱଳନ ଅନୁଭବ ହୋଇଥିଲା । ଫଳରେ ସେ ତିନି ବିଗ୍ରହଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଛାଡି ଦେଇଥିଲେ । ଏହି ସମୟରେ ବିଶର ମହାନ୍ତି ନାମକ ଭକ୍ତ ଅର୍ଦ୍ଧ ଦଗ୍ଧ ୩ ବିଗ୍ରହଙ୍କ ଶରୀରରୁ ବ୍ରହ୍ମକୁ ଉଦ୍ଧାର କରି ମୃଦଙ୍ଗ ମଧ୍ୟରେ ପୂରାଇ ଗଙ୍ଗା ନଦୀ କୂଳେ କୂଳେ ଆସି ଓଡ଼ିଶା ଉପକୂଳରେ ପହଞ୍ଚିବା ପରେ ତାଙ୍କୁ ଏକ ଶୂନ୍ୟବାଣୀ ହୋଇଥିଲା । ସେହି ଶୂନ୍ୟବାଣୀ ଅନୁଯାୟୀ, ଯେଉଁଠି ଅଲୌକିକ ଘଟଣା ତାଙ୍କ ନଜରକୁ ଆସିବ ସେହି ସ୍ଥାନରେ ବିଗ୍ରହ ସ୍ଥାପନ କରିବେ । ଏହି ଶୂନ୍ୟବାଣୀ ପରେ ନୂଆଗାଁର ମହାବୀର ପୀଠ ନିକଟରେ ଘନ କୁଞ୍ଜବନରେ ୩ ବିଗ୍ରହଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରିଥିଲେ । ସେହି ସ୍ଥାନ ଘଞ୍ଚ ଜଙ୍ଗଲ ଥିବାରୁ ତାଙ୍କ ନାମ କୁଞ୍ଜବିହାରୀ ହୋଇଥିଲା । ସେଠାରେ ୧୫୬୮ରୁ ୧୫୭୫ ମସିହା ପର୍ଯ୍ୟନ୍ତ ରହି ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଇଥିଲେ । ମହାପ୍ରଭୁ ଶ୍ରୀମନ୍ଦିରରେ ନ ଥିବାରୁ ପଣ୍ଡାମାନେ ବିଭିନ୍ନ ସ୍ଥାନ ଖୋଜିଥିଲେ । ମାତ୍ର ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ, ଗଡ଼କୁଜଙ୍ଗରେ ମହାପ୍ରଭୁ କୁଞ୍ଜବିହାରୀ ରୂପରେ ପୂଜା ପାଉଛନ୍ତି । ଏହି ସ୍ୱପ୍ନାଦେଶ ବଳରେ ଗଡ଼ କୁଜଙ୍ଗରେ ପହଞ୍ଚି ୩ ବିଗ୍ରହଙ୍କୁ ନେଇଥିଲେ । ରଥଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ରଥ ଟାଣି ଥିଲେ ।

# ଖଇରଙ୍ଗରେ ଶ୍ରୀଗୁଣ୍ଡିଚା ଯାତ୍ରା

ଜଗତ୍‌ସିଂହପୁର, ୨୧।୬
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଖଇରଙ୍ଗରେ ଗ୍ରାମର ରଥଯାତ୍ରା କମିଟି ଓ ପ୍ରଫୁଲ୍ଲ ପାଠାଗାର ମିଳିତ ସହଯୋଗରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଘଣ୍ଟ, ଘଣ୍ଟା, ମୃଦଙ୍ଗ, ସଂକୀର୍ତ୍ତନ ସାଙ୍ଗକୁ ହୁଳହୁଳି ଓ ସହସ୍ରାଧିକ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି ଠାକୁର ଦାଣ୍ଡରେ ନିଆରା ପରିବେଶ ସୃଷ୍ଟି କରିଥିଲା । ପ୍ରଥମେ ଖଇରଙ୍ଗ ଗ୍ରାମ ଭାଗବତ ଟୁଙ୍ଗୀଠାରୁ ଚତୁର୍ଦ୍ଧା ମୂରତିଙ୍କୁ ପହଣ୍ଡି ବିଜେ ସହ ରଥାରୂଢ଼ କରାଯାଇଥିଲା । ମୁଖ୍ୟ ପୂଜକ ରବି ନାରାୟଣ ପତି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଠାକୁର ରାଜା ଭାବେ ପ୍ରଶାନ୍ତ କୁମାର ଦାଶ ରଥରେ ଛେରା ପହଁରା କରିଥିଲେ । ପରେ ରଥରେ ଦଉଡି ସଂଯୋଗ କରାଯିବା ପରେ ଚକ ଗଡ଼ି ଗଡ଼ି ମାଉସୀ ମା' ଘର ପ୍ରଫୁଲ୍ଲ ପାଠାଗାରରେ ସନ୍ଧ୍ୟାରେ ପହଞ୍ଚିଥିଲା । ଉତ୍ସବକୁ ରଥଯାତ୍ରା କମିଟିର ଉପଦେଷ୍ଟା ନିରଞ୍ଜନ ଦାଶ, ବିଜୟ କୁମାର ପତି, ମନୋରଞ୍ଜନ ଦାଶ, ହିମାଂଶୁ ରଞ୍ଜନ ଦାଶ, ହରେକୃଷ୍ଣ ପତି, ସୁରେନ୍ଦ୍ରନାଥ ପତି, ସମୀର ଦାଶ, ଦିପ୍ତୀରଞ୍ଜନ ଦାଶ, ସମ୍ପଦ ବେହେରା, ଅଜୟ କୁମାର ପତି, ରମେଶ ଚନ୍ଦ୍ର ନାୟକ, ମନୋଜ ମହାନ୍ତି, ଅଞ୍ଜନ ରାୟ, ଦେବୁନା ରାୟ, ପାଠାଗାର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ, ସମ୍ପାଦକ ସୁରେନ୍ଦ୍ର ରାୟ ଓ ବଂଶୀଧର ଆଚାର୍ଯ୍ୟ ପ୍ରମୁଖ ସୂଚାରୁ ରୂପେ ପରିଚାଳନା କରିଥିଲେ ।


ପହଣ୍ଡିରେ ଆସିବା ପରେ ଶ୍ରୀଜଗନ୍ନାଥଙ୍କୁ ରଥାଣୁଢ଼ କରାଯାଉଛି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମହେନ୍ଦ୍ର


@ ପଦ୍ମମୀନା


@ ପ୍ରତାପ


@ ରାକେଶ


@ ସୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ପ୍ରବଚନ

ଧର୍ମଶାଳା,୨୧।୬
(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ଓ ମୁନସୀ ମେଲଣ କମିଟି ମିଳିତ ଆନୁକୁଲ୍ୟରେ ରଥ ମଙ୍ଗଳବାର ଧର୍ମଶାଳାସ୍ଥିତ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ଗୁଣ୍ଡିଚା ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରଘୁନାଥ ମନ୍ଦିର ପ୍ରବଚକ ଆଶୀର୍ବାଦ ମହାରାଜ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଉପରେ ପ୍ରବଚନ ପ୍ରଦାନ କରିଥିଲେ । ଏଥିରେ ଉଭୟ କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ମୁନସୀ ମେଲଣ କମିଟି ସହ ସମ୍ପାଦକ ପ୍ରମୋଦ ଦାସ ପ୍ରବଚକ ଓ ଉପସ୍ଥିତ ଭକ୍ତମାନଙ୍କୁ ସ୍ୱାଗତ ଜଣାଇଥିଲେ । କମିଟି ପକ୍ଷରୁ ପ୍ରବଚକଙ୍କୁ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ

ଯାଜପୁର ଟାଉନ,୨୧।୬
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହରର ଜଗନ୍ନାଥ ମନ୍ଦିର ବହୁ ପୁରାତନ । ଏଠାରେ ଚତୁର୍ଦ୍ଧା ମୂରତିଙ୍କୁ ତିନି ରଥରେ ଟଣାଯାଇ ମାଉସୀ ମା'ମନ୍ଦିରକୁ ନିଆଯାଇଥାଏ । ରଥଯାତ୍ରା ଦିନ ମନ୍ଦିରରୁ ଚତୁର୍ଦ୍ଧା ମୁରତିଙ୍କୁ ରଥାରୂଢ଼ କରାଯାଇ ପରଦିନ ରଥଟଣା କାର୍ଯ୍ୟ କରାଯାଇଥାଏ । ଚଳିତ ବର୍ଷ ମହିଳାମାନେ ସୁଭଦ୍ରା ରଥକୁ ଟାଣି ମାଉସୀ ମା'ମନ୍ଦିରରେ ପହଞ୍ଚାଇଛନ୍ତି । ବୁଧବାର ପୂର୍ବାହ୍ନରେ ରଥଟଣା ଆରମ୍ଭ ହୋଇଥିବାବେଳେ ବର୍ଷା ସତ୍ତ୍ୱେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ରଥଟଣା କାର୍ଯ୍ୟ ସମାପନ କରିଥିଲେ । ପ୍ରାତଃ ସମୟରୁ ରଥରେ ମଙ୍ଗଳା ଆଳତି କରାଯାଇ ରୀତିନୀତି ଅନୁସାରେ ପୂଜାବିଧି କାର୍ଯ୍ୟ ପରେ ରଥ ଟଣା ହୋଇଥିଲା ।

ରାଧେ ରାଧେ ସଂଘ, ସତ୍ୟସାଇ ସେବାସଂଘ ଓ ବୈଦ୍ୟରାଜପୁର ଘଣ୍ଟବାଦକ ସଂଘର ସଦସ୍ୟମାନେ ଯୋଗଦେଇ କୀର୍ତ୍ତନ, ଭଜନ ଓ ଘଣ୍ଟବାଦ୍ୟ ପରିବେଷଣ କରିଥିଲେ । ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତାଙ୍କ ନେତୃତ୍ୱରେ ବହୁ ମହିଳା ମା' ସୁଭଦ୍ରାଙ୍କ ରଥ ଟାଣିଥିଲେ ।

**ଯାଜପୁର ରଥଯାତ୍ରା**

ରଥଟଣା କାର୍ଯ୍ୟକ୍ରମ ଯାଜପୁର ପୌର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ରଥଯାତ୍ରା ଦେଖିବା ପାଇଁ ବର୍ଷା ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା । ସନ୍ଧ୍ୟାରେ ଚତୁର୍ଦ୍ଧା ମୁରତିଙ୍କୁ ସ୍ଥାନୀୟ ସଦାବ୍ରତ ମଠ ମାଉସୀ ମା'ମନ୍ଦିରକୁ ପହଣ୍ଡି କରାଯାଇ ନିଆଯାଇଥିଲା । ୮ ଦିନ ଧରି ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧା ମୁରତି ରହୁଥିବାବେଳେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର କାର୍ଯ୍ୟସୂଚୀ ରହିଛି । ମଙ୍ଗଳବାର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ଏବଂ ରଥାରୂଢ଼ ହୋଇଥିଲା । ପରେ ଭକ୍ତଙ୍କ ଗହଳିରେ ଯଥା ରୀତି, ନୀତି, ପୂଜାର୍ଚ୍ଚନା ଅନୁଯାୟୀ ଶ୍ରୀଜଗନ୍ନାଥ, ଶ୍ରୀବଳଦେବ ଜୀଉ ଏବଂ ମା' ଶୁଭଦ୍ରାଙ୍କ ରଥକୁ ଗୋଟିଏ ଦଉଡି ଦୂରତା ପର୍ଯ୍ୟନ୍ତ ଟଣାଯାଇଥିଲା । ସମସ୍ତ କାର୍ଯ୍ୟରେ ଶ୍ରୀଜଗନ୍ନାଥ ସେବା ସମିତି, ଯାଜପୁର ନାଗରିକ ପରିଷଦ, ଗୀତା ଜାଗରଣ ପରିଷଦ, ଅନନ୍ୟା ସାହିତ୍ୟ ସଂସଦ, ଯାଜପୁର ବିକାଶ ମଞ୍ଚ, ବିରଜା ମଣ୍ଡଳୀ ବିଦ୍ୟୁତ୍ ପରିଷଦ, ରାଧା ଗୋବିନ୍ଦ, ଭେଲଙ୍ଗ କୀର୍ତ୍ତନ ମଣ୍ଡଳୀ, ବୈଦ୍ୟରାଜପୁର ଘଣ୍ଟ ବାଦ୍ୟ କମିଟି, ହର ପାର୍ବତୀ ପୂଜା କମିଟି, ସଦାବ୍ରତ ମଠ ଓ ବଡ଼ ବଜାର ପୂଜା କମିଟି ସହଯୋଗ କରିଥିଲେ ।


ମାଉସୀମା' ମନ୍ଦିର ନିକଟରେ ପହଞ୍ଚି ଥିବା ୩ ରଥ ।

# ରଥଯାତ୍ରାରେ ଆଜାଦୀ ଠେଙ୍ଗାବାହିନୀର ସେବାକାର୍ଯ୍ୟ

ଯାଜପୁର,୨୧।୬
(ହର୍ଷବର୍ଦ୍ଧନ ବେହେରା) :

ସର୍ବଭାରତୀୟ ଆଜାଦୀ ଠେଙ୍ଗାବାହିନୀ ୩୨ବର୍ଷ ଧରି ପୁରୀ ରଥଯାତ୍ରାରେ ସେବାକାର୍ଯ୍ୟ କରିଆସୁଅଛି । ଏ ବର୍ଷ ଆଜାଦୀ ଠେଙ୍ଗାବାହିନୀର ପ୍ରତିଷ୍ଠାତା ଚିଫ୍ କମାଣ୍ଡର ଲକ୍ଷ୍ମଣ ଦାଶଙ୍କ ତତ୍ତ୍ୱାବଧାନରେ ସାରା ଓଡିଶାରୁ ୧୧୫୫ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ପୁରୀ ମାର୍କଣ୍ଡେଶ୍ୱର ବାଲିସାହି ସ୍କୁଲରେ ସେବା ଶିବିର କରାଯାଇଛି । ବିଶିଷ୍ଟ ଶ୍ରମିକନେତା ଓ ଆଜାଦୀ ଠେଙ୍ଗାବାହିନୀର ମେଜର ଜେନେରାଲ ମାୟାଧର ନାୟକଙ୍କ ନେତୃତ୍ୱରେ ଠେଙ୍ଗାବାହିନୀର ପୋଷାକ ପିନ୍ଧି ହାତରେ ଠେଙ୍ଗାଧରି ରଥଯାତ୍ରା ଦିନ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ନିରାପଦ ସମୁଦ୍ର ସ୍ନାନ, ସ୍ୱାସ୍ଥ୍ୟସେବା, ରକ୍ତଦାନ, ପାନୀୟଜଳ ବଣ୍ଟନ, ସୂଚନା ପ୍ରଦାନ ଆଦି ସେବାକାର୍ଯରେ ନିୟୋଜିତ ହୋଇଥିଲେ । ସେମାନଙ୍କର ରହିବା, ବିଜୁଳି ବ୍ୟବସ୍ଥା ଏବଂ ଉଠା ପାଇଖାନା ବ୍ୟବସ୍ଥା ହୋଇଥିଲା । । ଏହି କାର୍ଯ୍ୟକ୍ରମ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ପୁରୀ ଶିବିରରେ ରହି ସେବାକାର୍ଯ୍ୟ ତଦାରଖ କରିବେ । ସବୁ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଖାଦ୍ୟପେୟର ବନ୍ଦୋବସ୍ତ କରାଯାଇଛି । ୨୧ ତାରିଖ ସକାଳ ୬ଟାରେ ସ୍ୱେଚ୍ଛାସେବୀମାନେ ସମୁଦ୍ର ବେଳାଭୂମି ପାଖରେ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମ କରିବେ । ଆଜାଦୀ ଠେଙ୍ଗାବାହିନୀର ୩୨ବର୍ଷ ସେବାକାର୍ଯ୍ୟକୁ ପ୍ରଶାସନ, ନେତା, ପୁରୀବାସୀ, ଶ୍ରୀକ୍ଷେତ୍ରକୁ ଆସୁଥିବା ଦର୍ଶନାର୍ଥୀମାନେ ଉଚ୍ଚ ପ୍ରଶଂସା କରିଥିଲେ ।

# ସୁଧୁରୁନି ସ୍ୱାସ୍ଥ୍ୟସେବା

- ଜୁଲାଇ ୪ରେ ଡିଏଚ୍ଏଚ୍ ସମ୍ମୁଖରେ ଆନ୍ଦୋଳନ
- ସିଡିଏମ୍‌ଙ୍କ ପରେ ଜିଲାପାଳଙ୍କୁ ଫେରାଦ୍

ନୟାଗଡ,୨୧।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ଅଭିଯୋଗ ହୋଇ ଆସୁଛି। ସ୍ୱାସ୍ଥ୍ୟସେବାକୁ ସୁଧାରିବା ପାଇଁ ବିଭିନ୍ନ ସମୟରେ ସାଧାରଣରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହାର ପ୍ରତିକାର ହେଉ ନାହିଁ । ସ୍ୱାସ୍ଥ୍ୟସେବାକୁ ସୁଧାରିବାକୁ ନୟାଗଡ ହେମେନ୍ଦ୍ର ସେନା ପକ୍ଷରୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କୁ ଓ ପରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ଜୁଲାଇ ୩ ସୁଦ୍ଧା ଦାବି ପୂରଣ ନ ହେଲେ ଜୁଲାଇ ୪ରେ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଧାରଣା ଦିଆଯିବ ବୋଲି ନୟାଗଡ଼ ହେମେନ୍ଦ୍ର ସେନା ପକ୍ଷରୁ ଚେତାବନୀ ଦିଆଯାଇଛି ।

ଅଭିଯୋଗ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡାକ୍ତର ଅଭାବ ସବୁବେଳେ ଲାଗି ରହିଛି । ଏହାର ସମାଧାନ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସୁଫଳ ମିଳୁନି । ସେହିପରି ଚିକିତ୍ସାଳୟ ପରିସରରେ ଆଖି, କର୍ଣ୍ଣ ଓ ନାଶା ବିଭାଗର ଏକ ବହିଃ ରୋଗୀ ବିଭାଗ ସହ ଅସ୍ତ୍ରୋପଚାର କକ୍ଷର ଆବଶ୍ୟକତା ରହିଛି । ହେଲେ ଏହାକୁ ନିର୍ମାଣ କରାଯାଉନି । ଏଣୁ ରୋଗୀ ଆଖି, ନାଶା, କର୍ଣ୍ଣ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ବେସରକାରୀ ଭାବେ ଚିକିତ୍ସିତ ହେଉଛନ୍ତି । ଏଠାରେ ୨ଜଣ ଡାକ୍ତର ଥିବାବେଳେ ରୋଗୀ ଏହାର ସୁଫଳ ନେଇ ପାରୁ ନାହାନ୍ତି । ସେହିଭଳି ଅଲଟ୍ରାସାଉଣ୍ଡ ପରୀକ୍ଷଣ ସପ୍ତାହକୁ ୩ ଦିନ କରାଯାଉଛି । ଏଠାରେ ଏଯାବତ ଅଲଟ୍ରା ସାଉଣ୍ଡ ବିଶେଷଜ୍ଞ ନିଯୁକ୍ତି ହେଉ ନ ଥିବାରୁ ୬ଦିନିଆ ସେବା ମିଳି ପାରୁ ନାହିଁ । ଏଣୁ ଅଲଟ୍ରା ସାଉଣ୍ଡ ବିଶେଷଜ୍ଞ ପଦବୀ ଶୀଘ୍ର ପୂରଣ କରିବା ପାଇଁ ଦାବି ହୋଇ ଆସୁଛି । ଆଇସିୟୁ କରାଯାଇଛି। ହେଲେ କର୍ମଚାରୀ ଓ ଡାକ୍ତର ଅଭାବ ଦର୍ଶାଇ ଆଇସିୟୁକୁ କାର୍ଯ୍ୟକ୍ଷମ କରା ନ ଯାଇ ତାଲା ପକାଇ ରଖା ଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣ ମେଡିସିନ୍ ସ୍ପେଶାଲିଷ୍ଟ ଡାକ୍ତର ଓ ଦୁଇ ଜଣ ଆଇସିୟୁ ଚିକିତ୍ସା ଉପରେ ତାଲିମ ନେଇଥିବା ଡାକ୍ତର ଥିବାରୁ ଆଇସିୟୁକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାର ଦାବି ହୋଇ ଆସୁଛି । ଆଇସିୟୁକୁ କାର୍ଯ୍ୟକ୍ଷମ ପାଇଁ ଅତିକମରେ ୨ଟି ଆଇସିୟୁ ବେଡ ଜରୁରୀକାଳୀନ ୱାର୍ଡରେ ପକାଇ ବହିଃ ବିଭାଗରେ ରୋଗୀଙ୍କୁ ଦେଖିବାକୁ ସୁଯୋଗ ଦିଆଯାଉ। ସିଟି ସ୍କାନ ଓ ଏମ୍ଆରଆଇ ପରୀକ୍ଷା କରିବାର ବ୍ୟବସ୍ଥା ନାହିଁ । ଏହି ଦୁଇ ସୁବିଧା କିପରି କରାଯାଇ ପାରିବ ସେଥିପ୍ରତି ବ୍ୟବସ୍ଥା କରାଯାଉ । ପୁଣି ପାଥୋଲୋଜି ବିଭାଗରେ କେହି ପାଥୋଲୋଜିଷ୍ଟ ନାହାନ୍ତି। ଟେକ୍ନସିଆନମାନେ ପାଥୋଲୋଜିରେ କାମ ଚଳାଉଛନ୍ତି । ଏଣୁ ପାଥୋଲୋଜିଷ୍ଟ ପଦ ଶୀଘ୍ର ପୂରଣ କରିବାର ବ୍ୟବସ୍ଥା ହେଉ । କିଡନୀ ରୋଗୀ ନିମନ୍ତେ ଡାଏଲେସିସ କେନ୍ଦ୍ରରେ ନାନା ଅସୁବିଧା ରହିଛି । ଏହାର ସମାଧାନ କରାଯାଉ । ମୃତଦେହ ପରିବହନ ପାଇଁ ମହାପ୍ରୟାଣ ଥାଇ ନ ଥିଲା ପରି। ସବୁବେଳେ ମହାପୟାଣ ଗାଡି ପ୍ରାୟ ଅଚଳ ରହୁଛି । ଏଣୁ ମହାପ୍ରୟାଣ ଗାଡିକୁ ତୁରନ୍ତ ମରାମତି କରାଯାଇ ମୃତଦେହ ପରିବହନ ବ୍ୟବସ୍ଥା କରାଯାଉ । ମୃତଦେହ ପରିବହନ ବ୍ୟବସ୍ଥା ନ ଥିବାରୁ ମୃତ ଦେହ ଘରେ ପହଞ୍ଚିଲା ବେଳକୁ ବେଳେବେଳେ କିଛି ଲୋକ ବାଧ ହୋଇ ବାଇକରେ ଆଣୁଛନ୍ତି । ବହୁ ଗରିବ ଲୋକ ଅଯଥାରେ ଘରୋଇ ଆମ୍ବୁଲାନ୍ସରେ ବାଧ ହୋଇ ମୃତଦେହ ଘରକୁ ଆଣି ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି । ସେହିଭଳି ମେଡିସିନ୍ ୱାର୍ଡ ନିକଟରେ ରୋଗୀ ଓ ସେମାନଙ୍କର ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ଗରମ ଓ ଥଣ୍ଡା ପାଣିର ବ୍ୟବସ୍ଥା କରାଯାଉ । ପୁଣି ରୋଗୀଙ୍କ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ପ୍ରତୀକ୍ଷାଳୟ ବ୍ୟବସ୍ଥା, ୨୦ଟି ଶୌଚାଳୟ ସହ ରକ୍ଷଣାବେକ୍ଷଣର ଦାୟିତ୍ୱ ନେବାର ବ୍ୟବସ୍ଥା ହେଉ । ବର୍ଣ୍ଣଙ୍କ ୱାର୍ଡର ପୁନରୁଦ୍ଧାର କରାଯାଉ । ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମଚାରୀଙ୍କ ନିଯୁକ୍ତି ନେଇଥିବା ଭେଣ୍ଡର ତଥା ଆଉଟ ସୋର୍ସିଂ ଏଜେନ୍ସି କର୍ମଚାରୀଙ୍କ ଦରମା ଠିକରେ ଜମା କରୁ ନ ଥିବା ଅଭିଯୋଗର ତଦନ୍ତ ହେଉ। ଏନେଇ ହେମେନ୍ଦ୍ର ସେନାର ସାଧାରଣ ସମ୍ପାଦକ ଶେଖ ଅବଦୁଲ ଆଜାଦ କୁହନ୍ତି ଗତ ୧୯ ତାରିଖରେ ହେମେନ୍ଦ୍ରସେନାର ୭ଜଣିଆ ଦଳ ମୋ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିଥିଲୁ । ଜିଲାପାଳ ଆମ୍ଭର ଦାବି ଗୁରୁତର ସହ ଶୁଣିଛନ୍ତି। ଯେଉଁ ଗୁଡିକ ଜିଲା ପ୍ରଶାସନ ଦ୍ୱାରା ପୂରଣ ହୋଇ ପାରିବ ସେଗୁଡିକ ପୂରଣ କରିବାକୁ ପ୍ରତିଶ୍ରୁତି ମିଳିଛି। ସିଡିଏମ୍‌ଙ୍କୁ ଭେଟି ଦାବି ଜଣାଇଥିଲୁ। ଦାବି ପୂରଣ ନ ହେବାରୁ ଜିଲାପାଳଙ୍କୁ ଭେଟିଛୁ । ଦାବି ପୂରଣ ନ ହେଲେ ଜୁଲାଇ ୪ରେ ଧାରଣା ଦିଆଯିବ ବୋଲି କହିଛନ୍ତି। ସିଡିଏମ୍ଓ ମକରନ୍ଦ ବେଉରା କୁହନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗୀଙ୍କୁ ସେବା ଯୋଗାଇବାକୁ ପ୍ରଚେଷ୍ଟା ଜାରି ରହିଛି । ହେମେନ୍ଦ୍ର ସେନା ପକ୍ଷରୁ କିଛି ଦାବି ନେଇ ମୋ ପାଖକୁ ଆସିଥିଲେ। ସେମାନଙ୍କ ସହ ଦାବି ସମ୍ପର୍କରେ ସନ୍ତୋଷଜନକ ଆଲୋଚନା ହୋଇଛି । ତେବେ ପୁଣି ସମାନ ଦାବି ନେଇ ଜିଲାପାଳଙ୍କୁ ଭେଟିଛନ୍ତି। ଏନେଇ ଆମ ପାଖକୁ ଚିଠି ଆସିଛି ବୋଲି କହିଛନ୍ତି ।

**୧୧୨ ସ୍ଥାନରେ ୩୦ ଡାକ୍ତର**

ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧୨ ଡାକ୍ତର ପଦବୀ ରହିଛି । ତେବେ ମାତ୍ର ୩୦ ଡାକ୍ତର ଅଛନ୍ତି । ଅନ୍ୟପକ୍ଷେ ସରକାର ନୂଆକରି ୩୫ ଡାକ୍ତର ନିଯୁକ୍ତି କରିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୫ ଡାକ୍ତର କାର୍ଯ୍ୟରେ ଯୋଗ ଦେଇ ୬ଜଣ ପିଜି କରିବାକୁ ଚାଲିଗଲେଣି । ଆଉ କିଛି ପିଜି କରିବାକୁ ଯିବାକୁ ରହିଛି । ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସଂଖ୍ୟା ୫୯ରେ ରହିଛି । ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୯ ଡାକ୍ତର ନିୟୋଜିତ ପରେ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସଂଖ୍ୟା ହ୍ରାସ ପାଇବବୋଲି ଜଣାପଡିଛି ।

# ନୂଆଗାଁରେ ଗୋଟିଏ ରାତିରେ ୩ ଚୋରି

ନୂଆଗାଁ,୨୧।୬ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁ ଅଞ୍ଚଳରୁ ମଙ୍ଗଳବାର ରାତିରେ ଲଗାତାର ଭାବେ ୩ଟି ଘରୁ ଚୋରି ହୋଇଛି । ନୂଆଗାଁ ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେଉ ନ ଥିବାରୁ ତାହାର ସୁଯୋଗ ନେଇ ଚୋରମାନେ ସକ୍ରିୟ ହୋଇ ଉଠିଛନ୍ତି । ୪ରୁ ୫ ଜଣ ଚୋର ଗୋଟିଏ ରାତିରେ ୩ଟି ଘରେ ପଶି ଚୋରି କରିବାକୁ ଉଦ୍ୟମ କରିଥିଲେ। ନୂଆଗାଁ ଉଠାଣିସାହି ରବିନ୍ଦ୍ର ସେନାପତିଙ୍କ ଘରେ ଚୋରମାନେ ପଶି ଆଲମାରୀ ଭାଙ୍ଗି ସେଥିରୁ ସୁନାରୁପା ଅଳଙ୍କାର, ନଗଦ ୮ ହଜାର ଟଙ୍କା ନେଇଯାଇଛନ୍ତି। ଏପରି କି ରବିଙ୍କ ସ୍ତ୍ରୀ ପିନ୍ଧିଥିବା ସୁନା ମଙ୍ଗଳସୁତ୍ରକୁ ମଧ୍ୟ ନେଇଯାଇଛନ୍ତି। ମଙ୍ଗଳସୁତ୍ରକୁ ବେକରୁ ଛିଡି ନେବା ସମୟରେ ଘରେ ଚୋର ପଶିଥିବା ଜାଣି ପାଟି କରିବାରୁ ଚୋର ପଶିଥିବା ଜାଣି ମହିଳା ଜଣକ ପାଟି କରିବାକୁ ଚୋରମାନେ ଦୌଡି ପଳାଇ ଥିଲେ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ନୂଆଗାଁ ଥାନା ପୋଲିସ ପହଂଚି ତଦନ୍ତ ଜାରି ରଖିଛି । ସେହିପରି ଆମ୍ବଝରି ଗ୍ରାମର ସୁନୀତା ନାୟକଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଘରୁ ଟ୍ରଙ୍କ ବାକ୍ସ ସବୁ ଟେକି ନେଇ ବାହାରେ ତାଲା ଭାଙ୍ଗି ସେଥିରେ ଥିବା ଲୁଗାପଟା ସମେତ ବହୁ ମୂଲ୍ୟବାନ ଜିନିଷ ନେଇ ଯାଇଥିବା ଅଭିଯୋଗ ହେଉଛି। ନୂଆସାହି ଅଶୋକ ଖଣ୍ଡୁଆଳଙ୍କ ଘରର କବାଟ ଭାଙ୍ଗି ଘରେ ପଶିବାକୁ ଉଦ୍ୟମ କରୁଥିବା ବେଳେ ଘର ଲୋକ ଉଠି ପଡିବାରୁ ଚୋରମାନେ ଦୌଡି ପଳାଇ ଯାଇଥିଲେ ।

# ଚିନ୍ତାମଣୀ ବିଦ୍ୟାପୀଠରେ ଯୋଗ ଦିବସ ପାଳନ



ଯୋଗ ଶିକ୍ଷା ଦିଆଯାଉଛି ।

ନୂଆଗାଁ ୨୧।୬ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ଚିନ୍ତାମଣୀ ବିଦ୍ୟାପୀଠରେ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୬ ଘଟିକା ସମୟରେ ସ୍ଥାନୀୟ ବାଳିକା ବାଳକ ଓ ଅଞ୍ଚଳବାସୀଙ୍କୁ ଯୋଗ ଶିକ୍ଷକ ପରମାନନ୍ଦ ପରିଡା ତାଡାସନ ଭୂଜଙ୍ଗାସନ, ବଜ୍ରାସନ, ଉଷ୍ଟ୍ରାସନ, ଶଶଙ୍କାସନ, ଧ୍ରୁବାସନ, ପ୍ରାଣାୟମ, କପାଳଭାତି, ଅନୁଲୋମ ବିଲୋମ ଆଦି ଯୋଗ ଶିକ୍ଷା ଦେଇଥିଲେ। ଚିନ୍ତାମଣୀ ବିଦ୍ୟାପୀଠର ଶିକ୍ଷକ ବିନାୟକ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୪୦ ଜଣ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ଅତିଥି ଭାବେ ସଭାରେ ଯୋଗ ଦେଇଥିବା ଶିକ୍ଷକ ପୁରୁଷୋତ୍ତମ ପରିଡା, ଯୁଧିଷ୍ଠିର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ନାୟକ, ଦିଗମ୍ବର ଖଣ୍ଡୁଆଳ, ରଞ୍ଜିତା ଦେଇ, ପ୍ରଭାତି ଦେଇ, ପୁଷ୍ପଲତା ମହାପାତ୍ର ପ୍ରମୁଖ ଭାଷଣ ମାଧ୍ୟମରେ ଯୋଗର ଉପକାରିତା ବିଷୟରେ ବୁଝାଇଥିଲେ ।

# ଆନ୍ତର୍ଜାତିକ ଯୋଗଦିବସ ପାଳିତ



ଓଡ଼ଗାଁ,୨୧।୬
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରରେ ଜୁନ ୨୧ ବୁଧବାର ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ଉକ୍ତ ଯୋଗ ଶିବିରକୁ ଶିକ୍ଷକ ଭେଙ୍କେଟେଶ୍ୱର ପାଣିଗ୍ରାହୀ ଓ ସୁନୀଲ ସାହୁ ପରିଚାଳନା କରିଥିଲେ। ବିଦ୍ୟା ମନ୍ଦିରର ୩୦ ଛାତ୍ରୀଛାତ୍ର ଯୋଗ ଦିବସ ଶିବିରରେ ଅଂଶଗ୍ରହଣ କରି ସେମାନଙ୍କ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଅନ୍ୟ କେତେକ ଅନୁଷ୍ଠାନ ଓ ସାକେରୀ ହାଇସ୍କୁଲରେ ଯୋଗ ଶିବିର ଅନୁଷ୍ଠିତ ହୋଇଛି ।

# ନୂଆଗାଁରେ ଆମ୍ବୁଲାନ୍ସ ବ୍ୟବସ୍ଥା ଉପରେ ଗୁରୁତ୍ୱ

ନୂଆଗାଁ,୨୧।୬ (ଧନେଶ୍ୱର ସାହୁ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ କଡରେ ଅବସ୍ଥିତ ନୟାଗଡ଼ ଜିଲା ନୂଆଗାଁ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଦାବି ହେଉଛି । ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁଟି ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ. ଜାତୀୟ ରାଜପଥ ନୟାଗଡ ଓ ଦଶପଲ୍ଲାର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ । ନୂଆଗାଁଠାରୁ ନୟାଗଡ଼ ମୂଖ୍ୟ ଚିକିତ୍ସାଳୟ ୨୨ କିଲୋମିଟର ଦୂର ହୋଇଥିବା ବେଳେ ଦଶପଲ୍ଲା ଚିକିତ୍ସାଳୟ ୨୦ କିଲୋମିଟର। ନୂଆଗାଁ ସଦରଠାରେ ଗୋଟିଏ ଡାକ୍ତରଖାନା ଥିଲେ ମଧ୍ୟ ନାନା ଅବ୍ୟବସ୍ଥା ଯୋଗୁଁ ଏଠାରେ ରୋଗୀ ସେବା ଏକ ପ୍ରକାର ବନ୍ଦ ଥିଲା ପରି ମନେହୁଏ । ତେବେ ସାଧାରଣ ରୋଗୀଟିଏ ମଧ୍ୟ ନୟାଗଡ଼ ଯାଇ ଚିକିତ୍ସା ହେବାକୁ ଉଚିତ୍ ମନେ କରନ୍ତି । ୫୭ନଂ. ଜାତୀୟ ରାଜପଥରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ଦୁର୍ଘଟଣାରେ ଆହତମାନେ ଛଟପଟ ହେଉଥିବା ବେଳେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଛି । ଆହତଙ୍କ ଚିକିତ୍ସା ପାଇଁ ନୂଆଗାଁ ଅଗ୍ନିଶମ ବାହିନୀ ସର୍ବଦା ତତ୍ପରତା ପ୍ରକାଶ କରିବା ସହ ସେମାନଙ୍କ ନିଆଁ ଲିଭା ପାଇଁ ନିୟୋଜିତ ଥିବା ଗାଡିରେ ରୋଗୀମାନଙ୍କୁ ନୟାଗଡ ମୂଖ୍ୟ ଚିକିତ୍ସାଳୟ, ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଦଶପଲ୍ଲା ଚିକିତ୍ସାଳୟ ନେଇ ଥାଆନ୍ତି । ଉକ୍ତ ଗାଡିଟି ନିଆଁ ଲିଭା ଉଦ୍ଦେଶ୍ୟରେ ଆସିଥିବା ହେତୁ ସେଥିରେ ରୋଗୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାର ବ୍ୟବସ୍ଥା ନ ଥାଏ । ତେଣୁ ଭଗବାନଙ୍କ ଭରସାରେ ଅଗ୍ନିଶମ ଗାଡିରେ ରୋଗୀଙ୍କୁ ସ୍ଥାନାନ୍ତରିତ କରାଯାଉଛି। ତେଣୁ ନୂଆଗାଁ ଡାକ୍ତରଖାନାକୁ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ରବିବାର ନୂଆଗାଁ ବ୍ଲକରେ ଅନୁଷ୍ଠିତ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକରେ ଅଗ୍ନିଶମବାହିନୀର ଜଣେ କର୍ମଚାରୀ ଯୋଗ ଦେଇ ନୂଆଗାଁରେ ଆମ୍ବୁଲାନ୍ସର ଅତ୍ୟାବଶ୍ୟକ ରହିଛି। ଆମ୍ବୁଲାନ୍ସ ଥିଲେ ଆମେ ମଧ୍ୟ ସହଯୋଗ କରି ରୋଗୀ କିମ୍ବା ଆହତଙ୍କୁ ସୁବିଧାରେ ଚିକିତ୍ସାଳୟରେ ପହଞ୍ଚାଇ ପାରନ୍ତୁ, ଯାଦ୍ୱାରା ଅନେକ ଲୋକଙ୍କ ଜୀବନ ରକ୍ଷା ହୋଇ ପାରନ୍ତା ବୋଲି ସେ କହିଛନ୍ତି।

# ମହାପ୍ରଭୁଙ୍କ ମତ୍ସ୍ୟ ଅବତାର



ଦଶପଲ୍ଲା,୨୧।୬ (ପ୍ରକାଶ କୁମାର ପାଣି)

ମହାପ୍ରଭୁ ଶ୍ରୀ ଜଗନ୍ନାଥ ବୁଧବାର ଆଡପ ମଣ୍ଡପ ରେ ମତ୍ସ୍ୟ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ପୂର୍ବାହ୍ନ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯିବା ପରେ ମହାପ୍ରଭୁ ମତ୍ସ୍ୟ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହି ବେଶ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା

# ଥୁଆବାରୀରେ ପହଞ୍ଚି ତଦନ୍ତ କଲେ ବିଡିଓ

- ପାନୀୟ ଜଳ ଯୋଗାଣରେ ବାଧକ ଅଭିଯୋଗ ପ୍ରସଙ୍ଗ
- ଡମ୍ବସାହିବାସୀଙ୍କ ପାନୀୟ ଜଳ ବ୍ୟବସ୍ଥା ପାଇଁ ସରପଞ୍ଚଙ୍କୁ ଦେଲେ ଦାୟିତ୍ୱ

ନୂଆଗାଁ,୨୧।୬ (ଧନେଶ୍ୱର ସାହୁ )



ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚି ବିଡ଼ିଓ ଆଲୋଚନା କରୁଛନ୍ତି ।

ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିବା ପରିବର୍ତ୍ତେ ସରପଞ୍ଚ ବାଧକ ସାଜିଥିଲେ । ସରପଞ୍ଚଙ୍କ ଇଛାରେ ଅନାବଶ୍ୟକ ସ୍ଥାନରେ ନଳକୂଅ ଖୋଳାଯାଇଥିଲା। ଏ ନେଇ ଥୁଆବାରୀ ଡମ୍ବସାହିବାସୀ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ସୋମବାର ବିଡିଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଡମ୍ବସାହିବାସୀଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ସରପଞ୍ଚଙ୍କୁ ଦାୟିତ୍ୱ ଦେଇଛନ୍ତି ।

ନୟାଗଡ ଜିଲା ନୂଆଗାଁ ବ୍ଲକ ପାରାଢିପି ପଂଚାୟତ ଥୁଆବାରୀ ଡମ୍ବସାହିରେ ବସବାସ କରୁଥିବା ଲୋକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ନାହିଁ । ତେଣୁ ସାହି ବାସିନ୍ଦାଙ୍କ ଅଭିଯୋଗ ପରେ ଡମ୍ବସାହିରେ ଏକ ନଳକୂଅ ଖୋଳିବା ପାଇଁ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଶନିବାର ନଳକୂଅ ଖୋଳିବା ପାଇଁ ଡମ୍ବସାହିରେ ଗାଡି ପହଞ୍ଚିଥିଲା। ତେବେ ଏହା ଜାଣି ପାରାଢିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ କେତେଜଣ ଯୁବକ ଏହାକୁ ବିରୋଧ କରି ଗାଡିକୁ ଡାକି ନେଇ ଆବଶ୍ୟକ ନ ଥିବା ଅପନ୍ତରିଆ ସ୍ଥାନରେ ନଳକୂଅ ଖୋଳିବାକୁ କହିଥିଲେ। ଏ ନେଇ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ଭେଟି ବୁଧିବାମନ ନାହକ, ପ୍ରଦୀପ ନାହକ, ଗଦାଧର ଗନ୍ତାୟତ, ଖଲି ନାହକ, ସାବିତ୍ରୀ ନାହକଙ୍କ ସମେତ ଡମ୍ବସାହିବାସୀ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଡିଓ ମିଶ୍ର ଡମ୍ବସାହିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଅଭିଯୋଗକାରୀ ଡମ୍ବସାହିବାସିନ୍ଦା ପାଇଁ ପିଇବା ପାଣିର ବ୍ୟବସ୍ଥା ନ ଥିବା ବେଳେ ସେମାନଙ୍କ ପାଇଁ ନଳକୂଅଟିଏ ଅତ୍ୟାବଶ୍ୟକ। ତେଣୁ ସେମାନେ କିଭଳି ପାଣି ପାଇବେ ସେ ବ୍ୟବସ୍ଥା ପାରାଢିପି ସରପଞ୍ଚଙ୍କ ଦାୟିତ୍ୱ। ତେଣୁ ଡମ୍ବସାହିରେ ତୁରନ୍ତ ନଳକୂଅ ଖୋଳିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବିଡିଓ ମିଶ୍ର।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମହେନ୍ଦ୍ର



@ ପଦ୍ମମୀନା



@ ପ୍ରତାପ



@ ରାକେଶ



@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶରଣକୁଳ ମହାବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ

ଶରଣକୁଳ,୨୧।୬(ଦୀପକ କର)

ଶରଣକୁଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଯୋଗ ଦିବସ ପାଳିତ ହୋଇଯାଇଛି। ଶରଣକୁଳ ମହାବିଦ୍ୟାଳୟରେ ଅନୁଷ୍ଠିତ ଯୋଗ ଦିବସ କାର୍ଯ୍ୟକ୍ରମରେ ପ୍ରାୟ ୨ଶହ ଛାତ୍ରୀଛାତ୍ର, ଶୁଭେଚ୍ଛୁ ଏବଂ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ପ୍ରଧାପକ ଓ କର୍ମଚାରୀ ସାମିଲ ହୋଇଥିଲେ । ଆୟୋଜିତ ଶିବିରରେ ଯୋଗ ତଥା କ୍ରୀଡା ଶିକ୍ଷକ ମନୋରଞ୍ଜନ ଦାଶ ଏବଂ ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ରତିମା ବେହେରା ଯୋଗ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳର ଅଧକ୍ଷ ବସନ୍ତ କୁମାର ରଥ ଯୋଗ ଅଭ୍ୟାସ ଦ୍ୱାରା କିପରି ଶାରୀରିକ ତଥା ମାନସିକ ସୁସ୍ଥତା ହାସଲ କରିହେବ ସେ ସମ୍ପର୍କରେ ବୁଝାଇଥିଲେ । ଅଧ୍ୟାପକ ଡ.ବ୍ୟୋମକେଶ ରଥ ଯୋଗ ଶିକ୍ଷାର ପ୍ରଚାର ଏବଂ ପ୍ରସାର ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀ ସମାଜର ୧୦ଜଣ ବ୍ୟକ୍ତିଙ୍କୁ ଯୋଗ ଶିକ୍ଷା ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ମନୋଜିନୀ ଦଳବେହେରା, ରାଜକୁମାରୀ ବେହେରା, ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ପ୍ରମୁଖ ଶିବିରରେ ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦରି ଶରଣକୁଳ ଯୋଗ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଭିଭାବକ, ଶୁଭେଚ୍ଛୁ ଏବଂ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟା, ଅଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଯୋଗ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୦୦ ଶିଶୁ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ମହାପାତ୍ର ଜୁନ ୨୧ ତାରିଖକୁ କାହିଁକି ଯୋଗ ଦିବସ ରୂପେ ପାଳନ କରାଯାଏ ଏହାର କାରଣ କହିଥିଲେ ।

## ସଂକ୍ଷେପରେ

### ବାହାନଗା ରେଳ ଦୁର୍ଘଟଣା: ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ମିଳିଲା ୬ ଲକ୍ଷ ୮୫ ହଜାର

ଭୁବନେଶ୍ୱର, ୨୧ା୬(ସୁନିତ୍ ମିଶ୍ର): ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସାହାଯ୍ୟାର୍ଥେ ଓଡ଼ିଶା ମୃତ୍ତିକା ସଂରକ୍ଷଣ ଅଧିକାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪ ଲକ୍ଷ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସଂଘର ସଭାପତି ଶୈଳେନ୍ଦ୍ର ନାରାୟଣ ନାୟକ, ସାଧାରଣ ସମ୍ପାଦିକା ଜି.ମାନସୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟା ଅଙ୍କିତା ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ନିଖିଳ ଓଡ଼ିଶା ସରକାରୀ ହୋମିଓପାଥି ସେବା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ୬୦ ହଜାର ୬୨୧ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କୁ ସଂଘର ସଭାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

### ମାନସ ସ୍ୱାଇଁ ହତ୍ୟା ଘଟଣା: ସହଯୋଗୀଙ୍କ ସାକ୍ଷ୍ୟ ଗ୍ରହଣ

ଭଦ୍ରକ, ୨୧ା୬(ସନାତନ ରାଉତ): ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣାରେ ବୁଧବାର ଜିଲା ଜଜ୍ କୋର୍ଟରେ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଦାଲତରେ ମାନସଙ୍କ ସହଯୋଗୀ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଜାମୁକୋଲି ଗ୍ରାମର ଦୀପକ କୁମାର ସାହୁ ହାଜର ହୋଇ ସାକ୍ଷୀ ଦେଇଛନ୍ତି। ବୟାନରେ କହିଛନ୍ତି, ସେ ଜଣେ କଳାକାର ଓ ଶର୍ମିଷ୍ଠାଙ୍କ ଫିଲ୍ମରେ ଅଭିନୟ କରୁଥିଲେ। ୨୦୨୨ ଫେବୃୟାରୀ ୭ରେ ମାନସଙ୍କ ସହ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ପଳାସପୁର ଗ୍ରାମକୁ ଏକ ବାହାଘର ସୁଟିଂ କରିବାକୁ ଆସିଥିଲେ। ଫେରିବା ବେଳେ ଶର୍ମିଷ୍ଠା ଓ ରାଜ ତାଙ୍କୁ ଏକ କାର୍‌ରେ ଅପହରଣ କରି ନେଇଥିଲେ ବୋଲି କହିଛନ୍ତି। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସମେତ ସମସ୍ତ ଅଭିଯୁକ୍ତ କୋର୍ଟରେ ଉପସ୍ଥିତ ଥିଲେ।

### ଗୁଣପୁର କୋର୍ଟରେ ହାଜର ହେଲେ ସବ୍ୟସାଚୀ

ଗୁଣପୁର, ୨୧ା୬ ( ପ୍ରଦୀପ କୁମାର ପାଢ଼ୀ): ରାୟଗଡ଼ା ଜିଲା ଗୁଣପୁର ସବ୍‌ଜଜ୍ କୋର୍ଟରେ ବୁଧବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଜର ହୋଇଥିଲେ। ତାଙ୍କ ନାଁରେ ଥିବା ୩ଟି ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ତାଙ୍କୁ ବ୍ରହ୍ମପୁର ଜେଲରୁ ଗୁଣପୁର କୋର୍ଟକୁ ଅଣାଯାଇଥିଲା। ହେଲେ କୌଣସି ସାକ୍ଷୀ ଆସି ନ ଥିବାରୁ ସାକ୍ଷ୍ୟ ଗ୍ରହଣ ହୋଇପାରି ନ ଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆସନ୍ତା ୭ ତାରିଖକୁ ପୁଣି ତାଙ୍କୁ କୋର୍ଟରେ ହାଜର ପାଇଁ ଦିନ ଧାର୍ଯ୍ୟ ହୋଇଛି।

# ଖରିଫ ଚାଉଳ ସଂଗ୍ରହରେ ବିଳମ୍ବ

- ମିଲର୍ସଙ୍କ ଉପରେ ୧୪ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ବକେୟା
- ଗୋଲକ ଧନ୍ଦା, ସବୁଠି ବିଭ୍ରାଟ: ଚାଷୀନେତା

ସମ୍ବଲପୁର, ୨୧ା୬(ଶୁଭାଶିଷ ପାଢ଼ୀ)

ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଖରିଫ ଧାନ ସଂଗ୍ରହ ଧାର୍ଯ୍ୟ ଓ ଅନୁମୋଦିତ ପରିମାଣ ଅନୁସାରେ ହୋଇଥିଲା। ତଦନୁଯାୟୀ ଜିଲା ତଥା ବାହାର ଜିଲାରୁ ଧାନ ସମ୍ବଲପୁର ଜିଲାର ମିଲ୍‌ଗୁଡ଼ିକୁ ଆସିଥିଲା। ହେଲେ ଏବେ ଚାଉଳ ସଂଗ୍ରହରେ ବିଳମ୍ବ ହେଉଛି। ଏଫ୍‌ସିଆଇ ଓ ରାଜ୍ୟ ସରକାର ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ କରିଥାନ୍ତି। ହେଲେ ଗୋଦାମ ଗୃହ ଓ ଅନ୍ୟାନ୍ୟ ସମସ୍ୟା ଦର୍ଶାଇ ଏଫ୍‌ସିଆଇ ଚାଉଳ ନେବାରେ ବିଳମ୍ବ କରୁଥିବାବେଳେ ରାଜ୍ୟ ସରକାର ମଧ୍ୟ ଅବହେଳା କରୁଥିବା ଅଭିଯୋଗ ହେଉଛି। ଫଳରେ ମିଲର୍ସଙ୍କ ଉପରେ ୧୪ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଚାଉଳ ବକେୟା ପଡ଼ିଛି।

ରାଜ୍ୟ ସରକାର ମୁଖ୍ୟତଃ ପିଡିଏସ୍ ଓ ମଧ୍ୟାହ୍ନଭୋଜନରେ ଚାଉଳ ଖର୍ଚ୍ଚ କରନ୍ତି। ଏହାସହ ଆବଶ୍ୟକ ପଡ଼ିଲେ ବାଲେଶ୍ୱର, କେନ୍ଦୁଝର, କଟକ, ଖୋର୍ଦ୍ଧା, ମୟୂରଭଞ୍ଜ ଭଳି ଜିଲାକୁ ଚାଉଳ ଯୋଗାଣ କରନ୍ତି। ସମ୍ବଲପୁର ଜିଲାରେ ପିଡିଏସ୍ ଓ ଅନ୍ୟ ଯୋଜନାରେ ମାସକୁ ପ୍ରାୟ ୪୪ ହଜାର କୁଇଣ୍ଟାଲ ଚାଉଳ ଖର୍ଚ୍ଚ ହୋଇଥାଏ। ଏବେ ଚାଉଳ ସଂଗ୍ରହ ବିଳମ୍ବ ହେବାରୁ ମିଲର୍ସଙ୍କ ପାଇଁ ସମସ୍ୟା ହେଉଛି। ଯୋଗାଣ ବିଭାଗ ମଧ୍ୟ ଆଗକୁ ଅଡୁଆରେ ପଡ଼ିବ ବୋଲି ଆଲୋଚନା ହେଉଛି। ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଗତ ଖରିଫ ଧାନର ଶତପ୍ରତିଶତ ଚାଉଳ ନ ଦେଲେ ମିଲରମାନେ ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେ ନାହିଁ। ଏହାସହ ଜିଲାରେ ଧାନ ସଂଗ୍ରହ ପରିମାଣ ମଧ୍ୟ ହ୍ରାସ ପାଇବ ବୋଲି ଚାଷୀମାନେ କହୁଛନ୍ତି।

ସୂଚନାଯୋଗ୍ୟ, ଗତ ଖରିଫରେ ସମ୍ବଲପୁର ଜିଲାରେ ୩୦ ଲକ୍ଷ ୬୬ ହଜାର ୭୯୯ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଏଥିରୁ ୬୮ ପ୍ରତିଶତ ଅର୍ଥାତ୍ ୧୪ ଲକ୍ଷ ୫୪ ହଜାର ୯୮ କୁଇଣ୍ଟାଲ ଚାଉଳ ମିଲଗୁଡ଼ିକ ନିଗମକୁ ଦେବା କଥା। ହେଲେ ଏବେ ଆଉ ୬ ଲକ୍ଷ ୩୧ ହଜାର ୩୨୪ କୁଇଣ୍ଟାଲ ଚାଉଳ ସଂଗ୍ରହ ହୋଇପାରି ନାହିଁ। ସେହିପରି ବାହାର ଜିଲାରୁ ୧୭ ଲକ୍ଷ ୩୫ ହଜାର ୩୦୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ନିୟମ ଅନୁସାରେ ୧୧ ଲକ୍ଷ ୮୦ ହଜାର ୧୦ କୁଇଣ୍ଟାଲ ଚାଉଳ ମିଲରମାନେ ଦେବେ। ହେଲେ ବର୍ତ୍ତମାନ ସୁଦ୍ଧା ମାତ୍ର ୩ ଲକ୍ଷ ୪୦ ହଜାର ୪୯୯ କୁଇଣ୍ଟାଲ ଚାଉଳ ସଂଗ୍ରହ ହୋଇଛି। ଜିଲା ଓ ଜିଲା ବାହାରୁ ସଂଗ୍ରହ ହୋଇଥିବା ଧାନରୁ ୧୪ ଲକ୍ଷ ୭୦ ହଜାର ୮୩୫ କୁଇଣ୍ଟାଲ ଚାଉଳ ମିଲରଙ୍କ ଉପରେ ବକେୟା ରହିଛି। ଏହାକୁ ନେଇ ଯୋଗାଣ ବିଭାଗ ଚିନ୍ତାରେ ପଡ଼ିଛି। ଅକ୍ଟୋବର ଶେଷ ସୁଦ୍ଧା ଶତପ୍ରତିଶତ ଚାଉଳ ସଂଗ୍ରହ ହେବାର ନିୟମ ରହିଛି। ନଚେତ୍ ମିଲର୍ସ ଧାନ ସଂଗ୍ରହରୁ ବାଦ୍ ପଡ଼ିବା ସହ ଜିଲାକୁ ଧାନ ସଂଗ୍ରହ ଧାର୍ଯ୍ୟ ପରିମାଣ କମିଯିବ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଲ ଇଣ୍ଡିଆ କିଷାନ ମୋର୍ଚ୍ଚା ସଦସ୍ୟ ଆଶୋକ କୁମାର ପ୍ରଧାନ କହିଛନ୍ତି, ଧାନ ସଂଗ୍ରହ ପ୍ରକ୍ରିୟା ଏକ ଗୋଲକ ଧନ୍ଦା। ସବୁବର୍ଷ ଖରିଫ ଚାଉଳ ସଂଗ୍ରହରେ ବିଳମ୍ବ ହୋଇଥାଏ। ବାସ୍ତବରେ ମିଲରଙ୍କ ପାଖରେ ଧାନ ନ ଥାଏ। ସେମାନେ ଖୋଲାରେ ବିକ୍ରି କରିଦେଇଥାନ୍ତି। ରବି ଧାନ ସଂଗ୍ରହ ସମୟରେ ସିଧାସଳଖ ଧାନ କିଣି ଚାଉଳ କରନ୍ତି। ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରି ଧାନ ସଂଗ୍ରହ କରୁଛନ୍ତି। ହେଲେ ବାସ୍ତବରେ ପରିଚାଳନାଗତ ତ୍ରୁଟି ଓ ତଦାରଖ ନ ହେବାରୁ ଅନେକ ସମୟରେ କ୍ଷତି ଘଟୁଛି। ଉଚିତ ସମୟରେ ଧାନ ସଂଗ୍ରହ ନ ହେଲେ ଆଗାମୀ ଖରିଫ ଧାନ ସଂଗ୍ରହ ସମୟରେ ଚାଷୀମାନେ ଅଭାବୀ ବିକ୍ରି ସମସ୍ୟାରେ ପଡ଼ିବେ ବୋଲି ସେ କହିଥିଲେ। ଅନ୍ୟପଟେ ମିଲରମାନେ କହିଛନ୍ତି, ଚାଉଳ ସଂଗ୍ରହ ନ ହେବାରୁ ମିଲ୍‌ରେ ଅଚଳାବସ୍ଥା ଦେଖାଦେଇଛି। ସମୟ ଅତିବାହିତ ହେଉଛି। କମ୍ ସମୟରେ ଟାର୍ଗେଟ ପୂରା କରିବାକୁ ନିର୍ଦ୍ଦେଶ ଦିଆଯିବ। ହେଲେ ସେ ସମୟରେ ସମସ୍ୟା ହେବ। ଏବେ ଚାଉଳ ଉତ୍ପାଦନ କରି ରଖିଲେ ମଧ୍ୟ ଏହାର ମାନ ଖରାପ ହେବା ଭୟ ରହୁଛି। ତେଣୁ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବା କହିଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଗୁଡ୍ଡୁ କହିଛନ୍ତି, ଚାଉଳ ସଂଗ୍ରହରେ ବିଳମ୍ବ ହେଉଛି। ଏଥିପାଇଁ ଆଲୋଚନା ଚାଲିଛି। ଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଥିଲେ।

# କୋମ୍ବିଂ ବେଳେ ଆଇଡି ବିସ୍ଫୋରଣ, ଯବାନ ଆହତ

ମାଲକାନଗିର, ୨୧ା୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ କୋମ୍ବିଂ ବେଳେ ଆଇଡି ବିସ୍ଫୋରଣ ହୋଇ ଜଣେ ଯବାନ ଆହତ ହୋଇଛନ୍ତି। ଫଳରେ ଡିଆର୍‌ଜିର ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଯବାନ ହେଲେ ଅଜୟ ମାଣ୍ଡବି। ତାଙ୍କୁ ଅନ୍ୟ ଯବାନମାନେ ବିଜାପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ଜାରି ରହିଥିବା ବସ୍ତର ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ବିଜାପୁର ଜିଲାର ପୋଡିଆ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଥିବା ପୋଲିସକୁ ଗୋଇନ୍ଦା ସୂଚନା ମିଳିବା ପରେ ଡିଆର୍‌ଜି, କୋବ୍ରା ବାଟାଲିୟନ ସହ ଏସ୍‌ଟିଏଫ୍ ଯବାନମାନେ ମିଳିତ ଭାବେ ୨ଦିନ ଧରି କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ପୋଡିଆ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଅନେକ ଥର ଗୁଳି ବିନିମୟ ହୋଇଥିଲା। ଯବାନ ମାନେ ଅନେକ କ୍ୟାମ୍ପ ମଧ୍ୟ ଧ୍ୱଂସ କରିଥିଲେ। ଏହି କ୍ୟାମ୍ପ ଧ୍ୱଂସ ସମୟରେ ଅନେକ ବିସ୍ଫୋରକ ସାମଗ୍ରୀ ସହ ଔଷଧ ଓ ଦୈନନ୍ଦିନ ସାମଗ୍ରୀ ଜବତ କରିଥିଲେ। ବୁଧବାର କ୍ୟାମ୍ପକୁ ଫେରୁଥିବା ସମୟରେ ମାଓବାଦୀମାନେ ପୂର୍ବରୁ ମାଟି ତଳେ ଖଞ୍ଜିଥିବା ଏକ ଆଇଡି ବିସ୍ଫୋରଣ ହୋଇଥିଲା।



ଜବତ ମାଓବାଦୀ ସାମଗ୍ରୀ।

# ବାହାନଗା ସ୍କୁଲ୍: ଭୂତ ଭୟରେ କମିଲା ଉପସ୍ଥାନ



ଶ୍ରେଣୀଗୃହରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପିଲାମାନଙ୍କ ମନରୁ ଭୟ ଦୂର ପାଇଁ ବୁଝାଉଛନ୍ତି।

ବାହାନଗା, ୨୧ା୬(ଅରୂପ କୁମାର ଦାସ)

ବାହାନଗା ଟ୍ରେନ ଦୁର୍ଘଟଣାକୁ ବୁଧବାର ପୂରିଛି ୧୯ଦିନ। ଉଦ୍ଧାର କାର୍ଯ୍ୟ ଲାଗି ବାହାନଗାବାସୀ ଚାରିଆଡ଼େ ପ୍ରଶଂସା ସାଉଁଟୁଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କୁ ବାହାନଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରଖାଯାଇଥିଲା। ସ୍କୁଲ ଶବ ଗୃହ ପାଲଟିଥିବା ହେତୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭୂତ ଭୟ ଲାଗି ରହିଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହେବାପରେ ଏସଏମ୍‌ସି କମିଟି ଓ ଜିଲାପାଳଙ୍କ ସହଯୋଗିତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ ପାଣ୍ଡିଆନ ଭିଡିଓ କନଫରେନ୍ସ ମାଧ୍ୟମରେ ଶବ ରଖାଯାଇଥିବା ଶ୍ରେଣୀଗୃହ ସହିତ ବାରଣ୍ଡାଗୁଡ଼ିକ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରାଯିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି। ବୁଧବାର ବିଦ୍ୟାଳୟ ଖୋଲିଛି। ଏହି ବିଦ୍ୟାଳୟରେ ମୋଟ ୫୬୫ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ପ୍ରଥମ ଦିନରେ ଉପସ୍ଥାନ କମ୍ ଥିଲା। ଛାତ୍ରୀଛାତ୍ରମାନେ ଆଶଙ୍କା ମଧ୍ୟରେ ବିଦ୍ୟାଳୟକୁ ଆସିଥିଲେ।

### ପିଲାଙ୍କ ମନୋବଳ ବଢ଼ାଇଲେ ଜିଲାପାଳ, ଡିଇଓ

ମୋଟ ୧୧୨ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପହଞ୍ଚି ଛାତ୍ରୀଛାତ୍ରଙ୍କ ମନରେ ଥିବା ଭୟକୁ ଦୂର କରିବା ପାଇଁ ମାନସିକ ବିକାଶର ଅଗ୍ରଗତି ଦିଗରେ ଆଲୋଚନା କରିଥିଲେ। ଜିଲା ଶିକ୍ଷାଧିକାରୀ(ଡିଇଓ) ବିଷ୍ଣୁ ଚରଣ ସୂତାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ, ଗଳ୍ପ, କାବ୍ୟ, କବିତା ଆଦି ଆଲୋଚନା କରି ପିଲାମାନଙ୍କ ମନରୁ ଭୟ ଦୂର କରିବାକୁ ପ୍ରୟାସ କରିଥିଲେ। ବାହାନଗା ବିଡିଓ ଗୌରାଙ୍ଗ ଚରଣ ଘୋଷ ପ୍ରମୁଖ ପିଲାମାନଙ୍କୁ ବୁଝାଶୁଝା କରିବା ସହିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିବା ସହିତ ଶୋକସଭା କରାଯାଇଥିଲା। ଶେଷରେ ନୂତନ କରି ଶ୍ରେଣୀଗୃହକୁ ପ୍ରବେଶ କରିବା ପୂର୍ବରୁ ପୂଜାର୍ଚ୍ଚନା କରାଯାଇ ଶ୍ରେଣୀଗୃହକୁ ଛାତ୍ରୀଛାତ୍ରମାନେ ପ୍ରବେଶ କରିଥିଲେ।

# ମାଛ ମଡ଼କ, ଚାଷୀ ହତାଶ

### ଟ୍ରାକ୍ଟରରେ ବୁହାଗଲା ମଲାମାଛ

କବିସୂର୍ଯ୍ୟନଗର, ୨୧ା୬(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ସିଆଳିଆ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ମନ୍ଦିର ନିକଟ ଲକ୍ଷ୍ମୀନାରାୟଣ ସାଗର ପୋଖରୀରେ ମାଛ ମଡ଼କ ଦେଖିବାକୁ ମିଳିଛି। ଶତାଧିକ ମାଛ ମରି ଭାସୁଥିବା ଦେଖି ଚାଷୀ ଆଖିରୁ ଲୁହ ଗଡ଼ାଉଛି। ଛୋଟ ମାଛଠୁ ବଡ଼ ରୋହି, ଭାକୁର ଭଳି ଅନେକ ପ୍ରଜାତିର ମାଛ ପାଣି ଉପରେ ମରି ଭାସୁଛନ୍ତି। ଏହି ସବୁ ମଲାମାଛକୁ ପୋଖରୀରୁ ବାହାର କରି ଟ୍ରାକ୍ଟର ଯୋଗେ ଦୂରସ୍ଥାନରେ ପକାଯାଉଛି। ମାଛ ଚାଷ କରି ଦୁଇପଇସା ରୋଜଗାର ଆଶା କରିଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛି।

ଏହି ପୋଖରୀକୁ ଦୁଇ ବର୍ଷ ଲିଜ ସୂତ୍ରରେ ମାଛ ଚାଷ ଲାଗି ନେଇଥିଲେ ସୁଶାନ୍ତ କୁମାର ବିଶ୍ୱାଳ। ସେ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରଜାତିର ଯାଆଁଳ ଛାଡି ମାଛଚାଷ କରିଥିବା ବେଳେ ଆଉ କିଛିଦିନ ପରେ ରୋଜଗାର ଲକ୍ଷ୍ୟ ରଖିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପୋଖରୀର କିଛି ମାଛ ମାରି ଭାସୁଥିବା ସେ ଦେଖିବାକୁ ପାଇଥିଲେ ଏବଂ ବୁଧବାର ସକାଳୁ ଏହାର ସଂଖ୍ୟା ବୃଦ୍ଧି ପାଇ ପୋଖରୀ ସାରା ମଲା ମାଛ ଭାସୁଥିବା ଦେଖିଥିଲେ। କିଭଳି ଏହାର କ୍ଷତିଭରଣା କରିବେ ଓ ମାଛ ଚାଷ ଲାଗି କରିଥିବା ଋଣ କିଭଳି ପରିଶୋଧ କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି ସୁଶାନ୍ତ। ତେବେ ପୋଖରୀର ମାଛ ମରିବାର ପ୍ରକୃତ କାରଣ ଅସ୍ପଷ୍ଟ ଥିବା ବେଳେ ଲକ୍ଷାଧିକ ଟଙ୍କାର କ୍ଷତି ସହିଥିବା ସୁଶାନ୍ତଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ଅନ୍ୟପକ୍ଷରେ ଘଟଣା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି ବ୍ଲକ ମତ୍ସ୍ୟ ସମ୍ପଦ ବିଭାଗ ଅଧିକାରୀ ରଷିକୁଲ୍ୟା ସାହୁ। ଏତେ ସଂଖ୍ୟକ ମାଛ ମରିବା ଘଟଣା ନେଇ ସୁଶାନ୍ତ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



କୁଢ଼ କୁଢ଼ ମଲାମାଛ।

# ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ, ଉତ୍ତେଜନା

ସମ୍ବଲପୁର, ୨୧ା୬(ଶୁଭାଶିଷ ପାଢୀ): ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ସମଲେଶ୍ୱରୀ କଲେଜ ସମ୍ମୁଖରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଟା ପାୱାର ଅଧୀନରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବରଗଡ ଜିଲା ପଦ୍ମପୁର ଅଞ୍ଚଳର ମୁରତି ବରିହା (୨୫)। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ ଏକ ନିରୀହ ଜୀବନ ଚାଲିଯାଇଛି ବୋଲି ଲୋକେ ଅଭିଯୋଗ କରିଥିଲେ। ପରେ କ୍ଷେତରାଜପୁର ପୋଲିସ, ଅଗ୍ନିଶମ ସେବାକେନ୍ଦ୍ରର ଟିମ୍ ପହଞ୍ଚି ଖୁଣ୍ଟରେ ଝୁଲୁଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମ୍‌ସାର ପଠାଇଥିଲେ। କେଉଁ ପରିସ୍ଥିତିରେ ଘଟଣା ଘଟିଲା ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ୧୦ ହଜାର ଲାଞ୍ଚ ନେବାବେଳେ କନିଷ୍ଠ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ

ସମ୍ବଲପୁର, ୨୧ା୬ (ଶୁଭାଶିଷ ପାଢୀ)

ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଣତି ସାହୁ। ବଦୁଆପାଲି ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରାସ୍ତାକାମର ବିଲ୍ ପାସ କରିବାକୁ ଯନ୍ତ୍ରୀ ସାହୁ ଗ୍ରାମସାଥୀ ଦୟାନିଧି ଭୋଇଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଭୋଇ ଏ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଛପି ରହିଥିଲା। ଯନ୍ତ୍ରୀ ସାହୁ ଦୟାନିଧିଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଟିମ୍ ସଦସ୍ୟ ତାଙ୍କୁ କାବୁ କରିଥିଲେ। ସମ୍ବଲପୁର ଓ ଅନୁଗୋଳ ଜିଲାରେ ଥିବା ତାଙ୍କ ଘରେ ମଧ୍ୟ ଟିମ୍ ଚଢାଉ କରିଛି। ଏ ନେଇ ଭିଜିଲାନ୍ସରେ ଏକ ମାମଲା (ନଂ.୧୭/୨୩) ରୁଜୁ ହୋଇଛି।



କନିଷ୍ଠଯନ୍ତ୍ରୀ ପ୍ରଣତି ସାହୁ

# ସୀମାନ୍ତରେ ଭାଜପା ନେତାଙ୍କୁ ହତ୍ୟା

ମାଲକାନଗିର, ୨୧ା୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ପୁଣି ଏକ ବର୍ବରକାଣ୍ଡ ଘଟାଇଛନ୍ତି। ବିଜାପୁର ଜିଲାର ଜଣେ ଭାଜପା ନେତାଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ଇଲମିଡି ଗ୍ରାମର କାକା ଅର୍ଜୁନ। ପ୍ରକାଶ ଯେ, ବୁଧବାର ସକାଳୁ କାକା ଘରୁ ବାହାରି ଯାଉଥିବା ସମୟରେ ଇଲମିଡି ଲଙ୍କାପାରା ନିକଟରେ ମାଓବାଦୀମାନେ ତାଙ୍କୁ ଘେରାଉ କରି ହତ୍ୟା କରିଛନ୍ତି। ତେବେ ହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କୋମ୍ବିଂ ଅପରେଶନ ଜାରି ରଖିଛି। ତଦନ୍ତ ପରେ ଏହି ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି ପୋଲିସ କହିଛି।

# କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ପ୍ରାଥମିକ ଶିକ୍ଷକ

### ପୂରଣ ହେଲାନି ୨ ଦଫା ଦାବି

ଭୁବନେଶ୍ୱର, ୨୧ା୬(ବ୍ୟୁରୋ)

ମୂଳ ଦରମାରେ ୨୮୦୦ ଗ୍ରେଡ୍ ପେ' ପ୍ରଦାନ ସହ ଠିକା ଅବଧିର ୬ ବର୍ଷକୁ ମୂଳ ଚାକିରିରେ ଗଣନା ଓ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ପ୍ରାଥମିକ ଶିକ୍ଷକମାନେ ଦାବି କରି ଆସୁଛନ୍ତି। ଏଥିପାଇଁ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରିନାହାନ୍ତି। ତେଣୁ ଜୁଲାଇ ଦ୍ୱିତୀୟ ସପ୍ତାହରୁ ଶିକ୍ଷକମାନେ ସାମୂହିକ ଛୁଟିନେଇ ଆନ୍ଦୋଳନକୁ ଓହ୍ଲାଇବେ। ରାଜ୍ୟର ପ୍ରାୟ ୧ ଲକ୍ଷ ୩୦ ହଜାର ପ୍ରାଥମିକ ଶିକ୍ଷକ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବେ ବୋଲି ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ଖରାଛୁଟି ସରିବା ପରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମଞ୍ଚ ପକ୍ଷରୁ ପୂର୍ବରୁ ଚେତାବନୀ ଦିଆଯାଇଥିଲା। ଏହାସତ୍ତ୍ୱେ କୌଣସି ଦାବି ପୂରଣ ହୋଇନାହିଁ। ଏଥିପାଇଁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏନ୍‌ପିଏସ୍ ବର୍ଗର ସିଆର୍‌ସିସିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉ କି ମଞ୍ଚ ପକ୍ଷରୁ ଦୀର୍ଘଦିନ ଧରି ସ୍ଥାନୀୟ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସମେତ ଅନ୍ୟ ପଦାଧିକାରୀଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯିବା ସହିତ ଆଲୋଚନା ମଧ୍ୟ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଦାବି ପୂରଣ ହୋଇ ନ ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ମଞ୍ଚର ଆବାହକ ମଳୟ କୁମାର ଜେନା ସୂଚନା ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/ E-Tender/37, ତା.13.06.2023ରିଖ

(1) ଟେଣ୍ଡର ସଂ.e-Tender-South-KUR-108-2023, ତା.08.06.2023ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ସେକ୍ସନର ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 43.60 କି.ମି. ଲମ୍ବ ନିମନ୍ତେ TRT ମେସିନ୍ ଦ୍ୱାରା ଥ୍ରୁ ସ୍ଲିପରର ନବୀକରଣ କାର୍ଯ୍ୟ ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 365.15 ଲକ୍ଷ, EMD (ଟଙ୍କାରେ) : 3,32,600.00।

(2) ଟେଣ୍ଡର ସଂ.e-Tender-Cent-KUR-109-2023, ତା.08.06.2023ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ପ୍ରଚଳିତ କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍‌ଡ (Fan shaped) ଲେଆଉଟ୍‌ଗୁଡ଼ିକର ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 263.41 ଲକ୍ଷ, EMD (ଟଙ୍କାରେ) : 2,81,700.00।

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.07.2023ରିଖ 1500 ଘଟିକାରେ(ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-279/O/23-24

**WORKS DEPARTMENT**
**OFFICE OF THE EXECUTIVE ENGINEER, MAYURBHANJ (R&B) DIVISION, BARIPADA**

No. B-372 e-mail: bpd_eerb@rediffmail.com

**Government of Odisha "e" Procurement Notice**

Bid Identification No. E.E. - 16/2023-24

1. Number of works : 03 (Four) number of works
2. Approximate estimated cost : 54.418 lakh to 489.136 lakh
3. Period of Completion : 3 (Three) & 6 (Six) Calendar Months
4. Date & time of availability of bid documents in the portal : Dt.23.06.2023 to 03.07.2023
5. Last date/time of receipt of bid in the portal : Dt.03.07.2023 upto 5.00 P.M.
6. Date of Opening of Bid : Dt.04.07.2023 at 11.00 A.M.
7. Name & address of the Office Inviting Bid : Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in.

Sd./- Executive Engineer
Mayurbhanj (R&B) Division
OIPR-34025/11/0006/2324

No.C-603:

**WATCO**
**OFFICE OF THE GENERAL MANAGER**
**WATCO DIVISION-II, BHUBANESWAR**

Near Rajiv Bhawan, Unit-V, Bhubaneswar-751001,Odisha, India
Telefax:- +91-674-2390322, E-mail:gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB)
Dtd.19.06.2023

01. No. of the Work : 3 (Three) Nos. Works
02. Estimate Cost : Rs.20.13 lakhs to Rs.62.50 Lakhs
03. Period of Completion : 01 (One) & 04 (Four) Months
04. Class of Contractor : C & B Class
05. Date & time of availability of bid document in the portal : From 11.00 AM of Dt.23.06.23 to 5.00 PM of 06.07.2023
06. Last date / time of receipt of bids in the portal : 5.00 PM of 06.07.2023
07. Last date & time of seeking clarification : 5.00 PM of 28.06.2023
08. Date & Time of Opening of bids : At 12.30 PM of 07.07.2023
09. Name and address of the Officer Inviting Bid :- General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in."

Sd./- General Manager
WATCO Division-II, Bhubaneswar
OIPR-13089/11/0007/2324

See Career Appointment on every Wednesday & Saturday

**ସିସିଏସ୍ ଜାତୀୟ କୃଷି ବିପଣନ ଅନୁଷ୍ଠାନ**

(କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)
ବମ୍ବାଲା, ଟୋଙ୍କ ରୋଡ୍, ଜୟପୁର-୩୦୨୦୩୩, ରାଜସ୍ଥାନ

ଆର୍‌କେଭିୱାଇ - ରଫ୍ତାର ଅଧୀନରେ ସିସିଏସ୍ ଏନ୍‌ଆଇଏଏମ୍ ଏଗ୍ରୀ ଇନୋଭେସନ୍ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର କୋହର୍ଟ-୯ର ଶୁଭାରମ୍ଭ କରୁଛି

ଦରଖାସ୍ତ ଆହ୍ୱାନ କରାଯାଉଛି

| ଷ୍ଟାର୍ଟଅପ୍ ଏଗ୍ରୀ-ବିଜ୍‌ନେସ୍ ଇନ୍‌କ୍ୟୁବେଶନ ପ୍ରୋଗ୍ରାମ: (ପ୍ରୋଟୋଟାଇପ୍‌ରୁ ଏମ୍‌ଭିପି) | ଏଗ୍ରିପ୍ରେନ୍ୟୋରଶିପ୍ ଓରିଏଣ୍ଟେଶନ ପ୍ରୋଗ୍ରାମ୍ (ଆଇଡିଆରୁ ପ୍ରୋଟୋଟାଇପ୍) |
|---|---|
| i. ଦୁଇମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ | i. ଦୁଇମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ |
| ii. ଟ.୨୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ | ii. ଟ.୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ |

ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: www.niam-nabi.com
ଇମେଲ୍: nabi@ccsniam.ac.in
ମୋ. +୯୧୯୧୬୭୯୬୩୫୫୧, +୯୧୮୨୭୫୨୧୮୨୨୦

CBC 01375/12/0001/2324

No.CAD-1004

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO**
**IDCO TOWERS, JANPATH, BHUBANESWAR-751022**

Tender Call Notice
No.IDCO/H.O./P&C/EST/E-2312/01/2023/ 19027, dated 19.06.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1. Name of the Work:** Comprehensive up-gradation of Khapuria Industrial Estate, Cuttack, Odisha. **2. Estimated Cost:** Rs.670.46 Lakhs. **3.Period of Completion:** 04 (Four) Calendar Months. **4. Other details:**

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/ EST/E-42/2023-24. | 28.06.2023 at 17.00 Hrs. | 13.07.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0084/2324

**ZILLA SWASTHYA SAMITI, BALANGIR**

(Department of Health & FW, Govt. of Odisha)

Advt. No. 924 Date: 21.06.2023

No. E-191: Sealed tenders in prescribed format are invited from the registered firms/agencies/ suppliers for supply of "Tickler Bag" under NHM for Balangir district for the year 2023-24. Interested firms/agencies having valid GST registration may apply to the undersigned on or before Dt.05.07.2023 upto 5.00 P.M. through Registered Post/Speed Post/Courier only. For details regarding terms, conditions & specifications log on to www.balangir.nic.in. The undersigned reserves the right to accept or reject all or any of the tenders without assigning any reason thereof.

Sd./- CDM & PHO, Balangir
OIPR-10019/11/0007/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ମିହିର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ କେଣ୍ଟର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୧।୬**




କେଣ୍ଟ ଆର୍‌ଓ ସିଷ୍ଟମ୍ସ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କେଣ୍ଟ ଗ୍ରାଣ୍ଡ ଷ୍ଟାର୍-ବି ୱାଟର ପୁରିଫାୟରର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କେଣ୍ଟର ଏହି ନୂତନ ଉତ୍ପାଦ ଅତ୍ୟନ୍ତ କ୍ଷମତାଶାଳୀ ଓ ବିଶୁଦ୍ଧାତ୍ମକ କଳାରଙ୍ଗର ମଡେଲ ବଜାରରେ ଉପଲବ୍ଧ। ଏଥିରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ରହିଥିବାବେଳେ ଏହା ଦେଶର ସମସ୍ତ କେଣ୍ଟ ଡିଲରଶିପ୍ ପଏଣ୍ଟ ଏବଂ ରିଟେଲ ଆଉଟ୍‌ଲେଟ୍ ସମେତ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଆମାଜନ ଓ ଫ୍ଲିପ୍‌କାର୍ଟରେ ମଧ୍ୟ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ ସର୍ବଦା ଗ୍ରାହକଙ୍କ ଚାହିଦା ସାଙ୍ଗକୁ ଗୁଣାତ୍ମକ ଉତ୍ପାଦ ବଜାରରେ ଉପଲବ୍ଧ କରାଇଥାଏ। ଏପରିକି ଶତପ୍ରତିଶତ ବିଶୁଦ୍ଧ ଜଳ ଗ୍ରାହକଙ୍କୁ ଯୋଗାଇଦେଇଥାଏ।

# ବଡି କେୟାର କିଡ୍‌ସର ନ୍ୟୁ ସମର କଲେକ୍ସନ

**ନୂଆଦିଲ୍ଲୀ,୨୧।୬**

ବଡି କେୟାର ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ଅଗ୍ରଣୀ କ୍ଲଥିଂ ଲାଇନ ବଡି କେୟାର କିଡ୍‌ସର ନୂତନ ସମୟ କଲେକ୍ସନ ନିକଟରେ ଉନ୍ମୋଚିତ ହୋଇଯାଇଛି। ଚଳିତ ବର୍ଷର ଗ୍ରୀଷ୍ମଋତୁ ବା ଖରାଦିନ ପାଇଁ ଛୋଟପିଲାମାନଙ୍କର ଏକ ବିସ୍ତୃତ ରେଞ୍ଜର ନୂଆ ସାମଗ୍ରୀକୁ ବଜାର ପ୍ରବେଶ କରାଇଛି। ବିଶେଷକରି ଉକ୍ତ ସାମଗ୍ରୀଗୁଡିକ ଖରାଦିନେ ପିଲାମାନଙ୍କୁ ପନ୍ଧିବାକୁ ବହୁତ ଆରାମ ପ୍ରଦାନ କରିବ। ଏପରିକି ପୂର୍ବ ସଂଗ୍ରହଠାରୁ ଏହା ଭିନ୍ନ ସମ୍ପୂର୍ଣ୍ଣ ଓ ଏକ ବିସ୍ତୃତ ଖରାଦିନିଆ ପୋଷାକ ସାମଗ୍ରୀ ସହ ବିଭିନ୍ନ ରଙ୍ଗ, ପ୍ରିଣ୍ଟ ଓ ତାଜା ଡିଜାଇନରେ ପ୍ରସ୍ତୁତ ହୋଇଛି। ଏହା ୪୫୦ରୁ ଅଧିକ ବିତରକଙ୍କ ସହ ୧୯୦୦୦ରୁ ଅଧିକ ଷ୍ଟୋରରେ ଏବଂ ସାରା ଭାରତରେ ୨୦ରୁ ଅଧିକ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟ୍‌ଲେଟ୍‌ରେ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଉକ୍ତ ସଂଗ୍ରହରେ ପେପା ପିଗ୍, ବେବି ସାର୍କ, ଡିଜନି, ହେଲୋ କିଟ୍, କାର୍ଟୁନ ନେଟ୍‌ୱର୍କ ଭଳି ବିଭିନ୍ନ ଚିତ୍ର ଥିବା ଟି-ଶାର୍ଟ ଅନ୍ତର୍ଭୁକ୍ତ ରହିଛି। ଏହା ବ୍ୟତୀତ ନୂଆ ଖରାଦିନିଆ ଥିମ୍ ଯଥା ସମୁଦ୍ର କୂଳ, ଜୀବନ୍ତ ପୁଷ୍ପ, ଆକର୍ଷଣୀୟ ପଶୁମାନଙ୍କ ଗ୍ରାଫିକ ମଧ୍ୟ ରହିଛି। ଏହା ବ୍ୟତୀତ ଆଇସ୍ କ୍ରିମ୍ କୋନ୍, ସର୍ଫ ବୋର୍ଡ ଓ ସୂର୍ଯ୍ୟକିରଣ ଦ୍ୱାରା ଅନୁପ୍ରାଣିତ ଉପାଦାନଗୁଡ଼ିକ ପିଲାଙ୍କ ହୃଦୟକୁ ଛୁଇଁପାରିବ। ଏ ସମ୍ପର୍କରେ ବଡି କେୟାର ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ନିର୍ଦ୍ଦେଶକ ମିଥୁନ ଗୁପ୍ତା କହିଛନ୍ତି, ବଡି କେୟାର କିଡ୍ସର ଏକ ନୂଆ ରୋମାଞ୍ଚକର ଯୋଗ ଆରମ୍ଭ କରିଛି, ଯାହା ଡେନିମ ଓ କ୍ରୀଡ଼ା ପୋଷାକ ଭାବେ ଉପଲବ୍ଧ। ଏହାର ଡେନିମ ସଂଗ୍ରହରେ ଷ୍ଟାଇଲିଶ ଓ ଟ୍ରେଣ୍ଡି ଡିଜାଇନ ବୈଶିଷ୍ଟ୍ୟ ଥିବାବେଳେ କ୍ରୀଡ଼ା ପୋଷାକ ସଂଗହ ସକ୍ରିୟ ଜୀବନଶୈଳୀକୁ ଆକର୍ଷିତ କରିଥାଏ। ବିଶେଷକରି ପିଲାମାନଙ୍କ ପାଇଁ ଆରାମଦାୟକ ଆଥ୍‌ଲେଟିକ ପୋଷାକ ରହିଛି ଓ ସେମାନଙ୍କ ପାଇଁ ଫ୍ୟାଶନର ସର୍ବଶେଷ ଧାରା ବଜାୟ ରଖିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ମରାମତିକୁ ଗୁରୁତ୍ୱ

**ଭୁବନେଶ୍ୱର,୨୧।୬**

ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଯୋଗାଣକୁ ପ୍ରାଥମିକତା ଦେବା ଲାଗି ମରାମତି କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି। ଏପରିକି ୨୦୨୩ ମାର୍ଚ୍ଚ ପରଠାରୁ ରାଜ୍ୟରେ ବାରମ୍ବାର କାଳବୈଶାଖୀ ଝଡ଼ରେ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ୬୫୭ ବିଦ୍ୟୁତ୍ ଖୁଣ୍ଟକୁ ପୁନଃ ସ୍ଥାପନ କରାଯାଇଥିବା ବେଳେ ୨୫୮ ବିଦ୍ୟୁତ୍ ଟ୍ରାନ୍ସଫରର ମରାମତି କରାଯାଇଛି। ସେହିଭଳି ଟିପିଡବ୍ଲ୍ୟୁଓଡିଏଲ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୧୭ ଉତ୍ସର୍ଗୀକୃତ କର୍ମଚାରୀଙ୍କ ଟିମ୍ ୩୫.୦୮୫ ସର୍କିଟ୍ କି.ମି. କ୍ଷତିଗ୍ରସ୍ତ ତାରର ମରାମତି କରିଛନ୍ତି। ବିଶେଷକରି ଉକ୍ତ ଟିମ୍‌ର କର୍ମଚାରୀମାନେ ଏହି ସମୟ ମଧ୍ୟରେ ୬୩ ଦ୍ୱୈତ ପୋଲକୁ ବି ପୁନଃ ସ୍ଥାପନ କରିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ଟିପିଡବ୍ଲ୍ୟୁଓଡିଏଲ୍ ଅଞ୍ଚଳରେ କାଳବୈଶାଖୀ ସଂଖ୍ୟାରେ ବୃଦ୍ଧି ହୋଇଥିବାରୁ ବିଦ୍ୟୁତ୍ ନେଟ୍‌ୱର୍କ ଗୁରୁତର ଭାବେ ପ୍ରଭାବିତ ହୋଇଛି।

# ହୋଣ୍ଡା ସାଇନ୍ ୧୨୫ ଉନ୍ମୋଚିତ

**ନୂଆଦିଲ୍ଲୀ,୨୧।୬(ଅଭୟ ଦାଶ)**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହୋଣ୍ଡା ସାଇନ୍ ୧୨୫ ମଡେଲର ନିକଟରେ ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ସୁସୁମୁ ଓଟାନି କହିଛନ୍ତି, ୧୨୫ ସିସି ମୋଟରସାଇକେଲ କ୍ଷେତ୍ରର ନେତୃତ୍ୱ ନେଉଥିବା ବ୍ରାଣ୍ଡ ସାଇନ୍ ହେଉଛି ଆମ ଗ୍ରାହକମାନଙ୍କ ଭଲ ପାଇବା ଓ ବିଶ୍ୱାସର ପ୍ରତିଫଳନ। ୨୦୨୩ ସାଇନ୍ ୧୨୫ ଉନ୍ମୋଚନ ଉପରେ ଆମର ବିଶ୍ୱାସ ରହିଛି। ଏପରିକି ବଜାରରେ ଏହା ଏକ ନୂଆ ମାନଦଣ୍ଡ ସୃଷ୍ଟି କରିବ ଏବଂ ଆମର ସ୍ଥିତିକୁ ଆହୁରି ସୁଦୃଢ଼ କରିବ। ସେହିଭଳି ହୋଣ୍ଡା ମୋଟରସାଇକେଲଆଣ୍ଡ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ-ବିକ୍ରି ଓ ମାର୍କେଟିଂ ଯୋଗେଶ ମାଥୁର କହିଛନ୍ତି, ଶୁଭାରମ୍ଭ ହେବା ପରଠାରୁ ବ୍ରାଣ୍ଡ ସାଇନ୍ ଭରସା ଓ ବିଶ୍ୱାସର ପରିପୂରକ ହୋଇରହିଛି। ହୋଣ୍ଡାର ଉତ୍କୃଷ୍ଟ ପ୍ରଯୁକ୍ତି, ଉନ୍ନତ ସୁବିଧାସୁଯୋଗ ଏବଂ ସ୍ୱତନ୍ତ୍ର ୧୦ ବର୍ଷର ୱାରେଣ୍ଟି ସହିତ ନୂଆ ସାଇନ ଗ୍ରାହକମାନଙ୍କୁ ଅଦମ୍ୟ ମୂଲ୍ୟ ଓ ମାନସିକ ଶାନ୍ତି ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ନ୍ୟୁ ହୋଣ୍ଡା ସାଇନ୍ ୧୨୫ରେ ବିଏସ୍-୬ ଓବିଡି ୨ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇ ଇଞ୍ଜିନି ସହିତ ଉନ୍ନତ ସ୍ମାର୍ଟ ପାୱାର ଅନ୍ତର୍ଭୁକ୍ତ ରହିଛି। ହୋଣ୍ଡାର ସ୍ୱତନ୍ତ୍ର ଏସିଜି ଷ୍ଟାର୍ଟର ପାଇଁ ଗାଡ଼ି ବିନା ଝଟକାରେ ଷ୍ଟାର୍ଟ ହେଉଛି। ଏଥିରେ ପରବର୍ତ୍ତୀ ସ୍ତରର ସୁବିଧା ସୁଯୋଗ ଯଥା ୫-ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିସନ୍, ଇଞ୍ଜିନ ଷ୍ଟାର୍ଟ/ଷ୍ଟପ୍ ସ୍ୱିଚ୍, ସମନ୍ୱିତ ହେଡ୍‌ଲ୍ୟାମ୍ପ ବିମ୍ ଓ ପାସିଂ ସ୍ୱିଚ୍, ୫-ସ୍ତରର ଆଡ୍‌ଜଷ୍ଟ କରାଯାଇପାରୁଥିବା ପଛ ସସ୍‌ପେନ୍‌ସନ୍ ଆଦି ରହିଛି। ସିଲ୍ ଚେନ୍, କମ୍ବିବ୍ରେକ୍ ସିଷ୍ଟମ୍ ସହିତ ଇକ୍ୱିଲାଇଜର, ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ, ବାହ୍ୟ ଇନ୍ଧନ ଟାଙ୍କି ଓ ଟ୍ୟୁବ୍‌ଲେସ୍ ଟାୟାର ସହ ଦୃଢ଼ ସାମ୍ନା ଭାଇଜର ସହ କ୍ରୋମ୍ ଗାର୍ନିସ୍, ପାର୍ଶ୍ୱ କଭରରେ ପ୍ରିମିୟମ୍ କ୍ରୋମ୍ ଷ୍ଟ୍ରୋକ୍, ଚମତ୍କାର ଗ୍ରାଫିକ୍ସ, କ୍ରୋମ୍ ମଫଲର କଭର, ସମୃଦ୍ଧ ମିଟର ଡିଜାଇନ୍, ସ୍ମାର୍ଟ ଟେଲ୍ ଲ୍ୟାମ୍ପ, ଟ୍ରେଣ୍ଡି ବ୍ଲାକ୍ ଆଲୟ ଭଳି ଷ୍ଟାଇଲର ସମାହାର ୨୦୨୩ ସାଇନ୍ ୧୨୫ରେ ରହିଛି। ଏହା ଉପରେ କମ୍ପାନୀ ପକ୍ଷରୁ ୧୦ ବର୍ଷର ସ୍ୱତନ୍ତ୍ର ୱାରେଣ୍ଟି (୩ ବର୍ଷ ସାଧାରଣ ଓ ୭ ବର୍ଷ ବର୍ଦ୍ଧିତ ବିକଳ୍ପ ୱାରେଣ୍ଟି ପ୍ରଦାନ କରୁଛି। ଅପରପକ୍ଷରେ ଡ୍ରମ୍ ଓ ଡିସ୍କ ଭଳି ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ହୋଇଥିବା ହୋଣ୍ଡା ସାଇନ୍‌ର ମୂଲ୍ୟ ଯଥାକ୍ରମେ ୭୯,୮୦୦ ଟଙ୍କା ଓ ୮୩,୮୦୦ ଟଙ୍କା ରହିଛି। ସେହିପରି ଏହା ବ୍ଲାକ୍, ଜେନି ଗ୍ରେ ମେଟାଲିକ୍, ମ୍ୟାଟ୍ ଆକ୍ସିସ୍ ଗ୍ରେ, ରିବେଲ୍ ରେଡ୍ ମେଟାଲିକ୍ ଓ ଡିସେଣ୍ଟ ବ୍ଲୁ ମେଟାଲିକ୍ ରଙ୍ଗରେ ଉପଲବ୍ଧ ହେଉଛି।

# ହୋଣ୍ଡା ୱିନ୍-ୱିନ୍ ଅଫରର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୧।୬**



ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍ (ଏଚ୍‌ଆଇପିପି) ପକ୍ଷରୁ ଏକ ଅଭିନବ ଯୋଜନା 'ହୋଣ୍ଡା ୱିନ୍-ୱିନ୍ ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏଚ୍‌ଆଇପିପିର ପୋର୍ଟେବଲ ଜେନେରେଟର ମଡେଲଗୁଡିକର ପ୍ରମାଣିତ ଲାଇନ ଅପ୍ ଉପରେ ମଧ୍ୟ ଆକର୍ଷଣୀୟ ଋତୁକାଳୀନ ରିହାତି ଉପଲବ୍ଧ। ବିଶେଷକରି ଏହି ସ୍ୱତନ୍ତ୍ର ଖୁଚୁରା ପଦକ୍ଷେପ ସହ ଉପଭୋକ୍ତାମାନେ ଜୁନ୍ ମଧ୍ୟଭାଗରୁ ଅଗଷ୍ଟ ପର୍ଯ୍ୟନ୍ତ ଉଚ୍ଚ ଚାହିଦା ଜେନେରେଟର ଋତୁରେ ଅନନ୍ୟ ସୁବିଧା ଏବଂ ପୁରସ୍କାରର ସୁଯୋଗ ପାଇପାରିବେ। ଏଚ୍‌ଆଇପିପି ୱେବ୍‌ସାଇଟରୁ ଅନ୍‌ଲାଇନ ମାଧ୍ୟମରେ ଏକ ଜେନେରେଟର କ୍ରୟ କରନ୍ତି, ସେମାନେ ବିଭିନ୍ନ ଉଲ୍ଲେଖନୀୟ ସୁବିଧା ପାଇପାରିବେ। ଦୀର୍ଘ ୩୫ ବର୍ଷରୁ ଅଧିକ ସମୟ ଧରି ନିଜର ସ୍ୱତନ୍ତ୍ରତା ବଜାୟ ରଖି ଏଚ୍‌ଆଇପିପିର ପୋର୍ଟେବଲ ଏବଂ ସହଜ ବହନକାରୀ ଜେନେରେଟରଗୁଡିକ ଉପରେ ଏକ ଅବିଶ୍ୱସନୀୟ ୨ ବର୍ଷର ୱାରେଣ୍ଟି ସହ ଆସିଥାଏ। ବର୍ତ୍ତମାନ ଏହାର କ୍ରୟରେ ଆଇଫୋନ-୧୪, ୩୨-ଇଞ୍ଚ ଏଲ୍‌ଇଡି ଟିଭି ପରି ଆକର୍ଷଣୀୟ ପୁରସ୍କାର ସହିତ ଅନ୍ୟାନ୍ୟ ପୁରସ୍କାର ଜିତିବାର ଏକ ସୁଯୋଗ ରହିଛି। ଏପରିକି ଏଚ୍‌ଆଇପିପିର ଗ୍ରାହକମାନେ ଦ୍ୱିଗୁଣ ଲାଭ ପାଇବେ ଯାହା ସେମାନଙ୍କର କ୍ରୟ ଅଭିଜ୍ଞତାକୁ ବୃଦ୍ଧି କରିବାକୁ ସକ୍ଷମ ହେବ। ଅପରପକ୍ଷରେ ଗ୍ରାହକମାନେ କିଣିବାକୁ ପସନ୍ଦ କରୁଥିବା ଜେନେରେଟରର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ଉପରେ ୨୦୦୦ ଟଙ୍କାରୁ ୧୪,୫୦୦ ଟଙ୍କା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ରିହାତି ପାଇପାରିବେ। ସେହିଭଳି ପ୍ରତ୍ୟେକ ଜେନେରେଟର କ୍ରୟ ସହିତ ତତକ୍ଷଣାତ ସନ୍ତୁଷ୍ଟତାର ଅଭିଜ୍ଞତା ଅନୁଭବ ସହ ଏକ ଆକର୍ଷଣୀୟ ସ୍କ୍ରାଚ୍ କାର୍ଡ ସହିତ ଅବିସ୍ମରଣୀୟ ପୁରସ୍କାରର ସୁଯୋଗ ହାସଲ କରନ୍ତୁ। ଏଚ୍‌ଆଇପିପି ଗ୍ରାହକମାନଙ୍କୁ ପ୍ରାଧିକୃତ ଡିଲର ଆଉଟ୍‌ଲେଟ୍ ପରିଦର୍ଶନ କରିବାକୁ କିମ୍ବା ଜେନେରେଟର ମଡେଲଗୁଡିକରେ ରୋମାଞ୍ଚକର ଋତୁକାଳୀନ ରିହାତି ଏବଂ ସୁବିଧା ସୁଯୋଗ ଅନ୍ୱେଷଣ ପାଇଁ ଅନ୍‌ଲାଇନ ଚ୍ୟାନେଲ ବ୍ୟବହାର କରିବାକୁ ଆମନ୍ତ୍ରଣ କରୁଛି। କୌଣସି ଅଫର ସମ୍ବନ୍ଧୀୟ ଅନୁସନ୍ଧାନ ପାଇଁ ଗ୍ରାହକ ହୋଣ୍ଡାର ଟୋଲ୍ ଫ୍ରି ନମ୍ବର ୧୮୦୦-୧୧-୨୩୨୩ କୁ କଲ୍ କରିପାରିବେ କିମ୍ବା ସୀମିତ ଅବଧି ଅଫରର ସୁଯୋଗ ପାଇବା ଲାଗି ସେମାନଙ୍କର ନିକଟତମ ହୋଣ୍ଡା ଡିଲରଶିପ ପରିଦର୍ଶନ କରିପାରିବେ। ହୋଣ୍ଡା ପାୱାର ପ୍ରଡକ୍ଟ ରେଞ୍ଜ ବିଷୟରେ ଅଧିକ ସୂଚନା www.hondaindiapower.com ଏବଂ ଫେସ୍‌ବୁକ୍ ପେଜ୍ ହୋଣ୍ଡା ପାୱାର ପ୍ରଡକ୍ଟସ ଇଣ୍ଡିଆରେ ମିଳିପାରିବ।

# 'ଡିଏସ୍‌ପି ନିଫ୍‌ଟି ଆଇଟି ଇଟିଏଫ୍'

**ନୂଆଦିଲ୍ଲୀ,୨୧।୬**

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସ୍‌ପି ନିଫ୍‌ଟି ଆଇଟି ଇଟିଏଫ୍'ର ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଏହା ଏକ ଓପୋନ ଏଣ୍ଡେଡ୍ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ ଭାବେ ଜଣାଶୁଣା। ଏପରିକି ଦୀର୍ଘମିଆଦୀ ଭିତ୍ତିରେ ଆଇଟି କମ୍ପାନୀଗୁଡ଼ିକର ଉନ୍ନତ ପ୍ରଦର୍ଶନରୁ ଲାଭ ପାଇବା ଲାଗି ଏହି ଇଟିଏଫ୍ ନିବେଶକମାନଙ୍କୁ ସୁଯୋଗ ପ୍ରଦାନ କରିବ। ସେହିଭଳି ଡିଏସ୍‌ପି ନିଫ୍‌ଟି ଆଇଟି ଇଟିଏଫ୍‌ର ନୂଆ ଫଣ୍ଡ ଅଫରର ସବ୍‌ସ୍କ୍ରିପ୍‌ସନ୍ ୨୦୨୩ ଜୁଲାଇ ୩ରେ ବନ୍ଦ ହେବ।

ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ୍ ଫଣ୍ଡର ମୁଖ୍ୟ-ପାସିଭ୍ ନିବେଶ ଓ ଉତ୍ପାଦ ସିଏଫ୍‌ଏ ଅନିଲ ଗିଲାନି କହିଛନ୍ତି, ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଭାରତୀୟ ଆଇଟି କ୍ଷେତ୍ର ନିରନ୍ତର ପ୍ରଦର୍ଶନ କରୁଛି। ଦୀର୍ଘମିଆଦୀ ଅଭିବୃଦ୍ଧି କାହାଣୀରୁ ଲାଭ ପାଇବାକୁ ଚାହୁଁଥିବା ନିବେଶକମାନେ ନିଫ୍‌ଟି ଆଇଟି ସୂଚୀରେ ନିବେଶ କରିବା ବିଷୟରେ ବିଚାର କରିପାରିବେ, ଯାହାର ପ୍ରଦର୍ଶନ ନିକଟ ଅତୀତରେ ଆଶାନୁରୂପ ରହିନାହିଁ। ଆମର ବିଶ୍ୱାସ ରହିଛି ଯେ ବର୍ତ୍ତମାନ ସ୍ତରରେ ମୂଲ୍ୟାୟନ ହାରାହାରିର ଗୁଣିତକ ଆଡ଼କୁ ଅଗ୍ରସର ହେଉଛି ଏବଂ ଏହି କ୍ଷେତ୍ରର ଅଧିକାଂଶ କମ୍ପାନୀ ସୁସ୍ଥ ରହିଛନ୍ତି ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ସୁଲଭ ରହିଛନ୍ତି। ବିଗତ କିଛି ବର୍ଷ ଭିତରେ ଅନ୍ୟ କ୍ଷେତ୍ରଗୁଡ଼ିକ ତୁଳନାରେ ଭାରତର ଆଇଟି କ୍ଷେତ୍ର ନିରନ୍ତର ଭାବେ ଆଗକୁ ବଢୁଛି ଏବଂ ଜିଡିପିକୁ ତାହାର ଅବଦାନ ମଧ୍ୟ ବୃଦ୍ଧି ପାଉଛି। କିଛି ବର୍ଷ ଭିତରେ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ଭାରତୀୟ ଆଇଟି ଉଲ୍ଲେଖନୀୟ ଭାବେ ଆଗକୁ ବଢ଼ିଛନ୍ତି, ଯାହା ଫଳରେ ସେମାନଙ୍କ ବଜାର ଅଂଶରେ ବୃଦ୍ଧି ହୋଇଛି। ଆଇଟି କ୍ଷେତ୍ରର ରାଜସ୍ୱ ପ୍ରଥା ଲାଗି ବିଶ୍ୱସ୍ତରରେ ସୁଯୋଗ ପ୍ରଦାନ କରୁଛି। ଫଳରେ ଦେଶ ଭିତରେ ଦେଖାଦେଉଥିବା ବିପଦଠାରୁ ତାହା ସୁରକ୍ଷା ପ୍ରଦାନ କରୁଛି। ଇକ୍ୱିଟି ପିଛା ଅଧିକ ରିଟର୍ନ ଓ ସମ୍ପତ୍ତି ପିଛା ଅଧିକ ରିଟର୍ନ ଭାବେ ବିଶ୍ୱର ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ଆଇଟି କ୍ଷେତ୍ରର ଆର୍ଥିକ ଦୃଢ଼ତା ଭଲ ରହିଛି। ନିଫ୍‌ଟି ୫୦ ରେ ନିଫ୍‌ଟି ଆଇଟି ସୂଚୀର ପ୍ରଦର୍ଶନ ତଳୁଆ ରହିଥିବା ବେଳେ ସାଧାରଣତଃ ସେଥିରେ ସୁଧାର ଘଟିଥାଏ। ନିଫ୍‌ଟି ୫୦ରେ ଆଇଟି କ୍ଷେତ୍ରର ଗୁରୁତ୍ୱ ଦୀର୍ଘମିଆଦୀ ହାରରେ ହ୍ରାସ ପାଇଛି। ୧, ୩, ୫ ଓ ୧୦ ବର୍ଷୀୟା ଅବଧିରେ ରୋଲିଂ ରିଟର୍ନ ଆଧାରରେ ନିଫ୍‌ଟି ୫୦ରେ ନିଫ୍‌ଟି ଆଇଟି ସୂଚୀ ଅଧିକ ପ୍ରଦର୍ଶନ କରୁଛି।


## Classified Everyday
0674-2580101, 2549949




**SALE**

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200 sqft. 3,00,000/-, ନଖରା 300/-. 7978663279. D-74875




**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly open Salon/ SPA with expert therapist (health benefits). 8114322659. D-75120

Spa Kerala body Massage only best Therapist @699/-, Bhubaneswar. 9337672475. D-0610

**LOST**

**କବଲା ଓ ପଟ୍ଟା ହଜିଛି**

ମୁଁ ଶ୍ରୀ ପ୍ରତାପ କୁମାର ପଲାଇ, ପିତା ଶ୍ରୀ ପର୍ଶୁରାମ ପଲାଇ, ଗ୍ରାମ- ଭୁବନପୁର, ପୋ.- ବ୍ରହ୍ମଗିରି, ଥାନା- ବ୍ରହ୍ମଗିରି, ଜି.- ପୁରୀ, ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ, ମୋ କବଲା ନଂ.୧୩୧୩ ଯାହା ୧୨।୧୧।୧୯୯୧ ମସିହାରେ ବିକ୍ରେତା ଶ୍ରୀଜଗନ୍ନାଥ ପ୍ରଧାନ ଓ କ୍ରେତା ଶ୍ରୀମତୀ ବିଳାସିନୀ ପଟ୍ଟନାୟକଙ୍କ ମଧ୍ୟରେ ହୋଇଥିଲା, ଯାହା ଗାଁରୁ ବ୍ରହ୍ମଗିରି ବଜାରକୁ ଯାଉଥିବାବେଳେ ହଜିଯାଇଛି। ଏଣୁ ବିନୀତ ଅନୁରୋଧ କରେ କି, ଏହି ହଜିଯାଇଥିବା କବଲାକୁ ଯଦି କୌଣସି ବ୍ୟକ୍ତି ପାଇବେ ତେବେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବେ।
ଓକିଲ- ଦୀପକ କୁମାର ସାହୁ
ମୋବାଇଲ ନଂ.- ୯୯୩୭୦୫୮୭୮୫

ଧ-୦୬୩୧

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଫୁର୍‌ସତ୍

# ଏଆଇ ଚାଳିତ ହାତ, ଗୋଡ଼



**ଲଣ୍ଡନ:** ନିକଟରେ ଲଣ୍ଡନର ଜଣେ ମହିଳା ରୋବୋ ହୋଇଛନ୍ତି। ମହିଳା ଜଣଙ୍କ ଏକ ଟ୍ରେନ ଦୁର୍ଘଟଣାରେ ତାଙ୍କ ଗୋଟେ ହାତ ଏବଂ ଗୋଟେ ଗୋଡ଼ ହରାଇଥିଲେ। ହେଲେ ଏବେ ସେ ଏଆଇ ସଞ୍ଚାଳିତ ହାତ ଓ ଗୋଡ଼ର ବ୍ୟବହାର କରୁଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ଜରିଆରେ ହିଁ ତାଙ୍କ ହାତ ଓ ଗୋଡ଼କୁ କମାଣ୍ଡ ମିଳୁଛି। ଏବେ ସେ ତାଙ୍କ ମୁଣ୍ଡକୁ ପଢ଼ିପାରୁଛନ୍ତି। ଏପରି ଘଟଣା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ଉତ୍ତର ଲଣ୍ଡନର ବାସିନ୍ଦା ସାରା ଡେ ଲାଗାର୍ଡେ ଗତବର୍ଷ ସେପ୍ଟେମ୍ବରରେ ତାଙ୍କ କାମ ସାରି ଘରକୁ ଯାଉଥିଲେ। ସେତେବେଳେ ସେ ତାଙ୍କ ସନ୍ତୁଳନ ହରାଇ ରେଳ ଲାଇନରେ ପଡ଼ିଗଲେ। ତାଙ୍କ ଉପରେ ରେଳ ମାଡ଼ିଯିବାରୁ ସେ ତାଙ୍କ ଡାହାଣ ହାତ ଓ ଗୋଡ଼ ହରାଇଥିଲେ। ଡାକ୍ତର ତାଙ୍କ ସେହି ହାତ ଓ ଗୋଡ଼କୁ କାଟି ଦେଇଥିଲେ। ବିନା ହାତ ଗୋଡ଼ରେ ରହିବା କେତେ କଷ୍ଟ, ତାହା ଜଣାପଡୁଥିବ। ହେଲେ ସାରା ହାର ମାନି ନ ଥିଲେ। ସେ ଏହାର ବିକଳ୍ପ ଖୋଜିବାରେ ବ୍ୟସ୍ତ ରହିଥିଲେ। ସେତେବେଳେ ତାଙ୍କୁ ବୈଜ୍ଞାନିକ ତାଙ୍କୁ ଏଆଇ ସଞ୍ଚାଳିତ ହାତ ଓ ଗୋଡ଼ ବାବଦରେ କହିଥିଲେ। ଯାହା ଫଳରେ ସେ ତାଙ୍କର ସମସ୍ତ କାର୍ଯ୍ୟ ଆଗ ଭଳି କରିପାରିବେ। ୨ ପିଲାର ମା' ସାରାଙ୍କୁ ଏହା ଶୁଣି ଟିକେ ଆଶ୍ୱସ୍ତି ମିଳିଲା। ନିଜକୁ ୮୦ ପ୍ରତିଶତ ମଣିଷ ଏବଂ ୨୦ ପ୍ରତିଶତ ରୋବୋ କରିଥିବା ସାରା କହିଛନ୍ତି, ଏକ ବାୟୋନିକ୍ ଆର୍ମ ପ୍ରସ୍ତୁତ ହୋଇଛି, ଯାହା ଏଆଇ ପ୍ରଣାଳୀର ଉପଯୋଗ କରିବ। ଏହା ତାଙ୍କ ପ୍ରକୃତ ହାତ ଭଳି କାମ କରିବ ବୋଲି ସେ କହିଛନ୍ତି। ଏଥିରେ ସେନ୍ସର ଅଛି, ଯାହା ତାଙ୍କ ମାଂସପେଶୀର ଗତିବିଧିକୁ ନିରୀକ୍ଷଣ କରିବ। ସେ ଯାହା ଚାହିଁବେ ଏହି ହାତ ଦ୍ୱାରା କରିପାରିବେ। ବର୍ତ୍ତମାନ ତାଙ୍କର ଟ୍ରେନିଂ ଚାଲିଛି। ଏହି ଏଆଇ ସଞ୍ଚାଳିତ ହାତ ଓ ଗୋଡ଼ ପାଇଁ ତାଙ୍କର ୨.୬ କୋଟି ଟଙ୍କା ଖର୍ଚ୍ଚ ହେବ। ସେଥିପାଇଁ ସେ ଲୋକଙ୍କଠାରୁ ସାହାଯ୍ୟ ମାଗୁଛନ୍ତି।

# ୪ ବର୍ଷୀୟାଙ୍କ ଯୋଗଶିକ୍ଷା

**ୱାଶିଂଟନ**



ପିଲା ଅଧିକାଂଶ କଥା ତାଙ୍କ ମାତାପିତାଙ୍କଠାରୁ ଶିଖିଥାନ୍ତି। ମାତାପିତା ସେମାନଙ୍କୁ ଯେପରି ସଂସ୍କାର ଦେଇଥାନ୍ତି, ସେମାନେ ସେପରି ଭାବେ ପ୍ରତିଫଳିତ ହୁଅନ୍ତି। ଆମେରିକାର ନ୍ୟୁଜର୍ସିରେ ରହୁଥିବା ମିନି କୈସ୍ୱରଜେକ୍ ତାଙ୍କ ମା'ଲୌରା କୈସ୍ୱରଜେକ୍‌ଙ୍କଠୁ ୪ ବର୍ଷ ବୟସରେ ବିଭିନ୍ନ ପ୍ରକାରର ଯୋଗ ଶିଖି ସାରିଲେଣି। ତାଙ୍କ ମା'ଙ୍କୁ ୪୫ ବର୍ଷ ହୋଇଥିବାବେଳେ ସେ ୨୬ ବର୍ଷ ହେବ ଯୋଗ ଅଭ୍ୟାସ କରୁଛନ୍ତି।

# ଡିଟେକ୍‌ଟିଭ ଚରିତ୍ରରେ ବିଦ୍ୟା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନ ତାଙ୍କ ନୂଆ ଫିଲ୍ମ 'ନିୟତ'ର ପୋଷ୍ଟର୍ ଏବଂ ଟିଜର୍ ସୋସିଆଲ ମିଡିଆରେ ବୁଧବାର ପୋଷ୍ଟ କରିଛନ୍ତି। ଦର୍ଶକଙ୍କୁ ତାଙ୍କ ଫାଷ୍ଟ ଲୁକ୍ ବେଶ ପସନ୍ଦ ଆସିଛି। ଏଥିସହ ବିଦ୍ୟା ମୁଭିର ଟିଜର ମଧ୍ୟ ଶେୟାର କରିଛନ୍ତି। ଚଳଚ୍ଚିତ୍ରରେ ତାଙ୍କୁ ଜଣେ ଡିଟେକ୍‌ଟିଭ ଚରିତ୍ରରେ ଦେଖିବାକୁ ମିଳିବ। ବିଦ୍ୟା ପୋଷ୍ଟରରେ ସବୁଜ ସାର୍ଟ, ବାଦାମୀ ରଙ୍ଗର ସ୍ୱେଟେର୍ ଏବଂ ମାଟିଆ ରଙ୍ଗର ଓଭରକୋଟ ପିନ୍ଧିଥିବାର ନଜର ଆସିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, 'ମିରା ରାଓଙ୍କୁ ଭେଟନ୍ତୁ, ଏକ କ୍ଲାସିକ ହତ୍ୟାକାଣ୍ଡରର କ୍ଲାସିକ ଡିଟେକ୍ଟିଭ'। ଫିଲ୍ମର ଟ୍ରେଲର ଗୁରୁବାର ରିଲିଜ୍ ହେବାକୁ ଥିବାବେଳେ ଆସନ୍ତା ଜୁଲାଇ ୭ରେ ଚଳଚ୍ଚିତ୍ର ରିଲିଜ୍ ହେବାର ସୂଚନା ମିଳିଛି। ଏହା ପୂର୍ବରୁ ବିଦ୍ୟାଙ୍କୁ ଜଲ୍‌ସାରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ସେ ୨୦୦୩ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଛନ୍ତି। ତାଙ୍କର ଏହି ଜୀବନ ଯାତ୍ରା ମଧ୍ୟରେ ଅନେକ ଫିଲ୍ମ ଲୋକଙ୍କ ମନକୁ ଛୁଇଁଛି। ଏବେ ତାଙ୍କ ହାତରେ ଆଉ କିଛି ମୁଭି ରହିଛି। ଏହାସହିତ ସେ ଟେଲିଭିଜନ ଏବଂ ମ୍ୟୁଜିକ୍ ଭିଡିଓରେ ମଧ୍ୟ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି।

# ଖୋଜା ଚାଲିଛି...


ରଣବୀର

କେବଳ ରଣବୀର ସିଂ ନୁହନ୍ତି, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଗୋଟିଏ ଜିନିଷ ଖୋଜିବାରେ ବ୍ୟସ୍ତ ଅଛନ୍ତି। ତାହା ହେଲା, ଏକ ନୂଆ ସିନେମାର ଟାଇଟଲ। ଏହାର କଥାବସ୍ତୁ ଆକ୍ସନ ଉପରେ ଆଧାରିତ। ଆଉ ଏଭଳି ଏକ ଭୂମିକା ପାଇ ରଣବୀରଙ୍କ ଖୁସି କହିଲେ ନ ସରେ। ଏପରି ସୁଯୋଗ ବିଷୟରେ ରଣବୀର କହନ୍ତି, ‘ସତ କଥା କହିବାକୁ ଗଲେ ଆକ୍ସନଭିତ୍ତିକ ଫିଲ୍ମରେ ଆକ୍ଟିଂ କରିବାର ମଜା ନିଆରା। ହେଲେ ଏଭଳି କାହାଣୀକୁ ନେଇ ଯେଉଁ ଚଳଚ୍ଚିତ୍ରଟି ପ୍ରସ୍ତୁତ ହେଉଛି ତାହାର ଟାଇଟଲ ଫାଇନାଲ ହେବାକୁ ଆଉ କିଛି ସପ୍ତାହ ଲାଗିବ। ହେଲେ ଏଥିରେ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ଏବେଠାରୁ ପ୍ରସ୍ତୁତ ହେଉଛି।’ ରଣବୀର ଜଣଙ୍କର ଫିଲ୍ମ ଦେଖିବାକୁ କେବେ ମିସ୍ କରିନାହାନ୍ତି। ସେ କିଏ ଜାଣନ୍ତି ? ଗୋବିନ୍ଦା। ଗୋବିନ୍ଦା ହେଉଛନ୍ତି ତାଙ୍କର ପସନ୍ଦୀୟ ଅଭିନେତା। ‘ବ୍ୟାଣ୍ଡ ବାଜା ବାରାତ୍’ ପୂର୍ବରୁ ରଣବୀର ଦୁଇଟି ଅଫରକୁ ହାତଛଡା କରିଥିଲେ। ‘ସେହି ଫିଲ୍ମ ଦ୍ୱୟର କାହାଣୀ ମୋତେ ପସନ୍ଦ ଆସି ନ ଥିଲା। କାରଣ ମୋ ମନକୁ ଛୁଇଁଲା ଭଳି କାହାଣୀ ନ ହେଲେ ସେହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ କେବେ ରାଜି ହୋଇ ନ ଥାଏ ବୋଲି କହନ୍ତି ରଣବୀର।’

## କଥା ରହସ୍ୟମୟ ରାତିର

ମନଲାଖି ସାଥୀଟିଏ ପାଇବା କ’ଣ ସହଜ ? ହେଲେ ଯେତେବେଳେ ମନର ମାନସୀ ମିଳିଯାଏ ସେତେବେଳେ ଖୁସିର ସୀମା ନ ଥାଏ। କିନ୍ତୁ ତା’ ଭିତରେ ଆସିଥାଏ ଟ୍ୱିଷ୍ଟ। ଏକ ଜହ୍ନଭରା ରାତିରେ ଆବିର୍ଭାବ ହୁଏ ଆଉ ଏକ ଚରିତ୍ରର, ଯାହା କାହାଣୀରେ ଆଣେ ନୂଆ ମୋଡ। ସେହି ରହସ୍ୟମୟ ରାତିରେ କ’ଣ ଏମିତି ଘଟିଲା ଯେ ଯାହା ପ୍ରେମୀ ଯୁଗଳଙ୍କ ପାଇଁ ଟେନସନ ଆଣି ଦେଇଛି ? ସେପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର


ସମ୍ବିତ

କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା ‘ଜହ୍ନ ରାତିର ସାଥୀ’। ଆର୍ଟମାସ୍ କ୍ରିଏଟିଭସ ପ୍ରା.ଲିଃ. ବ୍ୟାନରରେ ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। ଫିଲ୍ମଟିର ସେନସର କାମ ଶେଷ ହୋଇଛି। ଚିତ୍ରଟିର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ନିର୍ଦ୍ଦେଶନା ଦେଇଛନ୍ତି ଜିତେନ୍ଦ୍ର ଜେନା। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ସମରେଶ ରାଉତରାୟ, ପ୍ରଜ୍ଞା ଖଟୁଆ, ପୃଥ୍ୱିରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାଶ ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଅପେକ୍ଷା ସମୟକୁ

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପ୍ରଣିତା ସୁବାସ। ସେ ଏବେ ସମୟକୁ ଅପେକ୍ଷା କରିଛନ୍ତି। ହେଲେ କାହିଁକି ଜାଣନ୍ତି ? ବଲିଉଡ୍‌ରେ ଏକ ବଡ ବ୍ରେକ୍ ସନ୍ଧାନରେ ସେ ଅଛନ୍ତି। ଯଦିଓ ୨୦୨୧ରେ ରିଲିଜ ହୋଇଥିବା ‘ଭୁଜ୍ : ଦ ପ୍ରାଇଡ୍ ଅଫ ଇଣ୍ଡିଆ’ରେ ତାଙ୍କୁ ଦେଖିବାକୁ ମିଳିଥିଲା, ହେଲେ ତାହା ଥିଲା ଏକ ସ୍ପେଶାଲ ଆପିୟରେନ୍ସ। ତେଣୁ ହିନ୍ଦୀ ସିନେମାରେ ସୋଲୋ ନାୟିକା ଭାବରେ ଦର୍ଶକଙ୍କ ସାମନାକୁ ଆସିବାକୁ ଆଶା ରଖିଛନ୍ତି। ଏ ନେଇ ପ୍ରଣିତା କହନ୍ତି, ‘୨୦୧୦ରେ ମୋର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। କନ୍ନଡ ଫିଲ୍ମ ‘ପୋର୍କି’ ଥିଲା ମୋର ପ୍ରଥମ ସିନେମା। ତା’ପରେ ପାଖାପାଖି ୨୦ରୁ ଅଧିକ ସିନେମାରେ ଅଭିନୟ କରିସାରିଛି। ହେଲେ ବଲିଉଡ୍‌ରେ ଆକ୍ଟିଂ କରିବାର ମଜା ନିଆରା। ତେଣୁ ହିନ୍ଦୀ ସିନେମାର ଏକ ବଡ ବ୍ରେକ୍‌କୁ ମୁଁ ଅପେକ୍ଷା କରିଛି। ମୁଁ କେବଳ ଭାବିଲେ ତ ହେବ ନାହିଁ। ପ୍ରଯୋଜକମାନେ ମୋ ଉପରେ ବିଶ୍ୱାସ ରଖିବା ଦରକାର। ତେଣୁ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବି। ଆଶା ରଖିଛି ସେହି ଶୁଭ ମୁହୂର୍ତ୍ତ ନିଶ୍ଚୟ ଆସିବ।’ ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ପ୍ରଣିତା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ତେବେ ଏଭଳି କଥା ପଛରେ କେତେ ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।


ପ୍ରଣିତା

# ବୁଦ୍ଧିମତୀ ରଶ୍ମିକା

ରଶ୍ମିକା ମନ୍ଦାନାଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡେ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ନିଜ କ୍ୟାରିୟର ବିଷୟରେ ସୂଚନା ଦେବାକୁ ଭୁଲି ନ ଥିଲେ ସେ। ନିଜ ପ୍ରଶଂସକମାନଙ୍କର ପ୍ରଶ୍ନଗୁଡିକର ବେଶ୍ ଚତୁରତାର ସହ ଉତ୍ତର ଦେଇଥିଲେ। କେବଳ ସେତିକି ନୁହେଁ, ସେହି ସମୟରେ ସେ ଅକ୍ଷୟ କୁମାରଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ନେଇ ସେ କହନ୍ତି, ‘ମୁଁ ଯେତେବେଳେ ମୋ ପ୍ରଶଂସକମାନଙ୍କୁ ସାମନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଆପଣମାନେ ତ ଜାଣିଛନ୍ତି ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ ‘ଆନିମଲ୍’ ଚଳିତ ବର୍ଷ ଅଗଷ୍ଟ ୧୧ରେ ରିଲିଜ ହେବ। ଏହାର ସଫଳତାକୁ ନେଇ ମୁଁ ବେଶ୍ ଆଶା ରଖିଛି।’ ଏହି ଫିଲ୍ମରେ ରଶ୍ମିକାଙ୍କ ନାୟକ ସାଜିଛନ୍ତି ରଣବୀର କପୁର। ଏଥିରେ ଅନୀଲ କପୁର, ବବି ଦେଓଲ, ଶକ୍ତି କପୁର ଏବଂ ସୁରେଶ ଓବରୟଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ରଶ୍ମିକା

## ସିରିୟସ ହେଲେଣି ବାଣୀ

ବାଣୀ କପୁର ଏଣିକି ମାଇଣ୍ଡ ମେକଅପ କରିଛନ୍ତି ଯେ କୌଣସି ନୂଆ ଅଫର ମିଳିଲେ ସେ ନେଇ ବେଶ୍ ସିରିୟସ ରହିବେ। ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବେ। ଏଭଳି ଚିନ୍ତା ସେ କେବଳ କରୁନାହାନ୍ତି, ତାହାକୁ କାମରେ ମଧ୍ୟ ଲଗାଇ ସାରିଲେଣି। ଏ ସମ୍ପର୍କରେ ବାଣୀ କହନ୍ତି, ‘ବଲିଉଡ୍‌ରେ ଆଗକୁ ଆଗେଇବା ଏତେ ସହଜ କଥା ନୁହେଁ। ତେଣୁ ମୋ ଆକ୍ଟିଂ କ୍ୟାରିୟରକୁ ନୂଆ ମୋଡ ଦେବାକୁ ସ୍ଥିର କରିଛି। ପ୍ରତିଟି ଅଫର ପ୍ରତି ଏଣିକି ସିରିୟସ ହେବି। ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ତରତର ହୋଇ ଗୁଡାଏ ଫିଲ୍ମ ସାଇନ୍ କଲେ କିଛି ଲାଭ ନାହିଁ।’ ଟୁରିଜମ୍‌ରେ ସେ ବ୍ୟାଚଲର ଡିଗ୍ରୀ ହାସଲ କରିଛନ୍ତି। ମଡେଲିଂ ଦୁନିଆରେ ପାଦ ଦେବା ପୂର୍ବରୁ ତାଙ୍କର ଓଜନ ୭୫ କି.ଗ୍ରା ଥିଲା। ମାତ୍ର କେଇଟା ସପ୍ତାହରେ ସେ ପରିଶ୍ରମ କରି ଏହି ଓଜନକୁ କମାଇଥିଲେ।

# କେବେ ଫେରିବ ପୁରୁଣା ଦିନ



ଦିଲ୍ଲୀପ ହାଲି

ଓଡ଼ିଆ ସିନେମାର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତକୁ ନେଇ ଅନେକ ଆଲୋଚନା ଚାଲିଛି। ଗତ ବର୍ଷ ‘ଦମନ’ର ଆଶାତୀତ ସଫଳତା ପରେ ଆମ ସିନେମା ପାଇଁ ଏକ ନୂଆ ରାସ୍ତା ଖୋଲିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେ ଫଳ କ’ଣ ହୋଇଛି ତାହା କହିବା ଅନାବଶ୍ୟକ। ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଏହି ଦୁନିଆର ବିଶିଷ୍ଟ ବ୍ୟକ୍ତିମାନେ ବେଶ୍ କିଛି ବର୍ଷ ପୂର୍ବେ ଯେଉଁ ମତ ରଖିଥିଲେ ତାହା ସତରେ ପରିଣତ ହୋଇଛି। ସେହି ସମୟରେ ସେମାନଙ୍କ ସହ ଏକାନ୍ତ ସାକ୍ଷାତରେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଏହି ବ୍ୟକ୍ତିମାନେ ଭିନ୍ନ ଭିନ୍ନ ମତ ରଖିଥିଲେ। ସେଗୁଡିକ ମଧ୍ୟରୁ କେତୋଟି ମତ ଏଠାରେ ରଖିବାକୁ ଯାଉଛି। ଏକଦା ସାମୁଏଲ ସାହୁ (ବାବି) କହିଥିଲେ,

> ‘‘ପେସାଦାର ପ୍ରଯୋଜକଙ୍କ ଅଭାବ ପରିଲକ୍ଷିତ ହେଉଛି। ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଉପରେ ଟିକିଏ ହେଲେ ଅଭିଜ୍ଞତା ନ ଥାଇ ସିନେମା ନିର୍ମାଣ କଲେ ତାହାର ଅବସ୍ଥା କ’ଣ ହୁଏ, ତାହା ଅଧିକାଂଶ ଓଡ଼ିଆ ସିନେମାରେ ଏବେ ଦେଖିବାକୁ ମିଳୁଛି। ପ୍ରେକ୍ଷାଳୟର ଅଭାବ ମଧ୍ୟ ଓଡ଼ିଆ ସିନେମାର ବିକାଶ ଧାରାକୁ ପ୍ରଭାବିତ କରୁଛି। ତେଣୁ ଏ ନେଇ ଚିନ୍ତା କରିବାର ସମୟ ଆସିଛି।’’

‘ପୁରାତନ ଓଡ଼ିଆ ସିନେମା ଏବଂ ଆଜିର ଓଡ଼ିଆ ସିନେମା ମଧ୍ୟରେ ଆକାଶ ପାତାଳ ତଫାତ। ବାସ୍ତବଧର୍ମୀ କାହାଣୀକୁ ନେଇ ଆଉ ସିନେମା ନିର୍ମାଣ ହେଉନାହିଁ, ଯାହା ପୁରୁଣା ସିନେମାରେ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ଅଯଥା କଥାକୁ ଅତିରଞ୍ଜିତ କରାଯାଉଛି। ମୁଁ ଯେତେବେଳେ ଅଭିନୟ କରୁଥିଲି ସେତେବେଳେ କାହାଣୀ ଏଭଳି ଚୟନ କରାଯାଉଥିଲା, ଯାହାକୁ ପରିବାର ସହ ଏକାଠି ବସି ଦେଖିହେବ। ହେଲେ ଏବେ ପାଣିପାଗ ବଦଳି ଯାଇଛି।’’ ଓଡ଼ିଆ ସିନେମାର ଭବିଷ୍ୟତ ବିଷୟରେ ବିଶିଷ୍ଟ ଅଭିନେତା ବିଜୟ ମହାନ୍ତି କହିଥିଲେ, ‘ଓଡ଼ିଆ ଚଳଚ୍ଚିତ୍ରରେ ଓଡ଼ିଆ ଗନ୍ଧ ରହିବା ନିହାତି ଦରକାର। ଅନ୍ୟ ଭାଷା ଅନ୍ୟ ସଂସ୍କୃତିକୁ ନେଇ ସିନେମା କଲେ ତାହା ଦର୍ଶକଙ୍କୁ ପ୍ରଭାବିତ କରିପାରୁନାହିଁ। ଓଡ଼ିଆ ଫିଲ୍ମଟି ଯେପରି ସାମାଜିକ ସଚେତନତାର ବାର୍ତ୍ତା ବହନ କରିବ ସେ ନେଇ ନିର୍ଦ୍ଦେଶକ ସଚେତନ ହେବା ଦରକାର।’ ଓଡ଼ିଆ ସିନେମା ସଙ୍ଗୀତ ଜଗତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ଏକଦା କହିଥିଲେ, ‘ବର୍ତ୍ତମାନ କାହାଣୀ ଚୟନ ଏବଂ ଚିତ୍ରନାଟ୍ୟ ଲେଖାଯାଉଛି ହୋଟେଲ ରୁମ୍‌ରେ ପୁଣି ଅନ୍ୟ ପ୍ରାନ୍ତୀୟ ଭାଷାର ସିନେମା କ୍ୟାସେଟକୁ ଫଲୋ କରି। ଆମ ସିନେମାର ଓଡ଼ିଆତ୍ୱ ରହିବା ନିହାତି ଦରକାର। ଚୋରି କରି ସିନେମା ନିର୍ମାଣ କରି ବାହାବା ନେଲେ ଲାଭ କ’ଣ ? ‘ଯାଯାବର’ ଫିଲ୍ମ କଥା ମନେ ପଡୁଛି। ସେତେବେଳେ ଏହାର ଟାଇଟଲ ଗୀତ ପାଇଁ ମୋତେ ମାସେ ସମୟ ଲାଗିଥିଲା, ଆଉ ପ୍ରଯୋଜକ ଟିକେ ହେଲେ ମନ ଦୁଃଖ କରିନଥିଲେ। ପରେ ଗୀତଟି ହିଟ୍ ହେବା ସହ ଏହି ଫିଲ୍ମ ଲାଗି ମୋତେ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପୁରସ୍କାର ମିଳିଥିଲା। ଏହି ଗୀତଟି ଲେଖିଲା ବେଳେ କି ସ୍ୱର ଦେଲାବେଳେ ମୁଁ କେବେ ଭାବି ନ ଥିଲି ଏହା ଏତେ ଶ୍ରୋତାଦୃତ ହେବ ବୋଲି।’

ଆମ ଓଡ଼ିଆ ସିନେମାର ବର୍ତ୍ତମାନର ଅବସ୍ଥା ବିଷୟରେ ଏହି ବିଶିଷ୍ଟ ବ୍ୟକ୍ତିମାନେ ଯେଉଁ ମନ୍ତବ୍ୟ ଦେଇଥିଲେ ତାହା ସତ ବୋଲି ପ୍ରମାଣିତ ହୋଇଛି। ପେସାଦାର ପ୍ରଯୋଜକଙ୍କ ଅଭାବ ପରିଲକ୍ଷିତ ହେଉଛି। ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଉପରେ ଟିକିଏ ହେଲେ ଅଭିଜ୍ଞତା ନ ଥାଇ ସିନେମା ନିର୍ମାଣ କଲେ ତାହାର ଅବସ୍ଥା କ’ଣ ହୁଏ, ତାହା ଅଧିକାଂଶ ଓଡ଼ିଆ ସିନେମାରେ ଏବେ ଦେଖିବାକୁ ମିଳୁଛି। ପ୍ରେକ୍ଷାଳୟର ଅଭାବ ମଧ୍ୟ ଓଡ଼ିଆ ସିନେମାର ବିକାଶ ଧାରାକୁ ପ୍ରଭାବିତ କରୁଛି। ତେଣୁ ଏ ନେଇ ଚିନ୍ତା କରିବାର ସମୟ ଆସିଛି। ଦିନ ଥିଲା, ଓଡ଼ିଆ ସିନେମା ଦେଖିବାକୁ ପ୍ରେକ୍ଷାଳୟ ସାମ୍‌ନାରେ ଲମ୍ବା ଲାଇନ୍ ଲାଗୁଥିଲା। ଏବେ ପ୍ରିମିୟର ଶୋ ପରେ ସେଠାରେ କାଉ ଉଡିଲା ପରି ଲାଗୁଛି। ତେଣୁ ଓଡ଼ିଆ କାହାଣୀକୁ ନେଇ ଭଲ ସିନେମାଟିଏ ନିର୍ମାଣ କଲେ ପୁରୁଣା ଦିନ ଫେରିଆସିବାକୁ ଯଥେଷ୍ଟ ସାହାଯ୍ୟ କରିବ। ତେଣୁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି।

–ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

ରିଲିଜ ଅପେକ୍ଷାରେ..

# ପ୍ରିୟେ ତୁ ମୋ ସିଏ

ଝିଲିକ୍ ମୋସନ ପିକ୍ଚର୍ସର ଚତୁର୍ଥ ଅବଦାନ ‘ପ୍ରିୟେ ତୁ ମୋ ସିଏ’ ଚଳିତ ମାସ ୨୯ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅମ୍ଲାନ-ଏଲିନାଙ୍କ ଯୋଡ଼ିକୁ ଏଥିରେ ଦେଖିବାକୁ ମିଳିବ। ବବି ମିଶ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିଛନ୍ତି। ଜଣେ ଧନୀ ଘରର ଝିଅ ଏବଂ ଗରିବ ଘରର ପୁଅ ଭିତରେ ସୃଷ୍ଟି ହୋଇଥିବା ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଝିଲିକ ଭଟ୍ଟାଚାର୍ଯ୍ୟ ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଆଗ ଧାଡିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। କାହାଣୀ ରଚନା କରିଛନ୍ତି ଶରଣାବିନ୍ଦ ଓଝା। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ବୈଦ୍ୟନାଥ ଦାଶ। ଚଳଚ୍ଚିତ୍ର ସିକୁଏନ୍ସଗୁଡିକର ଶୁଟିଂ ବାରିପଦାରେ ହୋଇଥିବା ବେଳେ ଗୀତଗୁଡ଼ିକ ମନାଲି ଓ ଚଣ୍ଡିଗଡ଼ରେ ଶୁଟିଂ ହୋଇଛି। ଏହାପୂର୍ବରୁ ଏହି ବ୍ୟାନରରେ ତଥା ଝିଲିକଙ୍କ ପ୍ରଯୋଜନାରେ ‘ରୁଦ୍ରାଣୀ’, ‘କିସ୍‌ମିସ୍’ ଏବଂ ‘ତୋର ମୋର କଟି’ ପ୍ରସ୍ତୁତ ହୋଇ ରିଲିଜ ହୋଇ ସାରିଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।


‘ପ୍ରିୟେ ତୁ ମୋ ସିଏ’ ଫିଲ୍ମରେ ଅମ୍ଲାନ-ଏଲିନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୨/୨୦୨୩ Bhubaneswar, Thursday, June 22/ 2023

# ଛେତ୍ରୀଙ୍କ ହ୍ୟାଟ୍ରିକ: ପାକିସ୍ତାନକୁ ହରାଇଲା ଭାରତ

**ବେଙ୍ଗାଲୁରୁ, ୨୧।୬**

ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ପାକିସ୍ତାନ ବିପକ୍ଷରେ ବିଜୟ ସହ ଭାରତ ଏହାର ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଅଭିଯାନ ଆରମ୍ଭ କରିଛି। ଘଟଣା ବହୁଳ ଏହି ମ୍ୟାଚରେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ହ୍ୟାଟ୍ରିକ ବଳରେ ଭାରତ ୪-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ମ୍ୟାଚରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଖେଳର ୧୦ମ, ୧୬ତମ (ପେନାଲ୍ଟି) ଓ ୭୪ତମ (ପେନାଲ୍ଟି) ମ୍ୟାଚରେ ଛେତ୍ରୀ ଗୋଲ ତିନୋଟି ସ୍କୋର କରିଥିଲେ। ଉଦାନ୍ତ ସିଂ ୮୧ତମ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ।


ଗୋଲ ସ୍କୋରପରେ ସୁନୀଲ ଛେତ୍ରୀ

### ୯୦ତମ ଗୋଲ

ଅନ୍ତର୍ଜାତୀୟ ଫୁଟବଲରେ ଏହାଥିଲା ଛେତ୍ରୀଙ୍କ ୯୦ତମ ଗୋଲ। ଏଥିସହ ସେ ମାଲେସିଆର ମୋଖତାର ଦହାରି (୯ ଗୋଲ)ଙ୍କୁ ଅତିକ୍ରମ କରିଛନ୍ତି। ଏବେ ଛେତ୍ରୀ ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋର ତାଲିକାରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ (୧୨୩), ଇରାନର ଅଲୀ ଦାଏଇ (୧୦୯) ଓ ଆର୍ଜେଣ୍ଟିନାର ଲିଓନେଲ ମେସି (୧୦୩)ଙ୍କ ପଛକୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଅଲୀ ଦାଏଇ ଅବସର ନେଇଯାଇଥିବାରୁ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରେ ସେ ତୃତୀୟ ସ୍ଥାନରେ ରହିଛନ୍ତି।

## କୋଚ୍ ଷ୍ଟିମାକଙ୍କୁ ରେଡ୍ କାର୍ଡ

ଭାରତୀୟ ଜାତୀୟ ଫୁଟବଲ ଦଳର ମୁଖ୍ୟ କୋଚ୍ ଇଗର୍ ଷ୍ଟିମାକଙ୍କୁ ମିଳିଛି ରେଡ୍ କାର୍ଡ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳା ଯାଇଥିବା ସାଫ୍ କପ୍‌ର ପ୍ରଥମାର୍ଦ୍ଧରେ ଏମିତି ଘଟଣା ଘଟିଥିଲା। ୪୫ ତମ ମିନିଟରେ ପାକିସ୍ତାନକୁ ଏକ ଥ୍ରୋ ମିଳିଥିଲା। ପ୍ରୀତମ କୋଟାଲଙ୍କ ଠାରୁ ପାକିସ୍ତାନୀ ଖେଳାଳି ବଲ୍ ଛଡାଇବାକୁ ପ୍ରୟାସ କରୁଥିଲେ। ରେଫରି ପାକିସ୍ତାନ ସପକ୍ଷରେ ନିଷ୍ପତ୍ତି ଦେବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ ଷ୍ଟିମାକ୍। ପାକିସ୍ତାନୀ ଖେଳାଳି ଅବଦୁଲ୍ଲା ଇକ୍‌ବାଲ ସାଇଡ୍‌ରୁ ବଲ୍ ଥ୍ରୋ କରିବାକୁ ଯାଉଥିବା ବେଳେ ପଛଆଡୁ ଆସି ଷ୍ଟିମାକ୍ ବଲ୍‌କୁ ହାତରେ ଠେଲି ଦେଇଥିଲେ। ଏହାକୁ ନେଇ ଏକାଧିକ ପାକିସ୍ତାନୀ ଖେଳାଳି ଓ ଷ୍ଟିମାକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ରେଫରି ଷ୍ଟିମାକଙ୍କୁ ରେଡ୍ କାର୍ଡ ଦେଇଥିଲେ। ସମାନ ଘଟଣାରେ ଭାରତର ସନ୍ଦେଶ ଝିଙ୍ଗାନ ଓ ପାକିସ୍ତାନର ନବିଙ୍କୁ ମଧ୍ୟ ୟେଲୋ କାର୍ଡ ମିଳିଥିଲା। ଷ୍ଟିମାକ ପଡିଆ ଛାଡିବା ପରେ ସହକାରୀ କୋଚ୍ ମହେଶ ଗାଓ୍ୱଲି ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ।


ଇଗର ଷ୍ଟିମାକ ଓ ପାକିସ୍ତାନ ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ।

## କୁଏତ୍ ଜିତିଲା ଉଦ୍‌ଘାଟନୀ ମ୍ୟାଚ


କୁଏତ୍ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ବେଙ୍ଗାଲୁରୁ, ୨୧।୬ (ପି.ଟି.)**

ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଜିତିଛି କୁଏତ। ଏହି ଦଳ ୩-୧ ଗୋଲରେ ନେପାଳକୁ ପରାସ୍ତ କରିଛି। ଆମନ୍ତ୍ରଣୀୟ ଦଳ ଭାବେ ପ୍ରଥମଥରପାଇଁ ସାଫ୍ ଚାମ୍ପିୟନଶିପ୍ ଖେଳୁଥିବା କୁଏତ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲା। ୨୩ତମ ମିନିଟରେ

**ସାଫ୍ ଚାମ୍ପିୟନଶିପ୍**

ଖାଲେଦ ହାଜି ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୪୧ତମ ମିନିଟରେ ଶବିବ ଅଲ୍ ଖାଲଦି ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିବାବେଳେ ମହମ୍ମଦ ଧାମ୍ ୬୫ତମ ମିନିଟରେ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ନେପାଳ ପକ୍ଷରୁ ଅଞ୍ଜନ ବିସ୍ତା ୬୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ବାଂଲାଦେଶକୁ ହରାଇ ଭାରତ ଚାମ୍ପିୟନ

**ମହିଳା ଇମର୍ଜିଂ ଏସିଆ କପ୍**

**ମଙ୍ଗ କକ୍ (ହଂକଂ), ୨୧।୬(ପି.ଟି.)**

ହଂକଂରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଇମର୍ଜିଂ ଏସିଆ କପ୍‌ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଭାରତ। ବୁଧବାର ଖେଳା ଯାଇଥିବା ଟାଇଟଲ୍ ମୁକାବିଲାରେ ଦଳ ବାଂଲାଦେଶକୁ ୩୧ ରନ୍‌ରେ ପରାସ୍ତ କରିଛି। ଭାରତୀୟ ସ୍ପିନର ଯୋଡି ଶ୍ରେୟଙ୍କା ପାଟିଲ (୪/୧୩) ଓ ମନ୍ନତ କଶ୍ୟପ(୩/୨୦) ଚମତ୍କାର ବୋଲିଂ କରି ନିଜ ମଧ୍ୟରେ ୭ ଉଇକେଟ ବାଣ୍ଟି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୭ ରନ୍ କରିଥିଲା। ଜବାବରେ ବାଂଲାଦେଶ ୧୯.୨ ଓଭରରେ ୯୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ବିନ୍ଦ୍ରା ଦୀନେଶ ସର୍ବାଧିକ ୩୬ ରନ୍ କରିଥିଲେ। ଅଧିନାୟିକା ଶ୍ୱେତା ଶେରାଓ୍ୱତ(୧୩) ଓ ଉମା ଚେତ୍ରୀ(୨୨) ପ୍ରଥମ ଉଇକେଟରେ ୨୮ ରନ୍ ଯୋଡିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ବିନ୍ଦ୍ରା ୨୯ ବଲ୍ ଖେଳି ୫ ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ କନିକା ଆହୁଜା ଅପରାଜିତ ୩୦ ରନ୍ କରିବାରୁ ଭାରତର ସ୍କୋର ୧୨୭ରେ ପହଞ୍ଚିଥିଲା। ୨୩ ବଲ୍ ଖେଳି ସେ ୪ ଚୌକା ମାରିଥିଲେ। ବାଂଲାଦେଶ ପକ୍ଷରୁ ନାହିଦା ଅକତର ଓ ସୁଲତାନା ଖାତୁନ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୨୮ ରନ୍‌ର ପିଛା କରୁଥିବା ବାଂଲାଦେଶ ପକ୍ଷରୁ ମାତ୍ର ୩ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିଥିଲେ। ଶାଥି ରାଣା(୧୩), ଶୋଭନା ମୋଷ୍ଟାରେ (୧୬) ଓ ନାହିଦା ଅକତର(୧୭*)ଙ୍କ ସ୍କୋର ବଳରେ ବାଂଲାଦେଶ ୯୬ ରନ୍‌ରେ ସୀମିତ ରହିଥିଲା। ମନ୍ନତ କଶ୍ୟପ ପ୍ରଥମ ଦୁଇ ଉଇକେଟ ନେଇଥିବା ବେଳେ ଶ୍ରେୟଙ୍କା ମିଡିଲ ଅର୍ଡରରେ ୪ ଉଇକେଟ ନେଇଥିଲେ। ଅଫ୍ ସ୍ପିନ ଜରିଆରେ ଶୋଭନା, ଲତା ମଣ୍ଡଳ, ମୁର୍ସିଦା ଖାତୁନ ଓ ରାବେୟାଙ୍କୁ ଆଉଟ କରିଥିଲେ। ବାଂଲାଦେଶ ୧୯.୨ ଓଭରରେ ୯୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଶ୍ରେୟଙ୍କା ୪, ମନ୍ନତ ୩ ଉଇକେଟ ନେଇଥିଲେ। କନିକା ଆହୁଜା ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଶ୍ରେୟଙ୍କା ପାଟିଲ୍ ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିଲେ।


ପ୍ଲେୟର ଅଫ୍ ଦ ସିରିଜ୍ ଶ୍ରେୟଙ୍କା ପାଟିଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୨୭/୭ (ବିନ୍ଦ୍ରା ଦୀନେଶ-୩୬, କନିକା ଆହୁଜା-୩୦*, ଉମା ଚେତ୍ରୀ-୨୨, ନାହିଦା ଅକତର-୨/୧୩, ସୁଲତାନା ଖାତୁନ-୨/୩୦, ରାବେୟା ଖାନ୍-୧/୧୪)। ବାଂଲାଦେଶ ୧୯.୨ ଓଭରରେ ୯୬/୧୦(ନାହିଦା ଅକତର-୧୭*, ଶୋଭନା ମୋଷ୍ଟାରେ-୧୬, ଶାଥି ରାଣା-୧୩, ଶ୍ରେୟଙ୍କା ପାଟିଲ-୪/୧୩, ମନ୍ନତ କଶ୍ୟପ-୩/୨୦, କନିକା ଆହୁଜା-୨/୨୩)।

## ବେଙ୍ଗାଲୁରୁରେ ବିଦାୟୀ ମ୍ୟାଚ ଚାହାନ୍ତି ବୋପାନ୍ନା

**ନୂଆଦିଲ୍ଲୀ, ୨୧।୬ (ପି.ଟି.)**

ଭାରତର ଶୀର୍ଷସ୍ଥାନୀୟ ଡବଲ୍ସ ଟେନିସ ତାରକା ରୋହନ ବୋପାନ୍ନା ଆସନ୍ତା ସେପ୍ଟେମ୍ବରରେ ଡେଭିସ୍‌କପ୍ କ୍ୟାରିୟର ଶେଷ କରିବେ। ମରକ୍କୋ ବିପକ୍ଷରେ ସେ ବିଦାୟକାଳୀନ ମ୍ୟାଚ ଖେଳିବେ ବୋଲି ବୁଧବାର ସୂଚନା ଦେଇଛନ୍ତି। ତେବେ ବେଙ୍ଗାଲୁରୁଠାରେ କ୍ୟାରିୟରର ଶେଷ ଡେଭିସ୍ କପ୍ ମ୍ୟାଚ ଖେଳିବାକୁ ଏହି କର୍ଣ୍ଣାଟକ ଖେଳାଳି ଯେଉଁ ଇଚ୍ଛା ପ୍ରକାଶ କରିଛନ୍ତି ତାହା ଅପୂରଣୀୟ ରହିପାରେ। କାରଣ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଡେଭିସ୍ କପ୍ ଆୟୋଜନ ଅଧିକାର ଉତ୍ତର ପ୍ରଦେଶକୁ ଦେଇ ସାରିଛି। ଆସନ୍ତା ସେପ୍ଟେମ୍ବରରେ ଭାରତ ଓ ମରକ୍କୋ ମଧ୍ୟରେ ଓ୍ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲା ହେବ। ୨୦୦୨ରେ ଡେଭିସ୍ କପ୍ କ୍ୟାରିୟର ଆରମ୍ଭ କରିଥିବା ବୋପାନ୍ନା ୪୩ ବର୍ଷରେ ପଦାର୍ପଣ କରିଛନ୍ତି। "ମୁଁ ସେପ୍ଟେମ୍ବରରେ ଶେଷ ଡେଭିସ୍ କପ୍ ମ୍ୟାଚ ଖେଳିବାକୁ ଯୋଜନା କରିଛି। ୨୦୦୨ରୁ ଭାରତୀୟ ଦଳରେ ଖେଳି ଆସୁଛି। ଆଗାମୀ ଡେଭିସ୍ କପ୍ ମୁକାବିଲା ଘରୋଇ ପରିବେଶରେ ବେଙ୍ଗାଲୁରୁରେ ହେଉ ବୋଲି ମୁଁ ଚାହୁଁଛି। ମୁଁ ସମସ୍ତ ଭାରତୀୟ ଖେଳାଳିଙ୍କ ସହ କଥା ହୋଇଛି। ସେମାନେ ସମସ୍ତେ ବେଙ୍ଗାଲୁରୁରେ ଖେଳିବାକୁ ରାଜି ଅଛନ୍ତି। କର୍ଣ୍ଣାଟକ ରାଜ୍ୟ ଲନ୍ ଟେନିସ ଆସୋସିଏଶନ ମଧ୍ୟ ଏହାକୁ ଆୟୋଜନ ପାଇଁ ପ୍ରସ୍ତୁତ ଅଛି। ଏବେ ଫେଡେରେଶନ ଯାହାକିଛି ନିଷ୍ପତ୍ତି ନେବ" ବୋଲି ବୋପାନ୍ନା କହିଛନ୍ତି।

ବୋପାନ୍ନା ଭାରତ ପକ୍ଷରୁ ୩୨ଟି ଡେଭିସ୍ କପ୍ ମ୍ୟାଚ ଖେଳି ସାରିଛନ୍ତି। ଲିଆଣ୍ଡର ପେସ୍ ସର୍ବାଧିକ ୫୮ଟି ମ୍ୟାଚ ଖେଳିଥିବାବେଳେ ଜୟଦୀପ ମୁଖାର୍ଜୀ ୪୩, ରମାନାଥନ କ୍ରିଷ୍ଣନ ୪୩, ପ୍ରେମଜିତ ଲାଲ ୪୧, ଆନନ୍ଦ ଅମୃତରାଜ ୩୯, ମହେଶ ଭୂପତି ୩୫ ଓ ବିଜୟ ଅମୃତରାଜ ୩୨ଟି ମ୍ୟାଚ ଖେଳି ଏହି ତାଲିକାରେ ପଛକୁପଛ ରହିଛନ୍ତି। ମରକ୍କୋ ବିପକ୍ଷରେ ମ୍ୟାଚ

**ଡେଭିସ୍ କପ୍ ଟେନିସ**

ଖେଳିଲେ ବୋପାନ୍ନା କିମ୍ବଦନ୍ତୀ ଖେଳାଳି ବିଜୟ ଅମୃତରାଜଙ୍କୁ ଅତିକ୍ରମ କରିବେ। ଏଆଇଟିଏ କିନ୍ତୁ ଆଗାମୀ ମୁକାବିଲାକୁ ବେଙ୍ଗାଲୁରୁରେ ଆୟୋଜନ ସପକ୍ଷରେ ନାହିଁ। "ଭାରତ ପକ୍ଷରୁ ଶେଷ ମ୍ୟାଚ ବେଙ୍ଗାଲୁରୁରେ ଖେଳିଲେ ରୋହନଙ୍କ ପାଇଁ ଭଲ ହେବ। ମାତ୍ର ଆମେ ଉତ୍ତର ପ୍ରଦେଶକୁ ପ୍ରତିଶ୍ରୁତି ଦେଇ ସାରିଛୁ। ଆଗାମୀ ଡେଭିସ୍ କପ୍ ମ୍ୟାଚ ଲକ୍ଷ୍ନୌରେ ହେବ ବୋଲି ନିଷ୍ପତ୍ତି ହୋଇସାରିଛି" ବୋଲି ଏଆଇଟିଏ ମହାସଚିବ ଅନିଲ ଧୁପର ପ୍ରକାଶ କରିଛନ୍ତି।


ରୋହନ ବୋପାନ୍ନା

## ଓ୍ୱିମ୍ବଲଡନ ପାଇଁ ଭେନସଙ୍କୁ ଓ୍ୱାଇଲ୍ଡ କାର୍ଡ

**ଓ୍ୱିମ୍ବଲଡନ (ଇଂଲଣ୍ଡ), ୨୧।୬ (ପି.ଟି.):** ଟେନିସ୍ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଓ୍ୱିମ୍ବଲଡନ୍ ପାଇଁ ଭେନସ ଓ୍ୱିଲିୟମ୍ସଙ୍କୁ ମିଳିଛି ଓ୍ୱାଇଲ୍ଡ କାର୍ଡ। ୪୩ ବର୍ଷୀୟ ଭେନସ ଓ୍ୱିମ୍ବଲଡନର ସିଙ୍ଗଲ୍ସ ଇଭେଣ୍ଟରେ ୨୪ତମ ଥର ପାଇଁ ଅଂଶଗ୍ରହଣ କରିବେ। ୫ ଥର ଓ୍ୱିମ୍ବଲଡନ ଜିତିଥିବା ବେଳେ ଶେଷ ଥର ପାଇଁ ୨୦୧୭ରେ ଏହି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ବିଶ୍ୱ ମାନ୍ୟତାର ୬୯୭ତମ ସ୍ଥାନରେ ରହିଥିବା ବେଳେ ବର୍ମିଂହାମ୍ କ୍ଲାସିକ୍ ଫାଇନାଲରେ କାମିଲା ଗିରୋଗିଙ୍କୁ ପରାସ୍ତ କରିଥିଲେ।

## ଯଶୋଦାଙ୍କ ହ୍ୟାଟ୍ରିକ: ଓଡ଼ିଶା ବିଜୟୀ

**ଜାତୀୟ ସିନିୟର ମହିଳା ଫୁଟବଲ**

**ଭୁବନେଶ୍ୱର, ୨୧।୬**
**(ତପନ ସ୍ୱାଇଁ)**

ପଞ୍ଜାବର ଅମୃତସରରେ ଚାଲିଥିବା ହିରୋ ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ରାଉଣ୍ଡର ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ କର୍ଣ୍ଣାଟକକୁ ହରାଇ ଦେଇଛି। ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଅଧିନାୟିକା ଯଶୋଦା ମୁଣ୍ଡା ଏକାକୀ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେ ମ୍ୟାଚର ୩୪, ୩୮ ଓ ୫୫ତମ ମିନିଟରେ ଗୋଲ ତିନୋଟି ଦେଇଥିଲେ। ଏହାକୁ ମିଶାଇ ଚଳିତ ଟୁର୍ନାମେଣ୍ଟରେ ଯଶୋଦାଙ୍କ ଗୋଲ ସଂଖ୍ୟା ୧୦ରେ ପହଞ୍ଚିଛି। ମାଳତୀ ମୁଣ୍ଡା ୪୪ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଗ୍ରୁପ୍ 'ଏ'ରେ ଓଡ଼ିଶା ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ସାରିଥିବାବେଳେ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟ ପାଇଛି। ଫଳରେ ଦଳ ନିଜ ଗ୍ରୁପ୍‌ରେ ତାମିଲନାଡୁ (୧୨ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚରେ ତାମିଲନାଡୁ ୩-୦ ଗୋଲରେ ଚଣ୍ଡିଗଡ଼କୁ ହରାଇ ଥିବାବେଳେ ଝାଡ଼ଖଣ୍ଡ ଓ ପଞ୍ଜାବ ମ୍ୟାଚ ୧-୧ରେ ଡ୍ର ରହିଛି।






ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ମୁଦ୍ରାରେ ଚେତେଶ୍ୱର ପୂଜାରା ଓ ସଚିନ୍ ତେନ୍ଦୁଲକର ।

## ଡବ୍ଲ୍ୟୁଟିସି ପଏଣ୍ଟ ହରାଇଲେ ଇଂଲଣ୍ଡ, ଅଷ୍ଟ୍ରେଲିଆ

**ଦୁବାଇ, ୨୧।୬ (ପି.ଟି.):** ଆସେସ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ସମାପ୍ତ ହୋଇଥିବା ବେଳେ ଧିମା ଓଭର ହାର ପାଇଁ ଉଭୟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଦଳ ଉପରେ ଫାଇନ୍ ଲାଗିଛି। ଉଭୟ ଦଳ ନିଜ ମ୍ୟାଚ୍ ଫି'ର ୪୦ ପ୍ରତିଶତ ଲେଖାଏ ହରାଇଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ରୁ ମଧ୍ୟ ଦୁଇ ପଏଣ୍ଟ ଲେଖାଏ ହରାଇବାକୁ ପଡିଛି। ମଙ୍ଗଳବାର ଶେଷ ହୋଇଥିବା ମ୍ୟାଚରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ୨ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇ ଓଭର ଲେଖାଏ କମ୍ ବୋଲିଂ କରିଥିଲେ। ଆଇସିସିର ଏଲିଟ୍ ପ୍ୟାନେଲ୍ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଏହି ଦଣ୍ଡ ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଓ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଦଣ୍ଡକୁ ଗ୍ରହଣ କରି ନେଇଥିବାରୁ ଏଥିପାଇଁ କୌଣସି ଶୁଣାଣି ହେବ ନାହିଁ। ଦୁଇ ପଏଣ୍ଟ ହ୍ରାସ ପାଇବା ପରେ ୨୦୨୩-୨୫ ଡବ୍ଲ୍ୟୁଟିସି ସାଇକେଲରେ ଅଷ୍ଟ୍ରେଲିଆ ୧୦ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୯ ଦଳ ବିଶିଷ୍ଟ ଇଭେଣ୍ଟରେ ସବୁଠୁ ତଳ ସ୍ଥାନ ପାଇଛି। ଆଇସିସି ଆଚରଣବିଧିର ଧାରା ୨.୨୨ ଅନୁଯାୟୀ ଧିମା ଓଭର ହାର ପାଇଁ ୨୦ ପ୍ରତିଶତର ମ୍ୟାଚ୍ ଫି କଟାଯାଇଥାଏ। ସେହିପରି ଡବ୍ଲ୍ୟୁଟିସି ସାଇକେଲର କୌଣସି ମ୍ୟାଚ୍‌ରେ ଧିମା ଓଭର ହାର ପାଇଁ ପ୍ରତି ଓଭର ପିଛା ୧ ପଏଣ୍ଟ କଟାଯାଇଥାଏ।

## ଜୁଲାଇ ୧୧କୁ ଘୁଞ୍ଚିଲା କୁସ୍ତି ମହାସଂଘ ନିର୍ବାଚନ

**ନୂଆଦିଲ୍ଲୀ, ୨୧।୬ (ପି.ଟି.):** ବୁଧବାର ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫଆଇ) ନିର୍ବାଚନକୁ ଜୁଲାଇ ୧୧ ତାରିଖକୁ ଘୁଞ୍ଚାଇ ଦେଇଛି ଇଣ୍ଡିଆନ୍ ଅଲିମ୍ପିକ୍ସ କମିଟି(ଆଇଓଏ)ର ଆଡ୍ ହକ୍ କମିଟି। ୫ ଅସନ୍ତୁଷ୍ଟ ରାଜ୍ୟ ସଂଘର ଦାବି ଶୁଣିବା ପରେ ଆଡ୍ ହକ୍ କମିଟି ଏହି ନିଷ୍ପତ୍ତି ନେଇଛି। ନ ଜଣିଆ ଆଡ୍ ହକ୍ କମିଟିର ସଦସ୍ୟ ଅବସରପ୍ରାପ୍ତ ହାଇକୋର୍ଟ ଜଜ୍ ଏମ୍ ଏମ୍ କୁମାର ୫ ରଜ୍ୟ ସଂଘର ଯାଚିକା ଶୁଣାଣି କରିଥିଲେ। ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ରାଜସ୍ଥାନ ଓ ହିମାଚଳ ପ୍ରଦେଶର କିଛି ସଦସ୍ୟଙ୍କ ଭୋଟଦାନ ଅଧିକାର ନ ଥିବାରୁ ଏହି ଆବେଦନ କରାଯାଇଥିଲା। ଆଡ୍ ହକ୍ କମିଟି ଏହି ଯାଚିକା ଉପରେ ଶୁଣାଣି କରିବା ପାଇଁ ସମୟ ଆବଶ୍ୟକ। ତେଣୁ ୬ ଜୁଲାଇରେ ହେବାକୁ ଥିବା ନିର୍ବାଚନକୁ ବର୍ତ୍ତମାନ ୧୧ ଜୁଲାଇକୁ ଘୁଞ୍ଚାଇ ଦିଆଯାଇଛି।

## ପ୍ରି-କ୍ୱାର୍ଟରରେ ପ୍ରଣୟ, କାଶ୍ୟପ

**ତାଇପେ, ୨୧।୬ (ପି.ଟି.):** ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ଓ୍ୱାର୍ଲ୍ଡ ଟୁର୍ ସୁପର ୩୦୦ ତାଇପେ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର ଏଚ୍.ଏସ୍. ପ୍ରଣୟ ଓ ପାରୁପଲ୍ଲୀ କାଶ୍ୟପ ପ୍ରବେଶ କରିଛନ୍ତି। ବୁଧବାର ଭାରତୀୟ ଖେଳାଳି ଦ୍ୱୟ ସହଜରେ ବିଜୟୀ ହୋଇଥିଲେ। ବିଶ୍ୱ ର୍‍ୟାଙ୍କିଂରେ ୯ ନମ୍ବର ସ୍ଥାନରେ ଥିବା ପ୍ରଣୟ ପ୍ରଥମ ରାଉଣ୍ଡ ମ୍ୟାଚରେ ମାତ୍ର ୨୬ ମିନିଟ ସମୟ ନେଇ ସ୍ଥାନୀୟ ଶଟଲର ଲିନ୍ ୟୁ-ହସିନଙ୍କୁ ୨୧-୧୧, ୨୧-୧୦ରେ ପରାସ୍ତ କରିଥିଲେ। ଗତ ମାସରେ ମାଲେସିଆ ମାଷ୍ଟର୍ସ ସୁପର ୩୦୦ ଟାଇଟଲ ଜିତିଥିବା ୩୦ୟ ସିଡ୍ ପ୍ରଣୟ ପରବର୍ତ୍ତୀ ମ୍ୟାଚରେ ଇଣ୍ଡୋନେସିଆର ଟବି ସୁଗୋର୍ଟୋଙ୍କୁ ଭେଟିବେ। ସେହିପରି ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା କାଶ୍ୟପ ଜର୍ମାନୀର ସାମୁଏଲ ହସିଓଙ୍କୁ ସହଜରେ ୨୧-୧୫, ୨୧-୧୬ରେ ହରାଇ ଦେଇଥିଲେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ